78th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
## The Prajatantra

ମୀନାବଜାର

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୨୯୯ ● କଟକ ● ଶୁକ୍ରବାର ● ୦୬ ଜୁନ୍-୨୦୨୫ ● ବୃଷ-୨୫ ● ସାଲ୍-୧୪୩୧

CUTTACK ● FRIDAY ● 06 JUNE-2025 ● RNI Regd. No. 4001/57

ମୂଲ୍ୟ : ₹ ୫ ଟଙ୍କା

## ୧୧ରେ ସ୍ନାନପୂର୍ଣ୍ଣିମା, ଜଗିବେ ୭୦ ପ୍ଲାଟୁନ୍ ଫୋର୍ସ

### ଶ୍ରୀକ୍ଷେତ୍ର ପାଇଁ ସୁରକ୍ଷା

**ପୁରୀ,(ପିପିଏସ୍):** ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ନେଇ କେନ୍ଦ୍ରାଞ୍ଚଳ ଆଇଜିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ସ୍ନାନପୂର୍ଣ୍ଣିମା ପାଇଁ ପୁରୀ ଜଗିବେ ୭୦ପ୍ଲାଟୁନ୍ ଫୋର୍ସ । ୪ ଏସ୍‌ପି ରାଙ୍କ୍ କମାଣ୍ଡାଣ୍ଟଙ୍କ ସହ ୪୫୦ ଅଧିକାରୀ ରହିବେ । ଏହାସହ ଶୃଙ୍ଖଳିତ ଦର୍ଶନ ଓ ଟ୍ରାଫିକ୍ ବ୍ୟବସ୍ଥା ଉପରେ ଫୋକସ୍ ରହିଛି । ଆସନ୍ତା ୧୧ ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଅନୁଷ୍ଠିତହେବ । ସ୍ନାନଯାତ୍ରାକୁ ଆଉ ମାତ୍ର ଦିନ କେଇଟା ବାକି ଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି । ସେହିପରି ଆସନ୍ତା ୨୭ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବାକୁ ଥିବାବେଳେ ବିଶାଳ ଜନସମାଗମ ହେବ । ଶୃଙ୍ଖଳିତ ଏବଂ ସୁପରିଚାଳନା ନେଇ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି । ଜୁନ୍ ୧୧ରେ ଦେବସ୍ନାନ ପୂର୍ଣ୍ଣିମା, ୨୬ରେ ନବଯୌବନ ଦର୍ଶନ, ୨୭ରେ ରଥଯାତ୍ରା, ଜୁଲାଇ ୫ରେ ବାହୁଡା, ୬ରେ ସୁନାବେଶ, ୭ରେ ଅଧରପଣା ଏବଂ ଜୁଲାଇ ୮ତାରିଖରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ । ଏସବୁ ଦିନ କଡ଼ା ସୁରକ୍ଷା ବଳୟରେ ରହିବ ଶ୍ରୀକ୍ଷେତ୍ର ଓ ପୁରୀ ସହର ।



## ଆର୍‌ସିବି ନାଁରେ ମାମଲା, ୬ ସସ୍‌ପେଣ୍ଡ୍

### ବେଙ୍ଗାଲୁରୁ ଟ୍ରାଜେଡି

**ବେଙ୍ଗାଲୁରୁ,(ଏଜେନ୍ସି):** ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଇଭେଣ୍ଟ ସମୟରେ ହୋଇଥିବା ଭିଡ଼ଜନିତ ମୃତ୍ୟୁଘଟଣାରେ କର୍ଣ୍ଣାଟକ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ବେଙ୍ଗାଲୁରୁ ପୁଲିସ କମିଶନର ବି ଦୟାନନ୍ଦ ଏବଂ ଅନ୍ୟ ୪ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା । ଏହି ଦୁର୍ଘଟଣାରେ ୧୧ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୭ଜଣ ଆହତ ହୋଇଛନ୍ତି । ନାନା ସମାଲୋଚନା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କର୍ଣ୍ଣାଟକ ସରକାର । ବୁଧବାର ଲକ୍ଷାଧିକ ଆର୍‌ସିବି ପ୍ରଶଂସକ ଆଇପିଏଲ୍ ୨୦୨୫ ଜିତିଥିବା ଦଳକୁ ସମ୍ବର୍ଦ୍ଧନା କରିବା ପାଇଁ ଏକତ୍ରିତ ହୋଇଥିଲେ । ଷ୍ଟାଡିୟମ୍‌ର କ୍ଷମତା ୩୦ ହଜାର ଥିବା ବେଳେ ୨ ଲକ୍ଷରୁ ଅଧିକ ପ୍ରଶଂସକ ଉପସ୍ଥିତ ଥିଲେ । ଭିତରେ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ, ବାହାରେ ଠେଲାପେଲା ସ୍ଥିତି ଲାଗି ରହିଥିଲା । ଫଳରେ ଏତେ ବଡ଼ ଦୁଃଖଦ ଘଟଣା ଘଟିଯାଇଛି । ପ୍ରଶାସନ ଓ ଇଭେଣ୍ଟ ଆୟୋଜକମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏଭଳି ହୋଇଥିଲା ଅଭିଯୋଗ ହୋଇଥିଲା । କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଗୁରୁବାର ସାମ୍ବାଦିକ ସମ୍ମିଳନୀ କରି ସିଦ୍ଧରମୈୟା କହିଛନ୍ତି ଯେ ଦଳାଚକଟା ପରେ ଅତିରିକ୍ତ ପୁଲିସ୍ କମିଶନର, କ୍ରିକେଟ ଷ୍ଟାଡିୟମ ଇନଚାର୍ଜ, ଏସିପି, ସେଣ୍ଟ୍ରାଲ୍ ଡିସିପି, ଷ୍ଟେସନ ହାଉସ ଅଫିସର, ପୁଲିସ ହାଉସ୍‌ମାଷ୍ଟର ଏବଂ କ୍ୟୁବନ୍ ପାର୍କ ପୁଲିସ ଷ୍ଟେସନ ଇନଚାର୍ଜଙ୍କୁ ତୁରନ୍ତ ନିଲମ୍ବିତ କରାଯାଇଛି । କର୍ଣ୍ଣାଟକ ଡିଜିପିଙ୍କୁ ତୁରନ୍ତ ଆରସିବି ପ୍ରତିନିଧି, ଡିଏନଏ ଇଭେଣ୍ଟ ମ୍ୟାନେଜର ଏବଂ କେଏସସିଏ ସଦସ୍ୟଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

## ଭଦ୍ରକରେ ଚାଞ୍ଚଲ୍ୟ !

# ମଦ ପିଆଇଲେ, ଗରମ ପାଣି ଫିଙ୍ଗି ମାରିଦେଲେ

**ଭଦ୍ରକ,(ପିପିଏସ୍):**

କାମ କରାଇବା ପରେ ଘରକୁ ଡାକିଲେ । ମଦ ପିଇବା ପାଇଁ ଦେଲେ । ପରେ ବାଡ଼େଇବା ସହ ଗରମ ପାଣି ଫିଙ୍ଗି ମାରିଦେଲେ । ଏମିତି ଅଭିଯୋଗ ଆସିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବନ୍ଧଗାଁ ଅଞ୍ଚଳରୁ । ମୃତକଙ୍କ ବଡ଼ ଭାଇ ରାଜକିଶୋର ଥାନାରେ ଦେଇଥିବା ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଗଗନ ମଲ୍ଲିକ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରକୁ କାମ କରିବା ପାଇଁ ଯାଇଥିଲେ । ସଂପୃକ୍ତ ବ୍ୟକ୍ତି ଚୋରା ମଦ ବେପାରୀ ହୋଇଥିବାରୁ କାମ କରିବା ପରେ ଗଗନଙ୍କୁ ଘରକୁ ଡାକି ଦେଶୀ ମଦ ପିଇବାପାଇଁ ଦେଇଥିଲେ । ପରେ କୌଣସି କଥାକୁ ନେଇ ଗଗନଙ୍କୁ ମାଡ଼ମାରିବା ପରେ ଉପରକୁ ଗରମ ପାଣି ଫିଙ୍ଗି ଗୁରୁତର ଅବସ୍ଥାରେ ତାଙ୍କୁ ରାସ୍ତାକଡ଼ରେ ପକାଇ ଦେଇଥିଲେ । ପରେ ମୃତକଙ୍କ ସମ୍ପର୍କୀୟମାନେ ଖବର ପାଇ ଅଭିଯୁକ୍ତଙ୍କ ଘରଠାରୁ ଅଳ୍ପଦୂରରେ ଗଗନଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ବଡ଼ଭାଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଭାଇକୁ ହତ୍ୟା କରାଯାଇଥିବା ନେଇ ଏତଲା ଦେଇଛନ୍ତି । ତେବେ ପୁଲିସ କେତେଜଣଙ୍କୁ ସନ୍ଦେହରେ ଅଟକରଖିଛି ।



# ଗଞ୍ଜାମକୁ ମୋହନଙ୍କ ଭେଟି

## ୨୮ହଜାର କୋଟିର ୧୨ପ୍ରକଳ୍ପର ଭିତ୍ତିପ୍ରସ୍ତର

**ବ୍ରହ୍ମପୁର(ପିପିଏସ୍):**

ଦିନିକିଆ ଗଞ୍ଜାମ ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଛତ୍ରପୁର ଠାରେ ଆୟୋଜିତ ଏକ ବାର୍ଷିକ୍ୟ ଉତ୍ସବରେ ଯୋଗଦେଇ ଗୋପାଳପୁର ଟାଟା ଏସ୍ଇଜେଡ୍ ପରିସରରେ ୧୨ଟି ଶିଳ୍ପ ପାଇଁ ୨୮ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହିତ ଗ୍ରୀନ୍ ହାଇଡ୍ରୋଜେନ୍ କେମିକାଲ୍ସ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜି ନିବେଶ ସହିତ ଗଞ୍ଜାମ ଜିଲ୍ଲା ଏବେ ଶିଳ୍ପାୟନ କ୍ଷେତ୍ରରେ ନୂଆ ବେଞ୍ଚମାର୍କ ସୃଷ୍ଟି କରିବାକୁ ଯାଉଛି ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ । ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଥିବା ପ୍ରକଳ୍ପଦ୍ୱାରା ୧୫ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟିହେବ । ମେକ୍ ଇନ୍ ଓଡ଼ିଶା ୨୦୨୫ର ଅଭୂତପୂର୍ବ ସଫଳତାର ଶ୍ରେୟ ଏହି ୪ମାସ ମଧ୍ୟରେ ଆମକୁ ମିଳିଛି । ଗଞ୍ଜାମ ଜିଲ୍ଲା ଶିଳ୍ପ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି ବୋଲି କହିଥିଲେ । ଜିଲ୍ଲା ପାଇଁ ସମୃଦ୍ଧିର ଏକ ନୂଆରାସ୍ତା ଖୋଲିଛି । ଆମର କଥା ଓ ଆମର କାମ ସମାନ । ଓଡ଼ିଶାର ସୁନେଲି ଭବିଷ୍ୟତ ପାଇଁ ଆମେ ଯେଉଁ ଲକ୍ଷ୍ୟ ରଖିଛୁ, ତାହା ନିଶ୍ଚିତ ପୂରଣ ହେବ । ଯାଜପୁର କଳିଙ୍ଗନଗରରେ ୭୦ହଜାର କୋଟି ଟଙ୍କାର ଶିଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିଲା । ଗତ ବୁଧବାର ଢେଙ୍କାନାଳରେ ୫୦ହଜାର କୋଟି ଟଙ୍କାର ଶିଳ୍ପପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି । ଆଉ ଆଜି ଗଞ୍ଜାମ ଜିଲ୍ଲାରେ ପ୍ରାୟ ୩୦ହଜାର କୋଟି ଟଙ୍କାର ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି । ୫ମାସ ମଧ୍ୟରେ ଆମେ ଦେଢ଼ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିଛୁ ଏହାଦ୍ୱାରା ୯୦ହଜାର ନିଯୁକ୍ତି ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଓଡ଼ିଶାରେ ଏକ ବନ୍ଦରଭିତ୍ତିକ ଶିଳ୍ପ ବିକାଶ ପାଇଁ ଆମର ଲକ୍ଷ୍ୟ ରହିଛି । ବର୍ତ୍ତମାନ ଯେଉଁ ୩ଟି ବନ୍ଦର ରହିଛି ତାହା ବ୍ୟତୀତ ଆଉ ୩ରୁ ୪ଟି ବନ୍ଦର ମଧ୍ୟ ପ୍ରତିଷ୍ଠା କରାଯିବ । କେନ୍ଦ୍ର ସରକାର ରେଳ ଓ ରାଜପଥ କ୍ଷେତ୍ରରେ ପ୍ରାୟ ୧ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁରୀ ଦେଇଛନ୍ତି । ଓଡ଼ିଶାରେ ମଧ୍ୟ ଆମେ ୭୫ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ କରିବୁ । ଏହା ସହିତ ଅନେକ ଶିଳ୍ପ କରିଡର ମଧ୍ୟ ଗଠନ କରାଯିବ । ଏହା ଦ୍ୱାରା ଶିଳ୍ପ ପ୍ରତିଷ୍ଠା ପାଇଁ ଯାହା ସବୁ ମୌଳିକ ଆବଶ୍ୟକତା ରହିଛି ତାହା ଓଡ଼ିଶାରେ ସମ୍ପୂର୍ଣ୍ଣ ଭାବେ ମିଳିପାରିବ । ଆଗାମୀ ୨୦୩୬ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଯାହା ଆବଶ୍ୟକ ଆମେ ସେ ସବୁ ଉଦ୍ୟମ କରୁଛୁ । ଆମର ଯୁବଶକ୍ତି ଉପରେ ମୋର ସମ୍ପୂର୍ଣ୍ଣ ଭରସା ରହିଛି । ଓଡ଼ିଶା ସରକାରଙ୍କ ସ୍ୱପ୍ନ ପୂରଣ ଦିଗରେ ଓଡ଼ିଶାର ଯୁବଶକ୍ତି ହିଁ ହେବେ ମୁଖ୍ୟସାରଥି । ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ପାଇଁ ଦକ୍ଷତା ଆବଶ୍ୟକ । ଏଣୁ ଯୁବବର୍ଗ ଯେପରି ଦକ୍ଷ ହେବେ, ଆଧୁନିକ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ପାଇଁ ଯୋଗ୍ୟ ହେବେ ସେଥିପାଇଁ ଆମେ ବିଶ୍ୱ ସ୍କିଲ୍ ସେଣ୍ଟରର ୪ଟି ଶାଖାକେନ୍ଦ୍ର ପ୍ରତିଷ୍ଠାକରିବୁ । ଆଧୁନିକ ଦକ୍ଷତା ପାଇଁ ଆମେ ସିଙ୍ଗାପୁରର ଆଇଟିଇଏସ୍ ସହିତ ପାର୍ଟନରସିପ୍ କରିଛୁ ସବୁ ଆଇଟିଆଇଗୁଡ଼ିକର ଉନ୍ନତୀକରଣ କରାଯାଇ ସେଥିରେ ଆଧୁନିକ ସ୍କିଲ୍ ଶିକ୍ଷା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ବକ୍ତବ୍ୟ ରଖିଥିଲେ । ଅନ୍ୟତମ ଅତିଥି ଭାବେ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓଡ଼ିଶାର ଶିଳ୍ପକ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇ ବିଭାଗକୁ ସଶକ୍ତ କରିବା ସହ ଶିଳ୍ପପ୍ରତିଷ୍ଠା ଦିଗରେ ପଦକ୍ଷେପ ନେଇଛନ୍ତି ବୋଲି କହିଥିଲେ । ସମ୍ମାନୀତ ଅତିଥି ଭାବେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ବ୍ରହ୍ମପୁର ସାଂସଦ ଡଃ.ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ ପାଢ଼ୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ସୋରଡା ବିଧାୟକ ନୀଳମଣି ବିଷୋୟୀ, ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର, ଦିଗପହଣ୍ଡି ବିଧାୟକ ଡା.ସିଦ୍ଧାନ୍ତ ମହାପାତ୍ର, ଶିଳ୍ପସଚିବ ହେମନ୍ତ ଶର୍ମା, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଅନ୍ୟାନ୍ୟ ଅତିଥିମାନେ ମଞ୍ଚାସୀନ ଥିଲେ । ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରଥମେ ରମ୍ଭାରେ ପହଞ୍ଚିବା ପରେ ରମ୍ଭାସ୍ଥିତ ବାଳକ ବିଦ୍ୟାଳୟ ପରିସରରେ ସଂଗ୍ରାମୀ ସ୍ମାରକ କାର୍ଯ୍ୟକ୍ରମରେ ଯୋଗଦେଇ ୪୧ଜଣ ସଂଗ୍ରାମୀ ଓଡ଼ିଆ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସେଠାରୁ ଛତ୍ରପୁର ଆସି ସଭାରେ ଯୋଗଦେଇଥିଲେ । ଟାଟା ପ୍ରକଳ୍ପ ପରିସରକୁ ଯାଇ ଶିଳ୍ପ ପ୍ରତିଷ୍ଠା ହେବାର ସ୍ଥାନ ବୁଲି ଦେଖିବା ପରେ ବ୍ରହ୍ମପୁର ଗସ୍ତରେ ଆସି ଲାଞ୍ଜିପଲ୍ଲୀ ମା' ତାରାଦେବୀ ଯାତ୍ରାରେ ସାମିଲ୍ ହୋଇ ମା'ଙ୍କ ଆର୍ଶୀବାଦ ନେଇଥିଲେ ।



❑ ସୃଷ୍ଟିହେବ ୧୫ହଜାରରୁ ଅଧିକ ନିଯୁକ୍ତି ସୁଯୋଗ
❑ ଗଞ୍ଜାମ ପାଇଁ ଖୋଲିଲା ସମୃଦ୍ଧିର ନୂଆ ରାସ୍ତା
❑ ବିଜେପିର ସ୍ୱପ୍ନ ପୂରଣ କରିବେ ଯୁବଶକ୍ତି

# ଆଜି ବସିବ ରାଜ୍ୟ କ୍ୟାବିନେଟ୍ ବୈଠକ

**ଭୁବନେଶ୍ୱର,(ପିପିଏସ୍):** ମେ' ୬ ତାରିଖ (ଶୁକ୍ରବାର) ଦିନ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି । ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୈଠକ ବସିବ । ବୈଠକରେ ଉଚ୍ଚଶିକ୍ଷା, ଭିତ୍ତିଭୂମି ନିର୍ମାଣ ସମେତ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ନେଇ ପାଳନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ମିଳିବାର ସମ୍ଭାବନା ରହିଛି ।




# ହାର୍ଡକୋର ମାଓନେତା ସୁଧାକର ସଫା

### ଥିଲା ୪୦ଲକ୍ଷ ପୁରସ୍କାର

**ଭୁବନେଶ୍ୱର,(ପିପିଏସ୍):** ପୁଣି ସୁରକ୍ଷାକର୍ମୀ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି । ଛତିଶଗଡ଼ ବିଜାପୁର ଜାତୀୟ ଉଦ୍ୟାନ ଜଙ୍ଗଲରେ ଗୁଳି ବିନିମୟ ହୋଇଛି । ଏନ୍‌କାଉଣ୍ଟରରେ ନିହତ ହୋଇଛି ଜଣେ ହାର୍ଡକୋର ମାଓ ନେତା । ତା' ନାଁ ସୁଧାକର ଏବଂ ତା ମୁଣ୍ଡରେ ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା ଘଟଣାସ୍ଥଳରୁ ସ୍ୱୟଂଚାଳିତ ବନ୍ଧୁକ ଜବତ ହୋଇଛି । ଡିଆରଜି କୋବ୍ରା ଓ ଏସଟିଏଫ ଯବାନଙ୍କ ମିଳିତ ଅଭିଯାନରେ ଏହି ସଫଳତା ମିଳିଛି । ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି । ବିଜାପୁର ଜାତୀୟ ଉଦ୍ୟାନ ଜଙ୍ଗଲରେ ହାର୍ଡକୋର ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂତ୍ରରୁ ଖବର ମିଳିଥିଲା । ଏହାପରେ ଡିଆରଜି କୋବ୍ରା ଓ ଏସ୍‌ଟିଏଫ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ । ଗୁରୁବାର ଭୋର୍‌ରୁ ମାଓବାଦୀ ଓ ଯବାନ୍‌ଙ୍କ ମଧ୍ୟରେ ଏନକାଉଣ୍ଟର ଆରମ୍ଭ ହୋଇଯାଇଥିଲା । ଏଥିରେ ମାଓ କ୍ୟାଡରର ସେଣ୍ଟ୍ରାଲ କମିଟି ସଦସ୍ୟ ସୁଧାକର ନିହତ ହୋଇଛି । ସେ ଜଣେ ମୋଷ୍ଟୱାଣ୍ଟେଡ ମାଓନେତା ଥିବା ଜଣାପଡିଛି । ଗତ କିଛି ଦିନ ହେବ ଛତିଶଗଡ଼ରେ ଜାରି ରହିଛି ନକ୍ସଲ ନିପାତ ଅଭିଯାନ । ସୁରକ୍ଷାକର୍ମୀଙ୍କ ଗୁଳିରେ ବହୁ ହାର୍ଡକୋର ମାଓବାଦୀ ଓ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି । ଗତ ମାସରେ ସୁରକ୍ଷାବାହିନୀର ଏକ ବଡ଼ ଅପରେସନରେ ଶୀର୍ଷ ମାଓନେତା ବାସବରାଜୁ ନିହତ ହୋଇଥିଲା । ଏକା ମାଡ଼କେ ଏହି ଟପ୍ ମାଓନେତା ସମେତ ୩୦ ଜଣ ମାଓବାଦୀ ସଫା ହୋଇଯାଇଥିଲେ ।



## ସମ୍ପାଦକୀୟ

### କନାଡା କଲା ଭୁଲ୍

## ବାଟେଘାଟେ



ଯାତ୍ରାପାର୍ଟି ସୁରୁଖୁରୁ ଚାଲିଥିଲା
ପଶିଲା ସେଥିରେ ଗୋଳ
ଆଗେ ନାଣ୍ଡୁନରି ଠେଲାପେଲା
ହେଲେ
ଏବକୁ ସଞ୍ଜୟ ଭୋଳ
ସମାଧାନ ପାଇଁ ମାଲିକସଂଘ ଯେ
ବାହାରିଲେ ହୋଇ ମେଳ
କଳାକାର ଏଣେ ନଛୋଡ଼
ବନ୍ଧାଲୋ
ବୁଲାଇ ଦିଅନ୍ତି ହଳ
ଯାତ୍ରାଯିବ ରସାତଳ
ଫିମେଲ ଆର୍ଟିଷ୍ଟ ଗର୍ଜନ କରନ୍ତି
ହୋଇ ଏବେ ଅସମ୍ଭାଳ

-ରାହୀ

# ମହୁଆଙ୍କୁ ଜର୍ମାନୀରେ ବାହାହେଲେ ପିନାକୀ !

## ମେ' ୩ରେ ବିବାହ କରିଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା

**ନୂଆଦିଲ୍ଲୀ,(ପିପିଏସ୍):** ପଶ୍ଚିମବଙ୍ଗର କ୍ଷମତାସୀନ ଟିଏମ୍‌ସିରୁ ଦୁଇ ଥର ସାଂସଦ ହୋଇଥିବା ମହୁଆ ମୋଇତ୍ର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସେ ବେଶ୍ ଗୁପ୍ତ ଭାବେ ପୂର୍ବତନ ସାଂସଦ ପିନାକୀ ମିଶ୍ରଙ୍କୁ ବିବାହ କରିଛନ୍ତି । ଜର୍ମାନୀରେ ଉଭୟ ପରସ୍ପରର ହାତ ଧରିଛନ୍ତି । ପିନାକୀ ବିଜେଡି ଟିକେଟରୁ ଓଡ଼ିଶାର ପୁରୀରୁ କ୍ରମାଗତ ୩ ଥର ବିଜୟୀ ହୋଇଥିଲେ । ୨୦୨୪ରେ ବିଜେଡି ତାଙ୍କୁ ନିର୍ବାଚନ ଲଢ଼ିବାକୁ ଟିକେଟ ଦେଇ ନଥିଲା । ଏହା ପୂର୍ବରୁ ଅର୍ଥାତ୍ ୨୦୦୯ରୁ ସେ ପୁରୀରୁ ଜିତି ଆସୁଥିଲେ । ୧୯୯୬ରେ କଂଗ୍ରେସ ଟିକେଟ୍‌ରୁ ମଧ୍ୟ ପୁରୀ ଲୋକସଭା ଆସନରୁ ବିଜୟୀ ହୋଇଥିଲେ । ୬୫ ବର୍ଷୀୟ ପିନାକୀ ମିଶ୍ରଙ୍କର ଏହା ଦ୍ୱିତୀୟ ବିବାହ । ପୂର୍ବରୁ ସେ ସଂଗୀତା ମିଶ୍ରଙ୍କୁ ବିବାହ କରିଥିଲେ । ତାଙ୍କର ଜଣେ ପୁଅ ଓ ଝିଅ ମଧ୍ୟ ରହିଛନ୍ତି । ଏବେ ସେ ଜର୍ମାନୀରେ ବେଶ ଗୁପ୍ତ ଭାବେ ୫୦ବର୍ଷୀୟ ମହୁଆଙ୍କୁ ବିବାହ କରିଛନ୍ତି । ମହୁଆ ମଧ୍ୟ ପୂର୍ବରୁ ବିବାହ କରିଥିଲେ । ପ୍ରଥମ ସ୍ୱାମୀଙ୍କୁ ଛାଡ଼ପତ୍ର ଦେବା ପରେ ଜଣେ ଓକିଲଙ୍କ ସହ ମହୁଆଙ୍କ ୩ବର୍ଷର ପ୍ରେମ ସମ୍ପର୍କ ଥିଲା । ତାଙ୍କ ଠାରୁ ବେଶ କିଛି ବର୍ଷ ହେଲେ ମହୁଆ ଅଲଗା ହୋଇ ଯାଇଥିଲେ । ୨୦୧୦ରୁ ଟିଏମ୍‌ସିରେ ଥିବା ମହୁଆ ଏବେ ପିନାକୀ ମିଶ୍ରଙ୍କୁ ବିବାହ କରିଛନ୍ତି । ଏହାର ଫଟୋ ମଧ୍ୟ ଟେଲିଗ୍ରାଫ୍ ଅନଲାଇନରେ ପ୍ରକାଶପାଇଛି । ସାମ୍ନାକୁ ଆସିଥିବା ଫଟୋରେ ପିନାକୀ ଓ ମହୁଆ ପରସ୍ପରର ହାତ ଧରିଛନ୍ତି । ନବବିବାହିତଙ୍କ ଭଳି ମହୁଆ ସୁନା ମଧ୍ୟ ପିନ୍ଧିଛନ୍ତି । ଏହାର ଫଟୋ ସାମ୍ନାକୁ ଆସିବା ପରେ ଉଭୟ ମେ' ୩ରେ ବିବାହ କରିଥିବା ରିପୋର୍ଟ ପ୍ରକାଶ ପାଇଛି । ମହୁଆ ୨୦୧୯ ଓ ୨୦୨୪ ଲୋକସଭା ନିର୍ବାଚନ ପଶ୍ଚିମବଙ୍ଗର କ୍ରିଷ୍ଣାନଗର ଆସନରୁ ଜିତିଛନ୍ତି । ୧୯୭୪ ମସିହା ଅକ୍ଟୋବର ୧୨ରେ ଆସାମରେ ଜନ୍ମ ଗ୍ରହଣ କରିଥିବା ମହୁଆ ତାଙ୍କ କ୍ୟାରିୟର ଇନଭେଷ୍ଟମେଣ୍ଟ ବ୍ୟାଙ୍କର ଭାବେ ଆରମ୍ଭ କରିଥିଲେ । ୨୦୧୦ରେ ସେ ମମତା ବାନାର୍ଜୀଙ୍କ ଟିଏମ୍‌ସିରେ ଯୋଗଦେଇ ରାଜନୀତିକ ମୈଦାନରେ ପାଦ ଦେଇଥିଲେ । ୨୦୧୯ରେ ସେ ପ୍ରଥମଥର ଲୋକସଭା ନିର୍ବାଚନ ଜିତିବା ପରେ ନିଜର ବେଧଡ଼କ ଭାଷଣ ଜରିଆରେ ଜାତୀୟ ସ୍ତରରେ ବେଶ ଚର୍ଚ୍ଚିତ ହୋଇପାରିଥିଲେ । ତାଙ୍କ ଭାଷଣର ଭିଡିଓ ଅନେକ ସମୟରେ ବେଶ ଭାଇରାଲ ହୋଇଥାଏ ।



### ୬୫ବର୍ଷିୟ ବରକୁ ୫୦ବର୍ଷୀୟା କନ୍ୟା

ଅନ୍ୟପକ୍ଷରେ ୧୯୫୯ ଅକ୍ଟୋବର ୨୩ରେ ଜନ୍ମ ଗ୍ରହଣ କରିଥିବା ପିନାକୀ ମିଶ୍ର ଜଣେ ଭେଟରାନ ରାଜନେତା ଓ ବରିଷ୍ଠ ଓକିଲ । ପିନାକୀ ସେଣ୍ଟ ଷ୍ଟେଫେନ କଲେଜରୁ ଇତିହାସ ଅନର୍ସରେ ବିଏ କରିଥିବା ବେଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିଛନ୍ତି । ପିନାକୀଙ୍କ ରାଜନୀତିକ ଯାତ୍ରା କଂଗ୍ରେସରୁ ଆରମ୍ଭ ହୋଇଥିଲା । ସେ ୧୯୯୬ରେ ପ୍ରଥମଥର କଂଗ୍ରେସ ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ବିଜେଡିରେ ଯୋଗ ଦେଇଥିଲେ । ଏହାପରେ ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକେଟରେ ନିର୍ବାଚନ ଲଢ଼ି ପୁରୀରୁ ଲୋକସଭାକୁ ଯାଇଥିଲେ ।

# ଓଡ଼ିଶା ଆସିବେ ମୋଦୀ

**ଭୁବନେଶ୍ୱର,(ପିପିଏସ୍):** ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ପାଳନ ଉତ୍ସବରେ ସାମିଲ ହେବେ । ତେବେ ପ୍ରଧାନମନ୍ତ୍ରୀ ଜୁନ୍ ୧୧ କିମ୍ବା ୧୨ ତାରିଖରେ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି । ସୂଚନା ଥାଉକି, ଜୁନ୍ ୧୨ରେ ମୋହନ ସରକାରଙ୍କୁ ବର୍ଷେ ପୂରିବ । ଏନେଇ ଜନତା ମଇଦାନରେ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ୧୧ରୁ ୧୩ତାରିଖ ପର୍ଯ୍ୟନ୍ତ ଏହି ସମାରୋହ ଚାଲିବ । ଏଥିରେ ପ୍ରଧାନମନ୍ତ୍ରୀ ଯୋଗଦେଇ ଓଡ଼ିଶାବାସୀଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଥିବା ପିଏମ୍‌ଓ ସୂତ୍ରରୁ ପ୍ରକାଶ ।

# ଭୀଷଣ ଗ୍ରୀଷ୍ମପ୍ରବାହ ଆଲର୍ଟ

**ଭୁବନେଶ୍ୱର,(ପିପିଏସ୍):** ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିବାର ନାଁ ନେଉନି । ଏହା ଦକ୍ଷିଣ ଓଡ଼ିଶାର କିଛି ଅଂଶକୁ ଛୁଇଁଛି । ଆସନ୍ତା ୫ଦିନ ଯାଏ ମୌସୁମୀ ଆଗେଇବନି । ଆଗକୁ ଭୀଷଣ ଗ୍ରୀଷ୍ମପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ୭ତାରିଖରେ କିଛି ସ୍ଥାନରେ ତାତି ୪୨ଡିଗ୍ରୀ ସେଲସିୟସ୍ ଟପିବ ବୋଲି ବରିଷ୍ଠ ପାଣିପାଗ ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି । ଓଡ଼ିଶା ଓ ସଂଲଗ୍ନ ରାଜ୍ୟ ସହିତ ସମସ୍ତ କେନ୍ଦ୍ରୀୟ ଓ ଉତ୍ତର ଭାରତରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ବହିପାରେ । ୭ରୁ ୧୦ ତାରିଖ ଭିତରେ ତାତି ୪ ଡିଗ୍ରୀ ବଢ଼ିବ । ୧୦ରୁ ୧୨ ତାରିଖ ଭିତରେ ପଶ୍ଚିମ ଓ କେନ୍ଦ୍ରୀୟ ଓଡ଼ିଶାରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ୮ ଡିଗ୍ରୀ ବଢ଼ିପାରେ । ଗରମ ସହିତ ପଶ୍ଚିମା ଝାଞ୍ଜି ପବନ ବହିପାରେ ।

## ଘିଅ ସହିତ ଏସବୁ ଜିନିଷ ଖାଇବା ମନା



**ଭା**ରତୀୟଙ୍କ ଘରେ ଖାଦ୍ୟ ତିଆରି କରିବା ସମୟରେ ଘିଅର ବ୍ୟବହାର ଅଧିକ ହୋଇଥାଏ। କାରଣ ଏହା ଖାଦ୍ୟର ସ୍ୱାଦ ବଢ଼ାଇଥାଏ। ଅଧିକାଂଶ ଲୋକ ରୁଟି ସହିତ ଘିଅ ଖାଇବାକୁ ପସନ୍ଦ କରନ୍ତି। ଘିଅକୁ ଡାଲି, ଖିଚଡି ଏବଂ ଭାତରେ ମିଶାଇ ମଧ୍ୟ ଖିଆଯାଏ। ଅନେକ ଲୋକ ଘିଅରେ ପନିପରିବା ମଧ୍ୟ ତିଆରି କରନ୍ତି। କିନ୍ତୁ କେତେକ ସମୟରେ ଆମେ ଭୁଲବଶତଃ ଘିଅ ସହିତ ଏପରି କିଛି ଜିନିଷ ଖାଇଥାଉ ଯାହା ଆମ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ।

ଆୟୁର୍ବେଦରେ କୁହାଯାଇଛି, ଘିଅକୁ କେବେବି କିଛି ଖାଦ୍ୟ ପଦାର୍ଥ ସହିତ ମିଶାଇ ଖାଇବା ଉଚିତ୍ ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଯଦିଓ ଘିଅ ଆମ ଚର୍ମ ଏବଂ ସ୍ୱାସ୍ଥ୍ୟ ପାଇଁ ଭଲ, କିନ୍ତୁ ଯଦି ଏହାକୁ ଠିକ୍ ଭାବରେ ନ ଖିଆଯାଏ, ତେବେ ଏହା ଆମ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ। କିଛି ଜିନିଷ ସହିତ ଘିଅ ଖାଇବା ଦ୍ୱାରା ପାଚନ ସମସ୍ୟା ହୋଇପାରେ।

ଆୟୁର୍ବେଦିକ ବିଶେଷଜ୍ଞ କୁହନ୍ତି, ଘିଅ ସହିତ କିଛି ଖାଦ୍ୟ ବିକଳ୍ପ ଅଛି, ଯାହା ପାଚନ ସମସ୍ୟା ସୃଷ୍ଟି କରିପାରେ। ସେ କହିଥିଲେ ଯେ ମାଛ ଏବଂ ମହୁକୁ ଘିଅ ସହିତ ଖାଇବା ଉଚିତ୍ ନୁହେଁ, ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ।

ମହୁ: ଘିଅ ଏବଂ ମହୁ ଉଭୟ ସ୍ୱାସ୍ଥ୍ୟ ପାଇଁ ବରଦାନଠାରୁ କମ୍ ନୁହେଁ। କିନ୍ତୁ ଆୟୁର୍ବେଦ ଅନୁସାରେ, ଏହାକୁ କେବେବି ଏକାଠି ଖାଇବା ଉଚିତ୍ ନୁହେଁ। ଏଗୁଡ଼ିକୁ ଏକାଠି ଖାଇବା ଦ୍ୱାରା ଶରୀରରେ ବିଷାକ୍ତ ପଦାର୍ଥ ସୃଷ୍ଟି ହୁଏ ଯାହା ପାଚନ କ୍ରିୟାକୁ ଦୁର୍ବଳ କରିଦିଏ। ଏହି ଦୁଇଟି ଜିନିଷକୁ ଏକାଠି ଖାଇବା ବିଷ ସହିତ ସମାନ।

ଚା କିମ୍ବା କଫି: ଚା ଏବଂ କଫିରେ ଘିଅ ମିଶାଯାଏ ନାହିଁ। କିନ୍ତୁ କିଛି ଲୋକ ବିଶ୍ୱାସ କରନ୍ତି ଯେ ମାସିକ ଋତୁସ୍ରାବ କମାଇବା ପାଇଁ ଚା କିମ୍ବା କଫିରେ ଘିଅ ମିଶାଯିବା ଉଚିତ। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ କାରଣ ଏପରି କରିବା ଦ୍ୱାରା ପାଚନ ପ୍ରଭାବିତ ହୁଏ ଏବଂ ଏସିଡିଟି ହୋଇପାରେ।

ମାଛ ଏବଂ ଘିଅ: ମାଛ ଏବଂ ଘିଅକୁ ଏକାଠି ଖାଇବା ଉଚିତ ନୁହେଁ। କାରଣ ଘିଅର ଗରମ ପ୍ରଭାବ ଥାଏ ଯେତେବେଳେ ମାଛର ଥଣ୍ଡା ପ୍ରଭାବ ଥାଏ, ତେଣୁ ଏହାକୁ ଏକାଠି ଖାଇବା ଦ୍ୱାରା ଆଲର୍ଜି ଏବଂ କୁଣ୍ଡାଇ ଭଳି ଚର୍ମ ସମସ୍ୟା ହୋଇପାରେ। ତେଣୁ, ମାଛକୁ ସବୁବେଳେ ତେଲରେ ଭାଜିବା ଉଚିତ।

କ୍ଷୀର ଏବଂ ଘିଅ: ଘିଅ ଏବଂ କ୍ଷୀର ଉଭୟ ଲାଭଦାୟକ, କିନ୍ତୁ ଯଦି ଘିଅର ପରିମାଣ ଅଧିକ ଥାଏ ଏବଂ କ୍ଷୀର ଗରମ ଥାଏ, ତେବେ ଏହା ଭାରୀ ହୋଇପାରେ। ଏହା ପାଚନକୁ ମନ୍ଥର କରିଦିଏ ଏବଂ ଶରୀରରେ ଆଳସ୍ୟ ବୃଦ୍ଧି ପାଇପାରେ। ତେଣୁ, କ୍ଷୀର ସହିତ ଘିଅ ମିଶାଇ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟକୁ ଲାଭ ଦେବା ପରିବର୍ତ୍ତେ କ୍ଷତି କରିପାରେ।

## ବିବାହ ବନ୍ଧନରେ ହୀନା-ରକି

**ବି**ବାହ ବନ୍ଧନରେ ବାନ୍ଧି ହେଲେ ସ୍ତନ କର୍କଟ ରୋଗ ସହିତ ଲଢୁଥିବା ଟେଲି ଅଭିନେତ୍ରୀ ହୀନା ଖାନ। ସେ ତାଙ୍କର ଦୀର୍ଘକାଳୀନ ପ୍ରେମିକ ରକି ଜୟସୱାଲଙ୍କୁ ବିବାହ କରିଛନ୍ତି। ଅଭିନେତ୍ରୀଜଣକ ସୋସିଆଲ ମିଡିଆରେ ତାଙ୍କ ବିବାହର କିଛି ସୁନ୍ଦର ଫଟୋ ସେୟାର କରି ଏହା ବିଷୟରେ ସୂଚନା ଦେଇଛନ୍ତି। ହୀନା ଖାନ ଜଣେ ମୁସଲିମ ଏବଂ ରକି ଜୟସୱାଲ ଜଣେ ହିନ୍ଦୁ। ଯେହେତୁ ସେମାନେ ଭିନ୍ନ ଧର୍ମର, ତେଣୁ ହୀନା ଏବଂ ରକି କୋର୍ଟ ମ୍ୟାରେଜ୍ କରିଥିବା ଜଣାଯାଇଛି। ବିବାହ ବିଷୟରେ ଜଣାଇବାକୁ ଯାଇ ହୀନା ଖାନ ଇନଷ୍ଟାଗ୍ରାମରେ ତାଙ୍କ ବିବାହ ଫଟୋ ସେୟାର କରିଛନ୍ତି ଯେଉଁଥିରେ ସେ ସ୍ୱାମୀ ରକି ଜୟସୱାଲଙ୍କ ସହିତ ରୋମାଣ୍ଟିକ ପୋଜ୍ ଦେଉଥିବାର ନଜର ଆସିଛନ୍ତି। ଏହି ଫଟୋଗୁଡ଼ିକୁ ସେୟାର କରି ହୀନା ଖାନ କ୍ୟାପସନରେ ଲେଖିଛନ୍ତି- 'ଦୁଇଟି ଭିନ୍ନ ଦୁନିଆରୁ, ଆମେ ପ୍ରେମର ଏକ ଦୁନିଆ ସୃଷ୍ଟି କଲୁ। ଆମର ଭିନ୍ନତା ଦୂର ହେଲା, ଆମର ହୃଦୟ ଏକ ହେଲା, ଏକ ଏଭଳି ବନ୍ଧନ ସୃଷ୍ଟି ହେଲା ଯାହା ସାରାଜୀବନ ରହିବ। ଆଜି, ଆମର ମିଳନ ସବୁଦିନ ପାଇଁ ପ୍ରେମ ଏବଂ ଆଇନରେ ମୁଦ୍ରିତ। ସ୍ୱାମୀ-ସ୍ତ୍ରୀ ଭାବରେ ଆମେ ଆପଣଙ୍କ ଆଶୀର୍ବାଦ ଏବଂ ଅଭିନନ୍ଦନ ଚାହୁଁଛୁ।'



## ତୁଳସୀପତ୍ର ଚୋବାଇ ଖାଉଛନ୍ତି କି ?



**ଭା**ରତୀୟ ସଂସ୍କୃତିରେ ତୁଳସୀର ସ୍ଥାନ ବହୁତ ପବିତ୍ର ଅଟେ। ତୁଳସୀ ଗଛ ପ୍ରତ୍ୟେକ ହିନ୍ଦୁ ଘରେ ଦେଖିବାକୁ ମିଳିଥାଏ ଏବଂ ଲୋକମାନେ ଏହାକୁ ପୂଜା କରିଥାନ୍ତି। ତୁଳସୀକୁ ଏକ ଅମୂଲ୍ୟ ଔଷଧ ଭାବରେ ମଧ୍ୟ ବ୍ୟବହାର କରାଯାଏ, ଯାହା ଅନେକ ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ।

ତୁଳସୀ ଚା, କାଢା ପାଇଁ ପ୍ରାୟତଃ ବ୍ୟବହାର କରାଯାଏ। କିନ୍ତୁ ପ୍ରାୟତଃ ଲୋକଙ୍କ ମନରେ ପ୍ରଶ୍ନ ଉଠେ ଯେ ତୁଳସୀ ପତ୍ରକୁ ସିଧାସଳଖ ଚୋବାଇବା ଉଚିତ କି? ଯେତେବେଳେ ତୁଳସୀପତ୍ର ଦେହ ପାଇଁ ଏତେ ଲାଭଦାୟକ, ତେବେ ଏହାର ପତ୍ର ଚୋବାଇଲେ କ'ଣ କ୍ଷତି ହୋଇପାରେ?

ତେବେ ବୈଜ୍ଞାନିକ କାରଣ ଅନୁଯାୟୀ, ତୁଳସୀ ପତ୍ରରେ ପାରଦ ଭଳି ଉପାଦାନ ମିଳିଥାଏ, ଯାହା ଦାନ୍ତ ପାଇଁ କ୍ଷତିକାରକ ହୋଇଥାଏ। ଯେତେବେଳେ ଆମେ ତୁଳସୀ ପତ୍ର ଚୋବାଇଥାଉ, ଏଥିରେ ଥିବା ପାରଦ ଧୀରେ ଧୀରେ ଦାନ୍ତର ଏନାମେଲକୁ କ୍ଷତି ପହଞ୍ଚାଇଥାଏ। ଏହାକୁ ଦୀର୍ଘ ସମୟ ଧରି ଚୋବାଇଲେ ଦାନ୍ତରେ ସମ୍ବେଦନଶୀଳତା, ଯନ୍ତ୍ରଣା କିମ୍ବା ଅନ୍ୟାନ୍ୟ ଦାନ୍ତ ସମସ୍ୟା ଦେଖାଦେଇଥାଏ। ଏହା ସହିତ, ତୁଳସୀ ପତ୍ରର ଉପରି ଭାଗ ସାମାନ୍ୟ ଆଂଶୁ ପରି ହୋଇଥିବାରୁ, ପାଟିର ଭିତର ଭାଗରେ ଘା ସୃଷ୍ଟି କରିବାର ସମ୍ଭାବନା ରହିଥାଏ।

ସେଥିପାଇଁ ଆୟୁର୍ବେଦିକ ବିଶେଷଜ୍ଞମାନେ ତୁଳସୀପତ୍ରକୁ ଚୋବାଇ ଖାଇବା ପରିବର୍ତ୍ତେ ପାଣିରେ ଫୁଟାଇ ଖାଇବାକୁ ପରାମର୍ଶ ଦିଅନ୍ତି। ଶାସ୍ତ୍ର ଅନୁସାରେ, ତୁଳସୀ ପତ୍ରକୁ କେବଳ ହାତରେ ଛିଣ୍ଡାଇ ସିଧା ଗିଳିବା ଉଚିତ, ଦାନ୍ତରେ ଚୋବାଇବା ଉଚିତ ନୁହେଁ।

ତେବେ ଠିକ୍ ଉପାୟ କ'ଣ: ଯଦି ଆପଣ ତୁଳସୀ ପତ୍ରର ଲାଭ ନେବାକୁ ଚାହାଁନ୍ତି, ତେବେ ଆପଣ ସକାଳେ ଖାଲି ପେଟରେ ତୁଳସୀକୁ ପାଣିରେ ଫୁଟାଇ ଚା' ପରି ପିଇପାରିବେ। ଆପଣ କିଛି ତୁଳସୀ ପତ୍ରର ଅର୍କ ମହୁ କିମ୍ବା ଅଦା ସହିତ ମିଶାଇ ସେବନ କରିପାରିବେ। ଏହା ଆମକୁ ତୁଳସୀପତ୍ରର ଔଷଧୀୟ ଗୁଣ ପ୍ରଦାନ କରେ ଏବଂ ଆମ ଦାନ୍ତକୁ କ୍ଷତି ପହଞ୍ଚାଏ ନାହିଁ।



## କେଉଁ ଋତୁରେ କେଉଁ ତେଲରେ ପିଲାଙ୍କୁ ମସାଜ୍ କଲେ ମିଳେ ଲାଭ

**ଛୋ**ଟ ପିଲାମାନଙ୍କୁ ତେଲ ମାଲିସ୍ କରିବା ସେମାନଙ୍କ ଯତ୍ନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଦିନକୁ ୨ରୁ ୪ଥର ମାଲିସ୍ କରିବା ଦ୍ୱାରା ଶିଶୁର ହାଡ ମଜବୁତ ହୁଏ। ପିଲା ମଧ୍ୟ ଫିଟ୍ ଏବଂ ସକ୍ରିୟ ରୁହେ। ତେବେ କେଉଁ ତେଲରେ ପିଲାକୁ ମାଲିସ୍ କରିବାକୁ ନେଇ ଅନେକ ଲୋକ ଦ୍ୱନ୍ଦ୍ୱରେ ପଡନ୍ତି।

ବିଶେଷଜ୍ଞଙ୍କ ଅନୁଯାୟୀ ସୋରିଷ ତେଲ ପିଲା ପାଇଁ ସର୍ବୋତ୍ତମ, କିନ୍ତୁ ଯଦି ଆପଣ ଚାହାଁନ୍ତି, ତେବେ ଆପଣ ଅନ୍ୟ ତେଲରେ ମଧ୍ୟ ପିଲାକୁ ମସାଜ୍ କରିପାରିବେ। ତେବେ ଏହିସବୁ ତେଲ ପାଣିପାଗ ଅନୁଯାୟୀ ବ୍ୟବହାର କଲେ ଏହାର ଲାଭ ମିଳିଥାଏ।

ଏବେ ପ୍ରଶ୍ନ ଉଠୁଛି ପିଲାକୁ ତେଲ ମାଲିସ କାହିଁକି ଆବଶ୍ୟକ? କେଉଁ ତେଲରେ ପିଲାକୁ ମାଲିସ୍ କରାଯିବା ଉଚିତ୍? କେଉଁ ତେଲର ଲାଭ କ'ଣ? କେଉଁ ତେଲ କେଉଁ ଋତୁରେ ଲାଭଦାୟକ? ଆସନ୍ତୁ ଜାଣିବା...

ତେଲ ମାଲିସ୍ କାହିଁକି ଆବଶ୍ୟକ:

ବିଶେଷଜ୍ଞଙ୍କ ଅନୁଯାୟୀ, ପିଲାକୁ ନିୟମିତ ତେଲ ମାଲିସ୍ କରିବା ଦ୍ୱରା ମାଂସପେଶୀ ଏବଂ ହାଡ ମଜବୁତ ହୁଏ। ଏହା ବ୍ୟତୀତ ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ ରହିଥାଏ। ତେଣୁ, ଜଣେ ମା' ଦିନକୁ ଅତି କମରେ ୨ରୁ ୩ଥର ମସାଜ କରିବା ଉଚିତ।

କେଉଁ ଋତୁରେ କେଉଁ ତେଲ: ପାଣିପାଗକୁ ଦେଖି ସୁବିଧା ଅନୁଯାୟୀ ତେଲ ବାଛି ପାରିବେ। ସୋରିଷ ତେଲ, ଅଲିଭ୍ ତେଲ ଏବଂ ବାଦାମ ତେଲ ଶୀତଦିନ ପାଇଁ ଲାଭଦାୟକ। ସେହିପରି ଖରା ପାଇଁ ନଡିଆ ତେଲ ଏବଂ ରାଶି ତେଲ ଅଧିକ ଲାଭଦାୟକ ହୋଇଥାଏ। ଏସବୁ ତେଲ ବ୍ୟତୀତ ଆପଣ ଗାଇ ଘିଅରେ ମଧ୍ୟ ପିଲାକୁ ମାଲିସ୍ କରିପାରିବେ।

ସୋରିଷ ତେଲ: ସୋରିଷ ତେଲ ରକ୍ତ ପ୍ରବାହରେ ଉନ୍ନତି ଆଣି ପିଲାର ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି କରେ। ପିଲାକୁ ପ୍ରତିଦିନ ସୋରିଷ ତେଲ ମାଲିସ୍ କଲେ ଶରୀର ସୁସ୍ଥ ଏବଂ ଶକ୍ତିଶାଳୀ ହୁଏ। ଏହା ବ୍ୟତୀତ ସୋରିଷ ତେଲ ଶରୀରକୁ ଗରମ ରଖିବାରେ ବହୁତ ସାହାଯ୍ୟ କରିଥାଏ।

ଅଲିଭ୍ ତେଲ: ଅଲିଭ୍ ତେଲରେ ମାଲିସ୍ କରିବା ଦ୍ୱାରା ଶରୀରରେ ରକ୍ତ ସଞ୍ଚାଳନ ବଢେ। ଯଦି ଆପଣ ଏହି ତେଲକୁ ଅଳ୍ପ ଗରମ କରି ମାଲିସ୍ କରନ୍ତି, ତେବେ ଏହାର ଲାଭ ଦ୍ୱିଗୁଣିତ ହୋଇଯାଏ। ଏହି ତେଲ ପିଲାମାନଙ୍କ ପାଇଁ ଏକ ଭଲ ମଶ୍ଚରାଇଜର ପରି କାମ କରେ। ଏହା ପିଲାର ଶରୀରକୁ କୋମଳ କରିଥାଏ।

ବାଦାମ ତେଲ: ଭିଟାମିନ୍ ଏ, ଇ, ଫ୍ୟାଟି ଏସିଡ୍, ଜିଙ୍କ୍, ପ୍ରୋଟିନ୍, କ୍ୟାଲସିୟମ୍, ପୋଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍ ପରି ପୋଷକ ତତ୍ତ୍ୱ ବାଦାମ ତେଲରେ ମିଳିଥାଏ, ଯାହା ଶିଶୁର ହାଡକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ। ଏହା ଥକ୍କାପଣକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ ଶରୀରକୁ ମଶ୍ଚରାଇଜ୍ କରିଥାଏ।

ନଡିଆ ତେଲ: ପିଲାକୁ ନଡିଆ ତେଲରେ ମାଲିସ୍ କରିବା ଦ୍ୱାରା ଶାରୀରିକ ଆରାମ ମିଳିଥାଏ। ଏହା ପିଲାମାନଙ୍କର ଭଲ ନିଦ ଦିଏ ଏବଂ ଚିଡିଚିଡାପଣକୁ କମ କରିଥାଏ। ଶିଶୁର ମସ୍ତିଷ୍କର ବିକାଶ ଏବଂ ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରିବା ପାଇଁ ଏହା ଖୁବ ଭଲ।

ରାଶି ତେଲ: ରାଶି ତେଲରେ ଭିଟାମିନ୍ ଏ, ଭିଟାମିନ୍ ବି କମ୍ପ୍ଲେକ୍ସ, ଭିଟାମିନ୍ ଡି, ଫସ୍ଫରସ୍ ପରି ଅନେକ ଭିଟାମିନ୍ ଏବଂ ମିନେରାଲ୍ସ ଥାଏ। ଏହା ବ୍ୟତୀତ ଏଥିରେ କ୍ୟାଲସିୟମ୍ ଏବଂ ପ୍ରୋଟିନ୍ ମଧ୍ୟ ଥାଏ। ଏହା ସମ୍ବେଦନଶୀଳ ଚର୍ମ ପାଇଁ ବହୁତ ଭଲ।

## ଆଜିର ରାଶିଫଳ


ମେଷ : ନିଜ ବକ୍ତବ୍ୟରେ ଶତ୍ରୁକୁ ଉଚ୍ଚ ପିଢ଼ା ଦେଇ ନିଜ ସଚ୍ଚରିତ୍ର ସାଧୁ ହୃଦୟର ପରିଚୟ ସୃଷ୍ଟି କରିବେ। ସ୍ୱାର୍ଥ ଜଡ଼ିତ ସେବା କ୍ଷେତ୍ରରେ ରହି ମଧ୍ୟ ଜନ କଲ୍ୟାଣ ଅଭିମୁଖୀ କାର୍ଯ୍ୟ କରି ପ୍ରଶଂସାର ପାତ୍ର ହେବେ।


ବୃଷ: ପୂର୍ବ ପ୍ରଚଳିତ ଯୋଜନାରେ ସୁଫଳ ସ୍ୱରୂପ ବିଭିନ୍ନ ସୂତ୍ରରୁ ପ୍ରଚୁର ଧନ ଆସି ଆର୍ଥିକ ସ୍ଥିତିକୁ ଦୃଢ଼ କରିବ। ପତ୍ନୀଙ୍କ ଅଳଙ୍କାର ପ୍ରେମ ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରିବେ। ଧାର୍ମିକ ଓ ତେଜସ୍ୱୀ ହେବେ।


ମିଥୁନ: କୃଷି ପ୍ରଧାନ ରାଜ୍ୟ ଉତ୍କଳର ଜଣେ ସୁଯୋଗ୍ୟ ସନ୍ତାନଭାବେ ଦୀକ୍ଷିତ ହେବେ। କୃଷି କର୍ମର ଜ୍ଞାନ ବିତରଣ କରି କୃଷକଙ୍କ କୃଷି ଉତ୍ପାଦନର ସହାୟକ ହେବେ। ଉତ୍କଳର ଖାଦ୍ୟ ଭଣ୍ଡାରକୁ ପରିପୂର୍ଣ୍ଣ କରିବେ।


କର୍କଟ: ଈଶ୍ୱରୀୟ ଭକ୍ତିରେ ଶକ୍ତିସମ୍ପନ୍ନ ହୋଇ ଜଣେ ଯୋଗାରୁଢ଼ ସାଧକ ଭାବେ ସାଧନାରେ ସିଦ୍ଧି ପ୍ରାପ୍ତ ହେବେ। ସାହସୀ ଓ ପ୍ରେମୀ ଭାବେ ସ୍ୱେଚ୍ଛାକୃତ ସେବକ ହୋଇପାରନ୍ତି। ଅନୁଜଙ୍କ ଭକ୍ତିଭାବ ପ୍ରାପ୍ତ ହେବେ।


ସିଂହ: ଜଣେ ଶିଶୁବତ୍ସଳ ଓ ବିଦ୍ୟାପ୍ରେମୀ ଭାବେ ଆଶ୍ରିତ ଛାତ୍ରଛାତ୍ରୀଙ୍କ ପ୍ରତି ମଧୁର ଭାଷା ବ୍ୟବହାର କରି ପରମ କଲ୍ୟାଣୀୟ ମାର୍ଗରେ ସେମାନଙ୍କୁ ମାର୍ଗୀ କରିପାରନ୍ତି। ପତ୍ନୀଙ୍କ ସହଯୋଗ ରୂପକ ସେବାରେ ସୁଖୀ ହେବେ।


କନ୍ୟା: ସେବା ଓ ପରୋପକାରକୁ ଜୀବନର ବ୍ରତଭାବେ ଗ୍ରହଣ କରିପାରନ୍ତି। ସୁସ୍ଥ ଓ ନିରାମୟ ଜୀବନ ବିତାଇବେ। ଦାମ୍ପତ୍ୟ ଜୀବନ ସୁଖପ୍ରଦ ହେବ। ଧର୍ମ କାର୍ଯ୍ୟରେ ଧନ ବ୍ୟୟ କରି ପ୍ରଶଂସାର ପାତ୍ର ହେବେ।


ତୁଳା : ଜଣେ ରାଜଯୋଗୀଭାବେ ଆପଣ ସଦାସର୍ବଦା କର୍ମଚଞ୍ଚଳ ରହିବେ। ଆପଣଙ୍କ ଆଜିର ଭାଷା ଏପରି ନମନୀୟ ଓ କମନୀୟ ହେବ ଯେ ଯାହା ଫଳରେ ପରକୁ ଆପଣାର କରିବେ। ଅନ୍ନଦାନ କରିପାରନ୍ତି।


ବିଛା: ଅସାଧ୍ୟ ସାଧନର କଳା ଆପଣଙ୍କର ଅଛି। ଆପଣଙ୍କ ଉପଦେଶ ଓ ଚେତାବନୀ ସୁଦୂର ପ୍ରସାରୀ ହେବ। ଅସମ୍ଭବ ଏକ ଶବ୍ଦ ଯାହା ଆପଣଙ୍କ ଅଭିଧାନରେ ନାହିଁ। ନିଷ୍ଠାପର କାର୍ଯ୍ୟ ଯୋଗୁଁ ପୁରସ୍କୃତ ହେବେ।


ଧନୁ: ମନରେ ଧ୍ୟାନର ଦୀପ ପ୍ରଜ୍ୱଳନ କରି ଆତ୍ମଶକ୍ତିକୁ ଗରିମାମୟ କରିପାରନ୍ତି। ଶୁଦ୍ଧ ଆଚରିତ ପରଧର୍ମଠାରୁ ନିଜ ଧର୍ମ ଶ୍ରେଷ୍ଠ। ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଶ୍ରେଷ୍ଠ ବିଚାରକ ହେବେ।


ମକର: ଭଲ ରୋଜଗାର ହେବ। ଧନବାନ୍ ହେବେ। ଗୁଣଯୁକ୍ତ ହୋଇପାରନ୍ତି। ଉପାର୍ଜନକାରୀ ହେବେ। ଶକ୍ତିମାନ୍ ଓ ରୂପବାନ୍ ହୋଇପାରନ୍ତି। ସୁସ୍ୱାଦୁ ଭୋଜନ ମିଳିବ। ଚିନ୍ତାଧାରା ମହତ୍ ହେବ। ସ୍ୱାସ୍ଥ୍ୟ ଅତୁଟ ରହିବ।


କୁମ୍ଭ: କାର୍ଯ୍ୟର ସଫଳ ରୂପାୟନ ଓ ମିଳିଥିବା କ୍ଷମତାର ସଦୁପଯୋଗ କରି ପ୍ରଶଂସାର ପାତ୍ର ହେବେ। ପରୋପକାର ଓ ସେବାକୁ ଜୀବନର ବ୍ରତଭାବେ ଗ୍ରହଣ କରିପାରନ୍ତି। ଅର୍ଥାଗମର ସୂଚନା ମିଳୁଛି।


ମୀନ : କୌଣସି କାର୍ଯ୍ୟ ତରବର ହୋଇ ନିଷ୍ପତ୍ତି ନେଲେ ସୁଫଳ ମିଳିବା କଷ୍ଟସାଧ୍ୟ ହେବ। ସାମାନ୍ୟ ଅସୁସ୍ଥତା ଅନୁଭବ କରିପାରନ୍ତି। ଆର୍ଥିକ ସ୍ଥିତି ଦୁର୍ବଳ ହୋଇପାରେ। ଯାନବାହନ ଚଳାଚଳରେ ସତର୍କ ରହିବେ।

## ମହୌଷଧୀରୁ କମ୍ ନୁହେଁ ଜିରା ପାଣି



**ଜି**ରା ଅଧିକାଂଶ ଭାରତୀୟ ପରିବାରରେ ଏକ ମସଲା ଭାବେ ବ୍ୟବହୃତ ହୋଇଥାଏ। ତେବେ ଜିରାର ଅନେକ ଔଷଧୀୟ ଗୁଣ ରହିଛି। ବିଶେଷ କରି ସକାଳେ ଖାଲିପେଟରେ ଜିରା ପାଣି ପିଇବା ଫଳରେ ତାହା ଶରୀରକୁ ଅନେକ ଫାଇଦା ପ୍ରଦାନ କରିଥାଏ। ଜିରାରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକଟେରିୟାଲ୍ ଓ ଆଣ୍ଟିଫଙ୍ଗଲ ଗୁଣ ରହିଛି। ଜିରା ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏଥିସହ ଏହା ଗ୍ୟାସ୍, ଏସିଡିଟିରୁ ମୁକ୍ତି ଦେବାରେ ସହାୟତା ପ୍ରଦାନ କରିଥାଏ। ରାତିରେ ଗୋଟିଏ ଗ୍ଲାସ୍ ପାଣିରେ ଏକ ବଡ଼ ଚାମୁଚ ଜିରା ଭିଜାଇ ରଖନ୍ତୁ। ସକାଳେ ସେହି ପାଣିକୁ ଫୁଟାଇ ତାକୁ ପିଇ ପାରିବେ। ଆବଶ୍ୟକ ହେଲେ ସେଥିରେ ଲେମ୍ବୁରସ ମିଶାଇ ପାରିବେ। ଜିରା ପାଣି ପିଇବା ଫଳରେ ଓଜନ ହ୍ରାସ ହୋଇଥାଏ। ଖାଲିପେଟରେ ଜିରା ପାଣି ପିଇବା ଫଳରେ ମେଟାବୋଲିଜିମ୍ ବୃଦ୍ଧି ହୋଇଥାଏ। ଫଳରେ ଖାଦ୍ୟ ହଜମ ପ୍ରକ୍ରିୟାରେ ସୁଧାର ଆସିଥାଏ ଏବଂ ଖାଦ୍ୟରୁ ଜରୁରୀ ପୋଷକତତ୍ତ୍ୱ ଉପଯୁକ୍ତ ଭାବେ ଅବଶୋଷଣ ହୋଇଥାଏ। ଏଥିସହ ଶରୀରରେ ଜମା ହୋଇଥିବା ଚର୍ବି କମିଥାଏ। ମଧୁମେହ ରୋଗୀ ଖାଲିପେଟରେ ଜିରା ପାଣି ପିଇବା ଦ୍ୱାରା ରକ୍ତ ଶର୍କରା ନିୟନ୍ତ୍ରଣରେ ରହିଥାଏ। ଏହା ବ୍ୟତୀତ ଜିରା ପାଣି ପିଇବା ଫଳରେ ପାଚନତନ୍ତ୍ରର ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ। ସେହିପରି ଶରୀରରୁ କୋଲେଷ୍ଟ୍ରୋଲ୍ ହ୍ରାସ ନିମନ୍ତେ ଜିରା ପାଣି ବେଶ୍ ଉପଯୋଗୀ। ଏହା ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ହୃଦଯନ୍ତ୍ରକୁ ସୁସ୍ଥ ରଖିବାରେ ଏହା ସହାୟକ ହୋଇଥାଏ।

## କଙ୍କଡ଼ା ବେସର

**ଆ**ବଶ୍ୟକ ସାମଗ୍ରୀ: କଙ୍କଡ଼ା, ସାରୁ, ଅଦା ବଟା, ରସୁଣ ବଟା, କଟା ପିଆଜ, ଗରମ ମସଲା, ହଳଦୀ ଗୁଣ୍ଡ, , ଧନିଆ ପତ୍ର, ତେଜ ପତ୍ର, ତେଲ ଓ ଲୁଣ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଙ୍କଡ଼ାକୁ ସିଝାଇ ଦିଅନ୍ତୁ।ଏହା ସିଝି ଗଲା ପରେ ଏହାକୁ ଭଲ ଭାବରେ ବନାଇ ଦିଅନ୍ତୁ। ପରେ ସେଥିରେ ଲୁଣ, ହଳଦୀ ପକାଇ ଭାଜି ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ କଟା ପିଆଜକୁ ସେଥିରେପକାଇ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। କିଛି ସମୟ ପରେ ସେଥିରେ, ଅଦା,ରସୁଣ ପେଷ୍ଟ ପକାଇ କିଛି ସମୟ ପର୍ଯ୍ୟନ୍ତ କଷନ୍ତୁ। ମସଲା ଟିକେ କଷି ହେବା ପରେ ସେଥିରେ ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ ହଳଦୀ ଗୁଣ୍ଡ ପକାଇ କିଛି ସମୟ ପାଇଁ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଯିବା ପରେ ପୂର୍ବରୁ ରହିଥିବା ସିଝା ସାରୁ, ଭଜା କଙ୍କଡ଼ା ପକାନ୍ତୁ।ଏହା ସହ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ପରେ ସେଥିରେ ଆବଶ୍ୟକ ଅନୁସାରେ ପାଣି ଦେଇ କିଛି ସମୟ ପାଇଁ ଫୁଟି ବାକୁ ଛାଡ଼ି ଦିଅନ୍ତୁ। ପରେ ଧନିଆପତ୍ର ଓ ଗରମ ମସଲା ପକାଇ ଗ୍ୟାସରୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଙ୍କଡ଼ା ବେସର।



## ଶ୍ରୀମନ୍ଦିରରେ ରୁକ୍ମିଣୀ ବିବାହ ପାଇଁ ୫ ଘଣ୍ଟା ଦର୍ଶନ ବନ୍ଦ


ପୁରୀ, (ହି.ସ.): ଗୁରୁବାର ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା । ଆସନ୍ତାକାଲି ଶୁକ୍ରବାର ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଓ ବିବାହ ଉତ୍ସବ ନୀତି ଅନୁଷ୍ଠିତ ହେବ । ପ୍ରଥମ ଭୋଗମଣ୍ଡପ ଶେଷ ଭୋଗ ଶେଷ ହେବା ପରେ ପ୍ରାୟ ଅପରାହ୍ନ ୧ ଘଟିକା ଠାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ୫ ଘଂଟା ଧରି ଶ୍ରଦ୍ଧାଳୁ ମାନେ ଗର୍ଭ ଗୃହରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଯାହା ପ୍ରତିଶ୍ରୁତି ଦେଇଥିଲୁ ଅଧିକାଂଶ ପୂରଣ କରିଛୁ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, (ହି.ସ.): ଯାହା ପ୍ରତିଶୃତି ଦେଇଥିଲୁ ଅଧିକାଂଶ କରିଛୁ । ସବୁ ବିଭାଗରେ ଅନେକ ନୂଆ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଜେପି ସରକାରର ଏକ ବର୍ଷ ପୂର୍ତି ଅବସରରେ ମନ୍ତ୍ରୀ କହିଛନ୍ତି ସରକାରଙ୍କ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଯିବ । ଗତ ସରକାର ରିପୋର୍ଟ କାର୍ଡ ପ୍ରଦାନ କରୁନଥିଲେ କିନ୍ତୁ ଆମ ସରକାରରେ ମୁଖ୍ୟମନ୍ତ୍ରୀ ରିପୋର୍ଟ କାର୍ଡ ପ୍ରସ୍ତୁତ କରେଇଛନ୍ତି। ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ଆସିଥିଲେ ଯାହା କହିଥିଲେ କାର୍ଯକାରୀ ହୋଇଛି ।ବର୍ଷେ ପୂର୍ତି କାର୍ଯ୍ୟକ୍ରମ ସବୁ ଜାଗାରେ ହେବ ଏହାକୁ ବ୍ୟାପକ କରାଯିବ। ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି । ବହୁ କେନ୍ଦ୍ରମନ୍ତ୍ରୀଙ୍କୁ ବି ନିମନ୍ତ୍ରଣ ହୋଇଛି । ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେଉଁ ମନ୍ତ୍ରୀ ଯେଉଁ ଜିଲ୍ଲାର ପ୍ରଭାରୀ ଦାୟିତ୍ୱରେ ଥିବେ ସେ ଜିଲ୍ଲାକୁ ଗସ୍ତ କରିବେ। ଜିଲ୍ଲାକୁ ଯାଇ ସମୀକ୍ଷା କରିବେ। ବର୍ଷ ପୂର୍ତି କାର୍ଯ୍ୟକ୍ରମ ବି ତଦାରଖ କରିବେ ମନ୍ତ୍ରୀ।

## ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, (ହି.ସ.): ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୁରୁବାର ଦିନ କୋଟପାଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଏକ ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି । ଶ୍ରୀ ମହାଲିଙ୍ଗ ନିଜେ ଏ ସମ୍ପର୍କରେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି ଯେ, ଆଜି କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟପାଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାରେ ଅନୁଷ୍ଠିତ ସମୀକ୍ଷା ବୈଠକର ଅଧକ୍ଷତା କଲି। ଏହି ବୈଠକରେ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଉପକରଣ, ବିଶେଷଜ୍ଞ ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ସୁବିଧା ସମ୍ପର୍କରେ ଆଲୋଚନା କରାଗଲା।



*ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ନିଜର ବିଶିଷ୍ଟ ଯୋଗଦାନ କରିଥିବା ୪୧ଜଣ ସାଧୀନତା ସଂଗ୍ରାମୀଙ୍କୁ ସମ୍ମାନ ଦେବାକୁ ଆଜି ରମ୍ଭାସ୍ଥିତ ଉତ୍କଳ ସଂଗ୍ରାମୀ ପୀଠରେ ସେମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବ୍ରହ୍ମପୁର ସାଂସଦ ଡା.ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ଜିଲ୍ଲାର ବହୁ ବିଧାୟକ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ ।*

## କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ "ଏକ୍ ପେଡ୍ ମା' କେ ନାମ ୨.୦" ର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, (ହି.ସ.): ବିଶ୍ୱ ତୁଳନାରେ ଭାରତ କେବେ ବି ପ୍ରଦୂଷଣକାରୀ ରାଷ୍ଟ୍ର ଭାବରେ ପରିଗଣିତ ହୋଇନାହିଁ । ଭାରତ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବରେ ବିବେଚନା କରୁଥିବାର ସଭ୍ୟତା ଅଟେ । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତକୁ ୨୦୭୦ ସୁଦ୍ଧା ନେଟ୍ - ଜିରୋ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି, ଯେଉଁଥିରେ ୨୦୪୭ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ । ପରିବେଶ ସୁରକ୍ଷାର ମହାଯଜ୍ଞରେ ଆମ ସମସ୍ତଙ୍କୁ ନିଜ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

'ବିଶ୍ୱ ପରିବେଶ ଦିବସ' ଅବସରରେ ଶ୍ରୀ ପ୍ରଧାନ ଗୁରୁବାର ନୂଆଦିଲ୍ଲୀ ଗୋଲମାର୍କେଟ୍ ସ୍ଥିତ ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ଛାତ୍ରଛାତ୍ରୀମାନଙ୍କ ସହ "ଏକ୍ ପେଡ୍ ମା' କେ ନାମ ୨.୦" ଅର୍ଥାତ୍ "ମା'ଙ୍କ ନାମରେ ଗୋଟିଏ ଗଛ ୨.୦" ଅଭିଯାନ ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ ପ୍ରକୃତିର ସୁରକ୍ଷା ସହ ଜଡିତ ମଡ୍ୟୁଲ୍, ପୋର୍ଟାଲ୍ ଏବଂ ମାଇକ୍ରୋସାଇଟ୍ ମଧ୍ୟ ଉନ୍ମୋଚନ କରିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରିକଳ୍ପନାକୁ ଆଗକୁ ବଢାଇବା ଲକ୍ଷ୍ୟରେ ଆଜି ବିଶ୍ୱ ପରିବେଶ ଦିବସରେ ସମର୍ପିତ ସମସ୍ତ ପଦକ୍ଷେପ ଦେଶର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ବିଷୟରେ ସଚେତନତା ବୃଦ୍ଧି କରିବ । ପରିବେଶଗତ ଚ୍ୟାଲେଞ୍ଜର ମୁକାବିଲା କରିବାରେ ସେମାନଙ୍କର ଅଧିକରୁ ଅଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ସେ କହିଛନ୍ତି, ପ୍ଲାଷ୍ଟିକ ହେଉଛି ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ଏବଂ ଜଳ, ଗୋମାତାଙ୍କ ପ୍ରଥମ ଶତ୍ରୁ । ଆମର ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାର ବହୁ ପରିମାଣରେ ବୃଦ୍ଧି ହୋଇଛି । ସାରା ଭାରତରେ ୧୪୫ କୋଟି ଲୋକ ପ୍ରତିଦିନ ୨୬ କୋଟିରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ ବ୍ୟବହର କରୁଛନ୍ତି । ପ୍ରତିଦିନ ବିଶ୍ୱରେ ୧୮୦ ଟନ୍ ପ୍ଲାଷ୍ଟିକ ପରିବେଶକୁ ନଷ୍ଟ କରୁଛି । ଇ-କମର୍ସ ପ୍ଲାଟଫର୍ମରେ ମଧ୍ୟ ପ୍ଲାଷ୍ଟିକ ବ୍ୟାଗ୍ ବର୍ତ୍ତମାନ ମୁଣ୍ଡବ୍ୟଥାର କାରଣ ସାଜିଛି । ବିଗତ କିଛି ବର୍ଷ ହେବ ଆଧୁନିକତା ନାମରେ ଆମର ପରିବେଶ ଧ୍ୱଂସ ହେଉଛି । ଏଥିପାଇଁ ଆମକୁ ଏହାର ବ୍ୟବ-ହାର ସଂପୂର୍ଣ୍ଣ ଭାବେ ବନ୍ଦ କରିବାକୁ ପଡ଼ିବ । ନିଜର ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ସହ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷାରେ ଅଂଶୀଦାର ହେବା ପାଇଁ ପ୍ରୋତ୍ସାହିତ କରିବା ।

ଗତବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା "ଏକ୍ ପେଡ୍ ମା କେ ନାମ" ଅଭିଯାନର ଶୁଭାରମ୍ଭ ହୋଇଥିଲା ଏବଂ ଲୋକମାନଙ୍କୁ ମା'ଙ୍କ ପ୍ରତି ସମ୍ମାନ ଦେବା ଉଦ୍ଦେଶ୍ୟରେ ଗଛ ଲଗାଇବା ପାଇଁ ଅନୁରୋଧ କରାଯାଇଥିଲା । ଏହି ଭାବନାକୁ ଆଗକୁ ବଢାଇବା ପାଇଁ ଜାତୀୟ ଶିକ୍ଷା ନୀତି ଅଧୀନରେ ସ୍କୁଲ ଶିକ୍ଷା ବିଭାଗ ଦ୍ୱାରା ପରିବେଶଗତ ଶିକ୍ଷାକୁ ମୁଖ୍ୟଧାରାରେ ଆଣିବା ପାଇଁ ପ୍ରଚେଷ୍ଟା କରାଯାଇଛି । ସ୍କୁଲଗୁଡ଼ିକରେ 'ଇକୋ କ୍ଲବ ଫର୍ ମିଶନ ଲାଇଫ୍' ଛାତ୍ରଛାତ୍ରୀମାନଙ୍କୁ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ସହ ସମ୍ବନ୍ଧିତ ଚିନ୍ତାଧାରା ପ୍ରତି ସମ୍ବେଦନଶୀଳତାକୁ ସୂଚାଇବା ସହ ସେମାନଙ୍କ ମଧ୍ୟରେ ପରିବେଶ ଉପଯୋଗୀ ବ୍ୟବହାର ଏବଂ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବ ।

ଗତ ବର୍ଷ ଆମର ଶିକ୍ଷାନୁଷ୍ଠାନଗୁଡ଼ିକ ଉଦ୍ୟମରେ ଦେଶରେ ୫ କୋଟିରୁ ଅଧିକ ଗଛ ଲଗାଯାଇଛି, ଏଥର ସ୍କୁଲ ଶିକ୍ଷା ବିଭାଗ ସାରା ଦେଶରେ ୧୦ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖିଛି । ଆମକୁ ମା' ପାଇଁ ଗୋଟିଏ ଗଛ ଅଭିଯାନକୁ ଅଧିକ ଗତି ଦେବାକୁ ପଡିବ ଏବଂ ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ପଡିବ । ଯେତେବେଳେ ଆମେ ଆମର ନୂତନ ପିଢ଼ିକୁ ଏହି ଦିଗରେ ପ୍ରସ୍ତୁତ କରିବୁ, ସେତେବେଳେ ଆମେ ୨୦୭୦ ସୁଦ୍ଧା ନେଟ୍ ଜିରୋ ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିପାରିବୁ । ଅପରପକ୍ଷରେ ଦେଶର ମାତୃଶକ୍ତିଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗୁଜରାଟର କଚ୍ଛ ଠାରେ ସିନ୍ଦୂର ନାମରେ ଗଛ ଲଗାଇଛନ୍ତି । ଆମେ ମଧ୍ୟ ସ୍କୁଲରୁ ଘର, ଘରରୁ ରାସ୍ତା ଯାଏ ସବୁଠି ଗଛ ଲଗାଇବା ସହ ସେହି ବୃକ୍ଷକୁ ମା'ଙ୍କ ଭଳି ଯତ୍ନ ନେବା ।

## ବିଶ୍ରାମାଗାରକୁ ଧକ୍କାଦେଲା ଯାତ୍ରୀବାହୀ ବସ୍

### ଚାପି ହୋଇ ଡ୍ରାଇଭର ମୃତ

ବ୍ରହ୍ମପୁର(ପିପିଏସ୍): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗାଁ ଛକରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ଧକ୍କା ଦେଇ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣା ଗସ୍ତ ହୋଇଛି। ଦୁର୍ଘଟଣାରେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଗ୍ରାମର ଗାଡ଼ି ଡ୍ରାଇଭର ଦିବାକର ବେହେରାଙ୍କ ମୃତ୍ୟୁ ଘଟିଛି। ସେ-ହିଭଳି ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଗ୍ରାମର ଅନ୍ୟତମ ଗାଡ଼ି ଚାଳକ ପ୍ରଫୁଲ୍ଲ କୁମାର ଦାସ ଆହତ ହୋଇଛନ୍ତି। ଗୁରୁବାର ଭୋର ପ୍ରାୟ ୫ଟାରେ ଦୁର୍ଘଟଣା ଘଟିଛି। ସୂଚନାନୁଯାୟୀ, ବୀଣାପାଣି ନାମକ ଯାତ୍ରୀବାହୀ ବସ୍ ନମ୍ବର ଓଡି.୦୨.ୱାଇ-୫୬୯୯ ଭୁବନେଶ୍ୱରରୁ ଭାୟା ଦିଗପହଣ୍ଡି ଦେଇ ବି.ତୁରୁବୁଡ଼ି ଗ୍ରାମକୁ ଯାଉଥିବା ବେଳେ ଲକ୍ଷ୍ମୀ ନାରାୟଣପୁର ଗାଁ ଛକ ରାସ୍ତାକଡରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ଧକ୍କା ଦେଇଥିଲା। ବିଶ୍ରାମଗାରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ବସ୍‌ର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଗାଡ଼ି ଚାଳକ ଦିବାକର ଭିତରେ ଚାପି ହୋଇ ରହିଥିଲେ। ବସ୍‌ରେ ମାତ୍ର ୬ଜଣ ଯାତ୍ରୀ ଥିଲେ। ତେବେ ସେମାନେ ସୁରକ୍ଷିତ ଥିବା ଜଣାପଡିଛି। ଖବରପାଇ ଦିଗପହଣ୍ଡି ପୁଲିସ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଚାଳକ ଦିବାକର ଏବଂ ପ୍ରଫୁଲ୍ଲଙ୍କୁ ସଙ୍କଟାପନ୍ନ



ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦିବାକରଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟତମ ଗାଡ଼ି ଚାଳକ ପ୍ରଫୁଲ୍ଲ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡିଛି। ପୁଲିସ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ୍ ଦୁର୍ଘଟଣାଗସ୍ତ ବସ୍‌କୁ ଜବତ କରି ତଦନ୍ତ ଚଳାଇଛି।

## ହାଇୱା ଧକ୍କାରେ ଦାଦା ମୃତ, ଝିଆରୀ ଗୁରୁତର



ଭଦ୍ରକ, (ପିପିଏସ୍): ହାଇୱା ଧକ୍କାରେ ଦାଦା ମୃତ, ଝିଆରୀ ଗୁରୁତର। ଏଭଳି ଘଟଣା ଘଟିଛି ଭଦ୍ରକ -ଆନନ୍ଦପୁର ରାଜ୍ୟ ରାଜପଥ ର ରାନ୍ଦିଆ ନିକଟରେ। ଆଜି ଭଦ୍ରକ ଗ୍ରାମାଂଚଳ ଥାନା ରାମକୃଷ୍ଣପୁର କୁଣ୍ଡଳା ଅଂଚଳର ଅଲେଖ ମୁଦୁଲି ରାଉରକେଲା ରୁ ନିଜ ଗାଁକୁ ଫେରୁଥିଲେ। ତେଣୁ ତାଙ୍କ ଝିଆରୀ ଭଦ୍ରକ ଷ୍ଟେସନ କୁ ଆସି ଦାଦା ଙ୍କୁ ନେଇ ଘରକୁ ଫେରୁଥିବା ବେଳେ ରାନ୍ଦିଆ ଛକ ନିକଟରେ ଏକ ହାଇୱା ଟ୍ରକ କୁ ଓଭର ଟେକ କରୁଥିବା ବେଳେ ବିପରୀତ ଦିଗରୁ ଏକ ଗାଡ଼ି ସାଇଟ ମାରିବା ଫଳରେ ଏହି ମୋଟର ସାଇକେଲ ଆରୋହୀ ଦାଦା ଟ୍ରକ ପଛ ଚକ ତଳେ ପଡ଼ି ଯିବାରୁ ଦାଦା ଙ୍କର ମୃତ୍ୟୁ ହୋଇଥିବା ବେଳେ ଝିଆରୀ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରେ ଗ୍ରାମବାସୀ ଓ ସ୍ଥାନୀୟ ଲୋକମାନେ ବାରମ୍ବାର ଏହି ସ୍ଥାନରେ ଦୁର୍ଘଟଣା ହେଉଥିବା ନେଇ ଅଭିଯୋଗ କରି ଉତେଜିତ ହୋଇ ରାସ୍ତା ରୋକ କରିଥିଲେ। ଘଟଣା ସ୍ଥଳରେ ଗ୍ରାମାଂଚଳ ଥାନା ଅଧିକାରୀ ଙ୍କ ସମେତ ଅତିରିକ୍ତ ଏସପି ପହଂଚି ଲୋକମାନଙ୍କୁ ବୁଝା ସୁଝା କରି ତଦନ୍ତ ଚଳାଇଛି। ତେବେ କ୍ଷତି ପୂରଣ ନ ଦେବା ପର୍ଯ୍ୟନ୍ତ ରାସ୍ତା ରୁ ହଟିବେ ନାହିଁ ବୋଲି ଗ୍ରାମର ସରପଂଚ ଓ ପରିବାର ଲୋକମାନେ କହିଛନ୍ତି। ଅନ୍ୟପଟେ ପୋଲିସ ଲୋକମାନଙ୍କୁ ବୁଝା ସୁଝା କରୁଛି। ରାସ୍ତା ରୋକ ଯୋଗୁଁ ଦୁଇ ସାଇଟ ରେ ଅନେକ ଗାଡ଼ି ଅଟକି ରହିଥିଲା।

## ଟାଟା ଷ୍ଟିଲ୍ ଏସ୍‌ଇଜେଡ୍ ଗୋପାଳପୁର ପାର୍କରେ ୫ ନୂଆ ଶିଳ୍ପର ଭିତ୍ତିସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର(ପିପିଏସ୍): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଟାଟା ଷ୍ଟିଲ ସ୍ପେସିଆଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍ଏସ୍ଇଜେଡ୍ଏଲ୍)ର ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କରେ(ଜିଆଇପି) ୫ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବରିଷ୍ଠ ନେତୃବୃନ୍ଦ, ସ୍ଥାନୀୟ ବିଭିନ୍ନ ଗୋଷ୍ଠୀର ସଦସ୍ୟଗଣ, ଟାଟା ଷ୍ଟିଲ ସ୍ପେସିଆଲ ଇକୋନୋମିକ୍ ଜୋନ୍ ଲିମିଟେଡ୍ ଏବଂ ଜିଆଇପିର ସଦସ୍ୟ ଶିଳ୍ପ ସଂସ୍ଥାଗୁଡ଼ିକ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, 'ଶିଳ୍ପ କ୍ଷେତ୍ରରେ ଗଞ୍ଜାମ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି। ଭିତ୍ତିଭୂମିର ସୁବିଧା, ଏକ ଅଗ୍ରଣୀ ବନ୍ଦରର ଉପସ୍ଥିତି ଏବଂ ଦକ୍ଷ ମାନବ ସମ୍ବଳ ଯୋଗୁଁ ଗଞ୍ଜାମରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ନିବେଶକ ମାନଙ୍କର ଆଗ୍ରହ ରହିଛି।' ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, 'ଗ୍ରୀନ ହାଇଡ୍ରୋଜେନ୍, କେମିକାଲ୍ସ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସହିତ ଗଞ୍ଜାମ ଜିଲ୍ଲା ଏବେ ଶିଳ୍ପାୟନ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସୃଷ୍ଟି କରିବାକୁ ଯାଉଛି। ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ବାଣିଜ୍ୟ ଓ ପରିବହନ ବିଭାଗ ତଥା ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ, ସୁକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଟାଟା ଷ୍ଟିଲ ସ୍ପେସିଆଲ ଇକୋନୋମିକ୍ ଜାନ୍



ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ବ୍ରହ୍ମପୁର ସାଂସଦ ଡଃ.ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର ଉପସ୍ଥିତ ଥିଲେ। ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଇପିକଲ ଓ ଇଡକୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦକ୍ଷିଣାଞ୍ଚଳ ଆଇଜି ନତିଶେଖର, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଏବଂ ବନଖଣ୍ଡ ଅଧିକାରୀ ସନ୍ନି ଖୋକର ଉପସ୍ଥିତ ଥିଲେ। ଟିଏସ୍ଏସ୍ଇଜେଡ୍ଏଲର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ କହିଛନ୍ତି ଯେ, ଶିଳ୍ପ ପାର୍କ ପାଇଁ ଏକାସାଙ୍ଗରେ ୫ଟି ଆଧୁନିକ ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଏହା ନବସୃଜନ ତଥା ଦୀର୍ଘମିଆଦୀ ନିବେଶକୁ ପ୍ରୋତ୍ସାହନ ଲକ୍ଷ୍ୟରେ ଜିଆଇପିରେ ପ୍ରଦାନ କରାଯାଉଥିବା ଶିଳ୍ପ ଅନୁକୂଳ ସୁବିଧା ଏବଂ ପରିବେଶକୁ ପ୍ରତିଫଳିତ କରୁଛି। ଆମ ଟିମ୍‌ର ସମ୍ମିଳିତ ପ୍ରୟାସ, ସୁଦୃଢ଼ ଶିଳ୍ପ ସହଭାଗିତା ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ସହଯୋଗ ହିଁ ଏହି ସଫଳତା ଆଣି ଦେଇଛି। ମୁଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଆମ ଶିଳ୍ପ ପାର୍କରେ ତାଙ୍କର ଉପସ୍ଥିତି ଏବଂ ମାର୍ଗଦର୍ଶନ ପାଇଁ କୃତଜ୍ଞତା ଜଣାଉଛି। ଶିଳ୍ପ ପାର୍କରେ ଉତ୍ପାଦିତ ଗ୍ରୀନ୍ ହାଇଡ୍ରୋଜେନ୍/ଆମାନିଆକୁ ମୁଖ୍ୟତଃ ରପ୍ତାନୀ କରାଯିବ। ଏହି ସମ୍ପ୍ରସାରଣ ଦ୍ୱାରା ଗୋପାଳପୁର ଶିଳ୍ପ ପାର୍କରେ ଗ୍ରୀନ୍ ହାଇଡ୍ରୋଜେନ୍/ଆମାନିଆ ଶିଳ୍ପ ସଂଖ୍ୟା ୪ରେ ପହଞ୍ଚିଛି ଏବଂ ଏହା ଜିଆଇପିକୁ ଦେଶର ସବୁଠାରୁ ବଡ଼ ଗ୍ରୀନ୍ ହାଇଡ୍ରୋଜେନ୍/ଆମାନିଆ ହବ୍ ଭାବରେ ଗଢ଼ି ତୋଳିଛି। ସୋଲାର୍ ସେଲ୍ ଏବଂ ମଡ୍ୟୁଲ୍ ଉତ୍ପାଦନକାରୀଙ୍କ ମଧ୍ୟରେ, ସାତ୍ତ୍ୱିକ ସୋଲାର୍ ଇଣ୍ଡଷ୍ଟ୍ରିଜ୍ ୪.୮୦ ଗିଗାୱାଟ ସମନ୍ୱିତ ସେଲ୍ ଏବଂ ୪.୦୦ ଗିଗାୱାଟ ମଡ୍ୟୁଲ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛି।

## ପୁରୁଣା ଭୁବନେଶ୍ୱରର ଜଳମଗ୍ନ ହେଉଥିବା ଅଂଚଳ ବୁଲିଲେ ବିଧାୟକ



ଭୁବନେଶ୍ୱର, (ହି.ସ.): ଚଳିତ ବର୍ଷ ମୌସୁମୀ ବର୍ଷା ଆସିବା ପୂର୍ବରୁ ଏକାମ୍ର ନିର୍ବାଚନ ମଣ୍ଡଳୀର ପୁରୁଣା ଭୁବନେଶ୍ୱରର ଜଳମଗ୍ନ ହେଉଥିବା ବିଭିନ୍ନ ଅଂଚଳକୁ ବିଭାଗୀୟ ଅଧିକାରୀଙ୍କ ସହ ବୁଲି ଦେଖିବା ସହ ଜାରି ରହିଥିବା ଡ୍ରେନ୍ ସଫେଇ ଓ ବକ୍ସ ଡ୍ରେନ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ଏହି ଅବସରରେ ଶ୍ରୀ ସିଂ କହିଛନ୍ତି ଯେ ଜଳମଗ୍ନ ହେଉଥିବା ଅଂଚଳ ଗୁଡ଼ିକୁ ପରିଦର୍ଶନ କରି ଡ୍ରେନେଜ୍ ସ୍ଥିତି ଅନୁଧ୍ୟାନ କରିବା ସହ ଜାରି ରହିଥିବା ଡ୍ରେନ୍ ସଫେଇ ଓ ବକ୍ସ ଡ୍ରେନ୍ କାର୍ଯ୍ୟର ସମୀକ୍ଷା କଲି ଏବଂ ସେଗୁଡିକୁ ତୁରନ୍ତ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଲି । ମନ୍ଦିରର ଚତୁପାର୍ଶ୍ୱ ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ସହ କଥା ହୋଇ ସ୍ଥାନୀୟ ସମସ୍ୟା ସମ୍ପର୍କ ରେ ସ୍ଥିତି ଅନୁଧ୍ୟାନ କରିଲୁ। ମନ୍ଦିର ବ୍ୟତୀତ ଏହାର ଆଖପାଖ ଡ୍ରେନ୍ ସମସ୍ୟାର ତଦାରଖ କରି ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ପ୍ରୟାସ ଆରମ୍ଭ କରିଲୁ ।ଏକାମ୍ର କ୍ଷେତ୍ର ଭାବରେ ଜଣାଶୁଣା ପୁରୁଣା ଭୁବନେଶ୍ୱର ମାଳ ମାଳ ମନ୍ଦିର ସହ ପବିତ୍ର ପୁଷ୍କରିଣୀ, ନିଆରା ପରମ୍ପରା ଓ ସଂସ୍କୃତି ଏବଂ ଐତିହ୍ୟ ସମ୍ପନ୍ନ ସହର। ସେଥିପାଇଁ ଆମେ ଏହି ଅଞ୍ଚଳର ଐତିହ୍ୟର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ଅବିରତ ଉଦ୍ୟମ କରି ଆସିଛୁ ଓ ଆଗକୁ ମଧ୍ୟ କରିବୁ ବୋଲି ବିଧାୟକ ବାବୁ ସିଂ କହିଛନ୍ତି ।ଏହି ଅବସରରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ପାରିବାରିକ କଳହର କରୁଣ ପରିଣତି

# ବୃଦ୍ଧା ଜେଜେ ମା'କୁ ଗାଁ ଦାଣ୍ଡରେ ପିଟିପିଟି ମାରିଦେଲା ନାତି



ବ୍ରହ୍ମପୁର(ପିପିଏସ): ବୁଧବାର ବିଳମ୍ବିତ ରାତିରେ ନିଜ ବୃଦ୍ଧା ଜେଜେ ମା'କୁ ତାର ନାତି ଘରୁ ଘୋଷାରି ନେଇ ଗାଁ ଦାଣ୍ଡରେ ପିଟିପିଟି ମାରି ଦେଇଥିବା ଘଟଣା ଖଲ୍ଲିକୋଟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋଦଳା ଥାନା ଓ ଖଲ୍ଲିକୋଟ ବ୍ଲକର ନାଇଁକାଣିପଲ୍ଲି ଗ୍ରାମରେ । ପାରିବାରିକ କଳହକୁ କେନ୍ଦ୍ର କରି ନାଇଁକାଣିପଲ୍ଲି ଗ୍ରାମର ବିପ୍ର ସ୍ୱାଇଁଙ୍କ ପୁଅ ଚିତ୍ରସେନ ସ୍ୱାଇଁ ତାର ଜେଜେ ମା' ଅନି ସ୍ୱାଇଁଙ୍କ ମଧ୍ୟରେ ବଚସା ଲାଗିଥିଲା । ପରେ ନାତି ଚିତ୍ରସେନ ବୃଦ୍ଧା ଜେଜେ ମା'କୁ ଘରୁ ଘୋଷାରି ଆଣି ଗାଁ ମଝିରେ ଅମାନୁଷିକ ଭାବେ ପିଟି ପିଟି ଲହୁ ଲୁହାଣ କରିବା ଦେଖି ବୃଦ୍ଧାଙ୍କ ଅନ୍ୟପୁଅ ବିଶ୍ୱନି ସ୍ୱାଇଁ ମା'ଙ୍କୁ ମାଡ଼ରୁ ରକ୍ଷା କରିବା ବେଳେ ଚିତ୍ରସେନ ତାଙ୍କୁ ମଧ୍ୟ ଠେଙ୍ଗାରେ ପ୍ରହାର କରିବା ବେଳେ ବିଶ୍ୱନିର ସ୍ତ୍ରୀ ସୁଶୀଳା ଆସି ଛାଡ଼ିଇବା ବେଳେ ଉଭୟଙ୍କୁ ମାଡ଼ମାରି ଆହତ କରିଥିଲା । ଇତି ମଧ୍ୟରେ ବୃଦ୍ଧା ଜେଜେ ମା'ଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ଆହତ ବୃଦ୍ଧାଙ୍କ ପୁଅ ଓ ବୋହୂ ଉଭୟ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇଛନ୍ତି । ଖବରପାଇ କୋଦଳା ପୁଲିସ ନାଇଁକାଣିପଲ୍ଲି ଗ୍ରାମରେ ପହଞ୍ଚ ଘଟଣାର ତଦନ୍ତ କରିବା ସହ ଶବକୁ ଜବତ କରି ହତ୍ୟାକାରୀ ନାତି ଚିତ୍ରସେନକୁ କୋଦଳା ଥାନାକୁ ନେଇ ଘଟଣା ସମ୍ପର୍କରେ ପଚାରି ବୁଝୁଥିବା ଜଣାପଡ଼ିଛି । ଏବେବି ଘଟଣା ସମ୍ପର୍କରେ କୌଣସି ଠୋସ ତଥ୍ୟ ମିଳିନଥିବା ବେଳେ ଚିତ୍ରସେନ ଗତ କିଛି ଦିନ ହେଲା ମାନସିକ ବିକାରଗ୍ରସ୍ତ ହୋଇ ବୁଧବାର ରାତିରେ ଗ୍ରାମରେ ଥିବା କିଛି ଲୋକଙ୍କ ଗାଡ଼ି ଭାଙ୍ଗିବାରୁ ଲୋକମାନେ ଆତଙ୍କରେ ହୋଇ ପଡ଼ିଥିଲେ । ଜେଜେ ମା' ହତ୍ୟାକାରୀ ଚିତ୍ରସେନର ଦୁଇଟି ସନ୍ତାନ ଥିବା ଜଣାପଡ଼ିଛି ।

## ଧାମନଗରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

### ଗଣମାଧ୍ୟମ ପ୍ରତିନିଧିଙ୍କୁ ନାହିଁ ସୂଚନା



ଧାମନଗର (ପିପିଏସ): ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା କ୍ରୀଡ଼ା ଯୁବ ସେବା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଥମେ ଅବକାରୀ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ ସହ ନିଶା ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ । ଏଥିରେ ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର,ଉପ ଅଧୀକ୍ଷକ ସୁଚରିତା ମିଶ୍ର, ବିଡ଼ିଓ ବନବିହାରୀ ଦାଶ, ଥାନା ଅଧିକାରୀ ଗୋପାଳ କୃଷ୍ଣ ଜେନା,ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅଭିଲାଷ ପାଲ, ବାସୁଦେବପୁର ଅବକାରୀ ଥାନା ଅଧିକାରୀ ମଧୁସୂଦନ ସାହୁ,ଚାନ୍ଦବାଲି ଅବକାରୀ ଥାନା ଅଧିକାରୀ ସୁଶାନ୍ତ କୁମାର ପାଢ଼ୀ, ଭଦ୍ରକ ଅବକାରୀ ଥାନା ଅଧିକାରୀ ଶ୍ରୀକାନ୍ତ ମୁର୍ମୁ ଓ ନଟବର ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ବ୍ଲକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।ପରେ ପଞ୍ଚାୟତ ସମିତ ସଭା ଗୃହରେ ଭଦ୍ରକ ଜିଲ୍ଲା ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକରେ ଯୋଗଦେଇ ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଡ଼ଲ ସଚିପ ସାମଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶର୍ମିଷ୍ଠା ବେହେରା, ଏନଏସି ଅଧ୍ୟକ୍ଷ ନିବେଦିତା ଜେନା, ଏସପିଙ୍କ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ସମୀକ୍ଷାରେ ଅଂଶ ଗ୍ରହଣ କରିଥିଲେ।ଏଥିରେ ବିଶେଷ କରି ଉଦ୍ୟାନ କୃଷି, କୃଷି, ସମାଜ ମଙ୍ଗଳ, ପଶୁ ସମ୍ପଦ ଓ ପଶୁ ପାଳନ, ଜୀବିକା ମିଶନ, ଦକ୍ଷତା ବିକାଶ, ହସ୍ତତନ୍ତ ଓ ବୟନ ଶିଳ୍ପ ଭଳି ୧୬ଟି ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ମୁଖ୍ୟତଃ ଗ୍ରାଉଣ୍ଡ ଜିରୋରେ ଯୋଜନାର କାର୍ଯ୍ୟକାରିତା ଏବଂ ଏହାଦ୍ୱାରା ଲୋକେ ଉପକୃତ ଓ ଆତ୍ମନିର୍ଭର ସମ୍ପର୍କରେ ଗୁରୁତ୍ୱ ଦିଆ ଯାଇଥିଲା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା କେଉଁଭଳି କାର୍ଯ୍ୟକାରୀ ହେଉଛି ତାର ମଧ୍ୟ ସମୀକ୍ଷା କରିଥିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ। ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ଓରମାସ ଏହି ତିନି ବିଭାଗ ମଧ୍ୟରେ ସମନ୍ୱୟ ଅଭାବ କାରଣରୁ ଧାମନଗର ନିର୍ବାଚନ ମଣ୍ଡଳୀରେ ଉନ୍ନତି ସମ୍ଭବ ହୋଇପାରୁନି । ଜୀବିକା ମିଶନ ବିଭାଗର ସୂଚନା ଅନୁସାରେ ଧାମନଗରରେ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ମତ୍ସ୍ୟଚାଷ କରୁଥିବା ବେଳେ ମତ୍ସ୍ୟ ଚାଷ ବିଭାଗ ତଥ୍ୟ ଅନୁସାରେ ମାତ୍ର ୨ ଟି ଏସଏଚଜି ମାଛ ଚାଷ କରୁଛନ୍ତି। ଏଭଳି ତଥ୍ୟକୁ ନେଇ ମନ୍ତ୍ରୀ ଦୁଇ ବିଭାଗକୁ ଭର୍ତ୍ସନା କରିଥିଲେ।ତେବେ ଏହି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଗଣ ମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନଥିଲା।

## ଜିଲ୍ଲା ଆଇନ ସେବା ପ୍ରାଧିକରଣରେ ବିଶ୍ୱ ପରିବେଶ ଦିବସ

ନୟାଗଡ଼ (ପିପିଏସ) : ନୟାଗଡ଼ ଜିଲ୍ଲା ବୈଚାରିକ ତଥା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ସଚିବ ଅଞ୍ଜଳି ମଞ୍ଜଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୟାଗଡ଼ କଳାପରିଷଦ ଏବଂ ପ୍ରାଧିକରଣଙ୍କ ମିଳିତ ସହଯୋଗରେ ପାଣିପୋଇଲାସ୍ଥିତ ନୟାଗଡ଼ କଳାପରିଷଦ ଠାରେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ତଥା ସମ୍ପାଦିକା ପ୍ରଭାସିନୀ ନନ୍ଦଙ୍କ ସଭାପତିତ୍ୱରେ ବିଶ୍ୱ ପରିବେଶ ଦିବସ– ୨୦୨୫ ପାଳିତ ହୋଇଯାଇଛି । ଉକ୍ତ ଶିବିରକୁ ସଚିବ ଶ୍ରୀମତୀ ମଞ୍ଜଶଙ୍କ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଶ୍ୱ ପରିବେଶ ଦିବସ ପାଳନ କରିବାର ତାତ୍ପର୍ଯ୍ୟ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ସମବେତ ଅନ୍ତେବାସୀ ଓ ଜନସାଧାରଣଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ମଣିଷ ସମାଜ ତିଷ୍ଠି ରହିବା ଅସମ୍ଭବ, ସଭିଏଁ ଆସନ୍ତୁ ଗଛ ଲଗାଇବା ଏବଂ ପରିବେଶକୁ ସୁରକ୍ଷିତ ରଖିବା। ପରିବେଶକୁ ସୁରକ୍ଷିତ ରଖିବାକୁ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବରେ ଏଡିଏସ୍ ଦିମାଂଶୁ ଶେଖର ମୁଦୁଲି, ଏସିଏସ୍ ସତ୍ୟଜିତ୍ କର, ଖେଡ଼ପଡ଼ା ବନପାଳ ଜ୍ୟୋତିର୍ମୟୀ ସାମନ୍ତରାୟ, ସ୍ୱେଚ୍ଛାସେବୀ ଅମନ ମିଶ୍ର, ପ୍ରାଧିକରଣ ସଦସ୍ୟା କ୍ଷଣପ୍ରଭା କର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଆଜିର ଏହି ଦିବସରେ ଅନୁଷ୍ଠାନ ତରଫରୁ ଅତିଥିମାନଙ୍କୁ ନେଇ ନୟାଗଡ଼ କଳାପରିଷଦ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧିକାର ମିତ୍ର, ପ୍ରାଧିକରଣ କର୍ମଚାରୀ ଏବଂ କଳାପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ବିଶ୍ୱ ପରିବେଶ ଦିବସ

# ସୁସ୍ଥ ପରିବେଶ ଗଠନ କରିବାକୁ ଆହ୍ୱାନ

ଅସ୍ତରଙ୍ଗ (ପିପିଏସ): ବିଶ୍ୱ ପରିବେଶ ଦିବସ ଅବସରରେ ବିଭିନ୍ନ ସଂଗଠନ, ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜ ଶାଖା' ତରଫରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବ୍ଲକର ଉପଦେଷ୍ଟା ଦିବାକର ଛୋଟରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନେକ ପ୍ରକାର ଔଷଧୀୟ ବୃକ୍ଷ ସମେତ ବିଭିନ୍ନ ପ୍ରକାର ୧୦୦ରୁ ଊର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯିବା ସହ ଗାଁ ଲୋକଙ୍କୁ ବୃକ୍ଷ ରୋପଣ କରିବାକୁ ସଚେତନ କରାଯାଇଥିଲା। ସଭାପତି ରମାକାନ୍ତ ବସ୍ତିଆ କହିଛନ୍ତି ୧୯୯୯ ମହାବାତ୍ୟା ଠାରୁ ଆରମ୍ଭ କରି ଫନି ପର୍ଯ୍ୟନ୍ତ ପରିବେଶକୁ ଅନେକ ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖୀନ ହେବାକୁ ପଡ଼ୁଛି । ଏହାର ପ୍ରଭାବ ରେ ଅନେକ ବୃକ୍ଷ ଲତା ଭାଙ୍ଗି ନଷ୍ଟ ହୋଇଥିବା ନଜିର ରହିଛି। ଏହା ଛଡ଼ା ଗାଡ଼ି ମୋଟର ଧୂଆଁର ପ୍ରଭାବରେ ପରିବେଶ ଅବସ୍ଥା ମଧ୍ୟ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି, ଯାହାକି ଜୀବ ଜଗତ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି । ବର୍ତ୍ତମାନ ସମୟରେ ଅଧିକ ଚାରା ରୋପଣ କରିବା ସହ ଏକ ସୁସ୍ଥ ପରିବେଶ ଗଠନ କରିବା ନିହାତି ଭାବରେ ଆବଶ୍ୟକ ବୋଲି ସବୁଜ ଶାଖା ସଭାପତି ରମାକାନ୍ତ ବସ୍ତିଆ କହିଛନ୍ତି।ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଜାତୀୟ ଜୈବ ବିବିଧତା ସଂରକ୍ଷଣ ପୁରସ୍କାର ପ୍ରାପ୍ତ ଚାରୁଲତା ବିଶ୍ୱାଳ, ରାଜ୍ୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରାପ୍ତ ବିଚିତ୍ରା ନନ୍ଦ ବିଶ୍ୱାଳ, ଯୁବ ପରିବେଶବିତି ସୌମ୍ୟରଞ୍ଜନ ବିଶ୍ୱାଳ, ସମାଜସେବୀ ଯୁଗଳ କିଶୋର ମହାନ୍ତି, ବାବୁରାମ ବେହେରା ଙ୍କ ସମେତ ପରିବେଶ କର୍ମୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ମାନେ ଅଂଶ ଗ୍ରହଣ କରିଥିଲେ। ସବୁଜ ଶାଖା ଉପଦେଷ୍ଟା ତଥା ଜଗତସିଂହପୁର ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛୋଟରାୟ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ପ୍ରେରଣାତ୍ମକ ପଦକ୍ଷେପ 'ମା' ପାଇଁ ଗଛଟିଏ' 'ଭାରତର ନାଗରିକଙ୍କୁ ନିଜ ମା'ଙ୍କ ପାଇଁ ଶ୍ରଦ୍ଧା ସ୍ୱରୂପ ବୃକ୍ଷ ରୋପଣ କରିବାକୁ ଆହ୍ୱାନ କରିଛି।ଯେପରି ଜଣେ ନିଜ ମାତାକୁ ସମ୍ମାନ କରେ ଠିକ ସେହିପରି ପ୍ରକୃତି ମା'ର ସମ୍ମାନ ସ୍ୱରୂପ ବୃକ୍ଷ ରୋପଣ କରିବା ପାଇଁ ଦିବାକର ଛୋଟରାୟ ଆହ୍ୱାନ ଦେଇଛନ୍ତି। ଏହି ସମାରୋହ ତାଙ୍କର ବଳିଷ୍ଠ ନେତୃତ୍ୱ ତଥା ଏକ ସୁସ୍ଥ ପରିବେଶ ଗଠନରେ ତାଙ୍କର ଦୃଢ଼ ପ୍ରତିବଦ୍ଧତାକୁ ସୂଚାଇଥାଏ।ଅନ୍ୟ ପଟେ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ବ୍ରହ୍ମପୁରରେ ତନିଷ୍କର ନୂତନ ଷ୍ଟୋର ଖୋଲିଲା



ବ୍ରହ୍ମପୁର(ପିପିଏସ୍): ଟାଟା ଗ୍ରୁପ୍ ଅଫ୍ କମ୍ପାନୀ ଭାରତର ସର୍ବବୃହତ ଅଳଙ୍କାର ଖୁଚୁରା ବ୍ରାଣ୍ଡ୍ ତନିଷ୍କ ଓଡ଼ିଶାର ବ୍ରହ୍ମପୁରରେ ଏହାର ଦ୍ୱିତୀୟ ଅତ୍ୟାଧୁନିକ ଷ୍ଟୋର୍ ଜୟପ୍ରକାଶ ନଗର ଛକ ନିକଟରେ ଆରମ୍ଭ କରିଛି। ଟାଇଟାନ୍ କମ୍ପାନୀ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସି.କେ ଭେଙ୍କଟରମଣ ଏବଂ ପୂର୍ବାଞ୍ଚଳ ବ୍ୟବସାୟ ମୁଖ୍ୟ ଆଲୋକ ରଞ୍ଜନ ଏହି ନୂତନ ଷ୍ଟୋରକୁ ଉଦ୍‌ଘାଟନ କରିଛନ୍ତି। ଗ୍ରାହକମାନଙ୍କ ପ୍ରତ୍ୟେକ କ୍ରୟ ଉପରେ ଏକ ମାଗଣା ଗୋଲ୍ଡ କଏନ ପାଇପାରିବେ। ଏହି ଅଫର ଜୁନ୍ ୬ରୁ ୮ତାରିଖ ପର୍ଯ୍ୟନ୍ତ ରହିଛି। ଏହି ଷ୍ଟୋରଟି ତନିଷ୍କ ବ୍ରହ୍ମପୁର-୨ ଇଞ୍ଜିନିୟରିଂ ସ୍କୁଲ୍ ରୋଡ୍, ପୁରୁଣା ଡି.ପଲ୍ ସ୍କୁଲ୍ ସାମ୍ନାରେ ରହିଛି। ଏଠାରେ ତନିଷ୍କ ଦ୍ୱାରା ପ୍ରସ୍ତୁତ ଆକର୍ଷଣୀୟ ସୁନା, ହୀରା, କୁନ୍ଦନ ଏବଂ ପୋଲକି ଅଳଙ୍କାର ଅତ୍ୟାଧୁନିକ ଓ ନୂତନ ଡିଜାଇନର ପାଇ ପାରିବେ। ଏଠାରେ ମହିଳାଙ୍କ ପାଇଁ ନିତ୍ୟ ବ୍ୟବହାର୍ଯ୍ୟ ସୁନା ଅଳଙ୍କାର ସଂଗ୍ରହ ଏବଂ ଆଧୁନିକ ଓ ହାଲୁକା ଅଳଙ୍କାର କଲେକ୍ସନ ମଧ୍ୟ ରହିଛି। ଏହା ସହିତ ଷ୍ଟୋରରେ ସ୍ୱତନ୍ତ୍ର କାରିଗରୀର ପ୍ରସ୍ତୁତ ଚୁଡ଼ି ଏବଂ ହିନ୍ଦୁ ବିବାହର ପବିତ୍ର ପ୍ରତୀକ ମଙ୍ଗଳସୂତ୍ରର ସ୍ୱତନ୍ତ୍ର କଲେକ୍ସନ ରହିଛି। ଏହା ସହିତ ପୁରୁଷମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଳଙ୍କାର କଲେକ୍ସନ ଭେରାଇଟିରେ ସୁନା ଅଳଙ୍କାର ପାଇପାରିବେ। ଏହା ବ୍ୟତୀତ ସୌନ୍ଦର୍ଯ୍ୟରେ ନୂତନ ଦିଗଦର୍ଶନ ସାଜିଥିବା ଅତି ମନଲୋଭନୀୟ କଲେକ୍ସନର ବହୁ ଭେରାଇଟି ଗହଣା ପାଇବେ। ଟାଟା ଗ୍ରୁପର ଭାରତର ସବୁଠାରୁ ପ୍ରିୟ ଅଳଙ୍କାର ବ୍ରାଣ୍ଡ ହେଉଛି ତନିଷ୍କ। ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଉତ୍କୃଷ୍ଟ କାରିଗରୀ, ସ୍ୱତନ୍ତ୍ର ଡିଜାଇନ୍ ଏବଂ ଗ୍ୟାରେଣ୍ଟି ଯୁକ୍ତ ଉତ୍ପାଦ ଗୁଣବତ୍ତାର ସମାନତା ଦେଇଆସିଛି। ଏହା ଦେଶର ଅଗ୍ରଣୀ ଅଳଙ୍କାର ବ୍ରାଣ୍ଡ ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଯାହା ଭାରତୀୟ ମହିଳାଙ୍କ ମନକୁ ଛୁଇଁଲା ଭଳି କଲେକ୍ସନ ଓ ଚିହ୍ନାତି ଅଫରରେ ଅଳଙ୍କାର ପ୍ରଦାନ କରେ। ଉତ୍ତମ ଗୁଣ ସମ୍ପର୍ନ୍ନ ବିଶିଷ୍ଟ ଅଳଙ୍କାର ପ୍ରଦାନ କରିବା ପ୍ରତି ତନିସ୍କର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରୁଛି। ସମସ୍ତ ଷ୍ଟୋରରେ ସୁନା ଓ ହୀରା ଅଳଙ୍କାରର ଶୁଦ୍ଧତା ଯାଞ୍ଚ କରିବାକୁ ପ୍ରାଥମିକତା ଦେଇଥାଏ। ବର୍ତ୍ତମାନ ତନିଷ୍କ ଦେଶର ୩୦୦ରୁ ଅଧିକ ସହରରେ ୫୦୦ରୁ ଅଧିକ ଷ୍ଟୋର ଖୋଲି ସାରିଛି।

## ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ତରଫରୁ ବିଶ୍ୱ ପରିବେଶ ଦିବସ

ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁର ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ତରଫରୁ ବିଶ୍ୱ ପରିବେଶ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି ଅବସରରେ ଫାଉଣ୍ଡେସନ ପରିସରରେ ମଞ୍ଜି ଗୁଳା ତିଆରିର ଶୁଭାରମ୍ଭ କରାଯିବା ପରେ ଏ ବର୍ଷର ସବୁଜ ରଥ ଶଙ୍ଖ ଘଣ୍ଟ ଧ୍ୱନୀ ମଧ୍ୟରେ ଶୁଭାରମ୍ଭ କରାଯାଇଛି। ବିଭିନ୍ନ ସ୍କୁଲ ଓ କଲେଜର ଶତାଧିକ ଛାତ୍ରଛାତ୍ରୀ ବିଶ୍ୱ ପରିବେଶ ଦିବସର ସ୍ଲୋଗାନ୍ ଦେଇ ରଥ ସହ ପରିକ୍ରମା କରିଥିଲେ। ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍ ୨୦୦୭ ଠାରୁ ନିରବିଚ୍ଛିନ୍ନ ଭାବେ ଜନସାଧାରଣଙ୍କୁ ପ୍ଲାଷ୍ଟିକ ଅପକାରିତା ବିଷୟରେ ସଚେତନ କରି ଆସୁଅଛି । ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଏକକ ବ୍ୟବହାର ପ୍ଲାଷ୍ଟିକ୍‌ର ଉତ୍ପାଦନ ଓ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ଅନୁରୋଧ କରିଆସୁଛି କାରଣ ପ୍ଲାଷ୍ଟିକ୍‌ର ବହୁଳତା ଅଗାମୀ ପୀଢ଼ିର କଣ୍ଠରୋଧ କରିଦେବ। ଯୋଜନା ଅନୁସାରେ ଏହି ବର୍ଷ ୨ଲକ୍ଷ ମଞ୍ଜି ଗୁଳା କରି ପାହାଡ଼ରେ ବୁଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏତଦ୍ ବ୍ୟତୀତ ୬ଲକ୍ଷ ମଞ୍ଜି ଖୋସିକି ପୋତିବା ପାଇଁ ଯୋଜନା କରାଯାଇଛି। ଗଲା ବର୍ଷ ଯାଏଁ ଗଞ୍ଜାମ ଜିଲ୍ଲା ଓ ନିକଟବର୍ତ୍ତୀ ଆନ୍ଧ୍ର ପ୍ରଦେଶର ୨୦ଟି ଟାଙ୍ଗରା ପାହାଡ଼ରେ ଆର୍ଯ୍ୟଭଟ୍ଟ ଦ୍ୱାରା ବୀଜବପନ, ମଞ୍ଜିଗୁଳା ପ୍ରକ୍ଷେପଣ ଓ ଚାରା ରୋପଣ ଦ୍ୱାରା ବନୀକରଣ କରାଯାଇଥିଲା। ଏହିବର୍ଷ ଯେଉଁ ୨୦ଟି ପାହାଡ଼ରେ ଆଗରୁ ବନୀକରଣ କରାଯାଇଥିଲା ସେଥିରେ ପୁନଃ ବନୀକରଣ କରାଯିବା ସହ ଆଉ ଦୁଇଟି ନୂଆ ପାହାଡ଼ରେ ବନୀକରଣ କରାଯିବା ପାଇଁ ସ୍ଥିର କରାଯାଇଛି। ଏହାଛଡ଼ା ବିଭିନ୍ନ କିସମର ଅନ୍ତତଃ ୧୦୦୦ ଚାରା ସମତଳ ଅଞ୍ଚଳରେ ରୋପଣ କରାଯିବ ଓ ଋଷିକୁଲ୍ୟା କୂଳରେ ୨୦୦୦ ତାଳ ଗଛ ଚାରା ରୋପଣ କରାଯିବ। ଫାଉଣ୍ଡେସନ୍ ଅଧ୍ୟକ୍ଷ ସୁଧୀର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ବରିଷ୍ଠ ସାମ୍ବାଦିକ ହୃଷିକେଶ ମହାନ୍ତି, ସୁରେଶ ତ୍ରିପାଠୀ, ଫାଉଣ୍ଡେସନର ବରିଷ୍ଠ ସଭ୍ୟ ଶ୍ୟାମସୁନ୍ଦର ଖାଡଙ୍ଗା, କେ.ଘନଶ୍ୟାମ, ମାଧବ ନାୟକ, ଶୁଭେନ୍ଦୁ ପାତ୍ର, ପିୟୂସ ତିୱାରୀ, ପ୍ରମୋଦ ମହାରଣା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ।

## ଜମିଜମା ପାଇଁ ଶାଳୀକୁ ହତ୍ୟାକଲା ଭିଣୋଇ



ବ୍ରହ୍ମପୁର(ପିପିଏସ୍): ଆଶାକର୍ମୀଙ୍କୁ ଗାଁ ଦାଣ୍ଡରେ ହାଣି ବିଭତ୍ସ ହତ୍ୟା। ଘରୋଇ ଜମିଜମା ବିବାଦକୁ କେନ୍ଦ୍ରକରି ଶାଳୀକୁ ଭିଣୋଇ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଚଢିଆପଲ୍ଲୀ ଗାଁରେ ଘଟିଛି ଏଭଳି ହତ୍ୟାକାଣ୍ଡ। ମୃତକ ସେହି ଗାଁର ବିଜୟଲକ୍ଷ୍ମୀ ତ୍ରିପାଠୀ । ସେ ଆଶାକର୍ମୀ ଭାବେ କାର୍ଯ୍ୟ କରୁଥିବା ବେଳେ ଚଢିଆପଲ୍ଲୀ ସ୍ଥିତ ଭିଣୋଇ ରାମଚନ୍ଦ୍ର ତ୍ରିପାଠୀଙ୍କ ଘରେ ରହି ଆସୁଥିଲେ। ପୂର୍ବରୁ ମଧ୍ୟ ଏହି ଜମିଜମା ବିବାଦକୁ କେନ୍ଦ୍ରକରି ଉଭୟ ଶାଳୀ ଓ ଭିଣୋଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ବିଜୟଲକ୍ଷ୍ମୀ ଆହତ ହୋଇଥିଲେ । ସମ୍ପୃକ୍ତ ଭିଣୋଇ ଜେଲ୍ ଯାଇଥିଲେ। ଏବେ ସେହି ବିବାଦ ପୁଣି ଥରେ ଉଗ୍ର ରୂପ ନେଇଥିଲା। ବିଜୟଲକ୍ଷ୍ମୀ ନିଜ ଗାଁରେ ଥିବା ଖଳାକୁ ଯାଇଥିବା ବେଳେ ଭିଣୋଇ ଏକ ଧାରୁଆ ଅସ୍ତ୍ରରେ ବିଜୟଲକ୍ଷ୍ମୀଙ୍କୁ ଗାଁ ଦାଣ୍ଡରେ ଅତି ବିଭତ୍ସ ଭାବେ ହାଣି ହତ୍ୟା କରିଥିଲେ। ଖବରପାଇ ଘଟଣାସ୍ଥଳରେ ଜଗନ୍ନାଥପ୍ରସାଦ ଥାନା ପୁଲିସ ପହଞ୍ଚି ମୃତ ଦେହକୁ ଜବତ କରି ଭଞ୍ଜନଗର ମେଡିକାଲରେ ବ୍ୟବଚ୍ଛେଦ କରିଛି। ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଭିଣୋଇକୁ ଥାନାରେ ଅଟକ ରଖି ଅଧିକ ପଚରା ଉଚୁରା କରୁଛି ପୁଲିସ।

## ବିଶ୍ୱ ପରିବେଶ ଦିବସ ପାଳିତ

ବ୍ରହ୍ମପୁର(ପିପିଏସ୍): ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ବିଜୁ ଜନତା ଦଳ ତରଫରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବ୍ରହ୍ମପୁର ଏମ୍‌କେସିଜି ଖେଳ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସୁନାରି ଗଛ ୧୦୦ଟି ବିଭିନ୍ନ ଜାଗାମାନଙ୍କରେ ଲଗାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁରର ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମେୟର ସଂଘମିତ୍ରା ଦଳାଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଭୀମସେନ ଦଳେଇ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ଶାନ୍ତି ଦାସ, ଲକ୍ଷ୍ମଣ ଚୌଧୁରୀ, କର୍ପୋରେଟର ଟି. ତ୍ରିପତି ପାତ୍ର, ଦୁର୍ଗା ଲାୟକ, ମଳୟ ବିଷୋୟୀ, ଜେ.ଶ୍ରୀନିବାସ, ସୁନିତା ପଟ୍ଟନାୟକ, ପାର୍ବତୀ ପ୍ରଧାନ, ସୁରେନ୍ଦ୍ର ମହାରଣା, ସୋନାଲି ଗନ୍ତାୟତ ସହ ସମସ୍ତ ବିଜୁ ଜନତା ଦଳ କର୍ମୀ, ମହିଳା, ଯୁବ ଛାତ୍ର ଜନତା ଦଳର ସଦସ୍ୟ, କର୍ପୋରେଟର ଓ ବରିଷ୍ଠ ନେତୃବୃନ୍ଦ ଆଦି ଉପସ୍ଥିତ ଥିଲେ ।

## ପୂର୍ତ୍ତବିଭାଗ ଅଧୀକ୍ଷକ ମହମ୍ମଦ ସାହାବାଜ୍ ସମ୍ବର୍ଦ୍ଧିତ



କଟକ: କଟକ ପୂର୍ତ୍ତବିଭାଗ ଠିକାଦାର ସଂଘ ତରଫରୁ ଆରଏଣ୍ଡବି ଡିଭିଜନ୍-୧ ଅଧୀକ୍ଷକ ଯନ୍ତ୍ରୀ ମହମ୍ମଦ ସାହାବାଜ୍‌ଙ୍କୁ ପୂର୍ତ୍ତବିଭାଗ ଠିକାଦାର ସଂଘର ସହ ସମ୍ପାଦକ ମିର୍ଜା ସହାନୱାଜ ବେଗ୍ (ପୁନମ୍)ଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଜୟ କାହାଳି, ରମାକାନ୍ତ ବେଉରା, ସିପେନ୍ଦୁ ଶତପଥୀ, କାଳୁ ନନା, ପ୍ରଦୀପ ମହାରଣା, ମୌମ୍ୟଦୀପ୍ ଘୋଷ, ସଞ୍ଜୟ ବିଶ୍ୱାଳ, ଚୌଧୂରିକାନ୍ତ ସାହୁ, ଗୁଲ୍‌ଜାର ଅହମ୍ମଦ, ସୟଦ୍ ଅବ୍‌ଦୁଲ୍ ହାଫିଜ୍, ମନୋଜ କୁମାର ସିଂ, ଭାନୁମତି ନାହାକ ପ୍ରମୁଖ ଉପସ୍ଥିତ ଥିଲେ।

## କୋରେଇରେ ବ୍ୟାପକ ବୃକ୍ଷରୋପଣ ସଂପର୍କିତ ସମୀକ୍ଷା

ଯାଜପୁର /ବ୍ୟାସନଗର (ପିପିଏସ): ଗୁରୁବାର ସକାଳ ୧୨ ଘଟିକା ସମୟରେ କୋରେଇର ମାନ୍ୟବର ବିଧାୟକ ଆକାଶ ଦାସନାୟକଙ୍କ ବ୍ୟାସନଗର ସ୍ଥିତ କାର୍ଯ୍ୟାଳୟରେ ଯାଜପୁର ରୋଡ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କ ସହିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବନବିଭାଗ ଦ୍ୱାରା ବର୍ତ୍ତମାନ କାର୍ଯ୍ୟକ୍ଷମ ହେଉଥିବା ସମସ୍ତ ପ୍ରକଳ୍ପ, ଚଳିତ ବର୍ଷା ଋତୁରେ କୋରେଇ ନିର୍ବାଚନ ମଣ୍ଡଳୀରେ ବ୍ୟାପକ ବୃକ୍ଷରୋପଣ କରାଯିବାକୁ ସ୍ଥିର ହୋଇଥିବା ପ୍ରକଳ୍ପ ଗୁଡିକର ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶ୍ୱ ପରିବେଶ ଦିବସରେ ପରିବେଶ ତଥା ପୃଥିବୀର ସୁରକ୍ଷା ପାଇଁ ଏଭଳି ଏକ ସକରାତ୍ମକ ଆଲୋଚନା କରାଯାଇଥିଲା। ଚଳିତ ବର୍ଷା ଋତୁରେ ବ୍ୟାପକରୁ ବ୍ୟାପକ ବୃକ୍ଷରୋପଣ କରାଯିବ। ଘରେ ଘରେ ଫଳଗଛ ବଂଟନ କରାଯିବ। "ମା' ପାଇଁ ଗଛଟିଏ" ଏବଂ "ମିଶନ୍ ସବୁଜ କୋରେଇ" କାର୍ଯ୍ୟକ୍ରମ ମାଧ୍ୟମରେ କୋରେଇ ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ବୃକ୍ଷରୋପଣ ଓ ବଂଟନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଯାଜପୁର ରୋଡ ବନବିଭାଗର ବନାଂଚଳ ଅଧିକାରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, ବନବିଭାଗର ବନପାଳ, ନୀଳିମା ପ୍ରିୟଦର୍ଶିନୀ ନାୟକ, ପଚ୍ଛିକୋଟ ରାଜସ୍ୱ ନିରୀକ୍ଷକ ଶ୍ରୀ ସୁଧୀର ରଞ୍ଜନ ମଲ୍ଲିକ, ବରିଷ୍ଠ ବିଜେପି ନେତା ପ୍ରକାଶ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଦୁଶା ବ୍ରତରେ ବିଭିନ୍ନ ମନ୍ଦିରରେ ଭକ୍ତିମୟ ପରିବେଶ



ଅସ୍ତରଙ୍ଗ (ପିପିଏସ୍): ଦେବୀ ଲକ୍ଷ୍ମୀଙ୍କର ପୂଜା ଦୃଷ୍ଟିରୁ 'ସୁଦଶା ବ୍ରତ' କେତେ ମହତ୍ତ୍ୱପୂର୍ଣ୍ଣ, ତାହାର ପ୍ରମାଣ ଏହି ବ୍ରତର ବିଧିରୁ ମିଳେ। ଏହା ମହିଳାମାନଙ୍କର ବ୍ରତ। 'ପଦ୍ମପୁରାଣ' ଅନୁସାରେ, ଏହା ଏକ ଯୋଗଜ ବ୍ରତ। କାରଣ, ଶୁକ୍ଳ ଦଶମୀ ଗୁରୁବାରରେ ପଡ଼ିଲେ ଏହି ବ୍ରତ ହୁଏ। ଏଥିରେ ଦେବୀ ଲକ୍ଷ୍ମୀଙ୍କୁ ପୂଜା କରି ମହିଳାମାନେ ତାଙ୍କ ନାମରେ ନିଜର ଡାହାଣ ବାହୁରେ ଗୋଟିଏ ବ୍ରତ ବା ଡୋରକ ପିନ୍ଧି ଥାଆନ୍ତି। ଏହି ବ୍ରତରେ ଦଶଟି ଗଣ୍ଠି ପଡ଼ିଥାଏ। ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଅନୁସାରେ, ଏହା ଦେବୀ ଲକ୍ଷ୍ମୀଙ୍କର ପ୍ରିୟ ବ୍ରତ।

ବ୍ରତର ବିଧି ଅନୁସାରେ, ଦଶଖିଅ ଧଳାସୂତାରେ ବ୍ରତସୂତ୍ର ପ୍ରସ୍ତୁତ ହୁଏ। ଦଶହାତ ମାପର ସୂତାକୁ ତ୍ରିଗୁଣ ବା ତିନିଖିଅ କରି ବଳି, ଏହି ବ୍ରତ ପ୍ରସ୍ତୁତ କରାଯାଏ। ଛେନାପୁର ବା ଶୁକ୍ଳ ମୁଗ ଓ ନଡ଼ିଆପୁର ଦେଇ ଦଶଟି ଶୁକ୍ଳମଣ୍ଡା ବା ସିଝାମଣ୍ଡା ପ୍ରସ୍ତୁତ କରି ଦେବୀ ଲକ୍ଷ୍ମୀଙ୍କୁ ଭୋଗ ଦିଆଯାଏ। ଏହି ବ୍ରତର ଏକ ଗୁରୁତ୍ୱପୂର୍ଣ୍ଣ ବିଧାନ ହେଉଛି- ଦେବୀ ଲକ୍ଷ୍ମୀଙ୍କ ନାମରେ ବ୍ରତସୂତ୍ରରେ ପକାଯାଉଥିବା ଗଣ୍ଠି। ଏଥିରେ ଲକ୍ଷ୍ମୀଙ୍କର ଦଶଟି ନାମରେ ଦଶଗଣ୍ଠି ପକାଯାଏ। ଏହି ସୁଦଶା ବ୍ରତ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ର ନଗର ଲକ୍ଷ୍ମୀ ନାରାୟଣ ମନ୍ଦିର, ଆଳସାହି ସ୍ଥିତ ଐଶାନେଶ୍ୱର ମନ୍ଦିର, ମୁଦୁଗଲ ସ୍ଥିତ ସିଧେଶ୍ୱର ପୀଠ, ସମେତ ବିଭିନ୍ନ ଦେବାଳୟରେ ମହିଳା ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ଚୌଦ୍ୱାର ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ



ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ମହାବିଦ୍ୟାଳୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । କଟକ ଗ୍ରୁପ୍ ହେଡକ୍ୱାଟର ଅନ୍ତର୍ଗତ ଫାଷ୍ଟ ଓଡିଶା ଅର୍ଟି ବ୍ୟାଟେରୀ ଏନ.ସି.ସି କଟକ ଆନୁକୁଲ୍ୟରେ ଗତ ୩ତାରିଖରୁ ଆରମ୍ଭ ହୋଇ ୧୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବାର୍ଷୀକ ପ୍ରଶିକ୍ଷଣ ଶିବିର ତରଫରୁ ଅଫିସର କାମଣ୍ଡିଂ କର୍ଣ୍ଣେଲ ଡି.ମୈତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଉପଲକ୍ଷେ କ୍ୟାଡେଟ୍‌ମାନଙ୍କ ଦ୍ୱାରା ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା । ଶିବିରାର୍ଥି ମାନେ ହାତରେ ସଚେତନତା ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଏଥି ସହିତ ଚୌଦ୍ୱାର କଲେଜ ପରିସରରେ ବିଭିନ୍ନ ଔଷଧୀୟ ବୃକ୍ଷ ଓ ଫଳ ଗଛ ଚାରା ରୋପଣ କରିଥିଲେ । କଲେଜ ଅଧ୍ୟକ୍ଷା ରଶ୍ମୀ ରାଉତରାୟ,କ୍ୟାପଟେନ ଅକ୍ଷୟ କୁମାର ଦାଶ, ଲେପଟନା ସୁଶାନ୍ତ କୁମାର ସାହୁ, ରତିକାନ୍ତ ସ୍ୱାଇଁ, ଫାଷ୍ଟ ଅଫିସର ମହେନ୍ଦ୍ର କୁମାର ଘଡାଇ, ଜିତେନ ରାଉତ, ସେକେଣ୍ଡ ଅଫିସର ହରିଶ୍ ନାୟକ, ଥାର୍ଡ ଅଫିସର ସୁର୍ଯ୍ୟନାରାୟଣ ସାହୁ, ସୁବେଦାର ଅନନ୍ତ କୁମାର ଶୁକ୍ଳା,ନାଏବ ସୁବେଦାର ସନ୍ଦୀପ୍ ପାଟିଲ, ଜି.ସି.ଆଇ ପ୍ରସଂଶା ତ୍ରିପାଠି,ଏଚ୍ ଏସ୍ ରାଓ, ସୁଶାନ୍ତ ବିଷୋଇ, ସେନ୍ତୀଲ କୁମାର, କମଲା ବଚନ, ପ୍ରଭାକରନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରସନ୍ନଜୀତ୍ ଶୁକ୍ଳା, ଅନାଦି ଚରଣ ବେହେରା, ଜୟଦେବ ପାଢୀ ପ୍ରମୁଖ ସହଯୋଗ କରିଥିଲେ ।

# ବାର୍ଷିକ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କଲା ଜିନ୍ଦଲ ଷ୍ଟେନ୍‌ଲେସ

### ◆ ଅଭିଯାନରେ ସାମିଲ ହେଲେ ସ୍ଥାନୀୟ ସମ୍ପ୍ରଦାୟ ◆ ମୋଟ ୧୧.୫ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସଂଗୃହୀତ



କଳିଙ୍ଗନଗର, (ପିପିଏସ) ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ଆଜି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଏହାର କର୍ମଚାରୀମାନଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବା ପାଇଁ 'ସ୍ୱିଚ ଟୁ ଷ୍ଟେନଲେସ୍' ଅଭିଯାନ ଆରମ୍ଭ କରିଛି। କମ୍ପାନୀ ଏହାର ବାର୍ଷିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନର ଚତୁର୍ଥ ସଂସ୍କରଣ ଓଡ଼ିଶାର ଯାଜପୁର ଏବଂ ହରିୟାଣାର ହିସାରରେ ଥିବା ଏହାର କର୍ପୋରେଟ କାର୍ଯ୍ୟାଳୟ, ଉତ୍ପାଦନ କାରଖାନା ଏବଂ ଦିଲ୍ଲୀ-ଏନସିଆରର କର୍ପୋରେଟ କାର୍ଯ୍ୟାଳୟରେ ଆରମ୍ଭ କରିଛି। ଚଳିତ ବର୍ଷ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଏହି ଅଭିଯାନ କମ୍ପାନୀ ପରିସର ବାହାରେ ମଧ୍ୟ ଆରମ୍ଭ ହୋଇଥିଲା। ହିସାରର ପଟେଲ ନଗର ଏବଂ ଯାଜପୁରର ସୋଲେଇ ଏବଂ ସିଙ୍ଗାଗଡିଆଠାରେ ଉତ୍ସର୍ଗୀକୃତ ସଂଗ୍ରହ ପଏଣ୍ଟ ସ୍ଥାପନ କରାଯାଇଥିଲା । ଏହି ଅଭିଯାନରେ ଘର ଘର ବୁଲି ସଚେତନତା ସୃଷ୍ଟି କରାଯାଇଥିଲା। ଗ୍ରୀନ୍ ଡ୍ରିମ୍ ଫାଉଣ୍ଡେସନ୍ ସହ ଭାଗିଦାରୀରେ ଆୟୋଜିତ ଏହି ଅଭିଯାନରେ କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ଏହା ସ୍ଥାୟୀତା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, 'ଆମର ବାର୍ଷିକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ ସବୁଜ ଭବିଷ୍ୟତ ଦିଗରେ ଏକ କ୍ଷୁଦ୍ର କିନ୍ତୁ ଅର୍ଥପୂର୍ଣ୍ଣ ପଦକ୍ଷେପ। ଜାତୀୟ ପ୍ରୟାସ ପରିପ୍ରେକ୍ଷୀରେ ସାମାନ୍ୟ ହୋଇଥିଲେ ମଧ୍ୟ ଆମର ଅବଦାନ ବର୍ଷ ପରେ ବର୍ଷ କ୍ରମାଗତ ଭାବେ ବୃଦ୍ଧି ପାଉଛି। ୨୦୨୩ରେ ୩.୨ ଟନରୁ ଚଳିତ ବର୍ଷ ୧୧.୫ ଟନକୁ ବୃଦ୍ଧି ପାଇଛି। ଏହା ପରିବେଶ ସୁରକ୍ଷା ପ୍ରତି ଆମର ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି । ନିରନ୍ତରତା ଆମ ମୂଲ୍ୟବୋଧ ସହ ଗଭୀର ଭାବରେ ଜଡ଼ିତ, ଏବଂ ଆମେ ଉପଯୁକ୍ତ ପଦକ୍ଷେପ ମାଧ୍ୟମରେ ଆମର ପରିବେଶ ଅଭିଯାନକୁ ବ୍ୟାପକ କରିବା ଉପରେ ଧ୍ୟାନ ଦେଉଛୁ। ଏହି ବର୍ଷ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ଆମେ ସ୍ଥାନୀୟ ଲୋକମାନଙ୍କ ସହିତ ଜଡିତ ହେବା ପାଇଁ ଆମ କାରଖାନା ଏବଂ କାର୍ଯ୍ୟାଳୟ ବାହାରେ ପଦକ୍ଷେପ ନେଇଥିଲୁ । କାରଣ ପ୍ରକୃତ ପରିବର୍ତ୍ତନ ସେତେବେଳେ ଆରମ୍ଭ ହୁଏ ଯେତେବେଳେ ସମସ୍ତେ ଏଥିରେ ସାମିଲ ହୁଅନ୍ତି। ଚଳିତ ବର୍ଷ ହିସାରରୁ ପ୍ରାୟ ୩ ଟନ, ଯାଜପୁରରୁ ୭ ଟନ ଏବଂ ଦିଲ୍ଲୀ-ଏନସିଆର କାର୍ଯ୍ୟାଳୟରୁ ୧.୨ ଟନ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ କରାଯାଇଛି । ସଂଗୃହୀତ ବର୍ଜ୍ୟବସ୍ତୁକୁ ବେଞ୍ଚ, ଚେୟାର ଓ ଡଷ୍ଟବିନ୍ ଭଳି ସାମଗ୍ରୀ ତିଆରିରେ ପୁନଃ ବ୍ୟବହାର କରାଯିବ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି କମ୍ପାନି ପରିସର ଏବଂ ସର୍ବସାଧାରଣ ସ୍ଥାନରେ ଏହାକୁ ସ୍ଥାପନ କରାଯିବ।

ଏହି ପଦକ୍ଷେପର ଏକ ଅଂଶ ଭାବରେ କମ୍ପାନୀ କର୍ମଚାରୀମାନଙ୍କୁ ଆଭ୍ୟନ୍ତରୀଣ ଯୋଗାଯୋଗ ପ୍ଲାଟଫର୍ମ ମାଧ୍ୟମରେ କାର୍ଯ୍ୟକ୍ଷେତ୍ରରେ ଏବଂ ଘରେ ସେମାନେ କରୁଥିବା ବ୍ୟକ୍ତିଗତ ସ୍ଥାୟୀତା ପ୍ରୟାସଗୁଡ଼ିକୁ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଛି, ଯାହା ଦାୟିତ୍ୱବୋଧର ସଂସ୍କୃତିକୁ ପ୍ରୋତ୍ସାହିତ କରିଥାଏ । ଦୀର୍ଘମିଆଦୀ ପରିବେଶ, ସାମାଜିକ ଓ ପ୍ରଶାସନ (ଇଏସଜି) ଲକ୍ଷ୍ୟର ଏକ ଅଂଶ ଭାବରେ ଜିନ୍ଦଲ ଷ୍ଟେନଲେସ୍ ୨୦୫୦ ସୁଦ୍ଧା ମୋଟ ଶୂନ୍ୟ ନିର୍ଗମନ ହାସଲ ଦିଗରେ କାର୍ଯ୍ୟ କରୁଛି। କଂପାନିର କର୍ପୋରେଟ୍ କାର୍ବନ ଫୁଟପ୍ରିଣ୍ଟକୁ ଚଳିତ ଆର୍ଥିକ ବର୍ଷ ୨୫ରେ ୧୫% ହ୍ରାସ କରାଯାଇଛି। ନିକଟରେ କଂପାନି ଏହାର ସହାୟକ ସଂସ୍ଥା ଜେଏସଏଲ୍ ସୁପର ଷ୍ଟିଲ୍ ଜରିଆରେ ଅଗ୍ରଣୀ ସ୍ୱାଧୀନ ଶକ୍ତି ଉତ୍ପାଦନକାରୀ ସଂସ୍ଥା 'ସନସ୍ୟୁର ଏନର୍ଜି' ସହ ଏକ ଉଲ୍ଲେଖନୀୟ ପାୱାର କ୍ରୟ ଚୁକ୍ତି (ପିପିଏ) ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅନୁଯାୟୀ, ଜେଏସଏଲ୍ ସୁପର ଷ୍ଟିଲ୍ ଉତ୍ତରପ୍ରଦେଶର ଅଗାସିଠାରେ ଥିବା ୪୯ ମେଗାୱାଟ୍ ସୌର ପ୍ରକଳ୍ପରୁ ୧୧ ମେଗାୱାଟ୍ ସୌର ଶକ୍ତି ଗ୍ରହଣ କରିବ ଏବଂ ଏହାର ପାରମ୍ପରିକ ଶକ୍ତି ବଦଳରେ ପ୍ରାୟ ୪୦% ସ୍ୱଚ୍ଛ ଶକ୍ତି ଉପଯୋଗ କରିବ- ଯାହା କମ୍ପାନୀର ସ୍ୱଚ୍ଛ ଶକ୍ତି ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କମ୍ପାନୀ ଏବି ଏନର୍ଜିଆ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ଓଡ଼ିଶାର ଗୋଟିଏ ଶିଳ୍ପ ପରିସରରେ ସର୍ବବୃହତ୍ କ୍ୟାପ୍ଟିଭ୍ ସୌର ଶକ୍ତି ପ୍ଲାଣ୍ଟକୁ ସଫଳତାର ସହ ସ୍ଥାପନ କରି କାର୍ଯ୍ୟକ୍ଷମ କରିଛି। ଯାଜପୁର ୟୁନିଟରେ ଏହି କାରଖାନା ସ୍ଥାପନ କରାଯାଇଛି, ଯାହାର ସମୁଦାୟ କ୍ଷମତା ୩୦ ମେଗାୱାଟରୁ ଅଧିକ। ଏହାବ୍ୟତୀତ ଜିନ୍ଦଲ ଷ୍ଟେନଲେସ୍ ଅଏଷ୍ଟର ଅକ୍ଷୟ ଶକ୍ତି ପ୍ରାଇଭେଟ ଲିମିଟେଡ ସହଯୋଗରେ ଗଠିତ ଏକ ସ୍ପେଶାଲ ପର୍ପଜ ଭେଇକଲ (ଏସପିଭି) ଅଏଷ୍ଟର ଗ୍ରୀନରେ ଏକ ଇକ୍ୱିଟି ଅଂଶଧନ ଅଧିଗ୍ରହଣ କରିଛି । କଂପାନିର ଉତ୍ପାଦନ ୟୁନିଟଗୁଡ଼ିକର ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବା ପାଇଁ ୨୮୨ ମେଗାୱାଟର ଆନ୍ତଃରାଜ୍ୟ ପବନ-ସୌର ହାଇବ୍ରିଡ୍ କ୍ୟାପ୍ଟିଭ୍ ଅକ୍ଷୟ ଶକ୍ତି ପ୍ରକଳ୍ପର ବିକାଶ କରିବା ହେଉଛି ଏହି ଅଧିଗ୍ରହଣର ଲକ୍ଷ୍ୟ। ଭାରତୀୟ ଷ୍ଟେନଲେସ୍ ଷ୍ଟିଲ କ୍ଷେତ୍ରରେ ଘଣ୍ଟାପ୍ରତି ୯୦ ଏନଏମ୩ ଉତ୍ପାଦନ କ୍ଷମତା ବିଶିଷ୍ଟ ପ୍ରଥମ ସବୁଜ ହାଇଡ୍ରୋଜେନ ପ୍ଲାଣ୍ଟ ମାର୍ଚ୍ଚ ୨୦୨୪ରେ କମ୍ପାନୀର ହିସାର କାରଖାନାରେ ଉଦଘାଟିତ ହୋଇଥିଲା । ଆର୍ଥିକ ବର୍ଷ ୨୫ରେ ମୋଟ ସବୁଜ ହାଇଡ୍ରୋଜେନ ଉତ୍ପାଦନ ୪,୨୨,୫୮୮ ଏନଏମ୩ ଥିଲା। ଏହାସହ ଯାଜପୁର ଓ ହିସାରରେ ୧୦୦ ମେଗାୱାଟ୍ ଲେଖାଏଁ ଅକ୍ଷୟ ଶକ୍ତି-ରାଉଣ୍ଡ ଦି କ୍ଲକ୍ (ଆରଇ-ଆରଟିସି) ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ଜିନ୍ଦଲ ଷ୍ଟେନଲେସ୍ ରିନ୍ୟୁ ପାୱାର ଏବଂ ଅଏଷ୍ଟର ଅକ୍ଷୟ ଶକ୍ତି ସଂସ୍ଥା ସହିତ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଜିନ୍ଦଲ ଷ୍ଟେନଲେସ୍ ନିକଟରେ ପ୍ରକୃତି ସମ୍ବନ୍ଧୀୟ ଆର୍ଥିକ ବିବରଣୀ ଉପରେ ଏହାର ପ୍ରଥମ (ଟିଏନଏଫଡି) ରିପୋର୍ଟ ମଧ୍ୟ ଆରମ୍ଭ କରିଛି, ଯେଉଁଥିରେ ପ୍ରକୃତି ସମ୍ବନ୍ଧୀୟ ଦିଗକୁ ଏହାର ବ୍ୟବସାୟିକ କାର୍ଯ୍ୟରେ ସାମିଲ କରିବା ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ଏହା ସ୍ଥାୟୀତା, ଜୈବ ବିବିଧତା ସଂରକ୍ଷଣ ଏବଂ ସକ୍ରିୟ ବିପତ୍ତି ପରିଚାଳନା ଦିଗରେ ପ୍ରତିବଦ୍ଧତାକୁ ଦର୍ଶାଇବା ସହ ଜଳବାୟୁ ପରିବର୍ତ୍ତନ ଭଳି ବୈଶ୍ୱିକ ଆହ୍ୱାନର ମୁକାବିଲା କରିବାରେ ଅଭିବୃଦ୍ଧି ଏବଂ ସାମାଜିକ ଦାୟିତ୍ୱକୁ ସନ୍ତୁଳିତ କରିବା ପାଇଁ ଲକ୍ଷ୍ୟ ରଖିଛି। ପ୍ଲାଷ୍ଟିକ ସଂଗ୍ରହ ଅଭିଯାନରେ ସକ୍ରିୟ ଅଂଶଗ୍ରହଣ ପାଇଁ କମ୍ପାନୀ ପ୍ରତ୍ୟେକ କର୍ମଚାରୀ ଏବଂ ସ୍ଥାନୀୟ ଅଂଶଗ୍ରହଣକାରୀଙ୍କୁ ଷ୍ଟେନଲେସ୍ ଷ୍ଟିଲ ସାମଗ୍ରୀ ଉପହାର ଦେଇଥିଲା, ଯେଉଁଥିରେ ୨ କିଲୋଗ୍ରାମରୁ କମ୍ ପ୍ଲାଷ୍ଟିକ୍ ସଂଗ୍ରହ ପାଇଁ କଫି ମଗ୍ ଏବଂ ୨ କିଲୋଗ୍ରାମରୁ ଅଧିକ ପାଇଁ ଚା, କଫି ଏବଂ ସୁଗାର କନିଷ୍ଟର ଦିଆଯାଇଛି।

# ପୁଣି କରୋନା କାୟା ମେଲାଉଛି, ସଚେତନତା କରାଉଛି ପ୍ରକୃତି ରକ୍ଷା



ଟିଟିଲାଗଡ଼,(ହି.ସ): ଟିଟିଲାଗଡ଼ କରୋନା ଧୀରେ ଧୀରେ କରୋନା ଆକ୍ରାନ୍ତ ସଂଖ୍ୟା ରାଜ୍ୟରେ ବଢ଼ିବାରେ ଲାଗିଛି । ଏହାକୁ ନେଇ ଗତ ବୁଧବାର ଦିନ ଟିଟିଲାଗଡ଼ ପ୍ରକୃତି ରକ୍ଷା ସଂଗଠନ ତରଫରୁ ଆଗୁଆ ସଚେତନ କରିଛନ୍ତି । ଟିଟଲାଗଡ଼ ନିକଟସ୍ଥ ନାରେନ୍ ଗ୍ରାମରେ ସରପଞ୍ଚ ଖଗପତି ସେଲମାଙ୍କ ସହ ଘର ଘର ବୁଲି ସଦସ୍ୟ ମାନଙ୍କୁ କରୋନା ସମ୍ବନ୍ଧୀୟ ସଚେତନତା କରିବା ସହିତ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ପ୍ରକୃତି ରକ୍ଷା ସଂଗଠନ ପକ୍ଷରୁ ବି ସାରଦା ରାଓ ସଭାପତି, ରୋଷନି ମେହେର, ବିଜୟ ମେହେର, ଏଲ୍ ଜୟା ଲକ୍ଷ୍ମି, ନୀଳମ ଅଗ୍ରୱାଲ ସାମିଲ୍ ଥିଲେ ।

## ଉଖୁଣ୍ଡା ଓ ଚମ୍ପୁଆ ସେକ୍ସନରେ ୩୮ ହାତୀଙ୍କ ଉପଦ୍ରବ

ଚମ୍ପୁଆ, (ହି.ସ.) : ଚମ୍ପୁଆ ବନାଂଚଳ ଅଧୀନସ୍ଥ ଉଖୁଣ୍ଡା ସେକ୍ସନ ବନିକା ବିଟ୍ ରଙ୍ଗାମାଟିଆ ପଂଚାୟତ ରରୁଆଁଗୋଡା ଗ୍ରାମ ନିକଟ ଇଉକାଲି ପଟାସ ଜଙ୍ଗଲରେ ୨୭ଟିକିଆ ହାତୀ ପଲ ଆଜକୁ ପ୍ରାୟ ଦୁଇଦିନ ଧରି ଉପଦ୍ରବ ଜାରୀ ରଖିବା ସହ ଅଂଚଳ ବାସୀଙ୍କ ନିଦ ହଜେଇ ଦେଇଛନ୍ତି। ଏହି ହାତୀ ପଲ ମୟୂରଭଞ୍ଜ ପଟୁ ବୈତରଣୀ ନଦୀ ପାର ହୋଇ ପଦ୍ମପୁର ଦେଇ ବିଭିନ୍ନ ଗ୍ରାମରେ ଚାଷୀ କରିଥିବା ଖରାଟିଆ ଧାନ ଓ ପନିପରିବାକୁ ଖାଇବା ସହ ଦଳି ଚକଟି ନଷ୍ଟ କରୁଛନ୍ତି । ଯାହାକୁ ନେଇ ଚାଷୀ ମାନେ ଏବେ ଚିନ୍ତାରେ ପଡିଛନ୍ତି। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ରେଙ୍ଗାଳ ବେଡା, କେମୁଣ୍ଡିଆ, ରରୁଆଁ ଗୋଡା ଆଦି ଗ୍ରାମରେ ଏକର ଏକର ପାଚିଲା ଧାନ ଫସଲ ଓ ପନିପରିବା ସବୁ ନଷ୍ଟ କରିବା ସହିତ ଏକ ମନ୍ଦିର ପାଚେରୀ ଭାଙ୍ଗିଛନ୍ତି । ବନ ବିଭାଗ ଅଧିକାରୀ ଓ ହାତୀ ସ୍କାର୍ଡ ଡାକବାଜି ଯନ୍ତ୍ର ସାହାଯ୍ୟରେ ଗ୍ରାମର ଲୋକ ମାନଙ୍କୁ ସତର୍କ କରାଇବା ସହିତ ହାତୀ ମାନଙ୍କ ଗତିବିଧି ଉପରେ ନଜର ରଖିଥିବା ଦେଖିବାକୁ ମିଳିଛି। ଏହି ହାତୀ ପଲରେ ୮ଟି ଦନ୍ତାହାତୀ, ୧୩ଟି ମାଈ ହାତୀ ଓ ୬ଟି ଛୁଆ ହାତୀ ମୋଟ ୨୭ଟି ବଣୁଆ ହାତୀ ରହିଥିବା ବେଳେ ଚମ୍ପୁଆ ସେକ୍ସନର ମିରିଗିସିଙ୍ଗା ଜଙ୍ଗଲରେ ୩ଟି ଦନ୍ତା ହାତୀ, ୬ଟି ମାଈ ହାତୀ, ୨ଟି ଛୁଆ ହାତୀ ଏପରିକି ମୋଟ ୧୧ଟି ବଣୁଆ ହାତୀ ସର୍ବମୋଟ ୩୮ଟି ବଣୁଆ ହାତୀ ରହିଥିବା ଚମ୍ପୁଆ ବନାଂଚଳ ଅଧିକାରୀ ଅକ୍ଷୟ ଛତ୍ରିଆ ସୁଚନା ଦେଇଛନ୍ତି ।

## ଲେଡି ଲାୟନର ଶିଶୁ ମହୋତ୍ସବ




ରାଉରକେଲା,(ପିପିଏସ): ସାମାଜିକ ଅନୁଷ୍ଠାନ ଲେଡି ଲାୟନ ର ସଭାପତି ବନ୍ଦିତା ମାହାତୋ ସଭାପତିତ୍ୱ, ସାଧାରଣ ସମ୍ପାଦକ ସ୍ନେହଲତା ଜଗଯାତିଆଁ ଆବାହକ୍ ଓ ସୁଶ୍ରୀ କବିତା ମାହାତୋଙ୍କ ସଂଯୋଜନାରେ ଏଟହିଟ୍ ମଲ୍ ଠାରେ ଏକ ଶିଶୁ ମହୋତ୍ସବ ଶିଶୁ 'କିଡିନେସ କାର୍ନିଭାଲ' ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ପ୍ରାୟ ୫୦ଟି ଷ୍ଟଲ୍ ଲାଗି ଥିବା ବେଳେ ଶିଶୁ ମାନେ ପ୍ରସ୍ତୁତ କରିଥିବା ଖେଳ ସାମଗ୍ରୀ, ହାତ ପ୍ରସ୍ତୁତି ଖାଦ୍ୟ ପଦାର୍ଥ,ଆର୍ଟ ସହ ସେମାନଙ୍କ ମଧ୍ୟରେ ନାଚ ଗୀତ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡ଼ କଲ୍ୟାଣୀ ମିଶ୍ର, ହରିହର ରାଉତରାୟ, ଜିତେନ୍ଦ୍ର ପ୍ରସାଦ ସମାଜସେବୀ କମଲ ଅଗ୍ରୱାଲ, ସୁନିଲ କାୟଲ, ଅଶୋକ କକ୍କଡ଼, ଡାକ୍ତର ରାମଚନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଥିବା ବେଳେ ଏଭଳି କାର୍ଯ୍ୟକ୍ରମ କୁ ପ୍ରଶଂସା କରିଥିଲେ। ଶିଶୁ ମାନଙ୍କ ବ୍ୟବସାୟ ପ୍ରତି ଆକୃଷ୍ଟ କରିବା ଓ ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିର ବିକାଶ କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ମତ ରଖିଥିଲେ। ଏହି ଅବସରରେ କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା ରେ ଅନୁଷ୍ଠାନ ର ସଦସ୍ୟା ପ୍ରମା ଦାସ,ପୁଲମଣୀ ସମାଦ, ଲକ୍ଷ୍ମୀ ମିଶ୍ର, ସୁଚିତ୍ରା ଦର୍ଶି, ଶୈଳବାଳା ମହାନ୍ତି, ଛବିରାଣୀ ପାତ୍ର,ଚନ୍ଦନା ସିଂହ ପ୍ରମୁଖ ସହଯୋଗ କରିଥିଲେ।

## କୋରାଇ ଉନ୍ନୟନ ପରିଷଦର ପ୍ରତିଷ୍ଠା ଦିବସ ପାଳିତ

କୋରେଇ,(ହି.ସ.): କୋରାଇର ବିଭିନ୍ନ ସମସ୍ୟା ନିମନ୍ତେ ସ୍ୱର ଉତ୍ତୋଳନ କରୁଥିବା କୋରାଇ ଉନ୍ନୟନ ପରିଷଦର ଚତୁର୍ଥ ପ୍ରତିଷ୍ଠା ଦିବସ ଓ ଯୋଜନା ଦିବସ କୋରେଇ ପାଣିକୋଇଲିସ୍ଥିତ ବରିଷ୍ଠ ନାଗରିକ ମଂଚର କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଏଥି ନିମନ୍ତେ ପରିଷଦ ତରଫରୁ ପାଣିକୋଇଲିସ୍ଥିତ ବୃଦ୍ଧାଶ୍ରମ ଶେଷ ପରିଚୟର ଅନ୍ତେବାସୀଙ୍କ ନିମନ୍ତେ ଖାଦ୍ୟ ପେୟର ବ୍ୟବସ୍ଥା କରାଯାଇଥିଲା। ପରିଷଦର ସଭାପତି ଶ୍ରୀଧର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ଦିବସରେ ଜାତୀୟ ମାନବାଧିକାର କମିଶନଙ୍କ କୋର କମିଟି ସଦସ୍ୟ ତଥା ପରିଷଦର ମୁଖ୍ୟ ଉପଦେଷ୍ଟା ମନୋଜ କୁମାର ଜେନା ଯୋଗ ଦେଇ କୋରେଇର ଉନ୍ନତି ନେଇ ପରିଷଦକୁ ଆହୁରି ପରିଶ୍ରମ କରିବା ଲାଗି ଆହ୍ୱାନ ଦେଇଥିଲେ। ପରିଷଦର ସମ୍ପାଦକ ଆଲୋକ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

## ସୁନା ଗହଣା ଭର୍ତ୍ତି ବ୍ୟାଗ୍ ଲୁଟ୍

ମାଲକାନଗିରି,(ହି.ସ.):ରାତିରେ ଦୋକାନ ବନ୍ଦ କରି ସୁନା ବ୍ୟାଗ୍ ନେଇ ଘରକୁ ଫେରିବା ବେଳେ ଲୁଟ୍ । ଘର ସମ୍ମୁଖ ଗୋଟିଏ ସୁନା ଗହଣା ଭର୍ତ୍ତି ବ୍ୟାଗ୍ ଝାମ୍ପିନେଲେ ଦୁର୍ବୃତ୍ତ । ମାଲକାନଗିରି ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ମାଲକାନଗିରି ଜିଲ୍ଲା ସଦର ମହକୁମାର ବସ୍ତ ବାବୁଲି ଗୁଡା ସାହିରେ ଏଭଳି ଘଟଣା ଘଟିଛି! ପ୍ରସାଦ ଗୁରେଇଆ ମାଲିକ ପ୍ରସାଦ ଦୋକାନ ବନ୍ଦ କରି ଦୁଇଟି ବ୍ୟାଗରେ ସୁନା ଓ ଟଙ୍କା ନେଇ ଗାଡି ଚାଲି ଆସୁଥିଲେ । ତାଙ୍କ ଗାଡ଼ି ଚାଲି ଆସି ଘର ସମ୍ମୁଖରେ ପହଂଚିଥିଲେ। ଠିକ୍ ଏହି ସମୟରେ ପଛପଟୁ ଗୋଟିଏ ମୋଟର ସାଇକେଲରେ ୨ଜଣ ଦୁର୍ବୃତ୍ତ ଆସି ଦୁଇଟି ବ୍ୟାଗୁ ଝାମ୍ପି ନେବାକୁ ଉଦ୍ୟମ କରିଥିବା ବେଳେ ଗୋଟିଏ ବ୍ୟାଗ୍ ନେଇ ସେଠାରୁ ଫେରାର ହୋଇଯାଇଥିଲେ । ତେବେ ଏହି ସମୟରେ ସେହି ସ୍ଥାନଟି ଜନଗହଳି ପୂର୍ଣ୍ଣ ଥିବା ବେଳେ କିଏ ଏହି ଚୋରି କଲା ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପୂର୍ବରୁ ମଧ୍ୟ ନିଶା ଯୁକ୍ତ ଖାଦ୍ୟ ଦେଇ ଉକ୍ତ ଦୋକାନୀଙ୍କ ଘରୁ ସୁନା ଚୋରି ହୋଇଥିଲା । ଏହି ଘଟଣା ସମ୍ପର୍କରେ ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ସାରା ରାତି ପୁଲିସ ବାହାର ପାଟ୍ରୋଲିଂ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଲୁଟେରାଙ୍କ ପତ୍ତା ମିଳିନି।

# ସ୍ୱଚ୍ଛ ପାନୀୟ ଜଳ ବଣ୍ଟନର ଅସୁବିଧା ପାଇଁ ବିଧାୟକଙ୍କ ସହ ଆଲୋଚନା



ରାଉରକେଲା,(ପିପିଏସ): ରାଉରକେଲାର ଜନପ୍ରିୟ ବିଧାୟକ ସାରଦା ପ୍ରସାଦ ନାୟକ, ନିଜର ବରିଷ୍ଠ,ଯୁବ ସହକର୍ମୀଙ୍କ ସହିତ,ଓ୍ୱାଟକ୍କୋ ଜିଏମଙ୍କ କାର୍ଯ୍ୟାଳୟ ଠାରେ ଜିଏମ ଇଂ ଅଲେଖ ଦଳାଇ ଙ୍କୁ ସାକ୍ଷାତ କରି , ସମଗ୍ର ରାଉରକେଲା ତଥା ବିଶେଷ କରି ବନ୍ଧମୁଣ୍ଡା, ଶକ୍ତିନଗର, ଜଗଦା, ମଧୁସୂଦନପଲ୍ଲି, ବିବେକାନନ୍ଦ ପଲ୍ଲି, ନୟାବଜାର,କିଶାନ ଟୋଲ୍ଲା, ଛେଣ୍ଡକଲୋନୀ, ବାସନ୍ତୀ କଲୋନୀ, ମାଲଗୋଦାମ, ଗଜପତି ପଲ୍ଲି, ରାମନଗର, ରୂପଟୋଲା,ଜଗନ୍ନାଥ କଲୋନୀ, ମଧୁସୂଦନ ପଲ୍ଲି,ଦେଓ ଗାଁ ସମେତ ବିଭିଣ ଅଞ୍ଚଳର ପାନୀୟଜଳ ଯୋଗାଣ ସମସ୍ୟା ଓ ଅନିୟମତା ଉପରେ ଆଲୋଚନା କରିଥିଲେ । ବର୍ଷା ଦିନରେ ଗୋଳିଆ ପାଣି ଆସୁଥିବାରୁ ନେତା ମାନେ ଅସନ୍ତୃଷ୍ଟ ପ୍ରକାଶ କରିଥିଲେ, ଏହାସହିତ ବନ୍ଧମୁଣ୍ଡାରେ ଥିବା କିଛି ବସ୍ତି ଅଞ୍ଚଳରେ ହେଉଥିବା ପାଣି ପାଇପ ବିଛା କାର୍ଯ୍ୟକ୍ରମ କୁ ଯଥାଶୀଘ୍ର ଶେଷକରି ଜଳ ଯୋଗାଇବା ପାଇଂ ବିଧାୟକ,ପରାମର୍ଶ ଦେଇଥିଲେ । ଜିଏମ ଶ୍ରୀଯୁକ୍ତ ଦଳାଇ, ପାନୀୟ ଜଳ ଯୋଗାଣର ଅସୁବିଧା ଏବଂ ଅନାନ୍ୟ ବିଷୟ ଉପରେ ଗୁରୁତ୍ୱ ଦେଇ ଅତି ଶୀଘ୍ର ନିରାକରଣ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଆଲୋଚନାରେ ନଗର ସଭାପତି ଗଗନ ପଣ୍ଡା,ବରିଷ୍ଠ ନେତା ବିରେନ ସେନାପତି,ଜୟନ୍ତ କୁମାର ମିଶ୍ର, ପିତାବାଶ କାଣ୍ଡ, ନାୟକ,ସୁଶାନ୍ତ ରାଉତ, ସନ୍ତୋଷ ସର୍ମା,ସଞ୍ଜୀବ ଛୋଟରାୟ, ପପୁ ମହାନ୍ତି ,ସୁଧାଂଶୁ ସାମଲ,ଜଗନାଥ ପାତ୍ର, ଶ୍ୟାମସୁନ୍ଦର ପାଲ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପଶ୍ଚିମ ଓଡ଼ିଶାରେ ପୁଣି ମାଓବାଦୀଙ୍କ କାୟା ବିସ୍ତାର

ସମ୍ବଲପୁର,(ହି.ସ.):ପଶ୍ଚିମ ଓଡ଼ିଶାରେ ପୁଣି ମାଓବାଦୀ ତାର କାୟା ବିସ୍ତାର କରିବାରେ ଲାଗିଛି। ବଲାଙ୍ଗୀର-ବରଗଡ ସୀମାନ୍ତବର୍ତ୍ତି ଗନ୍ଧମାର୍ଦ୍ଦନ ପର୍ବତରେ ପୁଣି ମାଓକ୍ୟାମ୍ପ ଠାବ ହେବାପରେ ଏହା ସ୍ପଷ୍ଟ ହୋଇଛି । ଗତ କିଛିଦିନ ତଳେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ନିକଟସ୍ଥ ଗନ୍ଧମାର୍ଦ୍ଦନ ଓ ତୁରେକେଲା ଥାନା ଅନ୍ତର୍ଗତ ଚାନ୍ଦଲି ଜଙ୍ଗଲରେ ମାଓକ୍ୟାମ୍ପଠାବ କରାଯାଇଥିଲା । ଗତ ୩୦ ତାରିଖରେ ବରଗଡ ଜିଲ୍ଲାର ପାଇକମାଲ ଥାନା ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ପର୍ବତରେ ଡିଭିଏଫଟିମ କୁମ୍ବିଂ କରୁଥିବା ବେଳେ ମାଓକ୍ୟାମ୍ପ ଠାବ କରିଛନ୍ତି । ସେଠାରେ ବିପୁଳ ପରିମାଣର ମାଓସାମଗ୍ରୀ ଜବତ କରାଯାଇଥିବା ବିଷୟରେ ଆଜି ବରଗଡ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବରଗଡ ଏସପି ଏସ.ମୀନା ସୂଚନା ଦେଇଛନ୍ତି । ଏସପି ଶ୍ରୀ ମୀନା କହିଛନ୍ତି ଯେ,ଡିଭିଏଫ ଟିମ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ କୁମ୍ବିଂକରିଥିଲେ । ଜଙ୍ଗଲଭିତରୁ ମାଓକ୍ୟମ୍ପକୁ ଠାବ କରାଯାଇଥିଲା। ସେଠାରେ ଡିଟୋନେଟର, ଜିଲୋଟିନ (ବିସ୍ଫୋରକ) ଟିଫିନ, ଛତା, ମାଓପୋଷାକ, ତାର, ପେନସିଲ ବ୍ୟାଟେରୀ, ନକ୍ସଲପତ୍ରିକା, ଲାଲବେନର କପଡା ଇତ୍ୟାଦି ଜବତ କରାଯାଇଛି । ମାଓବାଦୀ ଏହାକୁ ଛାଡିଯାଇଥିବା କୁହାଯାଉଛି । ତେବେ ଗତ ଅଗଷ୍ଟମାସରେ ବରଗଡ ଜିଲ୍ଲାରେ କ୍ୟାଡର ମାଓବାଦୀ ଆତ୍ମସମର୍ପଣ କରିଥିଲେ । ସେମାନଙ୍କୁ ପଚରାଉଚୁରା ବେଳେ ଅନେକ ସ୍ଥାନର ମାଓକ୍ୟାମ୍ପ ବିଷୟରେ ପୋଲିସକୁ ସୂଚନା ଦେଇଥିଲେ । ସେହି ଆଧାରରେ ଡିଭିଏଫ ଓ ଏସଓଜି ଟିମ କୁମ୍ବିଂକରି ସେହି ମାଓକ୍ୟାମ୍ପଗୁଡିକ ଉପରେ ଚଢାଉ କରୁଛନ୍ତି ବୋଲି ବରଗଡ ଏସପି ମୀନା ସୂଚନା ଦେଇଛନ୍ତି । ପ୍ରକାଶ ଯେ,ବରଗଡ ଜିଲ୍ଲାର ପାଇକମାଳ, ଝାରବନ୍ଧ ଅଂଚଳକୁ ଲାଗିରହିଥିବା ଗନ୍ଧମାର୍ଦ୍ଦନ ପର୍ବତରେ ଗତ ୧୬ବର୍ଷ ହେଲା ମାଓବାଦୀ କାର୍ଯ୍ୟକଳାପ ଚାଲିଆସିଛି । ପୋଲିସ ଗୁଳିରେ ଅନେକ ମାଓବାଦୀ ମୃତ୍ୟୁବରଣ କରିଥିବା ବେଳେ ପୋଲିସ ସୂଚନାକାରୀ ସନ୍ଦେହରେ ମାଓବାଦୀମାନେ ଅନେକଲୋକଙ୍କୁ ପ୍ରଜାକୋର୍ଟ କରି ହତ୍ୟା କରିଛନ୍ତି । ସରକାର ମାଓବାଦୀଙ୍କ ପ୍ରତି କଠୋର ମନୋଭାବ ପ୍ରଦର୍ଶନ ପରେ ଅନେକମାଓବାଦୀ ଆତ୍ମସମର୍ପଣ ମଧ୍ୟ କରିଛନ୍ତି । ବରଗଡ-ବଲାଙ୍ଗୀର-ମହାସମୁନ୍ଦ ଡିଭିଜନ ଅନ୍ତର୍ଗତ ଏହି ଅଂଚଳରେ ମାଓବାଦୀ କାର୍ଯ୍ୟକଳାପ କମିଛି କିନ୍ତୁ ସଂପୂର୍ଣ୍ଣ ନିର୍ମୁଳ ହୋଇନାହିଁ । ଛତିଶଗଡରେ ମାଓବାଦୀଙ୍କୁ ପୋଲିସର ଘନଘନ ଆକ୍ରମଣ ପରେ ମାଓବାଦୀ ଛତ୍ରଭଙ୍ଗଦେଇ ନୂଆପଡାର ଜିଲ୍ଲାର ଜଙ୍ଗଲ ଦେଇ ଗନ୍ଧମାର୍ଦ୍ଦନ ପର୍ବତକୁ ଚାଲିଆସୁଥିବା ଗୁଇନ୍ଦା ବିଭାଗ ସୂଚନା ଦେଉଛି । ଗନ୍ଧମାର୍ଦ୍ଦନ ଏକ ବିଶାଳ ଜଙ୍ଗଲ ହୋଇ ଥିବାରୁ ବରଗଡ ଓ ବଲାଙ୍ଗୀର ଉଭୟ ପଟୁ ଡିଭିଏଫ ଓ ଏସଓଜି ଜବାନମାନେ କୁମ୍ବିଂ ଚଳାଇଛନ୍ତି ।

## ବିଶ୍ୱ ଦରଜୀ ଦିବସ ପାଳିତ

ଭୁବନ,(ହି.ସ.):ଭୁବନ ଦରଜୀ ସଂଘ ତରଫରୁ ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ ଥିବା ଯୋଗ ଗୃହ ଠାରେ ବିଶ୍ୱ ଦରଜୀ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ଅଚ୍ୟୁତାନନ୍ଦ ପାତ୍ର ଅଧକ୍ଷତା କରି କହିଥିଲେ ଯେ ଆଜିର ରେଡିମେଡ ଯୁଗରେ ଦରଜୀ କାମ କରି ପରିବାର ଚଳାଇବା କଷ୍ଟକର ବିଷୟ। ଦରଜୀ ମାନଙ୍କୁ ସରକାର ଙ୍କ ସର୍ବନିମ୍ନ ମଜୁରୀ ମଧ୍ୟ ମିଳୁନାହିଁ । କେବଳ ସିଜିନ ବ୍ୟତୀତ ଅନ୍ୟ ସମୟରେ କାମ ଅଭାବରୁ ଦୁଃଖ ଦୁର୍ଦ୍ଦଶାରେ ଚଳିବାକୁ ପଡୁଛି । ବୃତି ଛାଡ଼ି ହେଉନି କି ପେଟ ପୋଷି ହେଉନି । ଓଡ଼ିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଯଦିଓ ଦରଜୀ ମାନଙ୍କୁ ଶ୍ରମିକ ମାନ୍ୟତା ଦେଇଛି କିନ୍ତୁ କୌଣସି ସୁବିଧା ସୁଯୋଗ ପ୍ରଦାନ କରାଯାଉନାହିଁ । ବଦରଜୀ ମାନଙ୍କୁ ଅସମୟରେ ମୃତ୍ୟୁ,ଅକର୍ମଣ୍ୟ ସହାୟତା ପିଲାଙ୍କ ଉଚ୍ଚ ଶିକ୍ଷା,ଝିଅ ବିବାହ ସମୟରେ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ପାଦକ ଜୟକୃଷ୍ଣ ବେହେରା,ଉପ ସଭାପତି ଅର୍ଜୁନ ପୃଷ୍ଟି,ସହ ସମ୍ପାଦକ ପ୍ରମୋଦ କୁମାର ଦାସ,ରଘୁନାଥ ରଣା ଉପସ୍ଥିତ ରହି ଉଦବୋଧନ ଦେଇଥିଲେ । ଏହି ଅବସରରେ ୮୦ ଜଣ ମହିଳା/ପୁରୁଷ ଦରଜୀଙ୍କୁ ପରିଚୟ ପତ୍ର ଓ ଅଣ ସଂଗଠିତ ଶ୍ରମିକ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ।

# CHANGE OF SURNAME

Consequent upon my marriage with Dr. Ayaskanta Satapathy I have changed my surname from Kamila to Satapathy by virtue of an affidavit sworn before B.B.Das Notary Public,Bhubaneswaron dt.02.06. 2025. Henceforth I will be known as Dr. Sangeeta Satapathy for all purposes.


**Dr. Sangeeta Satapathy**

## ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳା ଉଦ୍ଧାର




ବୀରମିତ୍ରପୁର,(ହି.ସ): ବୀରମିତ୍ରପୁର ସୀମାନ୍ତ ଝାଡ଼ଖଣ୍ଡର ବାଉଁଶଯୋର ଥାନା ଅନ୍ତର୍ଗତ ପାହାଡ଼ଟୋଲି ଜଙ୍ଗଲରୁ ରକ୍ତାକ୍ତ ଅବସ୍ଥାରେ ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ମହିଳା ଜଣକ ବୀରମିତ୍ରପୁର ବ୍ରାହ୍ମଣମରା ବସ୍ତିର ମୀରା ତିର୍କି ।ମିଳିଥିବା ସୂଚନା ଅନୁଯାଇ ମୀରା ତିର୍କିଙ୍କୁ କେ ?ଣସି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ବେକ କାଟି ପାହାଡ଼ଟୋଲି ଜଙ୍ଗଲରେ ଫିଙ୍ଗି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ବୋଲି କୁହାଯାଉଛି। ରକ୍ତଜୁଡୁବୁଡୁ ଅବସ୍ଥାରେ ମୀରା ତିର୍କି ପଡ଼ିଥିବା ଦେଖି ସ୍ଥାନୀୟଲୋକେ ବାଉଁଶଯୋର ପୁଲିସକୁ ଖବର ଦେଇଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇଁ ବାଉଁଶଯୋର ଥାନା ଅଧିକାରୀ ମିର୍ଜା ଓରାମ ବାଉଁଶଯୋର ଜିଲ୍ଲା ପରିଷଦ ସଦସ୍ୟ ଆନନ୍ଦ ଟୋପ୍ନ ସେଠାରେ ପହଞ୍ଚି ମୀରାଙ୍କୁ ରକ୍ତଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ମୀରାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମୀରାଙ୍କ ବେକକୁ କୌଣସି ଧାରୁଆ ଅସ୍ତ୍ରରେ କଟାଯାଇଥିବାବେଳେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କଟା ଚିହ୍ନ ରହିଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

# ବସ୍ ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ୨ ଜଣଙ୍କ ମୃତ୍ୟୁ



ବ୍ରହ୍ମପୁର,(ହି.ସ): ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ଥାନା ସୀମା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ଛକରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ଡ୍ରାଇଭରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି ଏବଂ ଅନ୍ୟ ଜଣେ ପଥଚାରୀଙ୍କର ମଧ୍ୟ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଜଙ୍କିଆର ଦିବାକର ବେହେରା ଏବଂ ହେଲ୍ପର ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ଲାଗି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି ।ସୂଚନା ଅନୁଯାୟୀ, ବୀଣାପାଣି ନାମକ ଏକ ଘରୋଇ ବସ୍ ଭୁବନେଶ୍ୱରରୁ ଆସୁଥିଲା। ବସ୍‌ଟି ତୁରୁବୁଡିର ଶେଷ ଷ୍ଟପେଜରେ ପହଞ୍ଚିଥାନ୍ତା ତେଣୁ ଏଥିରେ କୌଣସି ଯାତ୍ରୀ ନଥିଲେ। ବସ୍ ଡ୍ରାଇଭର ନିୟନ୍ତ୍ରଣ ହରାଇ ସେହି ଅଞ୍ଚଳର ଏକ ବିଶ୍ରାମଗାରରେ ପିଟି ହୋଇଯାଇଥିଲା। ନାକୋ ରିପୋର୍ଟ ବସ୍‌ଟି ବିଶ୍ରାମଗାର ପାଖଦେଇ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଧକ୍କା ପରେ ଡ୍ରାଇଭର ଏବଂ ସେହି ବାଟ ଦେଇ ଯାଉଥିବା ବ୍ୟକ୍ତି ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଗାଡି ଭିତରେ ଫସି ରହିଥିବା ଡ୍ରାଇଭରଙ୍କୁ ଉଦ୍ଧାର କରିବା ପାଇଁ ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚିଥିଲା। ଆହତ ଏବଂ ମୃତକଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ପଠାଯାଇଥିଲା। ପୁଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ଜନଜାତିଙ୍କ ବିଶେଷ ଉନ୍ନତି ସାଧନ

ସୁନ୍ଦରଗଡ଼,(ପିପିଏସ): ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଆଦିବାସୀ ପରିବାର ଏବଂ ଆଦିବାସୀ ବହୁଳ ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ସହିତ ପରିପୂର୍ଣ୍ଣ କରି ଆଦିବାସୀ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାର ଲକ୍ଷ୍ୟ ରଖିଛି। ଏହା ଆଦିବାସୀ ଜନସଂଖ୍ୟାର ଗୁରୁତ୍ୱପୂର୍ଣ୍ଣ ଆକାଂକ୍ଷୀ ବ୍ଲକଗୁଡ଼ିକର ଗ୍ରାମଗୁଡ଼ିକ ସମେତ ଆଦିବାସୀ ପରିବାର ଏବଂ ଆଦିବାସୀ ବହୁଳ ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଗୁଡ଼ିକ ସୁନିଶ୍ଚିତ କରିଥାଏ। ଧରତି ଆବା ଜନଜାତୀୟ ଉତ୍କର୍ଷ ଗ୍ରାମ ଅଭିଯାନ ଆଦିବାସୀ ଅଞ୍ଚଳ ଏବଂ ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶକୁ ଏକ ସମନ୍ୱିତ ପଦ୍ଧତି ଏବଂ ଭାରତ ସରକାରଙ୍କ ୧୭ ଗୋଟି ମନ୍ତ୍ରଣାଳୟ ସହିତ ସମନ୍ୱିତ ପଦ୍ଧତି ଏବଂ ସମନ୍ୱୟ ମାଧ୍ୟମରେ ଭିତ୍ତିଭୂମି, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଜୀବିକାରେ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ଦୂରୀଭୂତ କରି ଜନଜାତି ଙ୍କ ବିକାଶ କ୍ଷେତ୍ର ରେ କାର୍ଯ୍ୟ କରିଥାଏ। ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ୨୫ଗୋଟି ବିଶେଷ କାର୍ଯ୍ୟକ୍ରମ ନୋଡାଲ୍ ଏଜେନ୍ସି ଭାବରେ କାର୍ଯ୍ୟ କରେ ଯେପରିକି:ଘରୋଇ ଏବଂ ଗୋଷ୍ଠି ସ୍ତରୀୟ ଭିତ୍ତିଭୂମି – ଗୃହ, ରାସ୍ତା, ନଳ ପାଣି, ଗୃହରକ୍ଷା, ଏଲ ପି ଜି ଆଦି , ସ୍ୱାସ୍ଥ୍ୟ ଏବଂ ପୁଷ୍ଟି – ସିକଲସେଲ୍ , ଅଙ୍ଗନୱାଡ଼ି କେନ୍ଦ୍ର, ପୋଷଣ ବାଟିକା, ଆୟୁଷ୍ମାନ କାର୍ଡ ଇତ୍ୟାଦି, ଶିକ୍ଷା ଏବଂ ତାଲିମ: ଆଦିବାସୀମାନଙ୍କ ପାଇଁ ଛାତ୍ରାବାସ, ଆଶ୍ରମ ଏବଂ ସରକାରୀ ବିଦ୍ୟାଳୟ, ଆଦି। ବିଦ୍ୟୁତୀକରଣ: ଗ୍ରୀଡରେ ବିଦ୍ୟୁତ ସଂଯୋଗ, ଅଫ୍ ଗ୍ରୀଡରେ ସୌର ସଂଯୋଗ, ପ୍ରତିଷ୍ଠାନ ପାଇଁ ସୌର ଛାତ, ଆର୍ଥିକ ସଶକ୍ତିକରଣ: ଦାବି ସମର୍ଥନ ଏବଂ କ୍ଷମତା ନିର୍ମାଣ, ଜଙ୍ଗଲ ଜମି ଅଧିକାର ସେଲ୍, କୃଷି, ପଶୁପାଳନ ଏବଂ ମତ୍ସ୍ୟଚାଷ ପାଇଁ ସହାୟତ ଆଦି। ସଂଯୋଗୀକରଣ: ୪ଜି ମୋବାଇଲ୍ ସଂଯୋଗ, ଡିଜିଟାଲ୍ ପଦକ୍ଷେପ ଆଦି ରହିଛି। ଏହି ଯୋଜନା ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪-୨୫ ରୁ ୨୦୨୮-୨୯ କାର୍ଯ୍ୟକାରୀ ରହିବ। ସୁନ୍ଦରଗଡ଼ ଜିଲ୍ଲା ରେ ଏହା ୧୭ଟି ବ୍ଲକ ଏବଂ ୮୧୨ଟି ଗ୍ରାମରେ କାର୍ଯ୍ୟକାରୀ ହେବ । ଗତ ବର୍ଷ ଜନଜାତି ଗୌରବ ଦିବସ ପାଳନ ଅବସରରେ, ସ୍ୱତନ୍ତ୍ର ଗ୍ରାମସଭା, ସ୍ୱାସ୍ଥ୍ୟ ଶିବିର ଏବଂ ଏହି ଯୋଜନା ଉପରେ ଅନେକ କାର୍ଯ୍ୟକଳାପ ଆୟୋଜନ ମାଧ୍ୟମରେ ଏକ ବ୍ୟାପକ ସୂଚନା ଶିକ୍ଷା ଯୋଗାଯୋଗ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ପରେ ଜିଲ୍ଲା ପ୍ରଶାସନ ଦ୍ୱାରା ସମୟ ସମୟରେ ମନ୍ଥନ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ ଏହି ଯୋଜନା ଉପରେ ସମସ୍ତ ବିଭାଗୀୟ ଅଧିକାରୀ ଙ୍କ ସହିତ ଆଲୋଚନା କରାଯାଇଥିଲା ଏବଂ ବିଭିନ୍ନ କ୍ଷେତ୍ରରେ ରହିଥିବା ଅସୁବିଧା ଆଦିକୁ ଚିହ୍ନଟ କରିବା ଏବଂ ଏହି ବ୍ୟବଧାନକୁ କିପରି ହ୍ରାସ କରାଯାଇପାରିବ ତାହା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପୂର୍ବରୁ ଉପରୋକ୍ତ ହସ୍ତକ୍ଷେପରେ, ଏକ କେନ୍ଦ୍ରିତ ଏବଂ ମିଶନ ପଦ୍ଧତିରେ, ବିଭିନ୍ନ ବିଭାଗ ଯେପରିକି: ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ, ଗ୍ରାମୀଣ ବିକାଶ, ଶକ୍ତି, ସ୍ୱାସ୍ଥ୍ୟ, ମହିଳା ଏବଂ ଶିଶୁ ବିକାଶ, ସ୍କୁଲ ଏବଂ ଗଣଶିକ୍ଷା, ଏସ ଟି ଏବଂ ଏସ ସି, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ବିଭାଗ, କୃଷି ବିଭାଗ ଏବଂ ଅନ୍ୟାନ୍ୟ ସହିତ ନିରନ୍ତର ତଦାରଖ କରି କାର୍ଯ୍ୟ ଆରମ୍ଭ କରିଦେଇଛି। ଏହା ସହିତ ପାରମ୍ପରିକ ଆଇ ଇ ସି ଅଭିଯାନ ସହିତ ଚଳିତ ବର୍ଷ ଏହି ଅଭିଯାନ ଗ୍ରାମ ସ୍ତରୀୟ/କ୍ଲଷ୍ଟର ସ୍ତରୀୟ ଶିବିର ମାଧ୍ୟମରେ ଭୂମିଗତ ବଣ୍ଟନ କୁ ନିଶ୍ଚିତ କରିବା ସହିତ ଆଧାର କାର୍ଡ, ରାସନ କାର୍ଡ, ଆୟୁଷ୍ମାନ ଭାରତ କାର୍ଡ, ଜାତି ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର, କିଷାନ କ୍ରେଡିଟ୍ କାର୍ଡ, ପ୍ରଧାନମନ୍ତ୍ରୀ- କିଷାନ, ଜନଧନ ଆକାଉଣ୍ଟ ଉପରେ ମଧ୍ୟ ଗୁରୁତ୍ୱାରୋପ କରୁଅଛି। ଏହି ଆଇ ଇ ସି ଅଭିଯାନ ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ଗ୍ରାମୀଣ ବିକାଶ, ସାମାଜିକ ନ୍ୟାୟ, କୃଷି ଏବଂ ରାଜସ୍ୱ ଭଳି ବିଭିନ୍ନ ବିଭାଗ ସହିତ ସମନ୍ୱିତ ପଦ୍ଧତିରେ ଆୟୋଜନ କରାଯିବ।

## ନିଶାଦ୍ରବ୍ୟ ନିବାରଣ ସଚେତନତା ରଥର ଶୁଭାରମ୍ଭ

ମାଲକାନଗିରି,(ହି.ସ.):ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା, ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାର ସଂପୂର୍ଣ୍ଣ ରୋକିବା ଲାଗି ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥି ନିମନ୍ତେ ମେ ୩୧ ରୁ ଜୁନ୍ ୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ବ୍ୟାପକ ଜନ ସଚେତନତା ଅଭିଯାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ନିମନ୍ତେ ଏକ ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ ଶୁଭାରମ୍ଭ କରିଛନ୍ତି। ନିଶାଦ୍ରବ୍ୟ ସମାଜ ପାଇଁ କ୍ଷତିକାରକ। ବିଶେଷ ଭାବେ ଯୁବଶକ୍ତି ଏହାର କୁପରିଣାମର ଶିକାର ହେଉଛନ୍ତି। ତେଣୁ ଏହି ରଥ ଜିଲ୍ଲାରେ ଯୁବପିଢିଙ୍କ ସମେତ ଜନ ସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ପାଇଁ ସଚେତନତା ସୃଷ୍ଟି କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ନିଶା ନୁହେଁ, ଜୀବନକୁ ବାଛିବା ନିମନ୍ତେ ସଂକଳ୍ପ ନେବା ପାଇଁ ଯୁବ ସମାଜ ଓ ଜନ ସାଧାରଣଙ୍କୁ ଏହି ରଥ ସଚେତନ କରିବ। ଏହି ରଥ ଜିଲ୍ଲାର ସାତଟି ବ୍ଲକ୍ ର ୧୧୧ଟି ଗ୍ରାମପଂଚାୟତ ପରିଭ୍ରମଣ କରିବ । ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ଅବକାରୀ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ପୋଲିସ କର୍ମଚାରୀ ଯୋଗ ଦେଇଥିଲେ।

## ୩୩ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର,(ହି.ସ.): ଜିଲ୍ଲା ଦଳିତ ସମାଜର ଏକ ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମେଟ୍ରିକ ଓ ଯୁକ୍ତ ଦୁଇ ରେ ୮୦ ପ୍ରତିଶତ ରୁ ଅଧିକ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ଦଳିତ ସମାଜର ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ଦଳିତ ସମାଜର ସଭାପତି ବିଜୟ ବାରିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ଡୁଡା ର ପ୍ରକଳ୍ପ ନିର୍ଦ୍ଦେଶକ ତରଣିସେନ ସୁନା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ଦଳିତ ସମାଜ ଶିକ୍ଷକ ସଂଘ ସଭାପତି ବାସୁଦେବ ମୁଗ୍ରୀ, ସଂଗଠକ ପାଣ୍ଡବ କୁମ୍ଭାର, ଜିଲ୍ଲା ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାର ଯୋଗ ଦେଇଥିଲେ । କଠିନ ପରିଶ୍ରମ ଓ ସମୟ ଜ୍ଞାନ ହିଁ ସଫଳତାର ଚାବିକାଠି ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ଛାତ୍ର ଛାତ୍ରୀମାନେ ନିଜର ଲକ୍ଷ୍ୟ ଧାର୍ଯ୍ୟ କରନ୍ତୁ ଓ ଲକ୍ଷ୍ୟ ହାସଲ ପରେ ସମାଜର ସେବା କରନ୍ତୁ ବୋଲି କହିଥିଲେ ।

## ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ତାଲିମ ଶିବିର



ରାଉରକେଲା,(ପିପିଏସ): ସୁନ୍ଦରଗଡ଼ର ସ୍ଥାନୀୟ ବିକାଶ ଭବନ ଠାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କ ନିମନ୍ତେ ସଷ୍ଟେନେବଲ୍ ଡେଭେଲପ୍ମେଣ୍ଟ ଗୋଲ୍ ବା ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ଏବଂ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ମାନଙ୍କୁ ନିରନ୍ତର ବିକାଶ ଲକ୍ଷ୍ୟରେ ଥିବା ୧୭ ଗୋଟି ଲକ୍ଷ୍ୟ, ତତ୍ ସମ୍ବନ୍ଧିତ ୧୬୯ ଗୋଟି ଟାର୍ଗେଟ ଏବଂ ଏହି ଟାର୍ଗେଟ ମାନଙ୍କ ସହ ଜଡ଼ିତ ୩୧୧ ଇଣ୍ଡିକେଟର ବା ସୂଚକାଙ୍କ, ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ରୁ ନିରନ୍ତର ବିକାଶ ଲକ୍ଷ୍ୟ କୁ ପରିବର୍ତ୍ତନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ। ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ବିଭାଗ ଏବଂ ନୀତି ଆୟୋଗ ଦ୍ୱାରା କିପରି ଭାବରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରାଯାଇଥାଏ ଏବଂ ଏହା ଜରିଆରେ ବିଭିନ୍ନ ରାଜ୍ୟ ତଥା ଜିଲ୍ଲା ମାନଙ୍କୁ ଭିନ୍ନ ଭିନ୍ନ ସୂଚକାଙ୍କର ମୂଲ୍ୟାଙ୍କନ ଜରିଆରେ ସେମାନଙ୍କ ବିଭିନ୍ନ ବର୍ଗୀକରଣ କରାଯାଇଅଛି, ଯେମିତି କି ୯୦ ରୁ ଅଧିକ ମାର୍କ ରଖିଥିବା ଜିଲ୍ଲା କୁ ସଫଳତା ହାସଲକାରୀ, ୭୫ ରୁ ୯୦ ଭିତରେ ମାର୍କ ରଖିଥିବା ଜିଲ୍ଲା କୁ ଆଗ ଧାଡ଼ି ର ଧାବକ, ୬୦ ରୁ ୭୫ ଭିତରେ ମାର୍କ ରଖିଥିବା ଜିଲ୍ଲା କୁ ପ୍ରଦର୍ଶକ , ୪୦ ରୁ ୬୦ ଭିତରେ ଥିଲେ ଆକାଂକ୍ଷୀ ଏବଂ ୪୦ ରୁ କମ୍ ମାର୍କ ଥିଲେ ଆରମ୍ଭକାରି ଆଦି। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ତିର୍କୀ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଭିନ୍ନ ଭିନ୍ନ ସୂଚକାଙ୍କରେ ଓଡ଼ିଶାର ମୂଲ୍ୟାଙ୍କନ ତୁଳନାରେ ବିଭିନ୍ନ ଜିଲ୍ଲା ମାନଙ୍କ ଉନ୍ନୟନ ମୂଳକ ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଆକାଂକ୍ଷୀ ବ୍ଲକ ଭାବରେ ଚିହ୍ନଟ ହୋଇଥିବା ବାଲିଶଙ୍କରା ଓ ନୂଆଗାଁ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଉକ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ତଥ୍ୟ ସଂଗ୍ରହ ସମୟରେ କିଭଳି ଆହ୍ୱାନର ସମ୍ମୁଖୀନ ହେବାକୁ ପଡିଥାଏ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଯୋଜନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଶ୍ରୀ ବିଭୁତି ରଞ୍ଜନ ରାଉଳ, ଓରମାସ ର ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ କେଶବ ଝା , ଜିଲ୍ଲା ଯୋଜନା କାର୍ଯ୍ୟାଳୟ ଏବଂ ଜିଲ୍ଲା ପରିଷଦ ର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଦାନ ମାଗିବା ଓ ଦାନ ଗ୍ରହଣ କରିବା ଉଚିତ ନୁହେଁ । ସେଥିରେ ଅନ୍ୟର ଦୋଷ ଗୁଣର ଭାଗୀ ଜଣେ ହୋଇଯାଏ ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୨୧୭)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୬।୬।୨୦୨୫ ■ ଶୁକ୍ରବାର

# କନାଡା କଲା ଭୁଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତବର୍ଷ କନାଡାରେ ହେବାକୁଥିବା G-7 ସମ୍ମିଳନୀରେ ଅଂଶଗ୍ରହଣ କରିବେ ନାହିଁ । ବିଶ୍ୱସ୍ତରୀୟ ମଞ୍ଚର ଉଦ୍ଦେଶ୍ୟ ଓ ତାହାର ପ୍ରାସଙ୍ଗିକତା ଦୃଷ୍ଟିରୁ ଏପରି ହେବା ଠିକ୍ ହେଲା ନାହିଁ । ବିଶ୍ୱରେ ଭାରତ ଆଜି ପଞ୍ଚମ ବୃହତ୍ତ ଅର୍ଥନୀତି ହୋଇପାରିଛି, ଗ୍ଲୋବାଲ ଗ୍ରୋଥରେ ଭାରତର ଏକ ବଡ଼ ଭୂମିକା ରହିଛି । ଭାରତ ମଧ୍ୟ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ । ଏହି କାରଣରୁ ବିଗତ କିଛିବର୍ଷ ହେଲା ଭାରତକୁ ଧନୀ ଦେଶମାନଙ୍କ ମଞ୍ଚରେ ସ୍ଥାନ ମିଳିଆସୁଥିଲା । ୨୦୧୯ରୁ ପ୍ରତିବର୍ଷ ଆୟୋଜିତ ଏ ସମ୍ମିଳନୀରେ ଭାରତ ଯୋଗ ଦେଇଆସୁଛି । ଫ୍ରାନ୍ସରୁ ଏହା ଆରମ୍ଭ ହେଲା ଏବଂ ଗତବର୍ଷ ଇଟାଲୀ ଯାଏ ଏହା ଜାରି ଥିଲା। ଇଟାଲୀରେ ସ୍ୱତନ୍ତ୍ର ଅଧିବେଶନରେ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଅସମାନତାକୁ ଦୂର କରିବା ଓ ସମସ୍ତଙ୍କ ଲାଗି ସହଜରେ ଉପଲବ୍ଧ ଓ ସୁରକ୍ଷିତ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ଭଳି ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବକ୍ତବ୍ୟ ଦେଇଥିଲେ । ଭାରତ ଏହି ମଞ୍ଚକୁ ଶାନ୍ତି, ଆନ୍ତର୍ଜାତିକ ସହଯୋଗ ଓ ସମନ୍ୱିତ ବିକାଶର ବାର୍ତ୍ତା ଦେବା ଲାଗି ବ୍ୟବହାର କରିଆସିଛି । G-7, ସାତଟି ସବୁଠାରୁ ବିକଶିତ ଓ ଶିଳ୍ପପ୍ରଧାନ ଦେଶର ଏକ ମଞ୍ଚ, କିନ୍ତୁ ଯେପରି ଭାବେ କନାଡାରେ ବାସ କରୁଥିବା ଖାଲିସ୍ତାନ ସମର୍ଥକଗଣ ଏଥର ନିଜର ପ୍ରଭାବ ଏହା ଉପରେ ପକାଇଲେ, ତାହା ଚିନ୍ତାର ବିଷୟ ହୋଇଛି ।

ଆୟୋଜନର ଦାୟିତ୍ୱ କାନାଡା ଉପରେ ନ୍ୟସ୍ତ, କିନ୍ତୁ ବିଚ୍ଛିନ୍ନତାବାଦୀମାନେ ସେଠାକାର ନୂଆ ସରକାର ଉପରେ ଚାପ ପକାଇ ଭାରତକୁ ଆମନ୍ତ୍ରଣ ପଠାଇ ନାହାନ୍ତି । ମାର୍କ କାର୍ଣ୍ଣୀ ଏ ମାମଲାରେ ନିଜପୂର୍ବ ତତ୍କାଳୀନ ପ୍ରଧାନମନ୍ତ୍ରୀମାନଙ୍କ ବିରୋଧରେ ଆନ୍ତର୍ଜାତିକ ସ୍ତରରେ ସଂଘର୍ଷ ଉପରେ ଏକ ବଡ଼ ଝଟକା ଲାଗିଛି । କ'ଣ ଭାରତ ବିନା ଏହି ଗ୍ରୁପ୍ ଚାନର ବିସ୍ତାରବାଦୀ ନୀତି ବିରୋଧରେ ନିଜର ପ୍ରତିବଦ୍ଧତା, ଗଣତନ୍ତ୍ର ଓ ପରିବେଶ ସୁରକ୍ଷା ପ୍ରସଙ୍ଗ ଉପରେ ଟିକି ରହିପାରିବ । ମାର୍କ କାର୍ଣ୍ଣୀଙ୍କ କାର୍ଯ୍ୟକାଳ ଆରମ୍ଭ ବେଳେ ଆଶା ଜାଗ୍ରତ ହୋଇଥିଲା ଯେ ଭାରତ ଓ କାନାଡା ସମ୍ପର୍କରେ ଜମିଥିବା ବରଫ ମିଳାଇଯିବ । ସେଠାକାର ପୂର୍ବବର୍ତ୍ତୀ ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କ ତୁଳନାରେ ଢେର ଅଧିକ ଯାଥାର୍ଥ୍ୟବାନ ଓ ସକାରାତ୍ମକ ବ୍ୟବହାର ପ୍ରଦର୍ଶନ କରିଥିଲେ । ନିର୍ବାଚନ ଅଭିଯାନ କାଳରେ ସିଏ ସ୍ୱୀକାର କରିଥିଲେ ଯେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ଅନେକ ସ୍ତରରେ ମହତ୍ତ୍ୱପୂର୍ଣ୍ଣ ଓ ସମାନ ବିଚାରଧାରାର ଦେଶ ସହିତ ବାଣିଜ୍ୟ ସଂପର୍କକୁ ବିବିଧତା ଆଣିବା ଦରକାର ବୋଲି କହିଥିଲେ । ଗତ ସପ୍ତାହରେ ଯେତେବେଳେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଜୟଶଙ୍କର କାନାଡାର ବୈଦେଶିକ ମନ୍ତ୍ରୀ ଅନୀତା ଆନନ୍ଦଙ୍କ ସହ କଥାବାର୍ତ୍ତା ହେଲେ, ତାହାକୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଉଥିଲା । G-7ସମ୍ମିଳନୀ କାନାଡା ଲାଗି ଏକ ସୁଯୋଗ ଥିଲା, ଭାରତ ସହ ସମ୍ବନ୍ଧ ସୁଧାରିବା ପ୍ରକ୍ରିୟା ଆରମ୍ଭ କରିବା ପାଇଁ । କିନ୍ତୁ ଆଭ୍ୟନ୍ତରୀଣ ରାଜନୀତିକ ଚାପ ଯୋଗୁଁ କାନାଡା ଦ୍ୱିପାକ୍ଷିକ ସମ୍ବନ୍ଧକୁ କେବଳ ନୁହେଁ ଆନ୍ତର୍ଜାତିକ ହିତକୁ ମଧ୍ୟ ଆଘାତ ଦେବାକୁ ପଛାଇ ନାହିଁ ।

ଏଠି ଭାରତରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଟାର୍ଗେଟ କରି କଂଗ୍ରେସ ତଥା ଡା'ର ନେତା ରାହୁଲ ଗାନ୍ଧୀ, ମହାସଚିବ ଜୟରାମ ରମେଶ କହିଛନ୍ତି କାନାଡାରୁ ନିମନ୍ତ୍ରଣ ନ ମିଳିବା ହେଉଛି ମୋଦୀ ସରକାରର ବଡ଼ କୂଟନୈତିକ ବିଫଳତା । କାନାଡା ଆମନ୍ତ୍ରଣ ନ କରିବା ପଛରେ ଭାରତ ପ୍ରତି ତାହାର ବିଦ୍ୱେଷ ଆଜି ସ୍ପଷ୍ଟ ହୋଇଯାଇଛି ଏବଂ ନୂଆ ସରକାର ମଧ୍ୟ ପୂର୍ବ ସରକାର ଭଳି ଖାଲିସ୍ତାନ ସମର୍ଥକଙ୍କ ଦ୍ୱାରା ପ୍ରଭାବିତ ବୋଲି ପ୍ରମାଣିତ ହୋଇଯାଇଛି । ଯାହାବି ହେଉ, G-7 ସମ୍ମିଳନୀକୁ ଭାରତକୁ ଆମନ୍ତ୍ରଣ ନ କରି, କନାଡା ନିଜର ଅହିତକୁ ହିଁ ଡାକିଛି । ଆଜି ଭାରତ ହେଉଛି ସବୁଠାରୁ ବେଗଗାମୀ ଅର୍ଥବ୍ୟବସ୍ଥା । ସେପାଇଁ ଅଧିକାଂଶ ଦେଶ ଭାରତ ସହ ସମ୍ବନ୍ଧ ସୁଧାରିବା ପାଇଁ ଚାହୁଁଛନ୍ତି । ଏକଦେଶନୁ ଅଧିକ ଦେଶ ଭାରତ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରିସାରିଲେଣି । ଏବେ ନିକଟରେ ବ୍ରିଟେନ ସହ ଏ ଚୁକ୍ତି ହୋଇଛି । ଆମେରିକା ସମେତ ଆଉ କେତେକ ଦେଶ ସହ ଏ ନେଇ କଥାବାର୍ତ୍ତା ଚାଲିଛି । ଦୀର୍ଘ ସମୟ ଧରି କ୍ଷମତାରେ ଥିବା କଂଗ୍ରେସର ନେତାମାନଙ୍କୁ ଭଲ ଭାବେ ଜଣା ଯେ G-7 ସମ୍ମିଳନୀ ଆୟୋଜନ କରୁଥିବା ଦେଶର ଅଧିକାର କ୍ଷେତ୍ର ହେଉଛି କାହାକୁ ଆମନ୍ତ୍ରଣ କରିବ ।

G-20 ସମ୍ମିଳନୀର ଆୟୋଜକ ଭାରତ ଥିବାବେଳେ ଏ ସମୂହର ସଦସ୍ୟଙ୍କ ବ୍ୟତୀତ ମରିସସ୍, ଇଜିପ୍ଟ, ନେଦରଲ୍ୟାଣ୍ଡ, ନାଇଜେରିଆ, ଓମାନ, ସାଉଦି ଆରବ, ୟୁଏଇ ସମେତ ଆଉ କେତେକ ଦେଶକୁ ଆମନ୍ତ୍ରଣ କରିଥିଲା । କ'ଣ ଯେଉଁ ଦେଶମାନଙ୍କୁ ଆମନ୍ତ୍ରଣ କରାଯାଇ ନାହିଁ, ସେ ଦେଶର ବିରୋଧୀ ଦଳର ନେତାମାନେ ଜୟରାମ ରମେଶ, ରାହୁଲ ଗାନ୍ଧୀଙ୍କ ଭଳି ଆରୋପ ଲଗାଉଥିଲେ ଯେ ତାଙ୍କ ଦେଶର କୂଟନୈତିକ ବିଫଳତା ହୋଇଗଲା ବୋଲି ? କଂଗ୍ରେସ ଶାସନ କାଳରେ କନାଡା ସହ ଭାରତର ସମ୍ବନ୍ଧ ରସାତଳଗାମୀ ଯେ ହୋଇଯାଇଥିଲା, ତାହା କ'ଣ ବିସ୍ମରଣ ହୋଇଯାଇଛି ? □□

# ହସନ୍ତୁ, ସୁସ୍ଥ ରୁହନ୍ତୁ

ହାସ୍ୟରସକୁ ଆଧୁନିକ ଚିକିତ୍ସା ବିଜ୍ଞାନୀ ମାନେ ସଂସାରର ସବୁଠାରୁ ବଡ଼ ମହୌଷଧ ବୋଲି ବିବେଚନା କରି ଆସୁଛନ୍ତି । ନିକଟରେ ଆମେରିକାର ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ଅତ୍ୟାଧୁନିକ ଚିକିତ୍ସାନୁଷ୍ଠାନର ଗବେଷକ ମାନେ ବର୍ଷ ବର୍ଷ ଧରି ବିଶ୍ୱର ବିଭିନ୍ନ ଭାଗର ଲୋକମାନଙ୍କ ଭାବାବେଗ ଉପରେ ଗବେଷଣା କରି ଜାଣି ପାରିଛନ୍ତି ଯେ କେବଳ ହସ ହିଁ ଦୁଇଟି ଅପରିଚିତ ଲୋକଙ୍କୁ ନିକଟତର କରାଇପାରେ ଓ ପରସ୍ପର ମଧ୍ୟରେ ନିବିଡ ଭାବାବେଗ ବିନିମୟ କରିପାରିଥାଏ। ପୁଣି ଶିଶୁଟିଏ ଠାରୁ ବୟୋବୃଦ୍ଧଙ୍କ ପର୍ଯ୍ୟନ୍ତ ସମସ୍ତ ଓ ମୁହଁରେ ହସ ହିଁ ମନର ଭାବକୁ ଅନ୍ୟ ନିକଟରେ ବ୍ୟକ୍ତ କରିପାରିଥାଏ। ତେଣୁ ଶାରୀ ବିଜ୍ଞାନୀଙ୍କ ଠାରୁ ଆରମ୍ଭ କରି ମନୋବିଜ୍ଞାନୀଙ୍କ ପର୍ଯ୍ୟନ୍ତ ହସ ସମସ୍ତଙ୍କ ପାଇଁ ରହସ୍ୟ ହୋଇ ଆଜି ପର୍ଯ୍ୟନ୍ତ ରହିଯାଇଛି । ଚିକିତ୍ସା ବିଜ୍ଞାନଙ୍କ ମତରେ ଜଣେ ମଣିଷ କାର୍ଯ୍ୟକାରୀ କଲାବେଳେ ପ୍ରତି ଦଶ ମିନିଟରେ ସାଢ଼ରର ହସିଥାଏ। ତାହା ତାଙ୍କ ଜାଣତରେ ହେଉ ଅବା ଅଜାଣତରେ। ସେହି ହସ ଟିକକ ହିଁ ଦୁଇ ଜଣ ଭାବ ବିନିମୟକାରୀଙ୍କ ମଧ୍ୟରେ ସଂପର୍କକୁ ନିବିଡ଼ କରିଥାଏ। ପୁଣି ହସିବା ସମୟରେ ସେହି ବ୍ୟକ୍ତିର ଶରୀରର ତନ୍ତ୍ରଗୁଡ଼ିକ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ, ରକ୍ତ ସଂଚାଳନ ସ୍ୱାଭାବିକ ହୋଇଥାଏ ଓ କ୍ରୋଧ ତଥା ବିରକ୍ତିଭାବ ଯୋଗୁଁ ରକ୍ତରେ ସୃଷ୍ଟ ଅନିଷ୍ଟକାରୀ ରାସାୟନିକ ପଦାର୍ଥ ଆପେ ଆପେ ଉଭେଇ ଯାଇଥାଏ। ଏବେ ଚିକିତ୍ସା ବିଜ୍ଞାନୀମାନେ ପରାମର୍ଶ ଦିଅନ୍ତି ଯେ ପ୍ରତିଦିନ ମଣିଷ ଇଛା କରି କିଛି ସମୟ ହସିବା ଆବଶ୍ୟକ। ତାହା କାଳେ ରକ୍ତଚାପକୁ ନିୟନ୍ତ୍ରଣ କରେ। ତେଣୁ ଦେଶ ବିଦେଶରେ କିଛି ବର୍ଷ ଧରି ହସ କ୍ଲବମାନ ଗଠନ କରାଯାଉଛି। ଯୁବକ ଠାରୁ ବୃଦ୍ଧବୃଦ୍ଧା ପ୍ରତିଦିନ ସକାଳେ ପ୍ରାତଃଭ୍ରମଣ କରିବା ବେଳେ ଏକତ୍ରିତ ହୋଇ ଠୋ ଠୋ ହୋଇ କିଛି ସମୟ ହସୁଥିବା ଏକ ସାଧାରଣ ଦୃଶ୍ୟରେ ପରିଣତ ହେଲାଣି। ତାହା ସେମାନଙ୍କୁ ଦିନଟି ସାରା ମନ ଓ ଶରୀରକୁ ସୁସ୍ଥ ଓ କାର୍ଯ୍ୟକ୍ଷମ ରଖିବାରେ ସହାୟକ ହୋଇଥାଏ ବୋଲି ଅନେକେ କହନ୍ତି। ହସୁଥିବା ବ୍ୟକ୍ତିକୁ ସମସ୍ତେ ସୁଖୀ ବୋଲି କହନ୍ତି । କାରଣ ଆଜିର ଜଞ୍ଜାଳପୂର୍ଣ୍ଣ ଜୀବନରେ ମଣିଷ ଚାହିଁଲେ ବି ବେଳେବେଳେ ହସିପାରେ ନାହିଁ।

ଜଣେ ଦାର୍ଶନିକ ଜଣେ କାଙ୍ଗାଳକୁ ଆସୁଥିବାର ଦେଖି ଥରେ ମନ୍ତବ୍ୟ ଦେଇଥିଲେ, ଲୋକଟି ବେଢ଼େ ଭାଗ୍ୟବାନ କେତେ ମନଖୋଲା ହସ ହସିପାରୁଛି । ବାସ୍ତବିକ ହସ ମଣିଷର ଶ୍ରେଷ୍ଠ ସଂପଦ । କେହି ଭାବଗ୍ରାହୀର ମୁହଁରେ ରହିଥିଲେ ତାକୁ ବନ୍ଧୁମାନେ କହନ୍ତି, ମୁହଁଟାକୁ ହାଣ୍ଡିଟା କରି ରଖିଛୁ କାହିଁକି ? କଣ ଲକ୍ଷେ କି କୋଟିଏ ହରେଇଛୁ ?

ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ

# କିଏ ଯୋଗ୍ୟ ଓ କିଏ ଅଯୋଗ୍ୟ

**ଅଧ୍ୟାପକ ଗୋପବନ୍ଧୁ**

ରାଷ୍ଟ୍ର ପରିଚାଳନାରେ ଯୋଗ୍ୟ ବ୍ୟକ୍ତିଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି । ବିଭିନ୍ନ କ୍ଷେତ୍ରରେ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ପାଇଁ ରାଷ୍ଟ୍ର ମାନଦଣ୍ଡ ତିଆରି କରିଥାଏ । ଆମ ଦେଶରେ ମଧ୍ୟ ବିଭିନ୍ନ ପଦପଦବୀ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏ। ଶିକ୍ଷା କ୍ଷେତ୍ରରେ ଏଡ଼ମିଶନ୍ ପାଇଁ ଯୋଗ୍ୟଙ୍କ ଚୟନ ହୁଏ। ପରୀକ୍ଷାରେ ଯେଉଁମାନେ ଅଗ୍ରଣୀ ହୁଅନ୍ତି ତାଙ୍କୁ ମେଧାବୀ କୁହାଯାଏ। ଚାକିରୀ କ୍ଷେତ୍ରରେ ମଧ୍ୟ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ହୁଏ। ଯେଉଁମାନେ ଦେଶର ପ୍ରଶାସନିକ ସେବା, ବୈଷୟିକ ବିଭାଗ, କାରିଗରୀ, ଚିକିତ୍ସା, ନ୍ୟାୟପାଳିକା ପ୍ରଭୃତି ଦାୟିତ୍ୱ ତୁଲାନ୍ତି। ସେ ଚାକିରୀ ହେଉ କି ଶିକ୍ଷା ହେଉ, ଦେଶର ନାଗରିକ ଚାହାନ୍ତି ଯେ ଯେଉଁମାନେ ଯୋଗ୍ୟ ଓ ରାଷ୍ଟ୍ର ଗଠନରେ ପାରଦର୍ଶୀ ସେମାନେ ମନୋନୀତ ହୁଅନ୍ତୁ। ଏହି ପ୍ରକାର ବ୍ୟକ୍ତିମାନଙ୍କ ଚୟନ ପାଇଁ ଯେଉଁ ମାନଦଣ୍ଡ ତିଆରି ହୁଏ ତାହା ସଠିକ ହେବା ଆବଶ୍ୟକ। ଯେଉଁ ମାନଦଣ୍ଡ ଦ୍ୱାରା ପ୍ରକୃତ ଜ୍ଞାନୀ, ରାଷ୍ଟ୍ରବାଦୀ, ମାନବବାଦୀ, ସ୍ୱଚ୍ଛୋଟ, କର୍ମଠ, ପ୍ରଗତିବାଦୀ ଓ ସମାଜ ପ୍ରତି ସମର୍ପିତ ବ୍ୟକ୍ତିମାନେ ମନୋନୀତ ହେବେ।

କିନ୍ତୁ ବେଳେ ବେଳେ ମନେହୁଏ ଆମ ଦେଶରେ ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ସଠିକ ମାନଦଣ୍ଡ ନାହିଁ। ଯେଉଁ ସମସ୍ତ ବିଷୟକୁ ମାନଦଣ୍ଡ ରୂପେ ଗ୍ରହଣ କରାଯାଉଛି, ତାହା ଦ୍ୱାରା ସଠିକ ବ୍ୟକ୍ତିମାନେ ମନୋନୀତ ହୋଇପାରୁ ନାହାଁନ୍ତି ବୋଲି କେତେକ ଅଭିଯୋଗ କରନ୍ତି। ସଠିକ ବ୍ୟକ୍ତିମାନେ ଯଦି ସମସ୍ତ କ୍ଷେତ୍ରରେ ମନୋନୀତ ହେଉଥାନ୍ତେ, ତେବେ ଦେଶର ଶାସନ ଓ ପ୍ରଶାସନରେ ଏତେ ଭ୍ରଷ୍ଟାଚାର ଓ ଅପାରଗତା ଦେଖାଦେଉ ନଥାନ୍ତା। କୌଣସି କାମ ପାଇଁ ଉତ୍କୋଚ ଦେବା ପାଇଁ ପଡୁ ନଥାନ୍ତା। ଗୋଟିଏ ଟେବୁଲରୁ ଆଉ ଗୋଟିଏ ଟେବୁଲକୁ ଫାଇଲ ଯିବା ପାଇଁ ମାସମାସ ସମୟ ଲାଗୁ ନଥାନ୍ତା। ରାସ୍ତା ତିଆରି ହେବାର ୬ ମାସ ନପୁରୁଣୁ ତାହା ନଷ୍ଟ ହୋଇଯାଉ ନଥାନ୍ତା। ତିଆରି ନସରୁଣୁ ପୋଲ ଭୁଶୁଡ଼ି ପଡୁ ନଥାନ୍ତା। ଭୁଲ ଇଞ୍ଜେକସନ୍ ଓ ଭୁଲ ରକ୍ତ ପ୍ରଦାନ ଯୋଗୁଁ ରୋଗୀ ମରୁ ନଥାନ୍ତେ। ଶିକ୍ଷା କ୍ଷେତ୍ରରେ ଦେଶ ଏତେ ପଛରେ ପଡ଼ି ନଥାନ୍ତା। ଭୋକିଲା ସୂଚକାଙ୍କରେ ଭାରତ ୧୧୧ ତମ ସ୍ଥାନରେ ନଥାନ୍ତା। ଯୋଗ୍ୟତାର ମାପକାଠିରେ ଉଚ୍ଚାର୍ଦ୍ଧ ହୋଇଥିବା ମେଧାବୀମାନେ ଉତ୍କୋଚ ନେଇ ଧରାପଡୁ ନଥାନ୍ତେ। ଏମାନେ ଦେଶର ଗୁପ୍ତ ତଥ୍ୟକୁ ବିକ୍ରିକରୁ ନଥାନ୍ତେ। ନ୍ୟାୟପାଳିକାରେ କୋଟି କୋଟି କେଶ ଫେସଲା ନହୋଇ ବର୍ଷ ବର୍ଷଧରି ପଡ଼ିରହୁ ନଥାନ୍ତା। ଦେଶରେ ହଜାର ହଜାର କୋଟି ଟଙ୍କାର ଦୁର୍ନୀତି ହେଉ ନଥାନ୍ତା। ଏସମସ୍ତ ବିଷୟ ଦୈନିକ ଖବରକାଗଜରେ ଦେଖିଲା ପରେ ମନେହୁଏ ନାହିଁ ଯେ ଦେଶ ଯୋଗ୍ୟ ଲୋକଙ୍କ ହାତରେ ଅଛି।

ଦେଶରେ ଯେଉଁ ଯୋଗ୍ୟତାର ମାନଦଣ୍ଡ ନିର୍ଣ୍ଣୟ ହୋଇଛି, ତାହା ପର୍ଯ୍ୟାପ୍ତ ପରି ମନେହୁଏ ନାହିଁ। ଶିକ୍ଷା କ୍ଷେତ୍ରରେ ସେହିମାନେ ଯୋଗ୍ୟ ଯେଉଁମାନେ ଅଧିକ ମନେରଖି ପାରନ୍ତି ଓ ଏହାକୁ ଠିକଭାବେ ଲେଖିପାରନ୍ତି। ଅର୍ଥାତ ଶିକ୍ଷାରେ ଘୋଷିବା ଓ ଲେଖିବା ଯୋଗ୍ୟତାର ମାନଦଣ୍ଡ। ଏଥିରେ ସୃଜନଶୀଳତା ଓ ଉତ୍କୃଷ୍ଟ ନୂତନତାର ଅନ୍ୱେଷଣ ମୁଖ୍ୟ ମାନଦଣ୍ଡ ଭାବେ ଗୃହୀତ ହୁଏ ନାହିଁ। ପରୀକ୍ଷା ପରେ ଛାତ୍ରଛାତ୍ରୀ ମାନଙ୍କୁ ଯେଉଁ ଯୋଗ୍ୟତାର ପ୍ରମାଣପତ୍ର ମିଳେ ତାହା କେବଳ ତାର ସ୍ମୃତିର ମାନକ ହୋଇଥାଏ। ଏହା ତାର ମାନସିକତାର ଓ ପ୍ରୟୋଗାତ୍ମକ ଦକ୍ଷତାର ପ୍ରକୃତ ପରିମାପକ ନୁହେଁ। ସେହିପରି ବିଭିନ୍ନ ଚାକିରୀ ପାଇଁ ଯେଉଁ ପରୀକ୍ଷା ଓ ଏହାର ମାନଦଣ୍ଡ ଗ୍ରହଣ କରାଯାଏ ତାହା ମଧ୍ୟ ସମ୍ପୂର୍ଣ୍ଣ ମାନକ ରୂପେ ବିବେଚିତ ହୁଏ ନାହିଁ। ଏଥିରେ ମଧ୍ୟ ଘୋଷିବା ଓ ଲେଖିବା ଉପରେ ପ୍ରାଧାନ୍ୟ ଦିଆଯାଏ। ସାକ୍ଷାତକାର ପରୀକ୍ଷାରେ ମଧ୍ୟ ଜଣକର ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣଭାବେ ପରିସ୍ଫୁଟ ହେଲାପରି ମନେହୁଏ ନାହିଁ। ଚାକିରି ଚୟନ କ୍ଷେତ୍ରରେ ଜଣକର ସଚ୍ଚୋଟତା, ମାନବିକତା, ନୈତିକତା, ରାଷ୍ଟ୍ରବାଦୀ ଭାବନା, ବୈଜ୍ଞାନିକ ଚେତନା, ସୃଜନଶୀଳତା, ବିଭିନ୍ନ କ୍ଷେତ୍ରରେ ପ୍ରୟୋଗାତ୍ମକ ଜ୍ଞାନ ଇତ୍ୟାଦିକୁ ଗୁରୁତ୍ୱ ଦିଆଯାଏ ନାହିଁ। ଫଳରେ ଯେଉଁମାନେ ଚାକିରୀ କ୍ଷେତ୍ରକୁ ପଶି ଆସନ୍ତି ସେମାନେ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରନ୍ତି ନାହିଁ। ଅନେକ ସମୟରେ ଯୋଗ୍ୟତାର ଆଳୋଚନା ସମୟରେ ସୁପାରିଶ ଓ ପୁର୍ବାଧାରଣାକୁ ବିଚାରର ପରିସରଭୁକ୍ତ କରଯାଏ ନାହିଁ। ଏବେବି ଅନେକଙ୍କ ଧାରଣା ଯେ ଯୋଗ୍ୟତା ଜାତି ଆଧାରରେ ଆସେ। ସମାଜର ତଥାକଥିତ ଉଚ୍ଚ ଜାତିର ଲୋକମାନେ ଜନ୍ମଗତ ଭାବେ ଯୋଗ୍ୟ। ଅନ୍ୟମାନେ ଅଯୋଗ୍ୟ। ଏ ପ୍ରକାର ଅବଧାରଣା ହଜାର ହଜାର ବର୍ଷଧରି ରହିଆସିଛି। ସମାଜ ତଳ ସ୍ତରର ଲୋକମାନଙ୍କ ଯୋଗ୍ୟତାକୁ ଏଯାଏଁ ସ୍ୱୀକାର କରିପାରି ନାହିଁ। ଯେଉଁମାନେ ବି ଯୋଗ୍ୟ ବାହାରିଛନ୍ତି ତାଙ୍କ ଯୋଗ୍ୟତାକୁ ନଷ୍ଟ କରିଦେବାର ବ୍ୟବସ୍ଥା ମଧ୍ୟ ହୋଇଛି। ରାମାୟଣରେ ସମ୍ବୁକ ଓ ମହାଭାରତରେ ଏକଲବ୍ୟ ଏହାର ଉଦାହରଣ। ମେଧାବୀ ବା ଯୋଗ୍ୟ ବ୍ୟକ୍ତି ଚୟନ କ୍ଷେତ୍ରରେ ଏ ମାନସିକତା ଏବେବି ରହିଛି। ଯୋଗ୍ୟତା ଚୟନ କ୍ଷେତ୍ରରେ ସୁପାରିଶ ଓ ଭାଇ ଭତିଜାବାଦ ପ୍ରବଳ ମାତ୍ରାରେ ରହିଛି। ଯେଉଁମାନେ ପ୍ରଶ୍ନପତ୍ର ତିଆରି କରିବେ, ଯେଉଁମାନେ ଖାତା ଦେଖିବେ, ଯେଉଁମାନେ ସାକ୍ଷାତକାର ପରୀକ୍ଷାରେ ପରୀକ୍ଷକ ଭାବେ ବସିବେ, ଯେଉଁମାନେ ମେରିଟ ତାଲିକା ପ୍ରସ୍ତୁତ କରିବେ ତାଙ୍କ ସମର୍ଥକୀୟ ମାନେ ଅନେକ ସମୟରେ ଅନୁକମ୍ପା ପାଇବାର ମଧ୍ୟ ଅଭିଯୋଗ ଆସେ।

ଯୋଗ୍ୟତା ଚୟନ କ୍ଷେତ୍ରରେ ସଂରକ୍ଷଣ ମୁଖ୍ୟ ପ୍ରତିବନ୍ଧକ ବୋଲି ଅନେକେ ଅଭିଯୋଗ କରି ଆସିଛନ୍ତି। ଏମାନେ ଅଳ୍ପ ନମ୍ବର ରଖି ଶିକ୍ଷାନୁଷ୍ଠାନରେ ଆଡମିଶନ ଓ ଚାକିରିରେ ନିଯୁକ୍ତି ପାଉଥିବା ଅଭିଯୋଗ ହୁଏ। କିନ୍ତୁ ବେସରକାରୀ ଅନୁଷ୍ଠାନରେ ଧନୀ ବର୍ଗର ପିଲାମାନେ ଆହୁରି କମ ନମ୍ବର ରଖି ଡୋନେସନ ଦେଇ ଆଡମିଶନ ହେଲେ କିମ୍ବା ସୁପାରିଶ ମାଧ୍ୟମରେ ନିଯୁକ୍ତି ପାଇଲେ ତାହା ଯୋଗ୍ୟତା ହାନି ଘଟାଏ ବୋଲି ଅଭିଯୋଗ ହୁଏ ନାହିଁ। ଯେଉଁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ ଅଯୋଗ୍ୟ ବୋଲି ଅଭିଯୋଗ କରାଯାଏ ସେମାନେ ମନେରଖିବା ଓ ଲେଖିବା କ୍ଷେତ୍ରରେ ଦୁର୍ବଳ ହୋଇଥାଇ ପାରନ୍ତି। କାରଣ ଜଣେ ସମସ୍ତ ସୁବିଧା ପାଇ ପ୍ରାରମ୍ଭରୁ ଇଂରାଜୀ ମାଧ୍ୟମ ସ୍କୁଲରୁ ଶିକ୍ଷାଲାଭ କରିଥିବା ପିଲା ଇଂରାଜୀରେ ଭଲ ଲେଖିବା ଓ କହିବା ସ୍ୱାଭାବିକ। କିନ୍ତୁ ଜଣେ ପିଲାଦିନୁ ଅଭାବ ଅନାଟନ ମଧ୍ୟରେ ଗାଁ ସ୍କୁଲରେ ଦୁଇ ତିନୋଟି ଭାଷା ଶିଖିବା ପରେ ଇଂରାଜୀ ଭାଷା ଶିଖିଥିଲେ ସେ ଏଥିରେ ଏତେ ପାରଙ୍ଗମ ହୋଇପାରିବ ନାହିଁ। ଏପରି କ୍ଷେତ୍ରରେ ସେ ମାଧବୀ ବା ଯୋଗ୍ୟ ନୁହେଁ ବୋଲି କହିବା ଉଚିତ୍ ହେବ ନାହିଁ। ସାକ୍ଷାତକାର ପରିକ୍ଷାରେ ମଧ୍ୟ ବହୁ ଜାତିଗତ ପାତର ଅନ୍ତର ହେଉଥିବାର ଅଭିଯୋଗ ଆସୁଛି। ଯେଉଁ ପିଲାକୁ ପାସ କରାଇବାର ଥିବ ତାକୁ ପଚରାଯିବ ରାବଣର କେତୋଟି ମୁଣ୍ଡ ଓ ଯାହାକୁ ଫେଲ କରିବାର ଥିବ ତାକୁ ପଚରାଯିବ ଅକାଶରେ କେତେ ତାରା ଅଛି।

ସଂରକ୍ଷିତ ବର୍ଗରୁ ଯେଉଁମାନେ ଆସନ୍ତି ସେମାନେ କର୍ମଠ, ସଚ୍ଚୋଟ, ମାନବବାଦୀ, ରାଷ୍ଟ୍ରବାଦୀ ଓ ନୈତିକତାବାଦୀ ମଧ୍ୟ। ଏମାନେ କୃଷି କାର୍ଯ୍ୟରେ ପାରଙ୍ଗମ, ନିଜ କୌଳିକ ବୃତ୍ତିରେ ପାରଙ୍ଗମ, ରାସ୍ତା ତିଆରି ଓ ଘର ତିଆରିରେ ପାରଙ୍ଗମ, ଲୁହାକାମ, କାଠକାମ, ମାଟିକାମ ଇତ୍ୟାଦିରେ ପାରଙ୍ଗମ। କିନ୍ତୁ ଏମାନଙ୍କ ଏ ଯୋଗ୍ୟତାକୁ ମେଧାବୀ ଚୟନର ମାନଦଣ୍ଡ ରୂପେ ଗ୍ରହଣ କରାଯାଏ ନାହିଁ। ମହାନଗରୀରେ ବଢ଼ିଥିବା ଜଣେ ପରୀକ୍ଷାର୍ଥୀ ଯେକି ଧାନଗଛ କେବେ ଦେଖିନାହିଁ, ସେ ବହିପଢି ମନେ ରଖି ଏହାକୁ ସୁନ୍ଦରଭାବେ ଖାତାରେ ଲେଖିଦେଇ ପାରେ, କିନ୍ତୁ ଯେଉଁ ପିଲା ଜୀବନସାରା ବାପାଙ୍କୁ ଧାନ ଚାଷରେ ସାହାଯ୍ୟ କରି ଆସିଛି ସେ ଏହାକୁ ଠିକଭାବେ ଲେଖି ନପାରେ, କିନ୍ତୁ ଏଠାରେ ଚାଷୀପୁଅ ପିଲାଟି ହିଁ ଅଧିକ ମେଧାବୀ ରୂପେ ପରିଗଣିତ ହେବା ଉଚିତ। ଯୋଗ୍ୟତା ସମ୍ବନ୍ଧରେ ବିଶିଷ୍ଟ ସମାଜବାଦୀ ନେତା ରାମମନୋହର ଲୋହିଆ ଦେଇଥିବା ଉକ୍ତିଟି ଯଥାର୍ଥ। ସେ କହିଥିଲେ ଜଣେ ପ୍ରାଚୁର୍ଯ୍ୟ ଓ ସମସ୍ତ ସୁବିଧା ମଧ୍ୟରେ ବଢ଼ିଥିବା ପିଲା ଶତକଡ଼ା ୮୦ ନମ୍ବର ରଖିବା ଯାହା, ଜଣେ ଅଭାବ ଅନାଟନ ଓ ଅସୁବିଧା ମଧ୍ୟରେ ବଢ଼ିଥିବା ଗାଉଁଲି ପିଲା ଶତକଡ଼ା ୪୦ ନମ୍ବର ରଖିବା ତାହା। ତେଣୁ ସଂରକ୍ଷିତ ବର୍ଗର ପିଲାମାନଙ୍କୁ କଦାପି ଅଯୋଗ୍ୟ ବୋଲି କୁହାଯାଇ ପାରିବ ନାହିଁ। ଅନେକ କ୍ଷେତ୍ରରେ ଏମାନେ ନିଜ ଦକ୍ଷତାକୁ ପ୍ରଦର୍ଶନ କରିଛନ୍ତି। ଯେହେତୁ ଏମାନେ ସରଳ, କର୍ମଠ ଓ କୁଣ୍ଠିତ ହାରେ ଉର୍ଦ୍ଧ୍ୱରେ ତେଣୁ ଏମାନଙ୍କ ଉପରେ ଦୋଷ ଲଦିବା ଅନେକଙ୍କ ଅଭ୍ୟାସ। ଦେଶର ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ମେଧା ବା ଯୋଗ୍ୟ ଚୟନର ମାନଦଣ୍ଡ ବଦଳିବା ଉଚିତ। ସୃଜନଶୀଳତା, କର୍ମଠତା, ରାଷ୍ଟ୍ରବାଦୀତା, ମାନବବାଦୀତା, ସଚ୍ଚୋଟତା, ପ୍ରଗତୀଶୀଳତା, କର୍ମ ସମ୍ପାଦନର କୁଶଳତା, ବୈଜ୍ଞାନିକ ଚେତନା, ସମାନତା ପ୍ରଭୃତି ମାନଦଣ୍ଡ ହେବା ଉଚିତ୍। ଯେଉଁମାନଙ୍କ ନିକଟରେ ଏହିଗୁଣ ଥିବ ସେହିମାନେ ହିଁ ମେଧାବୀ ବା ଯୋଗ୍ୟ ଭାବେ ପରିଗଣିତ ହେବା ଉଚିତ୍।

ବାରିପଦା, ମୟୂରଭଞ୍ଜ
ମୋ:୭୦୦୮୯୭୬୧୮୦

# ଠିଆ ଖିଆ, ମାଗି ଖିଆ

**ସତ୍ୟନାରାୟଣ ଦେହୁରୀ**

ଖାଦ୍ୟ ଖାଇବାର ଏକ ନିର୍ଦ୍ଦିଷ୍ଟ ଭଙ୍ଗୀ ଅଛି । ଆସନରେ ବସି ପଙ୍କାଇ ଖାଦ୍ୟ ଖାଇବାର ପରଂପରା ବହୁ କାଳରୁ ରହିଛି । ମୁନି ଋଷି ମାନଙ୍କ ଠାରୁ ଆରମ୍ଭ କରି ଆମ ମଣିଷ ସମାଜ ଏହି ଭାବରେ ସାତ୍ୱିକ ଆହାର ଭୋଜନ କରିବାର ପରମ୍ପରା ବହୁ ପୁରୁଣା । କେହି କେହି ପିଢ଼ା ଉପରେ ବସି ମଧ୍ୟ ଖାଦ୍ୟ ଗ୍ରହଣ କରିଆସିଛନ୍ତି । ଯଦି ଆମେ ପ୍ରାକ ଐତିହାସିକ ଯୁଗକୁ ଯିବା ତାହାହେଲେ ସେତେବେଳେ ମଣିଷର କୌଣସି ଶୃଙ୍ଖଳିତ ଚଳଣି ନଥିଲା । ବଣ ଜଙ୍ଗଲରେ ଏଣେ ତେଣେ ବୁଲି ଫଳମୂଳ ଭଳି ଖାଦ୍ୟ ଗ୍ରହଣ କରୁଥିଲା । ଉଭୟ ଆମିଷ ଓ ସାତ୍ୱିକ ଆହାର ଭକ୍ଷଣ କରୁଥିଲା । ମଣିଷର ଚେତନା ଅଙ୍ଗ ଅନୁସାରେ ସେ ସାତ୍ୱିକ ଆହାର ଖାଇବା ଉଚିତ । କିନ୍ତୁ ସେ ଆମିଷ ମଧ୍ୟ ଭକ୍ଷଣ କରୁଛି । ତେଣୁ ମଣିଷକୁ ସର୍ବଭୁକ ପ୍ରାଣୀ କୁହାଯାଏ । ତାର କୌଣସି ସ୍ୱତନ୍ତ୍ର ସାମାଜିକ ଚଳଣି ନଥିଲା । ଯେତେ ବେଳେ ଯାହା ପାଇଲା ଖାଇଲା। କିନ୍ତୁ ଯେଉଁ ଦିନଠାରୁ ମଣିଷ ଏକ ସଭ୍ୟ ସାମାଜିକ ପ୍ରାଣୀ ଭାବରେ ଗଣା ହେଲା, ସେହି ଦିନଠାରୁ ତାର ଏକ ନିର୍ଦ୍ଦିଷ୍ଟ ପ୍ରଥା, ପରମ୍ପରା ଓ ଚଳଣି ସୃଷ୍ଟି ହେଲା । ଗୋଟିଏ ପରିବାରର ସମସ୍ତ ସଦସ୍ୟ ଏକତ୍ର ବସି ଏକ ନିର୍ଦ୍ଦିଷ୍ଟ ସମୟରେ ଭୋଜନ କରିବାର ଧାରା ଆରମ୍ଭ ହେଲା । ତାହା ପୂର୍ଣ୍ଣ ଚଳଣୀ ଭାବରେ । ପରିବାରର ପୁରୁଷ ମାନେ ପ୍ରଥମେ ଭୋଜନ କରିବେ, ତାପରେ ସ୍ତ୍ରୀ ମାନେ ଏକତ୍ର ଭୋଜନ କରିବାର ପରମ୍ପରା ଆରମ୍ଭ ହେଲା । ଏବେ ମଧ୍ୟ ଏହି ପରମ୍ପରା କେତେକ ପରିବାରରେ ପ୍ରଚଳିତ ଅଛି । ବଡ ପରିବାର ମାନଙ୍କରେ ଏବେ ଏକତ୍ର ବସି ଖାଇବାର ପରମ୍ପରା ରହିଛି । ଏକତ୍ର ଭୋଜନ କରିବାର ଆନନ୍ଦ କହିଲେ ନସରେ । କଂସା ବାସନ ବ୍ୟବହାର କରି ମଧ୍ୟ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ । କାରଣ ଆମ ଶରୀର ପାଇଁ ଧାତବ ଅଂଶର ଆବଶ୍ୟକ ହୋଇଥାଏ । କିନ୍ତୁ ପରବର୍ତ୍ତୀ କାଳରେ ଷ୍ଟିଲର ଓ ଷ୍ଟିଲର ବ୍ୟବହାର ଆମ ପାଇଁ ବହୁ କ୍ଷତି ସାଧନ କରୁଛି । ଏବେ ପୁଣି ବହୁଳ ଭାବରେ ପ୍ଲାଷ୍ଟିକର ବ୍ୟବହାର ଫଳରେ ଆମ ଶରୀର ବିଷାକ୍ତ ହୋଇ ଯାଉଛି । ଆଗରୁ ରଜା ମହାରାଜା ମାନେ ସୁନା ରୂପାର ପାତ୍ରରେ ଖାଦ୍ୟ ଖାଉଥିଲେ । ଏହାର ଶରୀର ଉପରେ ଗଭୀର ଭାବରେ ଭଲ ପ୍ରଭାବ ପକାଉ ଥିଲା।

ଆସନରେ ବସି ଖାଦ୍ୟ ଖାଇବା ବଦଳରେ ଏବେ ଅନେକ ଚେୟାରରେ ବସି ଖାଦ୍ୟ ଖାଇବା ଅଭ୍ୟାସ କରିଛନ୍ତି । ସବୁ ଯାଗାରେ ଲୋକମାନେ ଠିଆରେ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପରିଣତ ହେଲାଣି । ଭୋଜିଭାତ ଆରମ୍ଭ କରି ହୋଟେଲରେ ଖାଇବା ଭଳି ମଧ୍ୟ ଠିଆରେ ହେଲାଣି । ରାସ୍ତା ପାର୍ଶ୍ୱ ଉଠା ଦୋକାନ ମାନଙ୍କରେ ଅନେକ ଲୋକ ଠିଆରେ ଜଳଖିଆ ଖାଇବାକୁ ବହୁତ ପସନ୍ଦ କରୁଛନ୍ତି । କେତେକ ବଡ ବଡ ହୋଟେଲରେ ଯାଇ ବସି ଖାଇବାକୁ ବେଶୀ ଲୋକ ପସନ୍ଦ କରୁନାହାଁନ୍ତି । କାହାରି ପାଖରେ ଅଧିକ ସମୟ ନାହିଁ । ହୋଟେଲରେ ବସି ଅଧିକ ସମୟ ଦେବାକୁ ଚାହୁଁ ନାହାନ୍ତି । ଠିଆରେ ଖାଦ୍ୟ ଖାଇବାର କୁପ୍ରଭାବ କଥା କେହି ଚିନ୍ତା କରନ୍ତି ନାହିଁ । ଏହା ଆମର ରେଚନ କ୍ରିୟାରେ ବାଧା ସୃଷ୍ଟି କରିଥାଏ । ଠିଆ ହୋଇ ଖାଦ୍ୟ ଖାଇବା କିମ୍ବା ପାଣି ପିଇବା ଦ୍ୱାରା ଆମର କିଡନି ଉପରେ ମଧ୍ୟ ପ୍ରଭାବ ପକାଏ । ଠିଆରେ ଖାଦ୍ୟ ଖାଇଲେ ଶିଘ୍ର ଶିଘ୍ର ଖାଦ୍ୟ ଖାଇବା ଦ୍ୱାରା ରେଚନ କ୍ରିୟା ବାଧା ପାଏ । ଏବେ ଅନେକ ଯାଗାରେ ଖାଦ୍ୟ ବିକ୍ରି କରାଯାଉଛି କିନ୍ତୁ ବସିବା ପାଇଁ କୌଣସି ବ୍ୟବସ୍ଥା ନଥାଏ । ଫଳରେ ଅନେକ ଲୋକ ଠିଆ ହୋଇ ଖାଦ୍ୟ ଖାଇଥାଆନ୍ତି । ରାସ୍ତା କଡ ମାନଙ୍କରେ ଅନେକ ଯାଗାରେ ଦହିବରା ଆଳୁଦମ ବହୁଳ ବାବରେ ବିକ୍ରି ହେଉଛି । କିନ୍ତୁ ଠିଆରେହିଁ ସମସ୍ତେ ଦହିବରା ଆଳୁଦମ ଖାଉଥାଆନ୍ତି । କେହି ବସିବା ଯାଗା ଖୋଜନ୍ତି ନାହିଁ । ବାହାଘର, ବ୍ରତଘର କିମ୍ବା ଜନ୍ମଦିନ ଇତ୍ୟାଦି ସାମାଜିକ କାର୍ଯ୍ୟକ୍ରମ ମାନଙ୍କରେ ଯେଉଁ ଭୋଜିଭାତ ଆୟୋଜନ ହୋଇଥାଏ, ସେଗୁଡ଼ିକ ସବୁ ବଫେ । ଲମ୍ବା ଲାଇନରେ ଠିଆ ହୋଇ ଖଲି ଧରି ଖାଦ୍ୟ ମାଗି କରି ଠିଆହେଇଁ ଖାଇବାକୁ ପଡିଥାଏ । ଖାଦ୍ୟର ପସରା ମେଲା ହୋଇଥାଏ । ନିଜର ପସନ୍ଦ ଅନୁସାରେ ଖାଦ୍ୟ ମାଗି ଠିଆରେ ଖାଇବାକୁ ହୁଏ । ଖାଦ୍ୟ ସରିଗଲେ ଆଉଥରେ ଲାଇନରେ ଯାଇ ଖାଦ୍ୟ ମାଗି ବାକୁ ପଡିଥାଏ । ଏହିସମୟରେ ଅଇଁଠା ଖଲି ବାଲି ଅନ୍ୟର ପୋଷାକ ଖରାପ ହେବାର ମଧ୍ୟ ସମ୍ଭାବନା ଥାଏ । କିଛି ଲୋକ ବେଶୀ ସମୟ ଲାଇନରେ ଠଆ ହୋଇ ଖାଇ ନପାରି ଅଧା ଖାଇ ଚାଲିଯାଆନ୍ତି । ସବୁ ଲୋକ ଏହି ଠିଆ ଖିଆ, ମାଗି ଖିଆ କୁ ପସନ୍ଦ କରନ୍ତି ନାହିଁ । ଯେଉଁ ମାନଙ୍କର ଠିଆ ଖାଇବାର ଅଭ୍ୟାସ ନଥାଏ ସେମାନେ କୌଣସି ମତେ କରି ଖାଇବାକୁ ଚେଷ୍ଟା କରନ୍ତି । ଆଜିକାଲି ସହର ମାନଙ୍କରେ ଆଉ ବସି ଖାଇବାର ବ୍ୟବସ୍ଥା କରା ଯାଉନାହିଁ । ସବୁ ଯାଗାରେ ଠିଆ ଖିଆ, ମାଗି ଖିଆ । କିନ୍ତୁ ଗାଁ ଗହଳ ମାନଙ୍କରେ କିଛି ପରିମାଣରେ ଭୋଜି ଭାତ ହେଲେ ଟେବୁଲ, ଚୌକିର ବ୍ୟବସ୍ଥା କରା ଯାଉଛି ।

୨୦୦୦ ମସିହା ପରଠାରୁ ଏହି ଠିଆ ଖିଆ ଅପସଂସ୍କୃତି ଆରମ୍ଭ ହୋଇଛି । ତା ପୂର୍ବରୁ ସବୁ ବସି ଖାଇବା ସଂସ୍କୃତି ଥିଲା । ଆଗରୁ ତଳେ ବସି ଭୋଜୀ ଖିଆ ଯାଉଥିଲା । ତାପରେ ଟେବୁଲ, ଚୌକି ବ୍ୟବସ୍ଥା କରାଗଲା । ଟେବୁଲ, ଚୌକିରେ ଥରକରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଲୋକ ଖାଦ୍ୟ ଖାଇ ପାରିଲେ । କିନ୍ତୁ ତଳେ ଖାଇଲେ ଏକକାଳିନ ଅନେକ ଲୋକ ଖାଦ୍ୟ ଖାଇ ପାରୁଥିଲେ । ବାହାରିକୁ ଅପେକ୍ଷା କରିବାକୁ ପଡୁ ନଥିଲା । ସିଏ ଯେତେ ବେଳେ ଆସିଲେ ଯେକୌଣସି ଯାଗାରେ ବସି ଖାଦ୍ୟ ଖାଇ ପାରୁଥିଲେ । ପରିମାଣରେ କୌଣସି ସୀମା ନଥାଏ । ଏଥିରେ ଖାଦ୍ୟ ନଷ୍ଟ ହୁଏ ନାହିଁ । ଯିଏ ଯାହା ଖାଏ ତାହା ତାକୁ ପରଶି ଦିଆଯାଇଥାଏ । କିନ୍ତୁ ଠିଆ ଖିଆ ବା ବଫେରେ ଜଣେ ଯେତିକି ଖାଦ୍ୟ ମାଗି ଆଣି ଥାଆନ୍ତି ତାହା ଖାଇନପାରିଲେ ଫୋପାଡି ଚାଲିଯାଆନ୍ତି । କାରଣ ସମସ୍ତଙ୍କୁ ସମାନ ପରିମାଣର ଖାଦ୍ୟ ଦିଆ ଯାଇଥାଏ । ଆଉ ଯଦି କେହି ଦ୍ୱିତୀୟ ଥର ଖାଇବାର ଇଚ୍ଛା ଥାଏ ତେବେ ଲାଇନ ଦେଖି ଆଉ ଯିବାକୁ ଇଚ୍ଛା କରେ ନାହିଁ । ଫଳରେ ତାଙ୍କୁ ସେହି ଥରକରେହିଁ ସନ୍ତୁଷ୍ଟ ହେବାକୁ ପଡିଥାଏ । ଏଠାରେ ଅଳ୍ପ ଖାଦ୍ୟ ବେଶୀ ଲୋକ ଖାଇପାରନ୍ତି । କାରଣ କମ କମ ଖାଦ୍ୟ ପରଷା ଯାଏ । ଯିଏ ଅଧିକ ଥର ମାଗି ଖାଇ ପାରେ ସେ ପେଟ ଭରି ଖାଇ ପାରେ । ଯିଏ ଥରକରେ ଆଉ ଧାଡ଼ିକୁ ଯାଏ ନାହିଁ ତାର ପେଟପୁରି ନଥାଏ । ଲାଜ କରୁଥିବା ଲୋକ ଏଠାରେ ଭୋକିଲା ରହିବାକୁ ପଡେ । ନିଜକୁ ହୋଇ ବାରମ୍ବାର ଧାଡ଼ି ଧରିଲେ ପେଟ ପୂରା ଖାଇ ପାରିବ । ଏହି ଠିଆ ଖିଆ କୁ ଆମ ସଂସ୍କୃତି ବୋଲି ଭାବିବାକୁ ପଡିବ । ଏବେ ପରିବାର ମାନଙ୍କରେ ମଧ୍ୟ ଆଉ ବସି ଖାଇବାର ସୁଯୋଗ ନାହିଁ । କାରଣ ସବୁ ପରିବାର ମାନଙ୍କରେ ଡାଇନିଙ୍ଗ ଟେବୁଲ ସବୁ ଘରର ଶୋଭା ବଢାଉଛି । ପଡୋଶୀ ଘର ସହ ପ୍ରତିଯୋଗିତା ମୂଳକ ଭାବରେ ଡାଇନିଙ୍ଗ ଟେବୁଲ କିଣା ଯାଉଛି । ଏହି ଟେବୁଲ ମାନଙ୍କରେ ବସି ଖାଇବା ଅଭ୍ୟାସ କରିବା ଫଳରେ ଅନେକ ଲୋକଙ୍କର ଅଣ୍ଠୁ ସମସ୍ୟା ଦେଖାଦେଉଛି । ଆଉ ତଳେ ଚଟା ପକାଇ ବସି ପାରୁ ନାହାଁନ୍ତି । ମନ୍ଦିର ମାନଙ୍କୁ ପ୍ରସାଦ ସେବନ ପାଇଁ ଗଲେ ଆଉ ତଳେ ବସି ପ୍ରସାଦ ସେବନ କରିପାରୁ ନାହାଁନ୍ତି । ଏହି ସମସ୍ୟା ପାଇଁ ପୁଣି ଯୋଗର ସାହାରା ନେବାକୁ ପଡୁଛି ।

ରାଧାନଗର, ବୌଦ୍ଧ
ମୋ:୯୯୩୮୭୫୩୧୫୩

# ଉତ୍ତର-ପୂର୍ବାଂଚଳରେ ମୌସୁମୀର କ୍ରୋଧ

**ସୌଭାଗ୍ୟ ରଂଜନ ମହାନ୍ତି**

କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗୁଆ ପ୍ରବେଶ ଯେତିକି ସୁଖଦ ଥିଲା ଏବେ, ଉତ୍ତର-ପୂର୍ବାଂଚଳ ରାଜ୍ୟଗୁଡ଼ିକ ତଥା ଆସାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଏବଂ ଉତ୍ତର ସିକିମରେ ଏହାର କରାଳ ରୂପ ସେତିକି ଦୁଃଖ, ଦୁର୍ଦ୍ଦଶାର କାରଣ ପାଲଟିଛି ବୋଲି କୁହାଯାଇପାରିବ । କେରଳରେ ମୌସୁମୀ ପ୍ରବେଶ କରିବା ପରେ ଉତ୍ତର-ପୂର୍ବ ଅଭିମୁଖେ ଅଗ୍ରସର ହେବା ସହ ଏହାର କରାଳ ରୂପ ପ୍ରଦର୍ଶନ କରିଛି। ପ୍ରବଳ ମୌସୁମୀ ଜନିତ ପ୍ରବଳ ବର୍ଷାରେ ଉତ୍ତର ପୂର୍ବାଂଚଳ ରାଜ୍ୟ ଗୁଡ଼ିକରେ ପ୍ରଳୟଙ୍କାରୀ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆସାମର ୧୦ଟି ବଡ଼ ବଡ଼ ନଦୀ ଗୁଡ଼ିକରେ ପ୍ରଳୟଙ୍କାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀଗୁଡ଼ିକ ବିଭିନ୍ନ ସ୍ଥାନରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛନ୍ତି। ବନ୍ୟା ପ୍ରଭାବରେ ରାଜ୍ୟର ୧୯ଟି ଜିଲ୍ଲାରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବେଳେ ଜନସାଧାରଣଙ୍କର ଦୈନନ୍ଦିନ କାର୍ଯ୍ୟ ଠପ୍ ହୋଇ ଯାଇଛି। ହଜାର ହଜାର ଗ୍ରାମ ବନ୍ୟା ଜଳ ଘେରରେ ଜଳବନ୍ଦୀ ହୋଇ ଯାଇଥିବା ସମୟରେ ଗମନାଗମନ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଗତ ଚାରିଦିନ ଧରି ମୌସୁମୀ ପ୍ରଭାବରେ ପ୍ରବଳ ବର୍ଷା ଓ ତତ୍ ସହିତ ବନ୍ୟା ଯୋଗୁଁ ବର୍ତ୍ତମାନ ସୁଦ୍ଧା ୩୧ ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ଏହା ନିଶ୍ଚିତ ଯେ, ଆସାମ ଏକ ବନ୍ୟା ପ୍ରବଣ ରାଜ୍ୟ ଭାବେ ପରିଚିତ । ମୌସୁମୀ ଋତୁର ଆରମ୍ଭରୁ ରାଜ୍ୟର ଜନସାଧାରଣ ଯେପରି ବନ୍ୟା ଓ ବର୍ଷା ଉଦ୍ଭୂତ ହୋଇଛନ୍ତି । ଆଗକୁ ପରିସ୍ଥିତି ଆହୁରି ଉତ୍ତରଣ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ତ୍ରିପୁରାରେ ମଧ୍ୟ ଅନୁରୂପ ଅବସ୍ଥା। ତ୍ରିପୁରାରେ ପ୍ରବଳ ମୌସୁମୀ ଜନିତ ବର୍ଷା ଯୋଗୁଁ ବହୁ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଥିବାବେଳେ ସପ୍ତାହ ଶେଷ ବେଳକୁ ଆହୁରି ପ୍ରବଳରୁ ପ୍ରବଳତର ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଉଭୟ ଉତ୍ତର-ପୂର୍ବାଂଚଳ ରାଜ୍ୟରେ ବର୍ଷା ଜନିତ ଭୂସ୍ଖଳନ, ବନ୍ୟା, ଆକସ୍ମିକ ବନ୍ୟା ଏବଂ ବଜ୍ରପାତରେ ମୃତ୍ୟୁ ସଂଖ୍ୟା ୩୧କୁ ବୃଦ୍ଧି ପାଇଛି। କେବଳ ଗତ ଦେଢ଼ ୩୧ତାରିଖ ଦିନ ବର୍ଷା ଓ ବନ୍ୟାରେ ୨୨ ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ଭାବେ କୁହାଯାଇଛି। ସେହିପରି ପ୍ରବଳ ବର୍ଷା ଜନିତ ଭୂସ୍ଖଳନ ଯୋଗୁଁ ଉତ୍ତର ସିକିମର ବିଭିନ୍ନ ସ୍ଥାନରେ ୧୫୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଫସି ରହିଛନ୍ତି। ତିସ୍ତା ନଦୀରେ ଏକ ପର୍ଯ୍ୟଟକବାହୀ ଗାଡ଼ି ଖସି ପଡ଼ିବା ଯୋଗୁଁ ବହୁ ପର୍ଯ୍ୟଟକ ଭାସି ଯାଇ ନିଖୋଜ ହୋଇ ଯାଇଛନ୍ତି। ଦୁଇଜଣ ଯାତ୍ରୀଙ୍କର ମୃତ ଦେହ ଉଦ୍ଧାର କରାଯାଇଥିବା ବେଳେ ୮ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଏବେ ବି ନିଖୋଜ ଅଛନ୍ତି । ଜୁନ୍ ମାସରେ ଏଭଳି ଦୁଃଖଦ ଘଟଣା ଘଟିଛି। ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବା ବେଳେ ଆଗକୁ ଆହୁରି ଦେବ ଦୁର୍ବିପାକ ଘଟଣା ଘଟିବା ଆଶଙ୍କା ଏଡାଇ ଦିଆଯାଇନପାରେ। ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରଭାବରେ ଦେଶର ଉତ୍ତର-ପୂର୍ବାଂଚଳ ରାଜ୍ୟଗୁଡ଼ିକ ବର୍ଷା ଓ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ କେରଳ ପରି ଓଡ଼ିଶାରେ ଆଗୁଆ ମୌସୁମୀ ପ୍ରବେଶ କରିଥିବା ସତ୍ତ୍ୱେ ରାଜ୍ୟରେ ଏବେ ଦୁର୍ବଳ ହୋଇଯାଇଛି। ମୌସୁମୀ ଦୁର୍ବଳ ହୋଇପଡିବା ଯୋଗୁଁ ରାଜ୍ୟରେ ଏବେ ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ରାଜ୍ୟରେ ଏହିଭଳି ଅସହ୍ୟ ତାତି ଆହୁରି ସପ୍ତାହେ ରହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହା ନିଃସନ୍ଦେହ ଯେ, ଆଗାମୀରୁ ମୌସୁମୀ କରାଳ ରୂପ ବିଶ୍ୱ ଜଳବାୟୁ ପରିବର୍ତ୍ତନର ପ୍ରଭାବ ବୋଲି କୁହାଯାଉଛି। ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ପ୍ରଭାବକୁ ଦୃଷ୍ଟିରେ ରଖି କେବଳ ହିଁ ସାମାଧାନ ହେବା ଜରୁରୀ। ଅନ୍ୟଥା କେବଳ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବା ସାର ହେବ । ମୌସୁମୀ ପ୍ରଭାବରେ କେଉଁଠି ଅତିବୃଷ୍ଟି ତ କେଉଁଠି ଅନାବୃଷ୍ଟି ଜନିତ ହେବାର ସାମ୍ନାକୁ ଅଗ୍ରହ୍ୟ କରାଯାଇନପାରେ।

ଭୁବନେଶ୍ୱର
ମୋ:୭୯୭୮୭୬୬୪୦୩

# ସଂପାଦକଙ୍କୁ ପତ୍ର

## ପିଲାମାନଙ୍କ ମୋଟାପଣ ଓ ଖେଳ ପଡିଆ

ମହାଶୟ,

ବିଭିନ୍ନ ବିଦ୍ୟାଳୟମାନଙ୍କରେ ପଢୁଥିବା ପିଲାମାନଙ୍କର ମୋଟାପଣ ନେଇ ଆମେ ସମସ୍ତେ ବେଶ ଚିନ୍ତିତ। ଏଥିପାଇଁ ସାଧାରଣତଃ ଖାଦ୍ୟ ଅଭ୍ୟାସକୁ ଦାୟୀ କରାଯାଇ ଥାଏ। ଆଜି କାଲି ବିଭିନ୍ନ ଫାଷ୍ଟ ଫୁଡ୍, ଜଙ୍କ ଫୁଡ୍ ଆଉ ଅଧିକ କ୍ୟାଲୋରୀ ଯୁକ୍ତ ଖାଦ୍ୟ ବାରଣ କରିବା ପାଇଁ ଚେଷ୍ଟା କରୁଥିଲେ ମଧ୍ୟ ପିଲା ମାନଙ୍କ ଜିଦ୍ ଏବଂ ସାଙ୍ଗ ଦୋଷ ପାଇଁ ଏସବୁ ସଫଳ ହୋଇ ପାରୁନାହିଁ। ଏଥି ପାଇଁ ଓଡ଼ିଶା ସରକାର ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ସ୍ୱାସ୍ଥ୍ୟ କାନ୍ଥ ଜରିଆରେ ପିଲା ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହିତ ମଧ୍ୟାହ୍ନ ଭୋଜନରେ ପରିବର୍ତ୍ତନ ପାଇଁ ଯେଉଁ ପ୍ରୟାସ କରୁଛନ୍ତି ସେଥିପାଇଁ ଧନ୍ୟବାଦ। ତେବେ ସବୁଠୁ ବଡ଼ କଥା ହେଉଛି ଆଜିକାଲି ପିଲାମାନେ ଖେଳାଖେଳି କରିବାର ସୁବିଧା ସୁଯୋଗ ପାଉ ନାହାଁନ୍ତି। ଅନେକ ବିଦ୍ୟାଳୟରେ ଖେଳ ପଡିଆ ନାହିଁ କି ଖେଳ ଶିକ୍ଷକ ମଧ୍ୟ ନାହାନ୍ତି। ଦୈନନ୍ଦିନ କ୍ଲାସ ରୁଟିନ୍ ରେ ଖେଳ ପିରିୟଡ଼ ରହୁ ନାହିଁ। ଘରେ ମଧ୍ୟ ତଦ୍ରୂପ ଅବସ୍ଥା। ପିଲା ମାନେ ଖେଳିବା ପାଇଁ ସାଙ୍ଗ - ସାଥୀ, ଖେଳ ପଡିଆ କିମ୍ବା ପରିବାର ସଦସ୍ୟ ମାନଙ୍କର ସଠିକ୍ ସାହାଯ୍ୟ ସହଯୋଗ ପାଇ ପାରୁ ନାହାଁନ୍ତି। ଯାହା ଫଳରେ ପିଲାମାନେ ଶାରୀରିକ ପରିଶ୍ରମ ନକରି କେବଳ ପୁସ୍ତକ କୀଟ ପାଲଟି ଯିବା ସହିତ ମୋବାଇଲ ଗେମ୍ ରେ ସମୟ ବିତାଉଛନ୍ତି। ଯାହା ମୋଟାପଣ ର ଅନ୍ୟ କାରଣ ବୋଲି ମନେ ହୁଏ। ଏ ସମ୍ପର୍କରେ ଉଭୟ ସରକାର, ପିତା ମାତା, ପରିବାର ସଦସ୍ୟ, ସଭ୍ୟ ସମାଜ ସର୍ବୋପରି ଗୋଷ୍ଠୀ ଉପଯୁକ୍ତ ପଦକ୍ଷେପ ନେବାର ସମୟ ଉପଗତ।

ଡ଼ ସୀତାକାନ୍ତ ତ୍ରିପାଠୀ
ଅର୍ଣ୍ଣପାଳ, ଭଦ୍ରକ



# ଏଥର ରଜରେ ରୋଚକ ଲଢ଼େଇ

ଏଥର ରଜରେ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ତିନିଟିନିଟି ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିବାକୁ ଯାଉଛି। ଏହି ସିନେମାଗୁଡ଼ିକ ହେଲା 'ବୋଉ ବୁଟୁ ଭୂତ', 'ଅନନ୍ତା' ଓ 'ଫାଷ୍ଟ୍ ଲଭ୍'। ଶ୍ରୀଧର ମାର୍ଥା ଓ କିଶୋର ନାୟକଙ୍କ ପ୍ରଯୋଜିତ 'ଫାଷ୍ଟ୍ ଲଭ୍' ଜୁନ୍ ୬ ତାରିଖରେ ପରଦାକୁ ଆସିବା ଲାଗି ସଜବାଜ ହେଉଥିବା ବେଳେ ଅନ୍ୟ ଦୁଇଟି ରଜ ସମୟରେ ହିଁ ଆସିବ। ଏ ଦୃଷ୍ଟିରୁ ରଜରେ ମୁଖ୍ୟ ଟକ୍କର 'ବୋଉ ବୁଟୁ ଭୂତ' ଓ 'ଅନନ୍ତା' ମଧ୍ୟରେ ହେବ ବୋଲି କୁହାଯାଉଛି।



## ୭ ବର୍ଷ ପରେ ରଜରେ ସବ୍ୟସାଚୀ ଓ ବାବୁସାନ୍ ମୁହାଁମୁହିଁ

ପ୍ରାୟ ୭ ବର୍ଷ ପରେ ଏଥର ରଜରେ ଓଲିଉଡ୍‌ର ଦୁଇ ଲୋକପ୍ରିୟ ନାୟକ ସବ୍ୟସାଚୀ ଓ ବାବୁସାନ୍ ମୁହାଁମୁହିଁ ହେବେ। 'ବୋଉ ବୁଟୁ ଭୂତ'ରେ ବାବୁସାନ୍ ଓ 'ଅନନ୍ତା'ରେ ସବ୍ୟସାଚୀ ନାୟକ ଭୂମିକାରେ ଅଛନ୍ତି। ଏ ଦୁଇ ନାୟକ ନିଜ ନିଜ ଫିଲ୍ମ ଜରିଆରେ ଶେଷଥର ଲାଗି ମୁହାଁମୁହିଁ ହୋଇଥିଲେ ୨୦୧୮ ରଜରେ। ସେହି ବର୍ଷ ରଜରେ ସବ୍ୟସାଚୀଙ୍କ ଅଭିନୀତ 'ଫୋର୍ ଇଡିଅଟ୍‌ସ' ଓ ବାବୁସାନ୍‌ଙ୍କ ଅଭିନୀତ 'ସୁନ୍ଦରଗଡ଼ର ସଲ୍‌ମାନ୍ ଖାନ୍' ମୁକ୍ତିଲାଭ କରିଥିଲା। ସେଥର ବାବୁସାନ୍‌ଙ୍କ ସିନେମା ଅଧିକ ଆଦୃତ ହୋଇଥିଲା। ବାବୁସାନ୍‌ଙ୍କ ଅଭିନୀତ ଗତବର୍ଷର ରଜ ସିନେମା 'ପାବା' ହିଟ୍ ହୋଇଥିଲା, ତେଣେ ସବ୍ୟସାଚୀଙ୍କ ଶେଷ ମୁକ୍ତିପ୍ରାପ୍ତ ସିନେମା 'ପୁଷ୍କରା'କୁ ବି ଭଲ ଦର୍ଶକୀୟ ସମର୍ଥନ ମିଳିଥିଲା। ଏଥର କ'ଣ ଘଟୁଛି, ତାହା ଉପରେ ସମସ୍ତଙ୍କର ନଜର ରହିଛି।

## ରଜରେ ପ୍ରଥମଥର

- ବ୍ୟାସକବି ଫକୀରମୋହନ ସେନାପତିଙ୍କ ସାହିତ୍ୟକୃତି ଉପରେ ଆଧାରିତ କୌଣସି ସିନେମା ପ୍ରଥମ ଥର ରଜରେ ରିଲିଜ୍ ହେବ।
- 'ଅନନ୍ତା'ରେ ପ୍ରଥମଥର ପାଇଁ ସବ୍ୟସାଚୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ସୂର୍ଯ୍ୟମୟୀ ନଜର ଆସିବେ।
- ଅନୁଭବଙ୍କ ପତ୍ନୀ ଜାଗୃତି ଓ ବାବୁସାନ୍‌ଙ୍କ ପତ୍ନୀ ତୃପ୍ତିଙ୍କ ପରେ ସବ୍ୟସାଚୀଙ୍କ ଅଭିନେତ୍ରୀ ପତ୍ନୀ ଅର୍ଚ୍ଚିତା ସାହୁ 'ଅନନ୍ତା' ଜରିଆରେ ପ୍ରଯୋଜିକା ତାଲିକାଭୁକ୍ତ ହୋଇଛନ୍ତି।
- ପ୍ରଥମ ଥର ପାଇଁ ରଜବଜାରରେ ବାବୁସାନ୍-ଅର୍ଚ୍ଚିତା ଯୋଡ଼ିର ଏକ ସିନେମା ମୁକ୍ତିଲାଭ କରିବ। ଶୈଳେନ୍ଦ୍ର-ଦିବ୍ୟା ଯୋଡ଼ିଙ୍କ କ୍ଷେତ୍ରରେ ବି ଏହା ପ୍ରଯୁଜ୍ୟ।
- 'ବୋଉ ବୁଟୁ ଭୂତ'ର କାହାଣୀକାର ମହମ୍ମଦ୍ ଇମ୍ରାନ୍‌ଙ୍କର ଏହା ପ୍ରଥମ ଓଡ଼ିଆ ଛବି।
- ପ୍ରଥମ ଥର ପାଇଁ ସବ୍ୟସାଚୀ ମହାପାତ୍ରଙ୍କ କୌଣସି ସିନେମା ରଜରେ ରିଲିଜ୍ ହେଉଛି।
- ଏଣେ ସବ୍ୟସାଚୀ ମହାପାତ୍ରଙ୍କ ସିନେମାରେ ପ୍ରଥମ ଥର ଲାଗି ସଙ୍ଗୀତ ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଛନ୍ତି ଜଣାଶୁଣା ସ୍ୱରକାର ଅଭିଜିତ ମଜୁମ୍‌ଦାର।

## ଅଭିଜ୍ଞ ବନାମ ନବାଗତ ନିର୍ଦ୍ଦେଶକ

'ସବୁ ମାୟାରେ ବାୟା', 'ବୋଉ', 'ବାହୁଡ଼ିବେ ମୋ ଜଗାବଳିଆ' ଓ 'ଶ୍ରୀଜଗନ୍ନାଥ' ଭଳି ବ୍ୟାବସାୟିକ ଛବିର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ବ୍ୟାସକବି ଫକୀରମୋହନ ସେନାପତିଙ୍କ କାଳଜୟୀ ଗଳ୍ପ 'ରାଣ୍ଡି ପୁଅ ଅନନ୍ତା'ର କାହାଣୀ ଆଧାରରେ 'ଅନନ୍ତା' ନିର୍ମାଣ କରିଛନ୍ତି। ଅବଶ୍ୟ କୁମାର ସି ଦେବ ମଧ୍ୟ ଏହାର ନିର୍ଦ୍ଦେଶକ। ତେଣେ 'ବୋଉ ବୁଟୁ ଭୂତ' ଜଗଦୀଶ ମିଶ୍ରଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି। ସେ ଏହା ପୂର୍ବରୁ 'ଗ୍ୟାଙ୍ଗସ୍ ଅଫ୍ ପୁରୀ' ଭଳି ଲୋକପ୍ରିୟ ୱେବ୍ ସିରିଜ୍‌ର ଅନ୍ୟତମ ନିର୍ଦ୍ଦେଶକ ଥିଲେ। ସେହିପରି 'ଫାଷ୍ଟ୍ ଲଭ୍' ହେଉଛି ଅଭିଷେକ ମିତ୍ରଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ଛବି। ତେଣୁ ଏଥର ଜଣେ ଅଭିଜ୍ଞ ନିର୍ଦ୍ଦେଶକଙ୍କ ଛବି ସହ ସଂପୂର୍ଣ୍ଣ ନବାଗତ ନିର୍ଦ୍ଦେଶକଙ୍କ ଚଳଚ୍ଚିତ୍ର ବକ୍ସ ଅଫିସ୍‌ରେ ଲଢ଼ିବ।

## କଳାକାର ଦମ୍ପତିଙ୍କ ଲଢ଼େଇ

କଳାକାର ଦମ୍ପତି ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ମଧ୍ୟରେ ବି ଏଥର ରୋଚକ ଲଢ଼େଇ ଦେଖିବାକୁ ମିଳିବ। କାରଣ ଏଥର ଦୁହେଁ ଏକାଠି ଗୋଟିଏ ଛବିରେ ଆସୁନାହାନ୍ତି। ଉଭୟେ ପ୍ରତିପକ୍ଷ ଛବିର ମୁଖ୍ୟ କଳାକାର। 'ବୋଉ ବୁଟୁ ଭୂତ'ରେ ଅର୍ଚ୍ଚିତା ବାବୁସାନ୍‌ଙ୍କ ନାୟିକା ସାଜିଥିବା ବେଳେ ସବ୍ୟସାଚୀ 'ଅନନ୍ତା'ର ନାୟକ। ସବ୍ୟ-ଅର୍ଚ୍ଚିତା ବିବାହ ବନ୍ଧନରେ ବାନ୍ଧି ହେବା ପରେ ପ୍ରଥମଥର ଲାଗି ଏଭଳି ରୋଚକ ସ୍ଥିତି ଉପୁଜିଛି। ଉଲ୍ଲେଖଯୋଗ୍ୟ, ଅର୍ଚ୍ଚିତା 'ଅନନ୍ତା'ର ଅନ୍ୟତମ ପ୍ରଯୋଜିକା ମଧ୍ୟ।

## ଚାରି ଦଶନ୍ଧିରେ ନାଟ୍ୟକାର ସୁଧାଂଶୁ




୧୯୮୨ ମସିହାରେ ଓଡ଼ିଶା ଅପେରା ପ୍ରଯୋଜିତ ନାଟକ 'ଅସତ୍ୟ ଉପବନ'ରୁ ବୃତିଗତ ଜୀବନ ଆରମ୍ଭ କରିଥିଲେ ଜଲିଉଡ୍‌ର ଆଗଧାଡ଼ିର ନାଟ୍ୟକାର ସୁଧାଂଶୁ ନାୟକ। ଓଡ଼ିଶା ଯାତ୍ରା ମହୋତ୍ସବରେ 'ଜେଜେ ତୁମେ ମିଛ କହିଲ', 'କାନ ମୋଡ଼ିଦେଲେ ସତ କହିବ' ଓ 'ଗୁରୁ ଦକ୍ଷିଣା' ନାଟକ ପାଇଁ କ୍ରମାଗତ ତିନିଥର ଶ୍ରେଷ୍ଠ ନାଟ୍ୟକାର ପୁରସ୍କାର ଲାଭ କରିଥିଲେ ସେ। ୧୦୦ରୁ ଅଧିକ ଯାତ୍ରା, ୨୫ରୁ ଅଧିକ ମଂଚ ନାଟକ ଓ ୧୦ଟି ବେତାର ନାଟକ ରଚନା କରିଥିବା ଶ୍ରୀ ନାୟକଙ୍କ ନାଟକଗୁଡ଼ିକୁ ମନୋଜ ପଟ୍ଟନାୟକ, ହର ପଟ୍ଟନାୟକ, ଧୀର ମଲ୍ଲିକ, ବିଜୟ ଦାସ, ମୁକ୍ତିକାନ୍ତ ନାୟକ, ବାଦଲ ସିକଦାର ଓ ଲାଲା ବିରେନ୍ ରାୟଙ୍କ ଭଳି ସଫଳ ନିର୍ଦ୍ଦେଶକ ଦର୍ଶକଙ୍କ ସାମ୍ନାକୁ ଆଣି ଲୋକପ୍ରିୟ କରିଛନ୍ତି। ସୁଧାଂଶୁଙ୍କ ସଫଳ ନାଟକ ମଧ୍ୟରେ ରହିଛି 'ରାଧାଠାରୁ ଯଶୋଦା ପର୍ଯ୍ୟନ୍ତ', 'ବାଜୁଛି ପହଣ୍ଡି ବାଜା', 'ଆଲୋ ମୋର କଣ୍ଢେଇ', 'ସବାରୀ ଚାଲେ ଧୀରେ ଧୀରେ', 'ଜହ୍ନି ଫୁଲ ଠୋ ଠା', 'କାନିରେ ପଡ଼ିଛି ଗଣ୍ଠି', 'ମହାଭାରତ ପରଦିନ', 'ହାରି ନାହିଁ ମହାରଥୀ, ସରିନାହିଁ ରାଜନୀତି', 'ଦେ ଜହ୍ନମାମୁ କୁନାକୁ ବୁଝାଇ', 'ସତୀ ଅସତୀ ମହାସତୀ', 'ବାପା ଯାଇଛନ୍ତି ଥାନାକୁ', 'ବଣ ମଣିଷ', 'ଶରଧା ବାଲିରୁ ମାଗୁଛି ହାତେ', 'ବିଧବା ସାବିତ୍ରୀ', 'ଅଛୁଆଁ ମଣିଷ' ଇତ୍ୟାଦି। ନାଟକରେ ଅଶ୍ଳୀଳତା ସଂପର୍କରେ ସୁଧାଂଶୁ କହନ୍ତି, ''ଦର୍ଶକ ଶସ୍ତା ନାଟକ ବିରୋଧରେ ପ୍ରତିବାଦ କରୁନାହାନ୍ତି। ସେପରି ସ୍ଥଳେ ଭଲ ନାଟକ ଆସିବ କେଉଁଠୁ ? ଯେଉଁଦିନ ଦର୍ଶକ ଅବାସ୍ତବ ତଥା ଅସଙ୍ଗତ କାହାଣୀ, ଅଶ୍ଳୀଳ ସଂଳାପ ବିରୋଧରେ ସିଧାସଳଖ ପ୍ରଯୋଜକ ଓ ପରିଚାଳକ ନିକଟରେ ପ୍ରତିବାଦ କରିବେ ସେହିଦିନ ହିଁ ଭଲ ନାଟକ ଦେଖିବାକୁ ମିଳିବ।''

## ରିଲିଜ୍ ଅପେକ୍ଷାରେ 'ତୁ ଲୈଲା ମୁଁ ମଜନୁ'

ଛତିଶଗଡ଼ୀ ସିନେମାରୁ ଓଲିଉଡ୍ ଆସିଥିବା ନାୟକ ଦେବରାଜଙ୍କୁ 'ତୋ ପ୍ରେମରେ ପଡ଼ିଲା ପରେ' ଓ 'ବାବାଜୀକା ଠୁଲ୍ଲୁ'ରେ ଓଡ଼ିଆ ଦର୍ଶକ ଭେଟିସାରିଛନ୍ତି। ତାଙ୍କ ଅଭିନୀତ 'ତୁ ଲୈଲା ମୁଁ ମଜନୁ'ଏବେ ରିଲିଜ୍ ଅପେକ୍ଷାରେ ରହିଛି। ଚିନ୍ମୟୀ ପ୍ରିୟଦର୍ଶିନୀ ଓ ରୋହିତ କୁମାର ମାଝୀ ଏହାର ପ୍ରଯୋଜନା କରିଥିବା ବେଳେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଦିଲୀପ ପଣ୍ଡା। ତ୍ରିକୋଣୀୟ



ପ୍ରେମକାହାଣୀ 'ତୁ ଲୈଲା ମୁଁ ମଜନୁ'ରେ ଦେବରାଜଙ୍କ ବିପକ୍ଷରେ ଚିନ୍ମୟୀ ଓ ଛତିଶଗଡ଼ୀ ନାୟିକା ଅନିକୃତା ଅଛନ୍ତି। ଦୁଇ ନାୟିକାଙ୍କ ଭିତରୁ ଶେଷରେ କିଭଳି ପରିସ୍ଥିତିରେ ନାୟକ କାହାର ହାତଧରୁଛି, ତାହା କାହାଣୀର କ୍ଲାଇମାକ୍ସରେ ଦେଖିବାକୁ ମିଳିବ। ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ଡକ୍ଟର ରଜନୀରଂଜନ ଲେଖିଥିବା ବେଳେ 'ପୁଷ୍କରା' ଫେମ୍ ବିଭୂତିଭୂଷଣ ଗଡ଼ନାୟକ ଏହାର ସଙ୍ଗୀତକାର। 'ତୁ ଲୈଲା ମୁଁ ମଜନୁ'ରେ ଦେବରାଜଙ୍କୁ ଜଣେ ଆଧୁନିକ ପ୍ରେମିକ ଭୂମିକାରେ ଦେଖିବାକୁ ମିଳିବ। ଏହା ରୋମାଂଟିକ କାହାଣୀ ଆଧାରିତ ହେଲେ ବି ଏଥିରେ ଦେବରାଜଙ୍କର ବହୁସଂଖ୍ୟକ ଆକ୍ସନ୍ ଦୃଶ୍ୟ ରହିଛି। ଅନ୍ୟ ପକ୍ଷରେ ଦେବରାଜ-ଚିନ୍ମୟୀ ଯୋଡ଼ିକୁ ଦର୍ଶକ 'ତୋ ପ୍ରେମରେ ପଡ଼ିଲା ପରେ'ରେ ଦେଖିବାକୁ ପାଇଛନ୍ତି।




ଅପେକ୍ଷାର ହେବ ଅନ୍ତ । ଏଥର ରଜ ହେବ ଦମାଦାର । ଆସୁଛି ଓଡ଼ିଆ ଫିଲ୍ମ 'ବୋହୂ ବୁଟୁ ଭୂତ' । ଏହି ଫିଲ୍ମ ସହ ପରଦାରେ ଧମାକା କରିବାକୁ ପ୍ରସ୍ତୁତ ଓଲିଉଡ ସୁପରଷ୍ଟାର ବାବୁସାନ ମହାନ୍ତି । ଫିଲ୍ମକୁ ପରଦାରେ ଦେଖିବାକୁ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଏହି ଉତ୍ସାହକୁ ଦ୍ୱିଗୁଣିତ କରିବାକୁ ଫିଲ୍ମ ନିର୍ମାତା 'ବୋହୂ ବୁଟୁ ଭୂତ'ର ଟ୍ରେଲର ରିଲିଜ କରିବାକୁ ଯାଉଛନ୍ତି । ଯାହାର ତାରିଖ ଘୋଷଣା କରାଯାଇଛି । ତେବେ କେବେ ହେବ ଟ୍ରେଲର ରିଲିଜ ? ଜାଣନ୍ତୁ,

### କେବେ ହେବ ଟ୍ରେଲର ରିଲିଜ ?

ବାବୁସାନ ଫିଲ୍ମସ ପ୍ରଡକ୍ସନରେ ନିର୍ମିତ ଏହି ଫିଲ୍ମର ଟ୍ରେଲର ଆସନ୍ତାକାଲି ରିଲିଜ ହେବ । ପ୍ରଡକ୍ସନ ହାଉସ ନିଜ ଇନଷ୍ଟାଗ୍ରାମରେ ଫିଲ୍ମର ଏକ ପୋଷ୍ଟର ରିଲିଜ କରି ଫିଲ୍ମର ଟ୍ରେଲର ନେଇ ସୂଚନା ଦେଇଛନ୍ତି । ଫିଲ୍ମର ପୋଷ୍ଟର ସେୟାର କରି କ୍ୟାପସନରେ ନିର୍ମାତା ଲେଖିଛନ୍ତି, ଅପେକ୍ଷାର ଅନ୍ତ। ରାଜା ରିଲିଜ୍ ହେବାର ସବୁଠାରୁ ପ୍ରତୀକ୍ଷିତ ଟ୍ରେଲର ଆସନ୍ତାକାଲି ସନ୍ଧ୍ୟା ୭ଟାରେ ରିଲିଜ୍ ହେବ । ଅଫିସିଆଲ ଶକ୍ଟଙ୍କଞ୍ଚଙ୍କଭର ଚ୍ୟାନେଲରେ । ଆପଣ କ'ଣ ପ୍ରସ୍ତୁତ... ଡରିବା ପାଇଁ ? ସେୟାର ହୋଇଥିବା ପୋଷ୍ଟରରେ ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କୁ ଦେଖିବାକୁ ମିଳିଥିବା ବେଳେ ବାବୁସାନ ପଛପଟୁ ତାଙ୍କ ମୁହଁକୁ ବନ୍ଦ କରିଥିବା ନଜର ଆସିଛନ୍ତି । ଏହି ପୋଷ୍ଟର ସେୟାର ହେବା ମାତ୍ରେ ଫ୍ୟାନ୍ସ ଉତ୍ସାହିତ ଥିବା କହିଛନ୍ତି ।

### ରଜରେ ପରଦାକୁ ଆସୁଛି ଫିଲ୍ମ

ଅଭିନେତା ବାବୁସାନ ମହାନ୍ତି, ଅଭିନେତ୍ରୀ ଅପରାଜିତା ମହାନ୍ତିଙ୍କ ବ୍ୟତୀତ ସ୍ୱର୍ଗତ ଅଭିନେତା ତଥା ବାପା ଉତମ ମହାନ୍ତିଙ୍କୁ ମଧ୍ୟ ଦେଖିବାକୁ ମିଳିବ । ଏହି ଫିଲ୍ମରେ ତାଙ୍କ ବିପକ୍ଷରେ ଅଭିନେତ୍ରୀ ଅର୍ଚ୍ଚିତା ମହାନ୍ତି ନଜର ଆସିବେ । 'ଅଜବ ସଞ୍ଜୁର ଗଜବ ଲଭ', 'ଚକୋଲେଟ', 'ଲୋଫର', 'ଠୁକୁଲ' ପରେ ଏହି ଯୋଡ଼ି ପୁଣି ଥରେ ଏହି ଫିଲ୍ମରେ ୫ମ ଥର ପାଇଁ ଏକାଠି ନଜର ଆସିବେ । ଦର୍ଶକ ଏହି ଯୋଡ଼ିକୁ ବେଶ ପସନ୍ଦ କରୁଥିବା ବେଳେ ପୁଣି ପରଦାରେ ଉଭୟଙ୍କ କେମେଷ୍ଟ୍ରି ଦେଖିବାକୁ ମିଳିବ । ନିକଟରେ ଫିଲ୍ମର ରୋମାଂଟିକ ଗୀତ 'ଓଦା ଲାଗେ' ଓ ଆଇଟମ ଗୀତ 'ଡୁଙ୍ଗୁଥିଲି' ରିଲିଜ ହୋଇଥିଲା । ଯାହା ବର୍ତମାନ ଟ୍ରେଣ୍ଡିଂରେ ରହିଛି । ତେବେ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଜଗଦୀଶ ମିଶ୍ର ଓ ପ୍ରଯୋଜନା କରିଛନ୍ତି ଅଭିନେତାଙ୍କ ସ୍ତ୍ରୀ ତୃପ୍ତୀ ମହାନ୍ତି । ଏହି ଫିଲ୍ମ ରଜ ଅବସରରେ ଜୁନ ୧୨ରେ ରିଲିଜ ହେବ ।

## 'ଅନନ୍ତା'କୁ ମିଳିଲା 'ୟୁ' ସାର୍ଟିଫିକେଟ




**ଅଭିନେତା ସବ୍ୟସାଚୀ ମିଶ୍ର ଫିଲ୍ମ 'ଅନନ୍ତା' କୁ ନେଇ ଖୁବ ଚର୍ଚ୍ଚାରେ ରହିଛନ୍ତି । ଫିଲ୍ମର ଟିଜର, ଗୀତ ଲୋକଙ୍କୁ ବେଶ ପସନ୍ଦ ଆସିଥିବା ବେଳେ ଫିଲ୍ମକୁ ନେଇ ଲୋକଙ୍କ ମଧ୍ୟରେ ଭିନ୍ନ ଉତ୍ସାହ ଦେଖିବାକୁ ମିଳିଛି । ଏହାରି ମଧ୍ୟରେ ଫିଲ୍ମ ସେନ୍ସର ବୋର୍ଡ ଦ୍ୱାରା ପାସ୍ ହୋଇଛି । ଫିଲ୍ମକୁ ବିନା କୌଣସି ସିନ କଟ୍ ରେ 'ୟୁ' ସାର୍ଟିଫିକେଟ ପ୍ରଦାନ କରାଯାଇଛି । ଏଥିସହ ଫିଲ୍ମର ରିଲିଜ ଡେଟ୍ ଘୋଷଣା କରାଯାଇଛି । ରଜରେ ଫିଲ୍ମ ଧମାକା କରିବାକୁ ଥିବା ବେଳେ ଜାଣନ୍ତୁ କେବେ ହେବ ରିଲିଜ ?**

ସବ୍ୟସାଚୀ ନିଜ ଇନଷ୍ଟାଗ୍ରାମରେ ଫିଲ୍ମର ପୋଷ୍ଟର ଏବଂ ଏକ ଭିଡିଓ ସେୟାର କରି ସାର୍ଟିଫିକେଟ ପ୍ରଦାନ ନେଇ ସୂଚନା ଦେଇଛନ୍ତି । ଭିଡିଓରେ ଫିଲ୍ମର ଏକ ସିନ ଦେଖିବାକୁ ମିଳିଛି ଯେଉଁଥିରେ ଅନନ୍ତା ପିଲାମାନଙ୍କ ସହ ବସି ପାଠ ପଢୁଥିବା ବେଳେ କ'ଣ ହେଉଛି ଡାଇଲଗ କହୁଥିବା ନଜର ଆସିଛନ୍ତି । ପୋଷ୍ଟର ସେୟାର କରି ସେ ଲେଖିଛନ୍ତି, 'ଆମର ସେନ୍ସର କୌଣସି କଟ୍ ବିନା 'ୟୁ' ସାର୍ଟିଫିକେଟ ମିଳିଛି । ଏହାର ଅର୍ଥ (ଏହି ପ୍ରମାଣପତ୍ର ସୂଚାଇ ଦିଏ ଯେ ଏହି ଚଳଚ୍ଚିତ୍ରଟି ସମସ୍ତ ବୟସ ଗୋଷ୍ଠୀ ପାଇଁ ଉପଯୁକ୍ତ) ।

### ଏହି ଦିନ ପରଦାକୁ ଆସିବ ଫିଲ୍ମ

ସେ ଆହୁରି ଲେଖିଛନ୍ତି, ଫିଲ୍ମକୁ ବହୁତ ପ୍ରଶଂସା ମିଳିଥିବାରୁ ଆମେ ଖୁସି । ଯେତେବେଳେ ଆପଣ ଭଲ ଉଦ୍ଦେଶ୍ୟ ନେଇ କାମ କରନ୍ତି ସେତେବେଳେ ଭଗବାନ ସର୍ବଦା ସାହାଯ୍ୟ କରନ୍ତି । ଏବେ ଆମେ ଆନୁଷ୍ଠାନିକ ଭାବରେ ଫିଲ୍ମର ରିଲିଜ ତାରିଖ 'ଜୁନ୍ ୧୨' ଘୋଷଣା କରୁଛୁ । ଆମର ସମ୍ପୂର୍ଣ୍ଣ ଟିମ୍ ଏକ ପ୍ରାମାଣିକ ଓଡ଼ିଆ ସିନେମା ଉପସ୍ଥାପନ କରିବା ପାଇଁ ସେମାନଙ୍କର ସର୍ବୋତମ ପ୍ରୟାସ କରିଛି । ଆପଣଙ୍କ ପ୍ରେମ ଏବଂ ସମର୍ଥନ ନିଶ୍ଚିତ ଭାବରେ ଏହାକୁ ଓଡ଼ିଆ ସିନେମା ପାଇଁ ଐତିହାସିକ କରିବ । ଜୟ ଜଗନ୍ନାଥ ।'

### 'ଅନନ୍ତା' ଷ୍ଟାରକାଷ୍ଟ

ଏହି ଫିଲ୍ମରେ ସବ୍ୟସାଚୀଙ୍କ ବିପକ୍ଷରେ ସୂର୍ଯ୍ୟମୟୀ ମହାପାତ୍ର ନଜର ଆସିବେ । ଏହି ଫିଲ୍ମ ସହ ପ୍ରଥମ ଥର ପାଇଁ ଏହି ଯୋଡ଼ିକୁ ସ୍କ୍ରିନ ସେୟାର କରୁଥିବା ଦେଖିବାକୁ ମିଳିବ । ଏମାନଙ୍କ ବ୍ୟତୀତ ଏଥିରେ କୁନା ତ୍ରିପାଠୀ, ଜ୍ୟାତିମୟୀ ପଣ୍ଡା ଓ ତାପସ ସରଗରିଆ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ ।

### 'ଅନନ୍ତା' କାହାଣୀ

ଏହା ଫକୀର ମୋହନ ସେନାପତିଙ୍କ ଦ୍ୱାରା ରଚିତ କାହାଣୀ 'ରାଣ୍ଡୀପୁଅ ଅନନ୍ତା' ଉପରେ ଆଧାରିତ ଅଟେ । ଏହାର ନିର୍ଦ୍ଦେଶନା ଦେଉଛନ୍ତି ସବ୍ୟସାଚୀ ମହାପାତ୍ର ଓ କୁମାର ସିଦେବ ମହାପାତ୍ର । ପୂର୍ବରୁ ଏହି ଫିଲ୍ମର ନାଁ 'ରାଣ୍ଡୀପୁଅ ଅନନ୍ତା' ରହିଥିଲା । ଫିଲ୍ମର ନାମ 'ରାଣ୍ଡୀ'କୁ ନେଇ ଅନେକ ତର୍କବିତର୍କ ଆରମ୍ଭ ହୋଇଥିଲା । ଏହି ଶବ୍ଦଟି ନାରୀଙ୍କ ପ୍ରତି ଅସମ୍ମାନ ବୋଲି ସୂଚାଉଥିବା ଅନେକ ଅଭିଯୋଗ କରିଥିଲେ । ଯାହା ପରେ ନିର୍ମାତା ଏହାର ନାମ ପରିବର୍ତ୍ତନ କରି ଫିଲ୍ମର ନାମ 'ଅନନ୍ତା' ବୋଲି ପରିବର୍ତ୍ତନ କରିଥିଲେ ।

## ବିବାହର ୮ ବର୍ଷ ପରେ ପିତାମାତା ହେଲେ ଜିନା-ରୁଦ୍ର

ଜିନା ସାମଲ ଓ ରୁଦ୍ର ପାଣିଗ୍ରାହୀ ୨୦୧୭ରେ ବିବାହ କରିଥିଲେ । କହିରଖୁଛୁ କି, ୨୦୧୭ ମସିହାରେ ଏକ ଟିଭି ଶୋ' 'ଜିନାର ଜୀବନସାଥୀ' ହୋଇଥିଲା । ଯେଉଁଥିରେ ଅନେକ ପ୍ରତିଯୋଗୀ ସାମିଲ ହୋଇଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ଯେଉଁ ପିଲା ଚୟନ ହେବେ ଜିନା ତାଙ୍କୁ ଜୀବନସାଥୀ କରିବେ ବୋଲି ସ୍ଥିର ଥିଲା । ଏହି ଶୋ'ରେ ରୁଦ୍ର ପାଣିଗ୍ରାହୀ ସାମିଲ ହୋଇଥିଲେ । ସେ ସମସ୍ତଙ୍କ ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଜେତା ହୋଇଥିଲେ । ଯାହା ପରେ ଜିନା ରୁଦ୍ରଙ୍କୁ ବିବାହ କରିଥିଲେ । ତେବେ ବିବାହର ୮ ବର୍ଷ ପରେ ପ୍ରଥମ ଥର ପାଇଁ ପିତାମାତା ହୋଇଛନ୍ତି । ଜିନା ସାମଲଙ୍କ କ୍ୟାରିଅର ବିଷୟରେ କହିବାକୁ ଗଲେ, ଜିନା ଓଡ଼ିଆ ଆଲବମ ଜରିଆରେ ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ । ଜିନା 'ବାଟୋଇରେ ବାଟୋଇ', 'ସେଇ ବର୍ଷାରେ' ଓ 'ସଞ୍ଜ ନଇଁଗଲେ' ଭଳି ଆଲବମରେ କାମ କରିଥିଲେ । ଏହା ପରେ ସେ ୨୦୦୭ ମସିହାରେ 'ଫେରିଆ ମୋ ସୁନା ଭଉଣୀ' ସହ ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିଲେ । ଏହି ଫିଲ୍ମରେ ବରିଷ୍ଠ ସ୍ୱର୍ଗତ ଅଭିନେତା ମିହିର ଦାସଙ୍କ ସହ ନଜର ଆସିଥିବା ବେଳେ ଫିଲ୍ମଟି ଭାଇ ଭଉଣୀ ଉପରେ ଆଧାରିତ ଥିଲା । ଏହି ଫିଲ୍ମ ବେଶ ଲୋକପ୍ରିୟତା ହାସଲ କରିବା ସହ ଜିନାଙ୍କ ଅଭିନୟକୁ ପ୍ରଶଂସା କରାଯାଇଥିଲା । ଏଥିସହ ସେ 'ଗଡ଼ବଡ଼', 'ତୋ ପାଇଁ ନେବି ମୁଁ ଶେହେ ଜନମ', 'କ'ଣ କଲା ସେ', 'ଡ୍ରିମ ଗାର୍ଲ' ଭଳି ଅନେକ ଫିଲ୍ମରେ କାମ କରିଛନ୍ତି । ୨୦୧୬ରେ ରିଲିଜ କରିଥିବା ଫିଲ୍ମ 'ପ୍ରେମର ନିଶା ନିଆରା ନିଆରା' ଶେଷଥର ତାଙ୍କୁ ଦେଖିବାକୁ ମିଳିଥିଲା । ଏହା ପରେ ସେ ବିବାହ କରିଥିଲେ ଏବଂ ଫିଲ୍ମ ଜଗତରୁ ଦୂରେଇ ରହିଥିଲେ । ଏହା ପରେ ଜିନା ଅନେକ ଟିଭି ଶୋ'ରେ ଜଜ ଭାବେ ନଜର ଆସୁଛନ୍ତି ।

# ସିର୍ଲିଗୁଡ଼ା- ତେଣ୍ଟାପାଳି ରାସ୍ତା ମରଣଯନ୍ତା

କୋକସରା : କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତର ସିର୍ଲିଗୁଡ଼ାଠାରୁ ତେଣ୍ଟାପାଳି ରାସ୍ତା ଶୋଚନୀୟ ହୋଇପଡିଛି । ଖାଲଖମାପୂର୍ଣ୍ଣ ରାସ୍ତାରେ ବର୍ଷାପାଣି ଜମି ରହିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି । ସ୍ଥାନୀୟ ଲୋକେ ରାସ୍ତା ମରାମତି କିମ୍ବା ପୁନଃ ନିର୍ମାଣ ପାଇଁ ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନ ଆଗରେ ଗୁହାରି କରୁଥିଲେ ମଧ୍ୟ ସୁଫଳ ମିଳୁ ନାହିଁ। କୋକସରା ବ୍ଲକ୍ ସଦର ମହକୁମା ଓ ଧର୍ମଗଡ଼ ସବ୍‌ଡିଭିଜନର ବିଭିନ୍ନ କାର୍ଯ୍ୟାଳୟ, ମେଡିକାଲ ଓ ସ୍କୁଲ କଲେଜ ଯିବା ପାଇଁ ଛାତ୍ରୀଛାତ୍ର ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ କୋକସରା ବ୍ଲକ୍ ଉପାଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କ କହିବା ମୁତାବକ, ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ପ୍ରସ୍ତାବ ଦେଇ ସାରିଛୁ। ଅନୁଦାନ ଆସିଛି, ଟେଣ୍ଡର ପ୍ରୋସେସ୍‌ରେ ଅଛି। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଷୀ ବିଭାଗ ସହ କଥାବାର୍ତ୍ତା ହୋଇ ଶୀଘ୍ର ରାସ୍ତା ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଗକୁ ବର୍ଷାଋତୁ ଆସୁଥିବାରୁ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଶ୍ୟାମସୁନ୍ଦର ନାଏକ, ଲକ୍ଷ୍ମୀଧର ଧରୁଆ, ଭଲଭଦ୍ର ପୂଜାରୀ, ତରୁଣ ମାଝୀ, ଲୋକନାଥ ଭଏଁସାଲ, କର୍ଣ୍ଣଧର ଦୁର୍ଗା, ସୁଗ୍ରୀ ବାଗ, ଘନ ବାଗ, ଦେବାନନ୍ଦ ମାଝୀ, ଡମ୍ବରୁଧର ଧରୁଆ, ଥବୀର ବିଶି ପ୍ରମୁଖ ଗ୍ରାମବାସୀ ପ୍ରଶାସନକୁ ନିବେଦନ କରିଛନ୍ତି।

# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବଲାଙ୍ଗିର : ସ୍ଥାନୀୟ ପି.ଆର. ଖେଳ ପଡିଆରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନି ଉତ୍ସବରେ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ପ୍ରଦୀପ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡାର ଆବଶ୍ୟକତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଶାରୀରିକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମି ବିଶ୍ୱାଲ ଯୋଗ ଦେଇ ଶିକ୍ଷା ସାଙ୍ଗକୁ କ୍ରୀଡାର ଆବଶ୍ୟକତା ନିହାତି ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଉଦ୍‌ଯାପନି ଉତ୍ସବରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ପି.ଆର.ହାଇସ୍କୁଲର ଅତିତରେ ଥିବା କ୍ରୀଡାବିଦ୍ ମାନଙ୍କ ଭୂୟସିଂ ପ୍ରଶଂସା ସେମାନଙ୍କ ଆଦର୍ଶ ହେବା ପାଇଁ ପ୍ରୋତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଜିଲ୍ଲା କ୍ରୀଡାଧିକାରୀ ପରାଶର ବାଗ ଯୋଗଦେଇ ବଲାଙ୍ଗିର ଜିଲ୍ଲାର କ୍ରୀଡା କ୍ଷେତ୍ରରେ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସ୍କୁଲ ପରିଚାଳନା କମିଟିର ସଭାପତି ବସନ୍ତ ସାଇଁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଯୁବ କ୍ରୀଡା ଶିକ୍ଷକ ସୌରଭ ପ୍ରଧାନ ବାର୍ଷିକ କ୍ରୀଡା ବିବରଣୀ ପ୍ରଦାନ କରିଥିଲେ ଏବଂ ବରିଷ୍ଠ ଶିକ୍ଷକ ବିକାଶ ରଂଜନ ସାହୁ ମଂଚ ସଂଯୋଜନା କରିଥିଲେ ।

# ବାଉଁଶ ଶିଳ୍ପର ଚାହିଦା କମୁଛି, ମିଳୁନି ପାରିଶ୍ରମିକ



ନୂଆପଡା, (ହି.ସ.)- ଦିନ ଥିଲା ନିଜ ଅଞ୍ଚଳରେ କମାର ଜାତିର ପୁରୁଷ ମହିଳାଙ୍କ ଦ୍ୱାରା ବାଉଁଶରୁ ହାତ ତିଆରି କୁଲା, ବାଡୁନ, ଟୋପା, ଭୋଗା, ଧୁକନା, ଚାଙ୍ଗରୀ, ଭୁରକି ଆଦି ଘର ଉପକରଣ ସାମଗ୍ରୀ କିଣି ବ୍ୟବହାର କରୁଥିଲେ ଲୋକେ। ସେତେବେଳେ ବିକଳ୍ପ ବ୍ୟବସ୍ଥା ନଥିବାରୁ ଲୋକେ ବାଧ ହୋଇ ଏହି ବାଉଁଶ ନିର୍ମିତ ସାମଗ୍ରୀ ଉପରେ ନିର୍ଭର କରୁଥିଲେ । ହେଲେ ଆଧୁନିକ ଯୁଗର ପଦାର୍ପଣ ପରେ ଏବେ ବଜାରରେ ପ୍ଲାଷ୍ଟିକ ତିଆରି ସବୁ ପ୍ରକାର ସାମଗ୍ରୀ ମିଳିଯାଉଥିବାରୁ ବାଉଁଶ ତିଆରି ସାମଗ୍ରୀକୁ ଲୋକେ ମୁହଁ ଫେରାଇବା ଆରମ୍ଭ କଲେଣି । ଫଳରେ ବାଉଁଶ ଶିଳ୍ପକୁ ନେଇ ପରିବାର ପ୍ରତିପୋଷଣ କରୁଥିବା ନୂଆପଡା ଜିଲ୍ଲାର କମାର ଜାତି ପରିବାର ଏବେ ଦୁର୍ଦ୍ଦିନରେ ଦିନ କାଟୁଥିବା ଦେଖିବାକୁ ମିଳିଛି। ନୂଆପଡା ଜିଲ୍ଲାର ୫ଟି ବ୍ଲକରେ ବସବାସ କରୁଥିବା କମାର ସଂପ୍ରଦାୟର ଲୋକେ ବାଉଁଶ ତିଆରି ସାମଗ୍ରୀକୁ ବିକ୍ରୟ କରି ଭଲ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଏହି ଜାତିର ଲୋକେ ନିକଟସ୍ଥ ବଣ ପାହାଡ଼, ଜଙ୍ଗଲରୁ କଂଚା ବାଉଁଶ ସଂଗ୍ରହ କରି ବାଉଁଶରେ ବିଭିନ୍ନ ସାମଗ୍ରୀ କୁଲା, ବାଡୁନ, ଚାଙ୍କରୀ, ଭୁଗା, ଧୁକନା, ବେଲା, ସିକୁନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି । ସୂକ୍ଷ୍ମ କାରିଗରୀ ସହ ସାମଗ୍ରୀକୁ ଅଧିକ ଆକୃଷ୍ଟ କରିବା ପାଇଁ ମଝିରେ ମଝିରେ ବିଭିନ୍ନ ରଙ୍ଗ ବୋଳା ବାଉଁଶ ପତି ମଧ୍ୟ ଖଞ୍ଜିଥାନ୍ତି। ସାମଗ୍ରୀ ପ୍ରସ୍ତୁତ ହେଲା ପରେ ତାକୁ ବିଭିନ୍ନ ଅଂଚଳକୁ ଯାଇ ବୁଲି ବୁଲି ବିକ୍ରୟ କରିଥାନ୍ତି । ପୁଣି ଏହି ସାମଗ୍ରୀକୁ ବିଭିନ୍ନ ବଜାର ମାନଙ୍କରେ ଯାଇ ବିକ୍ରୟ କରିଥାନ୍ତି । ଆଗ୍ରହୀ ଗ୍ରାହକ ମାନେ ବାଉଁଶ ତିଆରି ସାମଗ୍ରୀ କିଣି ଘରକୁ ନେଇଥାନ୍ତି । କିଛି ଗ୍ରାହକ ମୂଲଚାଲ କରି ସାମଗ୍ରୀ କିଣିଥାନ୍ତି । ତେବେ ଆଧୁନିକତାର ପ୍ରଭାବ ସହ ଲୋକଙ୍କ ଚାଲିଚଳଣି ବଦଳିବାରେ ଲାଗିଛି । ଫଳରେ ଅନେକ ପରିବାର ବାଉଁଶ ତିଆରି ସାମଗ୍ରୀକୁ କିଣିବାକୁ ଆଉ ପସନ୍ଦ କରୁନାହାନ୍ତି । ବାଉଁଶ ତିଆରି ସାମଗ୍ରୀ ବଦଳରେ ସୁନ୍ଦର ଦେଖାଯାଉଥିବା ପ୍ଲାଷ୍ଟିକ ସାମଗ୍ରୀକୁ କିଣି ଘରକୁ ଆଣୁଛନ୍ତି । ପ୍ଲାଷ୍ଟିକ ସାମଗ୍ରୀ ସୁନ୍ଦର ଦେଖାଯିବା ସହ ଅଧିକ ଦିନ ଧରି ବ୍ୟବହୃତ ହେଉଥିବା ବେଳେ ବାଉଁଶ ସାମଗ୍ରୀ କମ୍ ଦିନ ମଧ୍ୟରେ ଖରାପ ହୋଇଥାଏ । ଫଳରେ ଲୋକେ ପ୍ଲାଷ୍ଟିକ ସାମଗ୍ରୀକୁ ଅଧିକ ମାତ୍ରାରେ କିଣି ବ୍ୟବହାର କରିଥାନ୍ତି। ହେଲେ ପୂର୍ବଭଳି ଚାହିଦା ନଥିଲେ ମଧ୍ୟ ନୂଆପଡା ଜିଲ୍ଲା ସହ ପଶ୍ଚିମ ଓଡିଶାର ଲୋକେ ବିବାହ, ବ୍ରତ ମାନଙ୍କରେ ବାଉଁଶ ତିଆରି ସାମଗ୍ରୀ କିଣି ବ୍ୟବହାର କରୁଛନ୍ତି । ଅନ୍ୟପକ୍ଷରେ ବାଉଁଶ ତିଆତି କରୁଥିବା କାରିଗର ମାନଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁନଥିବା ଅଭିଯୋଗ କରୁଛନ୍ତି। ଯେଉଁ ମାତ୍ରାରେ ଏମାନଙ୍କ ପରିଶ୍ରମ ରହିଛି ସେହିମାତ୍ରାରେ ସେମାନଙ୍କୁ ପାରିଶ୍ରମିକ ମିଳୁନଥିବା ଜଣାପଡିଛି। ହେଲେ ଏହି ସମ୍ପ୍ରଦାୟର କୌଳିକ ବୃତି ରୂପେ ପରିଚିତ ବାଉଁଶ କାମ ଛାଡିବାକୁ କିଛି ପରିବାର ଅମଙ୍ଗ ହୋଇପଡିଛନ୍ତି। ପୁଣି କିଛି ପରିବାର ବାଉଁଶ ସାମଗ୍ରୀର ଚାହିଦା ଦିନକୁ ଦିନ କମି ଯାଉଥିବାରୁ ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଦାଦନ ଖଟିବାକୁ ଯାଉଥିବା ଦେଖିବାକୁ ମିଳିଛି । ସରକାର କମାର ସମ୍ପ୍ରଦାୟଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରିବାର ଆବଶ୍ୟକତା ରହିଛି। ଅନ୍ୟଥା ଏହି ସମ୍ପ୍ରଦାୟର କୌଳିକ ବୃତି ଆଗାମୀ ଦିନରେ ଲୋପପାଇଯିବ ଏଥିରେ ସନ୍ଦେହ ନାହିଁ।

# ଗଭୀର ନଳକୂପ କାର୍ଯ୍ୟକ୍ଷମ ଦାବି



ବରଗଡ (ହି.ସ) :ବରଗଡ଼ ଜିଲାର ଅଣଜଳସେଚିତ ଅଞ୍ଚଳରେ ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନା ଅନୁଯାୟୀ ଗଭୀର ନଳକୂପ ଖନନ କରିଛନ୍ତି। ମାତ୍ର ବର୍ଷବର୍ଷ ଧରି ସେଠାକୁ ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ। ଫଳରେ ଗଭୀର ନଳକୂପ କାର୍ଯ୍ୟକ୍ଷମ ହୋଇ ପାରୁ ନଥିବାବେଳେ ଚାଷକାର୍ଯ୍ୟ ନେଇ ଚାଷୀଙ୍କ ଆଶା ମଧ୍ୟ ଧୂଳିସାତ୍ ହୋଇ ପଡ଼ିଛି। ଏହାକୁ ନେଇ ସମ୍ପୃକ୍ତ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ମଙ୍ଗଳବାର ଜିଲାର ସୋହେଲା ବ୍ଲକ ରେଙ୍ଗାଲି ପଞ୍ଚାୟତ ବିରିପାଲି ଗ୍ରାମର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ ସହିତ ସେମାନେ ଖୋଳିଥିବା ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ୨୦୨୨-୨୩ ଆର୍ଥିକ ବର୍ଷରେ ଉପରୋକ୍ତ ଗ୍ରାମର ଚାଷୀମାନେ ବିଜୁ କୃଷକ ଯୋଜନାରେ ଗଭୀର ନଳକୂପ ଖୋଳିଥିଲେ। ଏଥିପାଇଁ ଆବଶ୍ୟକ କାଗଜାତ୍ ସହିତ ଅଗ୍ରୀମ ଦେୟ ମଧ୍ୟ ପଇଠ କରିଥିଲେ। ତେବେ ଗଭୀର ନଳକୂପ ଖୋଲାଗଲା। କିନ୍ତୁ ଏପର୍ଯ୍ୟନ୍ତ ୨ଟି କ୍ଲଷ୍ଟରକୁ ବିଦ୍ୟୁତ ସଂଯୋଗ କରାଯାଇନାହିଁ। ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଫେରାଦ ହୋଇ ସେ ନେଇ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳୁ ନାହିଁ। ଅନ୍ୟପଟେ ସେଠାକୁ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ରୋକଠୋକ୍ ମନା କରି ଦେଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ନେତୃତ୍ୱରେ ନାରାୟଣ ସାହୁ, ମୋହିତ ସାହୁ, ରାଜକୁମାର ସା, ସାନନ୍ଦ ଭୋଇ, ରଞ୍ଜନ ଭୁଏ, ଛାଲୁ ଭୁଏ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ଜାତୀୟ ସେବା ଶିବିର

ସମ୍ବଲପୁର, (ହି.ସ.)- ମହା ମହାଶିବରାତ୍ରୀ ଓ ଐତିହାସିକ ହୁମା ମେଳା ଅବସରରେ ଧମା ସ୍ଥିତ ମା ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ଦୁଇ ଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ମାନେଶ୍ୱର ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଚିର ରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି, ଠେମରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ପ୍ରତାପ ନାଏକ, ଧମା ଥାନା ଅଧିକାରୀ ଶ୍ୱେତପଦ୍ମା ବିଶ୍ୱାଳ, ମନ୍ଦିର ସମିତିର ସଭାପତି ଦିଲୀପ କୁମାର ମହାପାତ୍ର ଏବଂ ସମ୍ବଲପୁର ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ପ୍ରକାଶ ଥାଉକି, ପଚାଶ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଆୟୋଜିତ ହୋଇଥିବା ଏହି ଶିବିରରେ ସ୍ୱେଚ୍ଛାସେବୀମାନେ ମେଳା ତଥା ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ପ୍ରାଥମିକ ଉପଚାର, ଭିଡ ନିୟନ୍ତ୍ରଣ ତଥା ଆବଶ୍ୟକ କ୍ରମେ ମନ୍ଦିର ସମିତିକୁ ସହଯୋଗ ଆଦି କାର୍ଯ୍ୟରେ ନିୟୋଜିତ ରହିବେ। ସଭାରେ ଅଧ୍ୟାପକ ରବିନ୍ଦ୍ରନାରାୟଣ ଠାକୁର ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦଘାଟନୀ ସଭାରେ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜାତୀୟ ଯୁବ ଉତ୍ସବ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ବଲାଙ୍ଗୀର: ଜାତୀୟ ଯୁବ ଉତ୍ସବ- ୨୦୨୫ ନିମନ୍ତେ ଓଡିଶା ସରକାରଙ୍କ ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଜିଲ୍ଲା ସସ୍କୃତି ପରିଷଦ, ବଲାଙ୍ଗୀର ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ଯୁବ ଉତ୍ସବ ତଥା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିବାବେଳେ ଡିଆଇପିଆରଓ ସରୋଜ କୁମାର ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀରଞ୍ଜନ ମିଶ୍ର ଉଦଘାଟନୀ ସମାରୋହକୁ ପରିଚାଳନା କରିଥିଲେ। ଉଭୟ ହିନ୍ଦୀ ଓ ଇଂରାଜୀରେ କବିତା ଲିଖନ, ଗଳ୍ପ ଲିଖନ, ବକ୍ତୃତା ପ୍ରଦାନ ସହ ଚିତ୍ରକଳା,ଏକକ ଓ ଦଳଗତ ଲୋକନୃତ୍ୟ ତଥା ଏକକ ଓ ଦଳଗତ ଲୋକଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇଂରାଜୀ ବକ୍ତୃତାରେ ବଲାଙ୍ଗୀର ପୌରାଂଚଳ ର ବ୍ୟୋମକେଶ ଦତ ତ୍ରିପାଠୀ, ହିନ୍ଦୀରେ ଗ୍ରେସି କ୍ରିଷ୍ଟିନା କୁମାର, ସେହିପରି କବିତା ଲିଖନ ଇଂରାଜୀରେ ବଲାଙ୍ଗୀର ପୌରାଂଚଳର ସିଂଚନ ପାଣିଗ୍ରାହୀ ଓ ହିନ୍ଦୀରେ ଲୋଇସିଂହା ବ୍ଲକର ସ୍ୱୟଂପ୍ରଭା ରାୟ ସାମନ୍ତ, ଗଳ୍ପ ଲିଖନ ଇଂରାଜୀରେ ଲୋଇସିଂହା ବ୍ଲକର ଚିନ୍ମୟୀ ଚାଟାର୍ଜୀ ଓ ହିନ୍ଦୀରେ ବଲାଙ୍ଗୀର ପୌରାଂଚଳର ଆକାଶ ପତି, ଚିତ୍ରାଙ୍କନରେ ଦେଓଗାଁ ବ୍ଲକର ଶୁଭମ ସେଠ,ଏକକ ଲୋକଗୀତରେ ରୋନକ ମହାନ୍ତି ଓ ଦଳଗତ ଲୋକଗୀତରେ ବଲାଙ୍ଗୀର ପୌରାଂଚଳ, ଏକକ ଲୋକନୃତ୍ୟରେ ଚନ୍ଦ୍ରକାନ୍ତ ବାଗ ଓ ଦଳଗତ ଲୋକନୃତ୍ୟରେ ବଲାଙ୍ଗୀର ପୌରାଂଚଳର ପ୍ରତିଭାଗୀ ମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଭାବରେ ବିଥିକା ଚାଟାର୍ଜୀ, ନବୀନ କିଶୋର କୁଅଁର, ଶୁଭ୍ରାଂଶୁ ଶେଖର ମିଶ୍ର, ସନାତନ ଠାକୁର, ସନ୍ଦୀପ କୁମାର କୁଅଁର, ପ୍ରଶାନ୍ତ ଖମାରୀ, ସତ୍ୟାନନ୍ଦ ବିଶ୍ୱାଳ, ନରେନ୍ଦ୍ରନାଥ ମିଶ୍ର, ଡକ୍ଟର ଅଶ୍ୱିନୀ କୁମାର ରଥ, ଗୋପାଲ ପ୍ରଧାନ, ଦିଲ୍ଲିପ ସିଂହଦେଓ, ଲିଲି ପାଢୀ, ପ୍ରତିମା ଯୋଷୀ, ପ୍ରମୋଦ କୁମାର ବାଗ, ଧନେଶ୍ୱର ତାଣ୍ଡି, ଶ୍ରାବଣୀ ମେହେର ଓ ଚନ୍ଦନା ସିଂ ଯୋଗଦେଇଥିଲେ। ଉଦଯାପନୀ ସମାରୋହରେ ସମସ୍ତ ପ୍ରତିଯୋଗୀଙ୍କୁ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ ପୁରସ୍କୃତ କରିଥିଲେ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ନରସିଂହ ପଣ୍ଡା ବାଗ୍‌ଦେବୀ ସମ୍ମାନ ପାଇଁ ମନୋନୀତ

ଜୟପୁର, (ହି.ସ.)- କେଶବ-ସୁଭଦ୍ରା ଫାଉଣ୍ଡେସନ ପକ୍ଷରୁ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କୁ ସମ୍ମାନଜନକ ବାଗଦେବୀ ସମ୍ମାନ- ପାଇଁ ମନୋନୀତ କରାଯାଇଛି। ଏହି ସମ୍ମାନ ସଂସ୍କୃତର ସଂରକ୍ଷଣ ଏବଂ ପ୍ରସାରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ଏହାର ଜ୍ଞାନକୁ ବିଦେଶରେ ବିସ୍ତାର କରିବା ପାଇଁ ତାଙ୍କର ଉତ୍ସର୍ଗୀକୃତ ପ୍ରୟାସକୁ ସମ୍ମାନିତ କରାଯାଉଛି । ପ୍ରଫେସର ପଣ୍ଡାଙ୍କ ଚମତ୍କାର କ୍ୟାରିୟରରେ ଦୀର୍ଘ ଦଶନ୍ଧି ଧରି ଚାଲିଛି ଶିକ୍ଷାଦାନ ଓ ଗବେଷଣା। ସେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ କାର୍ଯ୍ୟରତ ଅଛନ୍ତି । ସେ ବର୍ତମାନ ଭାଷା ବିଦ୍ୟାଳୟର ଡିନ୍, ସଂସ୍କୃତ ବିଭାଗରେ ପ୍ରଫେସର ଏବଂ କାର୍ଯ୍ୟକାରୀ ରେଜିଷ୍ଟ୍ରାର ଭାବରେ କାର୍ଯ୍ୟ କରୁଛନ୍ତି । ସେ ବିଶ୍ୱବିଦ୍ୟାଳୟର କାର୍ଯ୍ୟକାରୀ କୁଳପତି ଏବଂ କାର୍ଯ୍ୟକାରୀ ଫାଇନାନ୍ସ ଅଫିସର ଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ କାର୍ଯ୍ୟ କରିଛନ୍ତି । ପ୍ରଫେସର ପଣ୍ଡାଙ୍କ ଶିକ୍ଷାଗତ ଯାତ୍ରାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଉଲ୍ଲେଖନୀୟ କାର୍ଯ୍ୟକାଳ ରହିଛି, ଯାହା ତାଙ୍କୁ ବ୍ୟାପକ ଭାବେ ପ୍ରଶଂସିତ କରିଥିଲା । ଥାଇଲାଣ୍ଡ ଏବଂ ମରିସସରେ ପ୍ରଫେସର ଭାବରେ ଚାରି ବର୍ଷର ସେବା ସହିତ ବିଦେଶରେ ତାଙ୍କର ଅବଦାନ ମଧ୍ୟ ସମାନ ଭାବରେ ପ୍ରଶଂସନୀୟ, ଯେଉଁଠାରେ ସେ ସଂସ୍କୃତ ବୃତିରେ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ । ସଂସ୍କୃତ ପ୍ରତି ତାଙ୍କର ସମର୍ପଣ ପାଇଁ ଏହି ବିଦ୍ୱାନଙ୍କୁ ସମ୍ମାନଜନକ ସଂସ୍କୃତ ମହାମହପାଧ୍ୟାୟ ପୁରସ୍କାର ସମେତ ଅନେକ ପ୍ରଶଂସା ମିଳିଛି ବୋଲି ବିଶ୍ୱବିଦ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ତାଙ୍କ ଜୀବନ ଓ କାର୍ଯ୍ୟ ବିଦ୍ୟାର୍ଥୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ପାଲଟିଛି। ପୁରୀ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ଏକ ସମାରୋହରେ ପ୍ରଫେସର ପଣ୍ଡାଙ୍କୁ ବାଗଦେବୀ ସମ୍ମାନରେ ସମ୍ମାନିତ କରାଯିବ।

# କୃଷକ କଲ୍ୟାଣ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜୟପୁର : କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ମୁଖ୍ୟମନ୍ତ୍ରୀ ଦାବିପତ୍ର ପ୍ରଦାନ କରାଯାଇଛି । ଖରିଫ ଧାନ ମଣ୍ଡିର ସମସ୍ୟା ସମ୍ପର୍କରେ ଦାବି ପତ୍ର ପ୍ରଦାନ କରାଯାଇଛି । କୃଷକ କଲ୍ୟାଣ ମଂଚ ର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନଙ୍କ ସହ ସଦସ୍ୟ ମାନେ ଉପସ୍ଥିତ ରହି ୬ ଦଫା ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ପଡୋଶି ଛତିଶଗଡ ରାଜ୍ୟ ମଣ୍ଡିରେ ଯେପରି ଧାନ କ୍ରୟ କରାଯାଉଛି ତାହା ଓଡିଶାରେ କାଯ୍ୟକାରି କରାଯାଉ, ଏଫେଏକ୍ୟୁ ନାମରେ ଯେଉଁ ଅଚଳା ବସ୍ତା ଲାଗି ରହିଛି ତାହା ଦୁର କରାଯାଇ ଜାନୁଆରି ୩୧ ତାରିଖ ସୁଦ୍ଧା ଧାନ କ୍ରୟ କରାଯାଉ, ଅଣ ଜଳ ସେଚିତ ଜମିରେ ୧୩ କ୍ୱିଂଟାଲ ଧାନ କ୍ରୟ କରାଗଲେ ଚାଷିଙ୍କ ମନବଳ ଭାଙ୍ଗିଯିବା ସହିତ ବଳକା ଧାନ ବକ୍ରି କରିବାକୁ ଚାଷି ଅଭାବି ବିକ୍ରିର ଶୀକାର ହେବେ ତେଣୁ ରାଜ୍ୟରେ ଏକର ପ୍ରତି ୨୫ କ୍ୱିଂଟାଲ ଧାନ କ୍ରୟ କରାଯାଉ, ଚାଷିଙ୍କୁ ଖାଲି ଅଖା ପ୍ରଦାନ କରାଯାଉ, ଏବଂ ଚାଷି କିପରି ଅନ୍ୟ ବର୍ଗର ଲୋକଙ୍କ ପରି ସମ୍ମାନର ସହିତ ବଞ୍ଚିପାରିବ ସେଥି ପ୍ରତି ସରକାରି ଯନ୍ନବାନ ହେଲେ ଚାଷି ଉପକୃତ ହୋଇଥାନ୍ତେ । ଜୟପୁର କୃଷକ ଭବନ ଚାଷୀଙ୍କ କାଯ୍ୟରେ ଲାଗିବା ସହିତ ଅବିଭକ୍ତ କୋରାପୁଟ ଜିଲା କୃଷକ ସମାଜ ଓ କୃଷକ କଲ୍ୟାଣ ମଂଚର ସଦସ୍ୟଙ୍କୁ ଡିଏଲପିସି ବୈଠକରେ ଭାଗ ନେବାର ସୁଯୋଗ ଦିଆଯାଉ ।

# ଓଡ଼ିଶା ଷ୍ଟେଟ୍ ବକ୍ସିଂ ଚାମ୍ପିଅନ୍‌ସିପ୍‌ରେ ଜୟପୁର ମୁଷ୍ଟିଯୋଦ୍ଧାଙ୍କୁ ସ୍ୱର୍ଣ୍ଣ ପଦକ

ଜୟପୁର: କୋରାପୁଟ ଜିଲ୍ଲା ଆମାଚର୍ ବକ୍ସିଂ ଆସୋସିଏସନ୍ ଦ୍ୱାରା ପରିଚାଳିତ ଅରିଜିତ ବକ୍ସି କ୍ଲବ୍‌ରେ ପ୍ରଶିକ୍ଷଣ ନେଉଥିବା ଜୟପୁର ନିବାସୀ ପି.ସମୀର ପାତ୍ର, ସଞ୍ଜୀବ ହରିଜନ, ଯତୀନ ଶର୍ମା ଏବଂ ଟି. ଶଙ୍କର ରାଉରକେଲା ହକି ଷ୍ଟୁଡ଼ିୟମ୍‌ରେ ତା- ୧୪.୧୨.୨୦୨୪ ଏବଂ ୧୫.୧୨.୨୦୨୪ ରିଖରେ ଅନୁଷ୍ଠିତ ଓଡ଼ିଶା ଷ୍ଟେଟ୍ ବକ୍ସିଂ ଚମ୍ପିୟାନସିପ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ପି.ସମୀର ପାତ୍ର ୯୧ କି.ଗ୍ରା. ବର୍ଗରେ ଏବଂ ଯତୀନ ଶର୍ମା ୬୫- ୭୦ କି.ଗ୍ରା. ବର୍ଗରେ ବିଜୟୀ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଉପରୋକ୍ତ ଚାରି ଜଣ ମୁଷ୍ଟିଯୋଦ୍ଧା ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍ ର ସଦସ୍ୟ ତଥା କୋରାପୁଟ ଜିଲ୍ଲା ଆଥେଲେଟିକ ଆସୋସିଏସନ୍ ର ସମ୍ପାଦକ ଅନୁପ କୁମାର ପାତ୍ର ଏବଂ ଓଡ଼ିଶା ଆଥେଲେଟିକ ଆସୋସିଏସନ୍ ର ସମ୍ପାଦକ ରବି ନାୟକଙ୍କ ଦ୍ୱାରା ପ୍ରାୟୋଜିତ ହୋଇ ଓଡ଼ିଶା ଷ୍ଟେଟ୍ ବକ୍ସ ଚମ୍ପିୟାନ୍ ?ସିପ୍ ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରିବା ସହ ଜୟପୁର ସହର ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଏବଂ ଗୌରବ ଅର୍ଜନ କରିଛନ୍ତି । ବିଜୟୀ ମୁଷ୍ଟିଯୋଦ୍ଧାଙ୍କୁ କୋରାପୁଟ ଜିଲ୍ଲା ଆମାଚର୍ ବକ୍ସି ଆସୋସିଏସନ୍ ତରଫରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏହି ଅବସରରେ କୋରାପୁଟ ଜିଲ୍ଲାରେ ଲୋକଲୋଚନ ଅନ୍ତରାଳରେ ରହିଯାଉଥିବା ମୁଷ୍ଟିଯୋଦ୍ଧାଙ୍କୁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପରିଚିତ ଏବଂ ପ୍ରତିଷ୍ଠିତ କରିବା ସକାଶେ ତାଙ୍କ ଅନୁଷ୍ଠାନ ଉଦ୍ୟମ ଅବ୍ୟାହତ ରଖିବ ବୋଲି କୋଚ୍ ଅରିଜିତ ମହାପାତ୍ର କହିଛନ୍ତି ।

# ମହୁଫେଣାକୁ ବାହାର କରିବାକୁ ଦାବି

ଜୟପୁର: ଜୟପୁର ସହର ପାଇକ ସାହିରେ ଥିବା ମହୁଫେଣାକୁ ବାହାର କରିବାକୁ ଦାବି ହୋଇଛି । ଏନେଇ ଆଜି ଜୟପୁର ଉପ ଜିଲାପାଳ ଆକାବରମ ସସ୍ୟା ରେଡ୍ଡିଙ୍କୁ ସାହି ବାସିନ୍ଦା ତରଫରୁ ଦାବି ପତ୍ର ପ୍ରଦାନ କରାଯାଇଛି । ଜୟନଗର ପାଇକ ସାହି ଉପ ଜିଲାପାଳଙ୍କ କାଯ୍ୟାଳୟ ନିକଟରେ ମହୁ ଫେଣା ରହିଛି । ଏହା ଏକ ଜନ ଗହଳି ପୁର୍ଣ୍ଣ ସ୍ଥାନ । ସେଠାରେ ଅନେକ ଲୋକ ଯିବା ଆସିବା କରନ୍ତି । ଏଠାରେ ମହୁ ମାଛିଙ୍କ ବସା ଥିବାରୁ ମହୁ ମାଛିଙ୍କ ଆକ୍ରମଣରେ ୭ ଜଣ ଆହତ ହୋଇଛି । ତେଣୁ ମହୁମାଛିଙ୍କ କିଛି କ୍ଷତି ନକରି ସୁରକ୍ଷା ଦେଇ ବାହାର କରିବାକୁ ସାନ୍ତନୁ କୁମାର ପାଣିଗ୍ରାହୀ, ଅଜୟ ପ୍ରଧାନ ଦାବି କରିଛନ୍ତି ।

# ଅଭିଯୋଗ ଶୁଣାଣି ଶିବିର ୯୭ ଅଭିଯୋଗର ଦରଖାସ୍ତ ଗ୍ରହଣ

ବଲାଙ୍ଗୀର: ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୯୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୮୯ ଗୋଟି ଗ୍ରହଣ କରାଯାଇଥିବାବେଳେ ୮ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ୨ଗୋଟି ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଛି। ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ବିଡିଓ ମଂଟୁ ଖମାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଶ୍ରୀମତୀ ସୌମ୍ୟାରୂପା ରଥ, ଜିଲ୍ଲା ଜନ ସ୍ୱାସ୍ଥ୍ୟଧିକାରୀ ଡା. ପ୍ରଦୀପ କୁମାର ଗୁରୁ, ଅଧିକ୍ଷଣ ଯନ୍ତ୍ରୀ ପି ଡବ୍ଲ୍ୟୁଡି ଇଂ ଦାମୋଦର କୈବର୍ତ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ରେବତୀ ସିଂ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଅଧିକ୍ଷଣ ଯନ୍ତ୍ରୀ ତପନ ପଧାନ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର ଜରୁରୀ ଶାଖା କୃଷ୍ଣ ମୋହନ ସିଂ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ଶ୍ରମ ଅଧିକାରୀ, ତହସିଲଦାର ବିନିକା ସୀତାରାମ ଭୋଇ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଜିଲ୍ଲାସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ପ୍ରସ୍ତୁତି ବୈଠକ

ଭବାନୀପାଟଣା, (ହି.ସ.)- ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତି ପାଳନ ଅବସରରେ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭା ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ବିଭିନ୍ନ ଫଳପ୍ରସୂ ପଦକ୍ଷେପ ଏବଂ ପ୍ରଣୀତ ବିବିଧ ଯୋଜନା ଗୁଡିକର ଉଦ୍ଦେଶ୍ୟ ଓ କାର୍ଯ୍ୟାନୟନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିବା ଏବଂ ବହୁବିଧ କଲ୍ୟାଣକାରୀ ଦିଗ ସମ୍ପର୍କରେ ସଚେତନ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚଳିତ ଜୁନ ମାସ ୧୨ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ସାଧାରଣ ସଭା, ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ, ପ୍ରଦର୍ଶନୀ(ବିକାଶ ମେଳା) ଗୋଷ୍ଠୀଗତ ଆଲୋଚନାଚକ୍ର ତଥା ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ପୂର୍ତ୍ତ ବିଭାଗ, ପଂଚାୟତରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ମିଶନ ଶକ୍ତି ବିଭାଗ, ଉଚ୍ଚ ଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଜଙ୍ଗଲ ଓ ପରିବେଶ ଜଳ ବାୟୁ ପରିବର୍ତ୍ତନ ବିଭାଗ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ବୟନ ହସ୍ତତନ୍ତ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସମାଜ କଲ୍ୟାଣ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଜିଲ୍ଲା ପ୍ରଶାସନ ଓ ଅନ୍ୟ ସମସ୍ତ ବିଭାଗର ମିଳିତ ଆନୁକୂଲ୍ୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସମ୍ପୃକ୍ତ ବିଭାଗୀୟ ସମସ୍ତ ଅଧିକାରୀ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ର ସଫଳ ରୂପାୟନ ରେ ପୂର୍ଣ୍ଣ ସହଯୋଗ ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ଖଣ୍ଡିୟ ବନ ଅଧିକାରୀ କଳାହାଣ୍ଡି ( ଉତ୍ତର) କଲାଇ ବନାନ୍, ଖଣ୍ଡିୟ ବନ ଅଧିକାରୀ କଳାହାଣ୍ଡି(ଦକ୍ଷିଣ) ରମେଶ କୁମାର, ଅତିରିକ୍ତ ଜିଲ୍ଲାପାଳ( ସାଧାରଣ) ତନ୍ମୟ କୁମାର ଦରୱାନ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରବେଶନ) ଅନିମେସ ପ୍ରଧାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମୀନତି ଦାସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପଂଚାୟତ ଅଧିକାରୀ, ନୃସିଂହ ଚରଣ ପଟ୍ଟନାୟକ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜି ବୁନ ନିଶା, ପିଡି, ଡୁଡକ୍ଷ ମୁନୀନ୍ଦ୍ର ହୋନାଗା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସୀଙ୍ଗ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ପରିଚାଳନା କରିଥିଲେ।

# ଡେଙ୍ଗୁ ମୁକାବିଲା: ସପ୍ତାହରେ ଦୁଇ ଦିନ ଡ୍ରାଏ ଡେ’

**ଭୁବନେଶ୍ୱର (ପିପିଏସ୍):** ପ୍ରତ୍ୟେକ ସପ୍ତାହରେ ଦୁଇ ଦିନ ଧରି ଡ୍ରାଏ ଡେ ପାଳନ କରାଯିବ। ଗୁରୁବାର ଠାରୁ ବିଏମ୍‌ସି ନିୟମ କରିବାକୁ ଯାଉଛି। ଡେଙ୍ଗୁ ପ୍ରତିହତ ପାଇଁ ଡ୍ରାଏ ଡେ ପାଳନ କରାଯିବ। ବିଏମସିର ୭୦ କର୍ମଚାରୀ ବିଭିନ୍ନ ୱାର୍ଡରେ ବୁଲି ତେଲ ସ୍ପ୍ରେ କରିବେ। ୱାର୍ଡରେ ବୁଲୁଥିବା ସଫେଇ ଗାଡ଼ି ମାଧ୍ୟମରେ ସଚେତନତା କରାଯିବ। ଏହାସହ ଟ୍ରାଫିକ ପୋଷ୍ଟରେ ମଧ୍ୟ ବିଏମସି ଡେଙ୍ଗୁ ସଚେତନତା କରିବ। ମେୟର ସୁଲୋଚନା ଦାସ କହିଛନ୍ତି, ଲୋକମାନେ ଯେତେ ସଚେତନ ହେବେ, ଡେଙ୍ଗୁ ସେତେ ଦୂରେଇବ। ତେଣୁ ସଫା ସୁତୁରାକୁ ଗୁରୁତ୍ୱ ଦେବା ଦରକାର। ଯେଉଁଠି ବର୍ଷା ପାଣି ଜମି ରହିବ ସେଇଠି ମଶା ଲାର୍ଭା ରହିଯାଆନ୍ତି। ପାଣି ଜମାଇ ନଦେବା ସହ ସଚେତନ ରହିବାକୁ ଶ୍ରୀମତୀ ଦାସ ନିବେଦନ କରିଛନ୍ତି। ଡେଙ୍ଗୁକୁ ପ୍ରତିହତ କରିବାକୁ ଏକ ଆଲୋଚନା ହୋଇଯାଇଛି। ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସଙ୍କ ସଭାପତିତ୍ୱରେ ଏକ ପ୍ରଶିକ୍ଷଣ ବିଏମ୍‌ସି ଏକାମ୍ର ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଏମ୍‌ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସମସ୍ତ କର୍ପୋରେଟର ଅଂଶ ଗ୍ରହଣ କରିଥିଲେ। ଅନ୍ୟାନ୍ୟ ଅଂଶଗ୍ରହଣକାରୀ ମାନେ ଥିଲେ। ଫାଇଲେରିଆ ଇନ୍ସପେକ୍ଟର, ଏସ୍‌ଆଇ ଇତ୍ୟାଦି ପରିଚ୍ଛନ୍ନତା, ମଶା ଉତ୍ସ ନଷ୍ଟ କରିବା, ନିୟମ ମାନି ଚିକିତ୍ସା ହେବା ସରକାରୀ ଡାକ୍ତରଖାନାରେ ରକ୍ତ ପରୀକ୍ଷା କରାଇବା ଇତ୍ୟାଦି ଆଲୋଚନା ହୋଇଥିଲା।



# ଡିସିପିଙ୍କ ବିରୋଧରେ ଓଏଚ୍‌ଆରସିରେ ମାମଲା ରୁଜୁ

**ଭୁବନେଶ୍ୱର (ପିପିଏସ୍):** ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମହିଳା ହୋମଗାର୍ଡଙ୍କୁ ଦୁର୍ବ୍ୟବହାର ହୋଇଛି। ଆଉ କେହି ନୁହଁ, ଖୋଦ୍ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ବିରୋଧରେ ଏଭଳି ଅଭିଯୋଗ ଆଣିଛନ୍ତି ହୋମଗାର୍ଡ କାଞ୍ଚନ ପାତ୍ର। ଅଭିଯୋଗ ଅନୁସାରେ, କାଞ୍ଚନ ଗତମାସ ୧୯ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲେ। ସେଠାରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ତାଙ୍କୁ ଦୁର୍ବ୍ୟବହାର କରିବା ସହିତ ଆକ୍ରମଣ କରିଥିଲେ। ପୁଲିସ କର୍ମଚାରୀଙ୍କୁ ଲଗାଇ ତାଙ୍କୁ ସେଠାରୁ ତଡ଼ି ଦେଇଥିଲେ। ଏଥିସହିତ ୨୦୧୩ ମସିହାରୁ ତାଙ୍କ ଦରମା ବନ୍ଦ କରିଦିଆଯାଇଥିବା ଅଭିଯୋଗ କରିଛନ୍ତି। ଏ ନେଇ କାଞ୍ଚନ ସେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆରସି)ଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଓଏଚ୍‌ଆରସି ତାଙ୍କ ଅଭିଯୋଗ ଆଧାରରେ କେସ୍ ନଂ - ୧୮୨୮ ମାମଲା ରୁଜୁ କରି ଶୁଣାଣି କରିଥିଲେ। ଗତମାସ ୩୦ ତାରିଖ ଦିନ ମାମଲାର ଶୁଣାଣି କରି ପୁଲିସ କମିସନରଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ମାସ ୧୯ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଜମିବାଡ଼ି ବିବାଦରୁ ଆକ୍ରମଣ; ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଜମିବାଡ଼ି ବିବାଦରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗିରିଙ୍ଗାପୁଟ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ମାମୁ ଓ ଭଣଜାକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପ୍ରଦୀପ କୁମାର ସ୍ୱାଇଁ (୨୮) ଓ ମାମୁ ମାନସ ପରିଡ଼ା (୪୨)। ପୁଲିସ ସୂଚନା ଅନୁସାରେ, ଗିରିଙ୍ଗାପୁଟ ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ ଘର ନିର୍ମାଣ ପାଇଁ ନିଅଁ ଖୋଲିଥିଲେ। ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ବେଳକୁ ପଡ଼ୋଶୀ ପ୍ରଦୀପ, ତାଙ୍କ ବାପା ଓ ଭାଇ ମିଶି ତାଙ୍କୁ ଗାଳିଗୁଲଜ କରିବା ସହିତ କାମ ବନ୍ଦ କରିବାକୁ ଧମକ ଦେଇଥିଲେ। କାମ ବନ୍ଦ ନକରିବାରୁ ବାପପୁଅ ମିଶି ସନ୍ତୋଷଙ୍କୁ ମାଡ଼ ମାରିଥିଲେ। ସେ ନେହୁରା ହେଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଲାଠି ଓ କଟୁରିରେ ଆକ୍ରମଣ କରିଥିଲେ। ସନ୍ତୋଷ ଗୁରୁତର ହେବାପରେ ଅଭିଯୁକ୍ତମାନେ ତାଙ୍କୁ ନିଅଁ ଭିତରେ ପକାଇ ଫେରାର ହୋଇ ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଂକଟାପନ୍ନ ରହିଥିବା ବେଳେ ସେ ଏବେବି ଚିକିତ୍ସାଧୀନ ଅଛନ୍ତି।

# ଅରବିନ୍ଦ ରାଉତରାୟଙ୍କୁ ‘ଅବନୀ ବରାଳ ସମ୍ମାନ’



**ଭୁବନେଶ୍ୱର (ପିପିଏସ୍):** ଅବନୀ ବରାଳ ଫାଉଣ୍ଡେସନ ପକ୍ଷରୁ ଜୟଦେବ ଭବନଠାରେ ସ୍ୱର୍ଗତ ଅବନୀ ବରାଳଙ୍କ ୯୧ ତମ ଜୟନ୍ତୀ ଏବଂ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଫାଉଣ୍ଡେସନ୍‌ର ସଭାପତି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ଫାଉଣ୍ଡେସନର ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରଧ୍ୟାପିକ ପ୍ରଫେସର ସଂଘମିତ୍ରା ଭଞ୍ଜ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱଗତ ଭାଷଣ ଦେଇଥିଲେ। ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗୀକୃତ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଅରବିନ୍ଦ ରାଉତରାୟଙ୍କୁ ଅବନୀବରାଳ ସମ୍ମାନ -୨୦୨୫ରେ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ କାର୍ଯ୍ୟ ପାଇଁ ଅନ୍ୟ ତିନି ଜଣଙ୍କୁ ମଧ୍ୟ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ଶିକ୍ଷାବିତ୍ ମାନସ ବେହେରା ଧନ୍ୟବାଦ ଦେଇଥିଲେ।

# ଏନ୍‌ସିସି ଓଡ଼ିଶା ବାଳିକା ବାଟାଲିଅନ୍‌ର ବାର୍ଷିକ ପ୍ରଶିକ୍ଷଣ

**ଭୁବନେଶ୍ୱର (ପିପିଏସ୍):** ଏନ୍‌ସିସିର ଓଡ଼ିଶା ବାଳିକା ବାଟାଲିଅନ୍ ପକ୍ଷରୁ ବାର୍ଷିକ ପ୍ରଶିକ୍ଷଣ ଶିବିର କିସ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେଉଛି। ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିର ଚାଲିବ। ପ୍ରାୟ ୫ଶହରୁ ଅଧିକ ଛାତ୍ରୀ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରି ବନ୍ଧୁକଚାଳନା, ପାରେଡ୍, ମାନଚିତ୍ର ପଢ଼ିବା, ପୋଷ୍ଟର ତିଆରି, ଗୀତ ଓ ନୃତ୍ୟ ପରି ବିଭିନ୍ନ ବିଷୟରେ ଜ୍ଞାନ ଆହୋରଣ କରୁଛନ୍ତି। ସେମାନଙ୍କୁ ସମର ଶିକ୍ଷା ସହ ବିଭିନ୍ନ ବିଷୟରେ ପାରଙ୍ଗମ କରିବାକୁ ପ୍ରଶିକ୍ଷଣ ଦିଆଯାଉଛି। ଭୁବନେଶ୍ୱର ଏମ୍ସର ମେଡିକାଲ୍ ଅଫିସର ଡ. ଅନୁରୂପ ଗୌରବ ମହାନ୍ତି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରିଛନ୍ତି। ବୃକ୍ଷରୋପଣ ପରି ଏହାଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

# ଯାଁଳା ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା



**ଭୁବନେଶ୍ୱର (ପିପିଏସ୍):** ଅପରେସନ ସିନ୍ଦୂରର ସଫଳତା ପାଇଁ ଯାଁଳା ପଞ୍ଚାୟତରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିଜେପି କର୍ମୀଙ୍କ ମିଳିତ ଉଦ୍ୟମରେ ଭବ୍ୟ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ ହୋଇଯାଇଛି ଓ ଏଥିରେ ମୁଖ୍ୟ ଅତିଥି ଭାବେ ମହିଳା ନେତ୍ରୀ ଜ୍ୟୋସ୍ନାମୟୀ ବଡ଼ଜେନା ଯୋଗଦେଇଥିଲେ। ଏହା ଓଗାଳପଡା ଠାରୁ ଆରମ୍ଭ ହୋଇ ଯାଁଳା ବଜାର ପର୍ଯ୍ୟନ୍ତ ଆସିଥିଲା। ଶୋଭାଯାତ୍ରା ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ଜଣେ ବାୟୁସେନା ଅଧିକାରୀ ଓ ସ୍ଥଳସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ଓଏହି ଶୋଭା ଯାତ୍ରାରେ ନେତାଜୀ ସୁବାଷ ବୋଷ ପ୍ରଭାତ ଶାଖାର ସ୍ୱୟଂ ସେବକମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଯାଁଳା ପଞ୍ଚାୟତର ପୂର୍ବତନ ସରପଞ୍ଚ, ତଥା ପୂର୍ବତନ ମଣ୍ଡଳ ସଭାପତି ପ୍ରଦୋଷ କୁମାର ଜେନା ପରିଚାଳନା କରିଥିଲେ।

# ଧରାପଡ଼ିଲା ବିପୁଳ ପରିମାଣର ତମାଖୁଜାତ ଦ୍ରବ୍ୟ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀର ୟୁନିଟ୍ ୧ ହାଟରେ ଏସଟିଏଫ୍ ଓ ଡ୍ରଗ ଇନ୍ସପେକ୍ଟର ଚଢ଼ଉ କରିଛନ୍ତି। ବେଆଇନ ତମାଖୁ ଗୋଦାମ ଓ ଦୋକାନରେ ଚଢ଼ଉ କରିବା ସହିତ ବିପୁଳ ପରିମାଣର ଗୁଟଖା ଜବତ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ୟୁନିଟ୍ ୧ ହାଟରେ ଗୁଟଖା ବିକ୍ରି ହେଉଥିବା ବେଳେ ବୁଧବାର କ୍ରାଇମବ୍ରାଞ୍ଚର ଏସଟିଏଫ୍, ଡ୍ରଗ ଇନ୍ସପେକ୍ଟର ଓ କ୍ୟାପିଟାଲ ଥାନା ପୁଲିସ ଚଢ଼ଉ କରିଥିଲେ। ଗୁଟଖା, ମାଦକ ଦ୍ରବ୍ୟ ଓ ଚୋରା ନିଶା କାରବାର ରୋକିବାକୁ ଏହି ଚଢ଼ଉ କରାଯାଇଥିଲା। ଦୋକାନୀମାନେ ଲୁଚାଇ ରଖିଥିବା ସାଧାରଣ ଗୁଟଖା ସହ ଜର୍ଦ୍ଦା ପ୍ୟାକେଟକୁ ଜବତ କରିଥିଲେ। ୩ଟି ଗୋଦାମ ଓ ୨ଟି ଦୋକାନ ଉପରେ ଚଢ଼ଉ କରାଯାଇ ପ୍ରାୟ ୩ ବସ୍ତା ଗୁଟଖା ଓ ଜର୍ଦ୍ଦା ଜବତ ହୋଇଛି। ସେଗୁଡ଼ିକୁ କ୍ୟାପିଟାଲ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଛି। ପୁଲିସ କୋଟପା ଆଇନ୍ ଅନୁଯାୟୀ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିସହିତ ଓୟୁପି ଆକ୍ଟରେ ଜରିମାନା ଆଦାୟ କରିଛି।



# ମୋନା ପକ୍ଷରୁ ଦିନିକିଆ କର୍ମୀ ସମାବେଶ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ତରଫରୁ ଲୋହିଆ ଏକାଡ଼େମୀଠାରେ ଏକ ଦିବସୀୟ କର୍ମୀ ସମାବେଶ ସଂଗଠନର ସଭାପତି ପଦ୍ମଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରାୟ ୨୭ଟି ଜିଲ୍ଲାର ଶତାଧିକ କର୍ମକର୍ତ୍ତା ସାମିଲ ହୋଇଥିଲେ। ଡ. ଅଦୈତ୍ୟ ପାତ୍ର, ଅର୍ଜୁନ ସାମନ୍ତରାୟ, ଖଗେଶ୍ୱର ବଳ, ଗିରିଜା ପ୍ରସାଦ ନାୟକ ଆଦି କର୍ମକର୍ତ୍ତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବାକୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ସଂଗଠନ ସମ୍ପାଦକ ଅରୁଣ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# କାର୍‌କେଡ୍ ଗାଡ଼ି ଧକ୍କା ଘଟଣାରେ ୨ ଏତଲା

**ଭୁବନେଶ୍ୱର (ପିପିଏସ୍):** ମୁଖ୍ୟମନ୍ତ୍ରୀଙ୍କ କାରକେଡ ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର ଘଟଣାରେ ଅଜବ ଘଟଣା ଦେଖିବାକୁ ମିଳିଛି। ଘଟଣା ଗୋଟିଏ ହୋଇଥିବା ବେଳେ ଦୁଇଟି ମାମଲା ରୁଜୁ କରିଛି ସହିଦନଗର ଥାନା ପୁଲିସ। ସୂଚନା ଅନୁସାରେ, ଇପିଏଫ୍‌ଓ କାର୍ଯ୍ୟାଳୟର କର୍ମଚାରୀ ପ୍ରସନ୍ନ ମହାନ୍ତି ଗତମାସ ୩୦ ତାରିଖ ସନ୍ଧ୍ୟାରେ ଅଫିସ୍ ସାରି ସହିଦନଗର ଇପିଏଫ୍ କଲୋନୀସ୍ଥିତ ଘରକୁ ଫେରୁଥିଲେ। ସେ ଇଡକୋ ଛକ ପାଖାପାଖି ପାଇଥିବା ବେଳେ କଟକ ଯାଉଥିବା ମୁଖ୍ୟମନ୍ତ୍ରୀଙ୍କ କାରକେଡର ଏକ ପୁଲିସ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଏମ୍‌ସ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏବେବି ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତେବେ ଏହି ଘଟଣାରେ ସହିଦନଗର ଥାନା ପୁଲିସ ନିଜଆଡୁ ମାମଲା ରୁଜୁ କରିଥିଲା। ସବ୍ ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ମହାନ୍ତି ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହିତ ୩୧ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ। ବାଇକ୍ ଆରୋହୀ ପ୍ରସନ୍ନ ମହାନ୍ତି ଅଚାନକ ପଶି ଆସିବାରୁ ଟ୍ରାଫିକ ପୁଲିସ ଗାଡ଼ି ତାଙ୍କୁ ଧକ୍କା ଦେଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ଆଧାରରେ ପୁଲିସ କେସ୍ ନଂ ୨୬୦/୨୫ରେ ମାମଲା ରୁଜୁ କରିଥିଲା। ସେପଟେ ଏହାର ଠିକ୍ ଦିନକ ପରେ ଅର୍ଥାତ୍ ପ୍ରସନ୍ନଙ୍କ ପତ୍ନୀ ସୁଷମା ମହାନ୍ତି ମଧ୍ୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ସ୍ୱାମୀ ପ୍ରସନ୍ନ ମହାନ୍ତି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ପଛରୁ ପୁଲିସ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିବା ସେ ଅଭିଯୋଗ କରିଥିଲେ। ସୁଷମାଙ୍କ ଅଭିଯୋଗ କ୍ରମେ ପୁଲିସ କେସ୍ ନଂ ୨୬୧/୨୫ ରେ ଆଉ ଏକ ମାମଲା ରୁଜୁ କରିଛି। ପ୍ରସନ୍ନ ହଠାତ୍ ଗାଡ଼ି ଆଗକୁ ଆସିଯିବାରୁ ପୁଲିସ ଗାଡ଼ି ଧକ୍କା ଦେଇଥିଲା ବୋଲି ପୁଲିସ କହୁଥିବାବେଳେ ପୁଲିସ ଗାଡ଼ି ପଛରୁ ପ୍ରସନ୍ନଙ୍କୁ ଧକ୍କା ଦେଇଥିବା ପତ୍ନୀ ଅଭିଯୋଗ କରିଛନ୍ତି। ତେବେ ପୁଲିସ ପ୍ରସନ୍ନଙ୍କ ପରିବାର ଲୋକଙ୍କୁ ଅଭିଯୋଗ କରିବାକୁ କହିବା ପରିବର୍ତ୍ତେ ନିଜ ଆଡୁ କାହିଁକି ମାମଲା ରୁଜୁ କରିଥିଲା, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସର କେଉଁ ତ୍ରୁଟି ଲୁଚାଇବାକୁ ଏଭଳି ତରବରିଆ ମାମଲା ରୁଜୁ ହୋଇଛି ତା’କୁ ନେଇ ପ୍ରଶ୍ନ ଉଠିଛି। ତେବେ ଗୋଟିଏ ଘଟଣାରେ ଦୁଇଟି ମାମଲା ହେବାର ନିୟମ ନ ଥିବାରୁ ଗୋଟିଏ ମାମଲାକୁ ବନ୍ଦ କରି ଦିଆଯିବ ବୋଲି ପୁଲିସ କହିଛି।

# ଆନ୍ତଃରାଜ୍ୟ ଗାଡ଼ି ଚୋର ଗିରଫ, ୧୦ ଗାଡ଼ି ଜବତ

**ଭୁବନେଶ୍ୱର (ପିପିଏସ୍):** ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଗୋରୁ ଚାଲାଣ ଘଟଣାର ତଦନ୍ତରୁ ଆନ୍ତଃରାଜ୍ୟ ଗାଡ଼ି ଚୋରି ରାକେଟ ଠାବ କରିଛି କମିସନରେଟ ପୁଲିସ। ଗ୍ୟାଙ୍ଗର ଦୁଇ ସଦସ୍ୟଙ୍କୁ କାବୁ କରିବା ସହିତ ୧୦ଟି ଚାରିଚକିଆ ଗାଡ଼ି ଜବତ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପିପିଲି ଭବାନୀପୁରର ଅରମାନ୍ ସାହା (୨୫) ଓ ଇଫତିକାର ଆଲାମ୍ ଓରଫ୍ ଲକି (୨୩)। ସେହିଭଳି ଜବତ ଗାଡ଼ି ମଧ୍ୟରୁ ୫ଟି ଗାଡ଼ିକୁ ପ୍ରକୃତ ମାଲିକଙ୍କୁ ଫେରସ୍ତ କରାଯାଇଛି। ପୁଲିସ ସୂଚନା ଅନୁସାରେ, କଳ୍ପନା ଅଞ୍ଚଳରେ ରହୁଥିବା ଜେ ଜଗନ୍ନାଥଙ୍କ ପିକପ୍ ଭ୍ୟାନକୁ ଗତମାସ ୩୦ ତାରିଖ ରାତିରେ ଦୁର୍ବୃତ୍ତ ଚୋରି କରି ନେଇ ଯାଇଥିଲେ। ଅଭିଯୋଗ ପରେ ବଡ଼ଗଡ଼ ଥାନା ପୁଲିସ ତଦନ୍ତ କରୁଥିଲା। ଏହାର ଦୁଇ ଦିନ ପରେ ସୁନ୍ଦରପଦା ଛକରୁ ଗୋରୁ ବୋଝେଇ ଗାଡ଼ି ଠାବ ହୋଇଥିଲା। ଜବତ ଗାଡ଼ିଟି ଜେ ଜଗନ୍ନାଥଙ୍କ ଗାଡ଼ି ବୋଲି ଜଣାପଡ଼ିବା ପରେ ତନାଘନା ଆରମ୍ଭ କରିଥିଲା କମିସନରେଟ ପୁଲିସ। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଅରମାନ ଓ ଇଫତିକାରକୁ ଉଠାଇ ଆଣିଥିଲା। ସେମାନଙ୍କୁ ପଚରାଉଚରା କରିବା ପରେ ପୁରା ଗ୍ୟାଙ୍ଗର ପର୍ଦ୍ଦାଫାଶ ହୋଇଥିଲା। ଅଭିଯୁକ୍ତମାନେ ରାତିରେ ପାର୍କିଂ ହୋଇଥିବା ଗାଡ଼ିକୁ ଟାର୍ଗେଟ କରି ନକଲି ଚାବି ସାହାଯ୍ୟରେ ଗାଡ଼ିକୁ ଚୋରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ତେବେ ଗାଡ଼ିକୁ ଚୋରି କରିବା ପରେ ସେମାନେ ଜଙ୍ଗଲରେ ନେଇ ଲୁଚାଇ ରଖୁଥିବା ଜଣାପଡ଼ିଥିଲା। ସ୍ୱତନ୍ତ୍ର ପୁଲିସ ଟିମ୍ ବେଣାପଞ୍ଜରୀ, ଦାନ ଗହିରି ଆଦି ଅଞ୍ଚଳରେ ଥିବା ଜଙ୍ଗଲ ଭିତରେ ଚଢ଼ଉ କରିଥିଲା। ଏସବୁ ଅଞ୍ଚଳରୁ ୨ଟି ସ୍କର୍ପିଓ, ୩ଟି ବୋଲେରୋ ପିକପ୍, ୩ଟି ଟାଟା ଏସ୍, ଗୋଟିଏ ଟାଟା ୱିଙ୍ଗର୍ ଓ ଗୋଟିଏ ଚାରିଚକିଆ ଯାନର ପାର୍ଟ୍ସ ଜବତ କରିଥିଲା। ତେବେ ଏହି ଗ୍ୟାଙ୍ଗ କେବଳ ଭୁବନେଶ୍ୱର ନୁହଁ, ବରଂ ଖୋର୍ଦ୍ଧା, ପୁରୀ ଓ କଟକ ଜିଲ୍ଲାରେ ମଧ୍ୟ ସକ୍ରିୟ ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନେ ପ୍ରାୟ ୧୫ଟି ଗାଡ଼ି ଚୋରିରେ ସଂପୃକ୍ତ ରହିଛନ୍ତି। ସେମାନଙ୍କ ନାମରେ ଖୋର୍ଦ୍ଧା ଓ କଟକ ସଦର, ଚାରିଛକ ଓ ରାଜଧାନୀର ୬ଟି ଥାନାରେ ମୋଟ ୧୧ଟି ଚୋରି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।



# ଯୁବତୀଙ୍କୁ ବ୍ଲାକ୍‌ମେଲିଂ କରି ଜଣେ ଗିରଫ


**ଭୁବନେଶ୍ୱର (ପିପିଏସ୍):** ଯୁବତୀଙ୍କୁ ବ୍ଲାକ୍ ମେଲିଂ କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୁଲିସ ବୁଧବାର ବେଗୁନିଆ ଥାନା ଅଧୀନ ଲେଣ୍ଡୁ ଗ୍ରାମର ପବିତ୍ର ବାରିକ ଓରଫ ରାଜା (୨୪) ଏବଂ ନିରାକାରପୁର ଥାନା କୁଶପଲ୍ଲୀ ଗ୍ରାମର ଅଭିଷେକ ପଟ୍ଟନାୟକଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ପବିତ୍ର ବାରିକ ଓରଫ ରାଜା ବର୍ଷକ ତଳେ ଜଣେ ବ୍ୟକ୍ତି ଘରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସେଠାରେ ଚାକିରି କରୁଥିବା ସମୟରେ ପବିତ୍ର ମାଲିକଙ୍କ ଝିଅଙ୍କ ସହିତ ପରିଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ପବିତ୍ରକୁ ଚାକିରିରୁ ବାହାର କରିଦେଇଥିଲେ। ଚାକିରିରୁ ବିଦା ହେବା ପରେ ମଧ୍ୟ ପବିତ୍ର ପୂର୍ବବତ ତାଙ୍କ ଝିଅକୁ ବ୍ଲାକ୍ ମେଲିଂ କରୁଥିବା ଅଭିଯୋଗ ହୋଇଛି। ପାଖରେ ଥିବା ଫଟୋ ଓ ଭିଡିଓ ଭାଇରାଲ କରିବାର ଧମକ ଦେଇ ଘରେ ଥିବା ଟଙ୍କା ଓ ସୁନା ଅଳଙ୍କାର ଆଣି ତାଙ୍କୁ ଦେବା ଲାଗି ଚାପ ପକାଇଥିଲେ। ଅନ୍ୟ କିଛି ଉପାୟ ନପାଇ ଅଭିଯୋଗକାରୀଙ୍କ ଝିଅ ଗତ ୧ ତାରିଖରେ ଘରୁ ଏକ ସୁନା ବ୍ରେସଲେଟ, ଏକ ସୁନା ଚେନ ଏବଂ ୨୦ ହଜାର ଟଙ୍କା ଆଣି ପବିତ୍ର ତାର ବନ୍ଧୁ ଅଭି ଓରଫ ଲିପୁ ଓରଫ ଅଭିଷେକ ପଟ୍ଟନାୟକଙ୍କୁ ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରୁଥିବା ବେଳେ, ଉପରୋକ୍ତ ଦୁଇ ଅଭିଯୁକ୍ତ ରଙ୍ଗବଜାର ଅଞ୍ଚଳରେ ସୁନା ଜିନିଷ କମ ଦାମରେ ବିକ୍ରି କରିବା ଲାଗି ବିଭିନ୍ନ ଗ୍ରାହକଙ୍କ ସହ ଯୋଗାଯୋଗ କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା ପୁଲିସ। ଏହି ସୂଚନା ଆଧାରରେ ପୁଲିସ ଘଟଣାସ୍ଥଳରେ ଅତର୍କିତ ଚଢଉ କରିବା ସହ ଦୁଇ ପବିତ୍ରଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଛାନଭିନ ସମୟରେ ପୁଲିସ ଦୁଇ ଅଭିଯୁକ୍ତଙ୍କ ହେପାଜତରୁ ସୁନା ବ୍ରେସ୍‌ଲେଟକୁ ତରଳାଯାଇଥିବା ଏକ ଖଣ୍ଡ, ଏକ ସୁନା ଚେନ ଏବଂ ୧୫,୦୦୦ ଟଙ୍କା ଜବତ କରିଥିଲେ। ପଚରାଉଚରା ସମୟରେ ଦୁଇ ଅଭିଯୁକ୍ତ ଏହି ଘଟଣାରେ ନିଜର ସମ୍ପୃକ୍ତି ଥିବା ସ୍ୱୀକାର କରିଥିବା ବେଳେ, ନେଇଥିବା ୨୦,୦୦୦ ଟଙ୍କାରୁ ସେମାନେ ୫,୦୦୦ ହଜାର ଟଙ୍କା ଖର୍ଚ୍ଚ କରିଦେଇଥିବା ଦର୍ଶାଇଥିଲେ।

# ଖୋଲିଲା ରବି ଧାନ ମଣ୍ଡି

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧୀନ ସରକଣା ସେବା ସମବାୟ ସମିତି ପକ୍ଷରୁ ବୁଧବାର ରବି ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ୍, ସମିତି ସଭାପତି ସୋମନାଥ ସ୍ୱାଇଁ, ପୂରଣ ପଧାନ ସରପଞ୍ଚ ଦୁର୍ଯ୍ୟୋଧନ ମଲ୍ଲିକ, ପୂର୍ବତନ ସରପଞ୍ଚ ମାନସ କୁମାର ନାୟକ, ନାରାୟଣ ସାହୁ, ପ୍ରଦୀପ୍ତ ଜେନାମଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ସମିତି ସଂପାଦକ ଦେବେନ୍ଦ୍ର କୁମାର ପୃଷ୍ଟି ମଣ୍ଡି ପରିଚାଳନା କରିଥିଲେ। ଆଜି ମଣ୍ଡିରୁ ୧୮୫ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସଂପାଦକ ସୂଚନା ଦେଇଛନ୍ତି। ପ୍ରତି ସପ୍ତାହର ସୋମବାର ଓ ଶନିବାର ମଣ୍ଡିରୁ ଧାନ ସଂଗ୍ରହ କରାଯିବ। ପାରିବାସୁଦେଇପୁର ସ୍ଥିତ ସାନ୍‌ଥୋଲିଆ ରାଇସ ମିଲ ମଣ୍ଡିରୁ ଧାନ କିଣିବ। ପରିଚାଳନା ପରିଷଦର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଅନ୍‌ଲାଇନ୍ ଗେମ୍ ଜାଲରେ ପଡ଼ି ଜୀବନ ହରାଉଛନ୍ତି ଯୁବପିଢ଼ି

**ଭୁବନେଶ୍ୱର (ପିପିଏସ୍):** ଅନ୍‌ଲାଇନ୍ ଗେମ୍ ମାୟାରେ ପଡ଼ି କିଏ କୋଟିପତି ହେଉଛି ତ ଆଉ କିଏ କୋଟିପତି ହେବାର ଚକ୍କର୍‌ରେ ପଡ଼ି ଜୀବନ ହରାଉଛି। ଏମିତି କିଛି ଅନଲାଇନ୍ ଗେମ୍ ମାୟା ଅନେକଙ୍କ ପାଇଁ ଘାତକରେ ପରିଣତ ହୋଇଛି। ଗତ ୩ ବର୍ଷର ରେକର୍ଡକୁ ଦେଖିଲେ ଅନ୍‌ଲାଇନ୍ ଗେମ୍ ମାୟାରେ ପଡ଼ି ଓଡ଼ିଶାର ୮ ଜଣ ସର୍ବସ୍ୱାନ୍ତ ହେବା ପରେ ଆତ୍ମହତ୍ୟା କରିଛନ୍ତି। ଗତ କିଛିଦିନ ତଳେ ଯାଜପୁରର ଧର୍ମଶାଳାର ଅନିଲ ତରାଇ ନାମକ ଜଣେ ଯୁବକ ଅନଲାଇନ୍ ଗେମିଂ ଆପ୍‌ରେ ମାତ୍ର ୪୯ ଟଙ୍କା ଲଗାଇ ୩ କୋଟି ଟଙ୍କା ଓ ମହେନ୍ଦ୍ରା ଥର୍ ଗାଡ଼ି ମଧ୍ୟ ଜିତିଥିଲେ। ମୁମ୍ବାଇର ଗେମିଂ କମ୍ପାନୀର ନିୟମ ଅନୁଯାୟୀ ଯେ, ନିଜ ପସନ୍ଦର ୧୧ ଜଣ ଆଇପିଏଲ୍ ଖେଳାଳି ବାଛି ଅନ୍‌ଲାଇନ୍ ମଧ୍ୟରେ ପଠାଇଥିଲେ। ସେହିଭଳି ଗତ ମାର୍ଚ୍ଚ ମାସରେ କେନ୍ଦୁଝରର ଜଣେ ସାଧାରଣ ଯୁବକ ଗୁରୁଚରଣ ଯାମୁଦା ମଧ୍ୟ ଆଇପିଏଲ୍‌ର ମନ ପସନ୍ଦର ୧୧ ଜଣ ଖେଳାଳି ବାଛି ୩ କୋଟି ଟଙ୍କା ଜିତିଥିଲେ। ଏଭଳି ଖବର ପ୍ରଚାର ହେବା ପରେ ଓଡ଼ିଶାର ହଜାର ହଜାର ଯୁବଗୋଷ୍ଠୀ ଏହି ଗେମ୍‌ରେ ଟଙ୍କା ଲଗାଉଛନ୍ତି। ପସନ୍ଦର ଖେଳାଳି ବାଛିବା ସହ ୪୯ ଟଙ୍କା ଲେଖାଏ ଦେବା ପରେ ବିଭିନ୍ନ କମ୍ପାନୀ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଉଛି। ଏ ତ ଗଲା ଜିତିବାର କଥା ଏବେ ଆସନ୍ତୁ ଜାଣିବା ହାରିବାର କଥା।



ଗତ ମାସରେ ଭୁବନେଶ୍ୱରର ଲକ୍ଷ୍ମୀସାଗର ଅଞ୍ଚଳରେ ଜଣେ ଯୁବକ ଅନ୍‌ଲାଇନ୍ ଗେମ୍ ମାୟାରେ ପଡ଼ି ଆତ୍ମହତ୍ୟା କରିଥିଲେ। ସେ ଅନ୍‌ଲାଇନ୍‌ରେ ଗେମ୍‌ରେ ୭ ଲକ୍ଷ ଟଙ୍କା ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପୁଲିସ କହିଥିଲା। ସେହିଭଳି ଗତକିଛିଦିନ ତଳେ ବାଲେଶ୍ୱରରେ ଜଣେ ଇଞ୍ଜିନିୟର ମଧ୍ୟ ଅନ୍‌ଲାଇନ୍ ଗେମ୍ ମାୟାରେ ପଡ଼ି ଆତ୍ମହତ୍ୟା କରିଥିଲେ। ୭ ଲକ୍ଷ ଟଙ୍କା ହରାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କେବଳ ଭୁବନେଶ୍ୱର କି ବାଲେଶ୍ୱର ନୁହେଁ ଗତ ୨୦୨୦ ପରଠାରୁ ଅର୍ଥାତ୍ କରୋନା ପରଠାରୁ ଅନ୍‌ଲାଇନ୍ କାରବାର ବଢ଼ିଥିଲା। ଯାହାର ଫାଇଦା ନେଇ ବିଭିନ୍ନ କମ୍ପାନୀ ଅନ୍‌ଲାଇନ୍ ଲଟେରୀ ବ୍ୟବସ୍ଥା ସହ ଗେମିଂ ଆପ୍ ମାନ ଖୋଲିଲେ। ଏଥିପାଇଁ ସରକାରଙ୍କୁ ଟିକସ୍ ଦେଇ ଅନୁମତି ହାତେଇବା ପରେ ଲୋକଙ୍କୁ ବିଭିନ୍ନ ଉପାୟରେ ଆକର୍ଷିତ କଲେ। ଫଳରେ ଅନ୍‌ଲାଇନ୍ ଲଟେରୀ ଏବଂ ଅନ୍‌ଲାଇନ୍ ଗେମ୍ ପ୍ରତି ଯୁବଗୋଷ୍ଠୀ ଆକୃଷ୍ଟ ହୋଇଥିଲେ। ସେବେଠାରୁ ଅନେକ ଯୁବକ ଏହି ଖେଳ ମାୟାରେ ପଡ଼ି ଟଙ୍କା ହରାଇବା ପରେ ଆତ୍ମହତ୍ୟା କରୁଛନ୍ତି। ୨୦୨୦ ମସିହା ଅକ୍ଟୋବର ମାସରେ ଫ୍ରି ଫାୟାର ଗେମ୍‌ରେ ଟଙ୍କା ଲଗାଇ କେନ୍ଦୁଝରର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଥିଲେ। ସେହିଭଳି ଅକ୍ଟୋବର ୨୦୨୧ ମସିହାରେ ମୋବାଇଲ୍ ଗେମ୍ ଖେଳିବାକୁ ମନା କରିବାରୁ କୋରାପୁଟରେ ୧୩ ବର୍ଷ ନାବାଳକ ଆତ୍ମହତ୍ୟା କରିଥିଲେ।

# ‘ମଣିଷର କ୍ରୂର ବ୍ୟବହାରରେ ଅତିଷ୍ଠ ପ୍ରକୃତି’

**ଭୁବନେଶ୍ୱର (ପିପିଏସ୍):** ମଣିଷର କ୍ରୁର ବ୍ୟବହାରରେ ଅତିଷ୍ଠ ହେଉଛି ପ୍ରକୃତି। ସେଥିପାଇଁ ଜଳବାୟୁରେ ଘୋର ଅସଙ୍ଗତି ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହରୁ ମୁକ୍ତି ପାଇଁ ଆମେ ଦିନକୁ ଦିନ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଏସି ଉପରେ ନିର୍ଭର କରିବାରେ ଲାଗିଛେ। ବେଳକୁ ବେଳ ଏସିର ବହୁଳ ବ୍ୟବହାର ପରିବେଶକୁ ଯେଉଁ ବିପଦ ଆଡ଼କୁ ଠେଲି ଦେଉଛି ତାହାର ପରିଣାମ ଆମକୁ ପରୋକ୍ଷରେ ଅପୂରଣୀୟ କ୍ଷତି ସହିବାକୁ ବାଧ କରୁଛି। ଯାହାକି ଏବେ ଚିନ୍ତାର କାରଣ ପାଲଟିଛି। ଯାହାଦ୍ୱାରା ବିଦ୍ୟୁତ୍ ଶକ୍ତି ବ୍ୟବହାର ଓ ସବୁଜଗୃହ ଗ୍ୟାସ୍ ନିର୍ଗମନରେ ବୃଦ୍ଧି, ଏସିରୁ ନିର୍ଗତ ଉତ୍ତପ୍ତ ବାୟୁ ଦ୍ୱାରା ସ୍ଥାନୀୟ ତାପମାତ୍ରାର ବୃଦ୍ଧି ଏବଂ ସହରାଞ୍ଚଳରେ ଉତ୍ତାପ ବୃଦ୍ଧି କରୁଛି। ଏକ ଆକଳନ ଅନୁଯାୟୀ ଗତ ୧୦ ବର୍ଷ ମଧ୍ୟରେ ରାଜଧାନୀରେ ଏସି ବ୍ୟବହାର ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି। ଏବେ କେବଳ ଧନୀ ଲୋକ କିମ୍ବା କର୍ପୋରେଟ୍ ସେକ୍ଟର କାର୍ଯ୍ୟାଳୟରେ ନୁହେଁ ମଧ୍ୟବିତ ଶ୍ରେଣୀର ଲୋକେ ବି ଏସି ବ୍ୟବହାର କରୁଛନ୍ତି। ଯେଉଁଥିପାଇଁ ଏସି ବ୍ୟବହାର ସାଙ୍ଗକୁ ବିକ୍ରି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଖରାଦିନେ ଅଧିକାଂଶ ଏସି ବିକ୍ରି ହେଉଥିବା ଜଣାପଡ଼ିଛି। ବର୍ଷକୁ ବର୍ଷ ଏତେ ମାତ୍ରାରେ ଏସି ବିକ୍ରି ହେଉଛି ଯେ, ଡିଷ୍ଟ୍ରିବ୍ୟୁଟର ନିକଟରେ ବ୍ୟବସାୟୀଙ୍କୁ ଅଗ୍ରିମ ଦେବାକୁ ପଡୁଛି। ତେବେ ଗତବର୍ଷ ତୁଳନାରେ ଚଳିତବର୍ଷ ସର୍ବାଧିକ ଏସି ବିକ୍ରି ହୋଇଛି ବୋଲି ବ୍ୟବସାୟୀମାନେ ମତ ଦେଇଛନ୍ତି। ରାଜଧାନୀର ଏକ ପ୍ରତିଷ୍ଠିତ ଏସି ଡିଷ୍ଟ୍ରିବ୍ୟୁଟରଙ୍କ କହିବାନୁଯାୟୀ ଗତବର୍ଷ ତୁଳନାରେ ଚଳିତବର୍ଷ କେବଳ ୨୦ ପ୍ରତିଶତ ବୃଦ୍ଧି ପାଇଛି। ସେହିଭଳି ଏବେ ପ୍ରତିଦିନ ପ୍ରାୟ ୨୦ ରୁ ୩୦ ଏସି ବିକ୍ରି ହେଉଛି ବୋଲି କହିଛନ୍ତି ପାତ୍ର ଇଲେକ୍ଟ୍ରୋନିକ୍ସର ଜଣେ ବ୍ୟବସାୟୀ। ଅପରପକ୍ଷେ ଏସି ବିକ୍ରି ଓ ବ୍ୟବହାରକୁ ନେଇ ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ବିଶ୍ୱ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଏସିର ଅତ୍ୟଧିକ ବ୍ୟବହାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଅନେକ କ୍ଷତିକାରକ, ପରିବେଶୀୟ ପ୍ରଭାବ ବିସ୍ତାର କରୁଛି ବୋଲି ପରିବେଶବିତମାନେ ମତ ଦେଇଛନ୍ତି। ପୁରୁଣା, ଖରାପ ଏସିରୁ ନିର୍ଗତ ଇ-ଆବର୍ଜନା ଏବଂ ନିଷ୍କାସନ ସମସ୍ୟା ସୃଷ୍ଟି କରୁଛନ୍ତି। ସମ୍ପ୍ରତି ସହରାଞ୍ଚଳରେ ଲକ୍ଷ ଲକ୍ଷ ସଂଖ୍ୟାରେ ଏସି ବ୍ୟବହୃତ ହେଉଛି ଯାହା କ୍ରମଶଃ ବୃଦ୍ଧି ପାଇ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ଏପରି ଦୃଶ୍ୟପଟରେ ବୃକ୍ଷରୋପଣ ଦ୍ୱାରା ସବୁଜିମାର ବ୍ୟାପକ ବୃଦ୍ଧି ଘଟାଇବା ପ୍ରାକୃତିକ ବାୟୁଚଳନ, ସବୁଜ ଛାତ, ଉତ୍ତାପ ପ୍ରତିଫଳନକାରୀ ସାମଗ୍ରୀର ବ୍ୟବହାରକୁ ଗୁରୁତ୍ୱ ଦେବା ଏବଂ ନୂତନ ପ୍ରଯୁକ୍ତି ପ୍ରୟୋଗରେ ପ୍ରସ୍ତୁତ କମ୍ ଶକ୍ତି ଉପଯୋଗ ଆବଶ୍ୟକତା ରହିଛି ବୋଲି କହିଛନ୍ତି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।



## ଅଯୋଧ୍ୟାରେ ରାମ ଦରବାରର ପ୍ରାଣପ୍ରତିଷ୍ଠା



ଅଯୋଧ୍ୟା: ଗତ ବର୍ଷ ଜାନୁଆରି ମାସରେ ଅଯୋଧ୍ୟାରେ ନିର୍ମାଣାଧୀନ ରାମମନ୍ଦିରରେ ଭଗବାନ ରାମଙ୍କ ବାଳକ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା । ସେବେଠାରୁ ସମସ୍ତଙ୍କ ମନରେ ପ୍ରଶ୍ନ ଥିଲା ଭଗବାନ ରାମ କେବେ ସପରିବାର ନିଜ ସିଂହାସନରେ ବିରାଜମାନ କରିବେ ? ଆଜି ଜ୍ୟେଷ୍ଠ ଶୁକ୍ଳ ଦଶମୀ ଅବସରରେ ଶ୍ରଦ୍ଧାଳୁଙ୍କ ସେହି ଅଭିଳାଷ ପୂରଣ ହୋଇଛି । ରାମ ମନ୍ଦିରର ଉପର ମହଲାରେ ଭବ୍ୟ ରାମ ଦରବାରର ପ୍ରାଣପ୍ରତିଷ୍ଠା ସଂପୂର୍ଣ୍ଣ ହୋଇଛି । ଅଭିଜିତ ମୂହୂର୍ତ୍ତରେ ଏହି ପ୍ରାଣପ୍ରତିଷ୍ଠା ହୋଇଥିଲା । ପ୍ରଭୁ ଶ୍ରୀରାମଙ୍କ ସହିତ, ଅନ୍ୟାନ୍ୟ ବିଭିନ୍ନ ଦେବୀ ଏବଂ ଦେବୀମାନେ ବର୍ତ୍ତମାନ ରାମଲାଲାଙ୍କ ଏହି ମନ୍ଦିରରେ ସ୍ଥାୟୀ ଭାବରେ ବାସ କରିବେ। ଗଙ୍ଗା ଦଶହରାର ପବିତ୍ର ଅବସରରେ, ଜୁନ୍ ୫ ତାରିଖରେ ରାମ ମନ୍ଦିର ପରିସର ମଧ୍ୟରେ ଏକ ସାମୁହିକ ପ୍ରାଣ ପ୍ରତିଷ୍ଠାର ଆୟୋଜନ କରାଯାଇଥିଲା। ତେବେ ଏହି ପ୍ରାଣ ପ୍ରତିଷ୍ଠା ଅନୁଷ୍ଠାନ ଗତ ୩ ତାରିଖରେ ଆରମ୍ଭ ହୋଇଥିଲା । ଏହା ପୂର୍ବରୁ ୨ ତାରିଖରେ ଅଧିବାସ ଓ ପବିତ୍ର ସରଜୁ ନଦୀରୁ ମନ୍ଦିର ପର୍ଯ୍ୟନ୍ତ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା । ଗୁରୁବାରର ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମରେ, ବୈଦିକମନ୍ତ୍ର ଜପ ସହିତ ଭଗବାନ ଶିବ, ଗଣେଶ, ସୂର୍ଯ୍ୟଦେବ, ମା' ଦୁର୍ଗା, ହନୁମାନ ଜୀ, ମା' ଅନ୍ନପୂର୍ଣ୍ଣା ଏବଂ ଲକ୍ଷ୍ମଣ ଜୀଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନିଜେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନେଇଥିଲେ।

## ଟ୍ରମ୍ପ ପ୍ରଶାସନ ବିରୋଧରେ ଖୋଲାଖୋଲି ସ୍ୱର ଉତ୍ତୋଳନ କଲେ ମସ୍କ

ୱାଶିଂଟନ: ଟେସ୍ଲା ମୁଖ୍ୟ ଏଲନ ମସ୍କ ଏବେ ଖୋଲାଖୋଲି ଭାବରେ ଟ୍ରମ୍ପ ପ୍ରଶାସନକୁ ବିରୋଧ କରୁଛନ୍ତି। ଟ୍ରମ୍ପ ପ୍ରଶାସନ ଦ୍ୱାରା ଆଗତ ଟିକସ ବିଲ୍କୁ ମସ୍କ ତୀବ୍ର ସମାଲୋଚନା କରିଛନ୍ତି। ନିକଟରେ ମସ୍କ ସରକାରୀ ଦକ୍ଷତା ବିଭାଗର ମୁଖ୍ୟ ପଦରୁ ଇସ୍ତଫା ଦେଇଛନ୍ତି ଏବଂ ଟ୍ରମ୍ପ ପ୍ରଶାସନର ଟିକସ ବିଲ୍ ବିରୋଧରେ ପ୍ରତିବାଦ କରି ସେ ସରକାରଙ୍କ ସହ ସମ୍ପର୍କ ଛିନ୍ନ କରିଥିବା କୁହାଯାଉଛି। ଏବେ ସରକାରରୁ ଅଲଗା ହେବାପରେ ମସ୍କ ଲଗାତର ଭାବେ ଟିକସ ବିଲ୍ ବିରୋଧରେ ଟ୍ୱିଟ୍ କରୁଛନ୍ତି। ଟେସଲା ମୁଖ୍ୟ ଚେତାବନୀ ଦେଇଛନ୍ତି ଯେ, ନୂତନ ଟ୍ୟାକ୍ସ ବିଲ୍ ଆମେରିକାକୁ ଋଣ ଦାସତ୍ୱରେ ଫସାଇପାରେ। ମସ୍କ ବିଲ୍ରେ ପରିବର୍ତ୍ତନ ଦାବି କରୁଛନ୍ତି। ମସ୍କ ତାଙ୍କ ସଦ୍ୟତମ ଟ୍ୱିଟରେ ଲେଖିଛନ୍ତି ଯେ, ''ଏକ ନୂତନ ବ୍ୟୟ ବିଲ୍ ପ୍ରସ୍ତୁତ କରାଯିବା ଉଚିତ, ଯାହା ନିଅଣ୍ଟକୁ ଅତ୍ୟଧିକ ବୃଦ୍ଧି ନ କରିବ ଏବଂ ଋଣ ସୀମାକୁ ୫ ଟ୍ରିଲିୟନକୁ ବୃଦ୍ଧି ନ କରିବ।' ପୂର୍ବରୁ ମସ୍କ ଅନ୍ୟ ଏକ ଟ୍ୱିଟରେ ଲୋକଙ୍କୁ ନିବେଦନ କରି ଲେଖିଥିଲେ ଯେ, ''ଏହି ବିଲ୍ ବିଷୟରେ ସେମାନଙ୍କର ସିନେଟର ଏବଂ କଂଗ୍ରେସମ୍ୟାନଙ୍କୁ ଫୋନ୍ କରନ୍ତୁ। ଦେବାଳିଆ ଆମେରିକା ଠିକ୍ ନାହିଁ। ଏହି ବିଲ୍କୁ ଶେଷ କରିଦିଅନ୍ତୁ।'' ମସ୍କ ଲେଖିଛନ୍ତି, ଏହି ବ୍ୟୟ ବିଧେୟକ ଆମେରିକାର ଇତିହାସରେ ସର୍ବାଧିକ ଋଣ ବୃଦ୍ଧି କରିବ। ଏହା ଏକ ଋଣ ଦାସତ୍ୱ ବିଲ୍।


## କୋର୍ଟରେ ୨ କଏଦୀଙ୍କ ମଧ୍ୟରେ ଧସ୍ତାଧସ୍ତି, ଜଣେ ମୃତ

ନୂଆଦିଲ୍ଲୀ : ଦିଲ୍ଲୀ ସାକେତ କୋର୍ଟରେ ଦୁଇ କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ଜଣେ କଏଦୀଙ୍କ ମୃତ୍ୟୁ ହୋଇଥିଲା। ସକାଳେ ଜେଲ ନମ୍ବର ୮ରେ ହାଜର ପାଇଁ କଏଦୀମାନଙ୍କୁ କୋର୍ଟ ଲକଅପକୁ ଅଣାଯାଇଥିଲା। ଏହି ସମୟରେ ଦୁଇ କଏଦୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଯେଉଁଥିରେ ଅମନ ନାମକ ଜଣେ କଏଦୀ ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା ଯେଉଁଠାରେ ତାଙ୍କର ମୃତ୍ୟୁ ହୋଇଥିଲା।
ଆକ୍ରମଣ ଘଟଣା ସାକେତ କୋର୍ଟ ଲକଅପର ଖାରଜା ନମ୍ବର ୫ ରେ ଘଟିଥିଲା। ଦିଲ୍ଲୀର ଗୋବିନ୍ଦପୁରୀର କଏଦୀ (ବର୍ତ୍ତମାନ ପୀଡିତ) ଅମନ, ଯିଏକି ଏଫଆଇଆର ନମ୍ବର ୨୫୦/୨୦୧୭, ଟ/ଝ ୩୦୭/୩୪ ଓଚଉ, ଚଝ ଗୋବିନ୍ଦପୁରୀରେ ଜଡିତ, ତାଙ୍କୁ କୋର୍ଟରେ ହାଜର ପାଇଁ ଲକଅପକୁ ଅଣାଯାଇଥିଲା। ଘଟଣା ସମୟରେ, ମୃତ ଅମନଙ୍କ ସମେତ ଅନେକ ୟୁଟିପି ଉକ୍ତ ଖାରଜା ଭିତରେ ଉପସ୍ଥିତ ଥିଲେ। ଜିତେନ୍ଦ୍ର ଏବଂ ଅମନ ଏହି ୨ କଏଦୀଙ୍କ ମଧ୍ୟରେ ପୁରୁଣା ଶତ୍ରୁତା ଥିଲା। ପ୍ରକୃତରେ, ୨୦୨୪ରେ ଆକ୍ରମଣର ଏକ ଘଟଣା ଘଟିଥିଲା, ଯେତେବେଳେ ଉଭୟ ଜେଲରୁ ବାହାରେ ଥିଲେ। ସେହି ଘଟଣାରେ, ଅମନ ଜିତେନ୍ଦ୍ର ଏବଂ ତାଙ୍କ ଭାଇଙ୍କୁ ଏକ ଛୁରୀରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି।

## ଆର୍ଆଇସିକୁ ନେଇ ରୁଷ୍ର ପ୍ରସ୍ତାବକୁ ଗ୍ରହଣ କରିପାରେ ଭାରତ

ନୂଆଦିଲ୍ଲୀ : ଜଓଉ ଅର୍ଥାତ ରୁଷ-ଭାରତ ଓ ଚୀନ୍ ତ୍ରିପାକ୍ଷିକ ସମୁହକୁ ପୁଣି ଠିଆ କରିବାକୁ ଭାରତ ପ୍ରସ୍ତୁତ। ବନ୍ଧୁ ରାଷ୍ଟ୍ର ରୁଷର ପ୍ରସ୍ତାବକୁ ଗ୍ରହଣ କରିପାରେ। ଏପରିକି ଆମେରିକାର ଚାପ ମଧ୍ୟ କରିପାରିବନି ପ୍ରଭାବିତ। ଯାହାକି ଭାରତର ସ୍ୱତନ୍ତ୍ର ବେ ?ଦେଶିକ ନୀତିକୁ ଦର୍ଶାଉଛି। ତେବେ ଚୀନ୍ ସହ ବିଶ୍ୱାସର ଅଭାବ ଆଗକୁ ସାଜିପାରେ ଚ୍ୟାଲେଞ୍ଜ। ଗତ କିଛି ମାସରେ ବିଶ୍ୱମଞ୍ଚରେ ଭୂ-ରାଜନେ ?ତିକ ସମୀକରଣ ବଦଳିବାରେ ଲାଗିଛି। ଗୋଟିଏ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ନିଜର ଆକ୍ରାମକ ବାଣିଜ୍ୟ ନୀତି ଓ କୁଟନେ ?ତିକ ଚାପ ବଢାଇବାରେ ଲାଗିଛନ୍ତି। ତେବେ ଭାରତ ନିଜର ସ୍ୱତନ୍ତ୍ର ବେ ?ଦେଶିକ ନୀତିକୁ ଆହୁରି ମଜବୁତ କରିବା ଦିଗରେ ଆଗକୁ ବଢୁଛି। ଏହା ଭିତରେ ଭାରତର ପୁରୁଣା ଓ ଭରସାଯୋଗ୍ୟ ବନ୍ଧୁ ରୁଷ-ଭାରତ-ଚୀନ୍ (ଆଇଆଇସି) ତ୍ରିପାକ୍ଷିକ ଶିଖର ସମ୍ମିଳନୀକୁ ପୁଣିଥରେ ଆରମ୍ଭ କରିବାର ପ୍ରସ୍ତାବ ରଖିଛି। ଏହାକୁ ଭାରତ ସକାରତ୍ମକ ଭାବରେ ନେଇଛି। ଏବେ କେବଳ ପ୍ରସ୍ତାବକୁ ମଞ୍ଜୁରୀ ଦେବାର ବାକି ଅଛି। ଜଓଉ ର ଆରମ୍ଭ ୧୯୯୦ ଦଶକରେ ରୁଷର ତତ୍କାଳୀନ ପ୍ରଧାନମନ୍ତ୍ରୀ ୟେଭେଗେନି ପ୍ରିମାକୋଭ ଆରମ୍ଭ କରିଥିଲେ। ଏହାର ଉଦେଶ୍ୟ ଥିଲା ଏଭଳି ବ୍ୟବସ୍ଥା ତିଆରି କରାଯିବ ଯେପରି ପାଶ୍ଚାତ୍ୟ ଦେଶ, ବିଶେଷ ଭାବରେ ଆମେରିକାର ନେତୃତ୍ୱକୁ ଚ୍ୟାଲେଞ୍ଜ ଦେବା। ତେବେ ୨୦୨୦ ରେ ଭାରତ-ଚୀନ୍ ମଧ୍ୟରେ ଗଲୱାନ ଘାଟିରେ ସଂଘର୍ଷ ପରେ ଆରଆଇସି ନିଷ୍କ୍ରିୟ ହୋଇଯାଇଥିଲା। ଭାରତ-ଚୀନ୍ ଭିତରେ ବିବାଦ ଏତେ ବଢି ଯାଇଥିଲା ଯେ, ଦୁଇ ଦେଶର ନେତା ପରସ୍ପର ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ବନ୍ଦ କରିଦେଇଥିଲେ। ଏହି ସମୟରେ ଆମେରିକା,ଜାପାନ ଓ ଅଷ୍ଟ୍ରେଲିଆ ସହ ଭାରତ କ୍ୱାଡ ମେଣ୍ଟକୁ ଆହୁରି ମଜବୁତ କରିଥିଲା। ଯାହାକୁ ଚୀନ୍ ବିରୋଧରେ ଏକ ରଣନେ ?ତିକ ପଦକ୍ଷେପ ଭାବରେ ଦେଖାଯାଉଥିଲା। ଅନ୍ୟପକ୍ଷେ ଭାରତ ଓ ଚୀନ ଭିତରେ ମଧ୍ୟସ୍ଥତା କରିବାକୁ ଚେଷ୍ଟା କରିଥିଲା ରୁଷ।

# ଜାତିସଂଘରେ ଆତଙ୍କବାଦ ବିରୋଧୀ କମିଟିରେ ସ୍ଥାନ ପାଇଲା ପାକିସ୍ତାନ



ନୂଆଦିଲ୍ଲୀ : ପହଲଗାମ୍ ଆକ୍ରମଣ ପରେ 'ଅପରେସନ୍ ସିନ୍ଦୂର'କୁ ନେଇ ଭାରତ ଓ ପାକିସ୍ତାନ ସମ୍ପର୍କରେ ଅଧିକ ତିକ୍ତତା ବଢିଛି। ଭାରତ ଦୁନିଆର ବହୁ ଦେଶରେ ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନର ମୁଖା ଖୋଲିବାକୁ ଚେଷ୍ଟା କରୁଛି। ତେବେ ଏ ସବୁ ଭିତରେ ଜାତିସଂଘର ସୁରକ୍ଷା ପରିଷଦ(ୟୁଏନ୍ଏସ୍ସି)ରେ ପାକିସ୍ତାନକୁ ମିଳିଛି ବଡ଼ ଦାୟିତ୍ୱ। ପାକିସ୍ତାନ ୟୁଏନ୍ଏସ୍ସିରେ ୨୦୨୫ ପାଇଁ ତାଲିବାନ କଟକଣା କମିଟିର ଅଧ୍ୟକ୍ଷତା କରିବ। ଏହାଛଡା ଆତଙ୍କବାଦକୁ ସୁରକ୍ଷା ଦେଉଥିବା ପାକିସ୍ତାନକୁ ଆତଙ୍କ ନିରୋଧି କମିଟିର ଉପାଧ୍ୟକ୍ଷ ମଧ୍ୟ କରାଯାଇଛି। ଏହି ନିଷ୍ପତ୍ତି ଜାତିସଂଘର ସୁରକ୍ଷା ପରିଷଦ ସଂସ୍ଥା ଦ୍ୱାରା ନିଆଯାଇଛି। ଜାତିସଂଘର ୧୯୮୮ ତାଲିବାନ କଟକଣା କମିଟି ସେହି ବ୍ୟକ୍ତି, ସଂଗଠନ ଓ ୟୁନିଟ୍ ଉପରେ ଆର୍ଥିକ କଟକଣା, ଯାତ୍ରା କଟକଣା ଓ ହତିଆରର ଯୋଗାଣ ଉପରେ ରୋକ ଲଗାଉଛି। ଯିଏକି ତାଲିବାନ ସହ ଜଡିତ ଅଛନ୍ତି। ସେମାନଙ୍କୁ ଆଫଗାନିସ୍ତାନର ଶାନ୍ତି, ସ୍ଥିରତା ଓ ସୁରକ୍ଷା ପାଇଁ ବିପଦ କୁହାଯାଉଛି। ଏହି କମିଟିରେ ପାକିସ୍ତାନର ଅଧ୍ୟକ୍ଷ ହୋଇଛି। ସେଭଳି ଗୁଏନା ଓ ରୁଷ ଉପାଧ୍ୟକ୍ଷ ରହିବେ। ପାକିସ୍ତାନ ବ୍ୟତୀତ ଡେନମାର୍କକୁ ଓଝଓଝ ଓ ଅଲକାଏଦା କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ସେଭଳି ରୁଷ, ସିଏରା ଲିଓନ ଉପାଧ୍ୟକ୍ଷ ରହିବେ। ଅଲଜେରିଆକୁ ଆତଙ୍କବାଦୀ ନିରୋଧି କମିଟିର ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଯେଉଁଥିରେ ଫ୍ରାନ୍ସ, ପାକିସ୍ତାନ ଓ ରୁଷ ମଧ୍ୟ ଉପାଧ୍ୟକ୍ଷ ରହିବେ। ପାକିସ୍ତାନ ୨୦୨୫-୨୬ ପର୍ଯ୍ୟନ୍ତ ଜାତିସଂଘର ସୁରକ୍ଷା ପରିଷଦରେ ଅସ୍ଥାୟୀ ସଦସ୍ୟ ରହିଛି। ପରିଷଦର ସବୁ କଟକଣା କମିଟି ୧୫ ସଦସ୍ୟ ଦେଶକୁ ନେଇ ତିଆରି ହୋଇଛି। ତାଙ୍କର ନିଷ୍ପତ୍ତି ସର୍ବ ସମ୍ମତିରେ ନିଆଯାଏ। ଭାରତ ଲଗାତାର ଅନ୍ତର୍ଜାତୀୟ ସମୁଦାୟକୁ ଏହା କହୁଛି ଯେ, ପାକିସ୍ତାନ ଆତଙ୍କବାଦର ଗଡ। ଅଲକାଏଦା ମୁଖ୍ୟ ଓସମା ବିନ୍ ଲାଡେନ ବହୁ ବର୍ଷ ପାକିସ୍ତାନର ଏବୋଟାବାଦରେ ଲୁଚି ରହିଥିଲା। ୨୦୧୧ରେ ଆମେରିକା ନେ ?ସେନାର ସିଲ୍ କମାଣ୍ଡୋ ଦ୍ୱାରା ସେ ନିହତ ହୋଇଥିଲା। ବାରମ୍ୱାର ଭାରତ ଦାବି କରିବା ପରେ ମଧ୍ୟ ୟୁଏନ୍ଏସ୍ସିରେ ଏବେ ପାକିସ୍ତାନକୁ ଏଭଳି ବଡ ଦାୟିତ୍ୱ ମିଳିଛି। ଭାରତ ୨୦୨୧-୨୨ କାର୍ଯ୍ୟକାଳରେ ୟୁଏନ୍ଏସସିର ଆତଙ୍କ ନିରୋଧି କମିଟିର ଅଧ୍ୟକ୍ଷତା ମଧ୍ୟ କରିଥିଲା। ବର୍ତ୍ତମାନ ଜାତିସଂଘର ସୁରକ୍ଷା ପରିଷଦରେ ୫ ଜଣ ସଦସ୍ୟ ରହିଛି। ଚୀନ୍, ଫ୍ରାନ୍ସ, ବ୍ରିଟେନ୍ ଓ ଆମେରିକାକୁ ଏହି ସମ୍ମାନ ମିଳିଛି।

## ବିପଦ ଡାକୁଛି କୋଭିଡ୍ର ୪ ନୂଆ ଭାରିଆଣ୍ଟ୍



ନୂଆଦିଲ୍ଲୀ : ଅଦୃଶ୍ୟ ଭୂତାଣୁ କୋଭିଡ୍-୧୯ ପୁଣି କଡ଼ ଲେଉଟାଇଛି। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସଂକ୍ରମଣ ବଢ଼ିବାରେ ଲାଗିଥିବାବେଳେ ଏହାର ମୁକାବିଲା ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରସ୍ତୁତି ଚଳାଇବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ୍, ଭେଣ୍ଟିଲେଟର ଓ ଜରୁରୀ ଔଷଧ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ସର୍ଭିଲାନ୍ସ ଓ ଟେଷ୍ଟିଂକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କୁ ମଧ୍ୟ କୋଭିଡ୍-ଉପଯୁକ୍ତ ବ୍ୟବହାର ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲେ ହେଁ ମୃତ୍ୟୁ ଆଶଙ୍କା କମ୍ ରହିଛି। ଅଧିକାଂଶ ସଂକ୍ରମିତଙ୍କଠାରେ ମାଇଲ୍ଡ ଲକ୍ଷଣ ଦେଖିବାକୁ ମିଳୁଛି। ପୂର୍ବରୁ ନିଆଯାଇଥିବା କୋଭିଡ୍ ଟିକାର ସୁରକ୍ଷା ମଣିଷ ଶରୀରରେ ହ୍ରାସ ପାଇଥିବାରୁ ଭୂତାଣୁ ପୁନର୍ବାର ସକ୍ରିୟ ହୋଇ ଉଠିଥିବା କୁହାଯାଉଛି। ଭାରତରେ ଗତ ୨୪ ଘଣ୍ଟା ଭିତରେ ୮୬୪ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ବୁଧବାର ୪,୩୦୨ ଛୁଇଁଛି। ସେହିପରି ଦିନକ ଭିତରେ ୭ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ମହାରାଷ୍ଟ୍ରରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀ, କେରଳ ଓ ତାମିଲନାଡୁରେ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ୨୦୨୫ରେ ଉଭୟ ସଂକ୍ରମଣ ଓ ମୃତ୍ୟୁରେ ଏହା ହେଉଛି ସର୍ବାଧିକ। ଏହାକୁ ମିଶାଇ ଗତ ଜାନୁଆରୀରୁ ୪୪ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁ ଘଟିଲାଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍ସାଇଟ୍ରେ ପ୍ରଦତ୍ତ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ୨୪ ଘଣ୍ଟା ଭିତରେ ୫୮୧ ରୋଗୀ ସଂକ୍ରମଣମୁକ୍ତ ହୋଇଛନ୍ତି। ଏଥିସହ ଅରୋଗ୍ୟଙ୍କ ସଂଖ୍ୟା ୩,୨୮୧ ଛୁଇଁଛି।

## ରେଳବାଇ ତତ୍କାଳ ଟିକେଟ୍ ବୁକିଂ ପାଇଁ ଇ-ଆଧାର ବାଧ୍ୟତାମୂଳକ

ନୂଆଦିଲ୍ଲୀ: ଭାରତୀୟ ରେଳବାଇ ତତ୍କାଳ ଟିକେଟ୍ ବୁକିଂ ପାଇଁ ଇ-ଆଧାରକୁ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନେଇଛି । ଏହି ନୂଆ ନିୟମ ଅନୁଯାୟୀ, ଯାତ୍ରୀମାନଙ୍କୁ ତତ୍କାଳ ଟିକେଟ୍ ବୁକ୍ କରିବା ପାଇଁ ଇ-ଆଧାର ବ୍ୟବହାର କରିବାକୁ ପଡ଼ିବ, ଯାହା ଡିଜିଟାଲ୍ ରୂପରେ ଆଧାର କାର୍ଡର ସତ୍ୟତା ଯାଞ୍ଚ କରିବ। ଏହା ଦ୍ୱାରା ଟିକେଟ୍ ବୁକିଂ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ ଓ ସୁରକ୍ଷିତ କରାଯିବ ବୋଲି କହିଛି ରେଳ ବିଭାଗ। ଏହି ନିୟମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତତ୍କାଳ ଟିକେଟ୍ ବୁକିଂରେ କଳାବଜାରୀ ଓ ଦଲାଲଙ୍କ ଦ୍ୱାରା ହେଉଥିବା ଅନିୟମିତତାକୁ ରୋକିବା । ଇ-ଆଧାର ସଂଯୋଗ ମାଧ୍ୟମରେ ଯାତ୍ରୀଙ୍କ ପରିଚୟ ସହଜରେ ଯାଞ୍ଚ କରାଯାଇପାରିବ, ଫଳରେ ପ୍ରକୃତ ଯାତ୍ରୀ ସହଜରେ ଟିକେଟ୍ ପାଇପାରିବେ । ରେଳ ବିଭାଗ ଜଣାଇଛି, ଯେ ଏହି ନିୟମ ଶୀଘ୍ର ଲାଗୁ ହେବ, ତେବେ ଏହାର ସଠିକ୍ ତାରିଖ ଏ ପର୍ଯ୍ୟନ୍ତ ଘୋଷଣା କରାଯାଇ ନାହିଁ । ଯେଉଁମାନଙ୍କର ଆଧାର କାର୍ଡ ନାହିଁ, ସେମାନଙ୍କ ପାଇଁ ବିକଳ୍ପ ପରିଚୟ ପତ୍ର ବ୍ୟବହାରର ସୁବିଧା ମଧ୍ୟ ରହିବ । ଆଇଆରସିଟିସି ଅନୁଯାୟୀ, ଆଧାର ଯାଞ୍ଚର ପ୍ରଥମ ସୁବିଧା ହେଉଛି , ଆଧାର ବ୍ୟବହାରକାରୀମାନେ ତତ୍କାଳ ଟିକେଟ୍ ବୁକ୍ କରିବା ସମୟରେ ୧୦-ମିନିଟ୍ ପ୍ରାଥମିକତା ସମୟ ପାଇବେ, ଯାହା ଅନ୍ୟ ସମସ୍ତ ବ୍ୟବହାରକାରୀଙ୍କ ପୂର୍ବରୁ ହେବ । ଏହି ସମୟ ମଧ୍ୟରେ କୌଣସି ଏଜେଣ୍ଟଙ୍କୁ ଟିକେଟ୍ ବୁକ୍ କରିବାକୁ ଅନୁମତି ଦିଆଯିବ ନାହିଁ । ଅଣ-ଆଧାର ଆକାଉଣ୍ଟଗୁଡ଼ିକ ବୁକିଂ ପୂର୍ବରୁ ସ୍ୱତନ୍ତ୍ର ଯାଞ୍ଚ ମାଧ୍ୟମରେ ଯିବ ଏବଂ ସନ୍ଦେହଜନକ ଆକାଉଣ୍ଟଗୁଡ଼ିକ ବନ୍ଦ ହୋଇଯିବ ।

## ପ୍ରତି ୫ ଦିନରେ ଗୋଟିଏ ପରମାଣୁ ବୋମା ତିଆରି କରୁଛି ଚୀନ୍



ବେଜିଂ: ଚୀନର ପରମାଣୁ ଅସ୍ତ୍ର ତିଆରି ନେଇ ଏକ ଆଶ୍ଚର୍ଯ୍ୟଜନକ ଖୁଲାସା ସାମ୍ନାକୁ ଆସିଛି। ସୂଚନା ଅନୁସାରେ, ଚୀନ ପ୍ରତି ୫ ଦିନରେ ଗୋଟିଏ ପରମାଣୁ ବୋମା ତିଆରି କରୁଛି, ଯାହା ବିଶ୍ୱ ପାଇଁ ଏକ ବଡ଼ ଚିନ୍ତାର ବିଷୟ ହୋଇପାରେ। ଏହି ଖୁଲାସା ଆମେରିକାର ଫେଡେରେସନ୍ ଅଫ୍ ଆମେରିକାନ୍ ସାଇନ୍ଟିଷ୍ଟଙ୍କ ଏକ ରିପୋର୍ଟରୁ ସାମ୍ନାକୁ ଆସିଛି, ଯେଉଁଥିରେ କୁହାଯାଇଛି ଯେ ଚୀନ ଏବେ ୬୦୦ରୁ ଅଧିକ ପରମାଣୁ ଅସ୍ତ୍ର ତିଆରି କରିସାରିଛି ଏବଂ ଆଗାମୀ ଦିନରେ ଏହାକୁ ୧୫୦୦ ପର୍ଯ୍ୟନ୍ତ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି। ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସେନା ଓ କମ୍ୟୁନିଷ୍ଟ ପାର୍ଟି ଭିତରେ ଅସନ୍ତୋଷ ଓ ଭ୍ରଷ୍ଟାଚାରର ଅଭିଯୋଗ ମଧ୍ୟ ସାମ୍ନାକୁ ଆସୁଛି। 'ଦି ଇକୋନୋମିଷ୍ଟ' ରିପୋର୍ଟ ଅନୁସାରେ, ଜିନପିଙ୍ଗଙ୍କ ସବୁଠାରୁ ବଡ଼ ଚିନ୍ତା ହେଉଛି ତାଙ୍କ ସେନା ଓ ପାର୍ଟି ଭିତରେ ଥିବା ଅବିଶ୍ୱାସ ଏବଂ ଭ୍ରଷ୍ଟାଚାର। ଏହା ସହିତ ଆମେରିକା ସହିତ ଚାଲିଥିବା ଟ୍ରେଡ୍ ୱାର୍ ମଧ୍ୟ ଚୀନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଚୀନୀ ସାମଗ୍ରୀ ଉପରେ ୨୪୫% ପର୍ଯ୍ୟନ୍ତ ଟାରିଫ ଲଗାଯାଇଛି, ଯାହା ଚୀନର ଅର୍ଥନୀତିକୁ ଆହୁରି ଦୁର୍ବଳ କରୁଛି। ଚୀନର ଏହି ପରମାଣୁ ଅସ୍ତ୍ର ବୃଦ୍ଧି ଭାରତ ଓ ଆମେରିକା ପାଇଁ ଏକ ବଡ଼ ବିପଦ ସୃଷ୍ଟି କରୁଛି। ରିପୋର୍ଟ ଅନୁସାରେ, ଚୀନ ନିଜର ମିସାଇଲ ଶକ୍ତିକୁ ମଧ୍ୟ ବୃଦ୍ଧି କରୁଛି, ଯେଉଁଥିରେ ପରମାଣୁ ବୋମା ଫିଟ କରାଯାଇପାରିବ। ଏହା ସହିତ ଚୀନ ନୂଆ ସାଇଲୋ ତିଆରି କରୁଛି, ଯେଉଁଠାରେ ଘାତକ ଡିଏଫ-୫ ଆଇସିବିଏମ୍ ମିସାଇଲ ରଖାଯିବ। ଏହି ସାଇଲୋ ଏବଂ ମିସାଇଲ ବିଶ୍ୱ ସୁରକ୍ଷା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି।

## ଦେଶରେ ମିଳିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ଘାତକ ବୋମା

ନୂଆଦିଲ୍ଲୀ : ଜର୍ମାନୀର କୋଲୋନ ସହରରେ ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ତିନୋଟି ଅବିସ୍ଫୋରିତ ବୋମା ମିଳିଛି। ଏହି ବୋମାଗୁଡ଼ିକ ଆମେରିକା ନିର୍ମିତ ଏବଂ ପ୍ରତ୍ୟେକଟି ପ୍ରାୟ ଏକ ଟନ ଓଜନର ଅଟେ। ବୋମାରେ ଥିବା ପର୍କ୍ୟୁସନ ଫ୍ୟୁଜ ଯୋଗୁଁ ଏହାକୁ ନିଷ୍କ୍ରିୟ କରିବା ଏକ ଜଟିଳ କାର୍ଯ୍ୟ ଥିଲା। ଏହି ଘଟଣା ଯୋଗୁଁ ସହରର ମଧ୍ୟଭାଗରେ ୧,୦୦୦ ମିଟର (୩,୨୮୦ ଫୁଟ) ବ୍ୟାସାର୍ଦ୍ଧରେ ଥିବା ଅଞ୍ଚଳକୁ ସିଲ କରାଯାଇଥିଲା ଏବଂ ପ୍ରାୟ ୨୦,୦୦୦ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା।ଏହି ଅଞ୍ଚଳରେ ଥିବା ଆରଟିଏଲ ମୁଖ୍ୟାଳୟ ଏବଂ ସହରର ମୁଖ୍ୟ ରେଳ ଷ୍ଟେସନ ମଧ୍ୟ ଏହି ସ୍ଥାନାନ୍ତର ଅଞ୍ଚଳ ମଧ୍ୟରେ ପଡ଼ିଥିଲା। ବୋମା ନିଷ୍କ୍ରିୟକରଣ ପାଇଁ ସହରରେ ଟ୍ରେନ ଓ ବସ ଚଳାଚଳ ମଧ୍ୟ ବନ୍ଦ ରହିଥିଲା। କର୍ତ୍ତୃପକ୍ଷଙ୍କ ମତରେ, ଏହା ୧୯୪୫ ମସିହା ପରେ କୋଲୋନରେ ହୋଇଥିବା ସବୁଠାରୁ ବଡ଼ ସ୍ଥାନାନ୍ତର ଅଭିଯାନ। ଜର୍ମାନୀରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଅବିସ୍ଫୋରିତ ବୋମା ମିଳିବା ଏକ ସାଧାରଣ ଘଟଣା। ପ୍ରତିବର୍ଷ ପ୍ରାୟ ୨,୦୦୦ ଟନ ଯୁଦ୍ଧକାଳୀନ ବୋମା ଏବଂ ଅନ୍ୟାନ୍ୟ ବିସ୍ଫୋରକ ଜର୍ମାନୀରେ ମିଳୁଛି। ନିର୍ମାଣ କାର୍ଯ୍ୟ କିମ୍ବା ଚାଷ ସମୟରେ ଏହି ବୋମାଗୁଡ଼ିକ ମିଳିଥାଏ, ଯାହା ସ୍ଥାନୀୟ ଅଧିବାସୀଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ। କୋଲୋନରେ ମିଳିଥିବା ଏହି ତିନୋଟି ବୋମାକୁ ଜୁନ ୫, ୨୦୨୫ ସୁଦ୍ଧା ସଫଳତାର ସହ ନିଷ୍କ୍ରିୟ କରାଯାଇଛି। ଏହି ଘଟଣା ଯୁଦ୍ଧର ଦୀର୍ଘକାଳୀନ ପ୍ରଭାବକୁ ପ୍ରତିଫଳିତ କରୁଛି। ଯୁଦ୍ଧ ଶେଷ ହେବାର ୮୦ ବର୍ଷ ପରେ ମଧ୍ୟ ଏହି ବୋମାଗୁଡ଼ିକ ଲୋକମାନଙ୍କ ଜୀବନ ଓ ସହରର ଦୈନନ୍ଦିନ କାର୍ଯ୍ୟକୁ ପ୍ରଭାବିତ କରୁଛି। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ବୋମା ନିଷ୍କ୍ରିୟକରଣ ଦଳର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଯୋଗୁଁ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି।

## ଭାରତରେ ତିଆରି ହେବ ରାଫେଲ୍




ନୂଆଦିଲ୍ଲୀ : ଭାରତରେ ତିଆରି ହେବ ରାଫେଲ ଫାଇଟର ଜେଟର ବଡି ପାର୍ଟସ୍। ଏନେଇ ଟାଟା ଗ୍ରୁପ୍ ସହ ଡିଲ୍ କରିଛି ଡାସଲ୍ଟ ଆଭିଏସନ୍। ବଡ଼ି ପାର୍ଟସ୍ ନିର୍ମାଣ ପାଇଁ ହୋଇଛି ୪ ପ୍ରଡକ୍ସନ ଟ୍ରାନ୍ସଫର ଏଗ୍ରିମେଣ୍ଟ। ଏହି ଚୁକ୍ତି ଦେଶର ଏରୋସ୍ପେସ୍ ବିନିର୍ମାଣ କ୍ଷମତାକୁ ମଜବୁତ କରିବା ଓ ଗ୍ଲୋବାଲ ସପ୍ଲାଇ ଚେନ୍କୁ ମଜବୁତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଫାଇଟର ଜେଟ୍ ରାଫେଲ ତିଆରି କରୁଥିବା କମ୍ପାନୀ ଡାସଲ୍ଟ ଆଭିଏସନ୍ ଭାରତର ଟାଟା ଗ୍ରୁପ ସହ କରିଛି ବଡ ଡିଲ୍। ଏବେ ଟାଟା ଗ୍ରୁପ୍ ସହ ମିଶି ଫାଇଟର ପ୍ଲେନ୍ ରାଫେଲର ଫ୍ୟୁଜଲେଜ୍ ଭାରତରେ ତିଆରି ହେବ। ଏଥିପାଇଁ ଡାସଲ୍ଟ ଆଭିଏସନ୍ ଓ ଟାଟା ଗ୍ରୁପ୍ ଏକ ଡିଲ୍ ସାଇନ୍ କରିଛନ୍ତି। ଏହି ସୁବିଧା ଭାରତର ଏୟାରସ୍ପେସ୍ର ମେ ?ଳିକ ଢାଞ୍ଚାରେ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ପ୍ରୋତ୍ସାହନ ଦେବ। ଏହି ପଦକ୍ଷେପ ଭାରତରେ ସାମରିକ ଓ ସେନା ବିମାନ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେକରାଯିବ। ଏଠାରେ ରାଫେଲ ଫାଇଟ ଜେଟ୍ର ଗୁରୁତ୍ୱପୂର୍ଣ୍ଣ ଅଂଶ ନିର୍ମାଣ କରାଯିବ। ତା ଭିତରେ ବିମାନର ଫ୍ୟୁଜଲେଜ୍, ପଛର ପୁରା ଭାଗ, ସେଣ୍ଟ୍ରାଲ ଫ୍ୟୁଜଲେଜ୍ ଓ ଆଗ ଭାଗର ଅଂଶ ରହିଛି। କୁହାଯାଉଛି ଯେ, ଏହି ପ୍ରଡକ୍ସନ ପ୍ଲାଣ୍ଟ ୨୦୨୮ ପର୍ଯ୍ୟନ୍ତ ରାଫେଲର ଫ୍ୟୁଜଲେଜ ଆସେମ୍ବଲ ଲାଇନ୍ରୁ ବାହାରିବ ବୋଲି ବିଶ୍ୱାସ ରହିଛି। ଯେତେବେଳେ ପ୍ୟାକ୍ଟ୍ରି ସମ୍ପୂର୍ଣ୍ଣ ଭାବରେ ତିଆରି ହୋଇଯିବ ସେଠାରୁ ପ୍ରତି ମାସ ୨ଟି ଫ୍ୟୁଜଲେଜ୍ ତିଆରି ହେବ।ଡାସଲ୍ଟ ଆଭିଏସନ୍ର ଚେୟାରମ୍ୟାନ୍ ଓ ସିଇଓ କହିଛନ୍ତି, ପ୍ରଥମ ଥର ରାଫେଲର ଫ୍ୟୁଜଲେଜର ଉତ୍ପାଦନ ଫ୍ରାନ୍ସ ବାହାରକୁ କରାଯିବ। ଏହା ଭାରତରେ ଆମର ପ୍ରଥମ ସପ୍ଲାଇ ଚେନ୍କୁ ମଜବୁତ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ହୋଇପାରେ। ଟାଟା ଆଡଭାନ୍ସଡ ସିଷ୍ଟମ ଲିମିଟେଡ୍ ( ଝଇଝଖ) ସହ ଆମର ଡିଲ୍ ହୋଇଛି। ଏହି ସପ୍ଲାଇ ଚେନ୍ ରାଫେଲର ସଫଳ ନିର୍ମାଣରେ ଯୋଗଦାନ କରିବ। ଝଇଝଖ ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଓ ପ୍ରବନ୍ଧ ନିର୍ଦ୍ଦେଶକ ସୁକରନ୍ ସିଂହ କହିଛନ୍ତି, ଏହା ପାର୍ଟନରସିପ୍ ଭାରତର ଏରୋସ୍ପେସ୍ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭାରତରେ ସମ୍ପୂର୍ଣ୍ଣ ରାଫେଲ ଫ୍ୟୁଜଲେଜ୍ର ଉତ୍ପାଦନ ଟାଟା ଆଡଭାନ୍ସଡ ସିଷ୍ଟମର କ୍ଷମତାରେ ବଢୁଥିବା ଭରସା ଓ ଡାସଲ୍ଟ ଆଭିଏସନ୍ ସହ ଆମର ସହଯୋଗର ଶକ୍ତିକୁ ରେଖାଙ୍କିତ କରୁଛି।

## ୧୨ ଦେଶର ନାଗରିକଙ୍କ ଉପରେ କଟକଣା ଲଗାଇଲା ଆମେରିକା

ୱାଶିଂଟନ: ବିଦେଶୀ ନାଗରିକଙ୍କ ପାଇଁ ଆମେରିକାରେ କଟକଣା। ୧୨ ଦେଶର ଲୋକଙ୍କୁ ଆମେରିକା ମନା। ଆମେରିକାରେ ପ୍ରବେଶ କରିପାରିବେନି ୧୨ ଦେଶର ନାଗରିକ। ଏଥିସହ ଅନ୍ୟ ୭ଟି ଦେଶରୁ ଆସୁଥିବା ଲୋକଙ୍କ ଉପରେ ଆଂଶିକ କଟକଣା ଲାଗୁ କରାଯାଇଛି। ଏ ସମ୍ପର୍କିତ ନୂଆ ଘୋଷଣାପତ୍ର ଜାରି କରିଛି ଟ୍ରମ୍ପ ପ୍ରଶାସନ।
ନୂଆ ଘୋଷଣାପତ୍ର ଅନୁସାରେ, ଆଫଗାନିସ୍ତାନ, ମିଆଁମାର, କଙ୍ଗୋ, ଇରାନ, ଲିବିଆ, ସୋମାଲିଆ, ସୁଦାନ, ୟେମେନ, ହେିତି, ଇରିଟ୍ରିଆ, ଚାଡ଼, ଇକ୍ୱାଟୋରିଆଲ୍ ଗିନି ଉପରେ ଆମେରିକାରେ ପ୍ରବେଶ ନେଇ କଟକଣା ଲଗାଇଛି ଟ୍ରମ୍ପ ସରକାର। ଏହି ଦେଶଗୁଡ଼ିକର ନାଗରିକମାନେ ଆଉ ଆମେରିକାରେ ପ୍ରବେଶ କରିପାରିବେ ନାହିଁ। ଏହି ପ୍ରତିବନ୍ଧକ ସୋ-ମବାର ସକାଳ ୧୨ଟା ୦୧ରୁ କାର୍ଯ୍ୟକାରୀ ହେବ। ଏଥିସହ ଅନ୍ୟ ୭ଟି ଦେଶ ବୁରୁଣ୍ଡି, କ୍ୟୁବା, ଲାଓସ, ସିଏରା ଲିଓନ, ଟୋଗୋ, ତୁର୍କମେନିସ୍ତାନ ଏବଂ ଭେନେଜୁଏଲାର ନାଗରିକଙ୍କ ଉପରେ ଆଶିଂକ କଟକଣା ଲଗାଯାଇଛି। ଆମେରିକାର ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରିଛି ଟ୍ରମ୍ପ ପ୍ରଶାସନ। ଟ୍ରମ୍ପ କହିଛନ୍ତି ଯେ, ଆମେରିକାର ଜାତୀୟ ସୁରକ୍ଷା ଏବଂ ନିଜ ନାଗରିକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ମୋତେ ଏହି ପଦକ୍ଷେପ ନେବାକୁ ପଡିଛି। ସେ କହିଛନ୍ତି, ଦେଶରେ ଉଗ୍ରବାଦୀ ଇସଲାମିକ ଆତଙ୍କବାଦୀଙ୍କୁ ପ୍ରବେଶ କରିବାରୁ ରୋକିବା ପାଇଁ ଆମେ ପୁଣି ଥରେ ଯାତ୍ରା ପ୍ରତିବନ୍ଧକ ଲାଗୁ କରିବୁ, ଯାହାକୁ କିଛି ଲୋକ 'ଟ୍ରମ୍ପ ଟ୍ରାଭେଲ ବ୍ୟାନ୍' ବୋଲି କୁହନ୍ତି। ଏହା ଏଭଳି ଏକ ପଦକ୍ଷେପ, ଯାହାକୁ ସୁପ୍ରିମକୋର୍ଟ ମଧ୍ୟ ସମର୍ଥନ କରିଥିଲେ।
ତେବେ ଡୋନାଲ୍ଡ ଟ୍ରମ୍ପ ଏପରି ପଦକ୍ଷେପ ପ୍ରଥମ ଥର ପାଇଁ ଗ୍ରହଣ କରିନାହାନ୍ତି। ତାଙ୍କର ପ୍ରଥମ ରାଷ୍ଟ୍ରପତି କାର୍ଯ୍ୟକାଳରେ ସେ ୭ଟି ମୁସଲିମ ବହୁଳ ଦେଶରୁ ଯାତ୍ରା ପ୍ରତିବନ୍ଧକ ଲଗାଇଥିଲେ, ଯାହାକୁ ପରେ ୨୦୧୮ରେ ସୁପ୍ରିମକୋର୍ଟ ଅନୁମୋଦନ କରିଥିଲେ।

# ମା'ତାରାଦେବୀଙ୍କ ଆଶୀର୍ବାଦ ନେଲେ ମୁଖ୍ୟମନ୍ତ୍ରୀ



ବ୍ରହ୍ମପୁର(ପିପିଏସ୍): ବ୍ରହ୍ମପୁରର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ଲାଞ୍ଜିପଲ୍ଲୀ ମା' ତାରାଦେବୀଙ୍କ ଦ୍ୱିବାର୍ଷିକ ଯାତ୍ରାରେ ସାମିଲ୍ ହୋଇ ମା'ଙ୍କ ଆଶୀର୍ବାଦ ନେଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ । ଗୁରୁବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସି ସରକାରୀ କାର୍ଯ୍ୟକ୍ରମ ସରିବାପରେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଲାଞ୍ଜିପଲ୍ଲୀ ବ୍ରାହ୍ମଣସାହି ଠାରେ ମା'ଙ୍କ ଅସ୍ଥାୟୀ ପୀଠରେ ପହଞ୍ଚି ମା'ଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଛନ୍ତି । ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ ମା'ଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଅବସରରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବ୍ରହ୍ମପୁର ସାଂସଦ ଡ଼ଃ.ପ୍ରଦୀପ କୁମାର ପାଣିଗ୍ରାହୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ସୋରଡା ବିଧାୟକ ନୀଳମଣି ବିଷୋୟୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ସ୍ଥାନୀୟ କର୍ପୋରେଟର ବନୀତା ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ପୂଜା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ବିରାଟ ପଟୁଆରରେ ଅସ୍ଥାୟୀ ମଣ୍ଡପକୁ ନେଇଥିଲେ ।

## ଜଳ ନିଷ୍କାସନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜନଶକ୍ତି ପାର୍ଟିର ଧାରଣା



କେନ୍ଦ୍ରାପଡା, (ପିପିଏସ୍): କେନ୍ଦ୍ରାପଡା ମ୍ୟୁନିସିପାଲିଟି ରଣପଡା ସ୍ଥିତ ୧୩ ନଂ ୱାର୍ଡରେ କିଛି ଖଳ ପ୍ରକୃତିର ଲୋକ ମାଟି ପକାଇବା ଦ୍ୱାରା ଜଳ ନିଷ୍କାସନ ହେଉନାହିଁ । ଯାହା ଫଳରେ ଟିକେ ବର୍ଷାହେଲେ ୧୩ନଂ ୱାର୍ଡ ନୁର ମଜଜିଦ ସମ୍ମୁଖରେରେ ପାଣି ଯାଇ ନପାରିବାରୁ ରଣପଡାଠାରେ ରହୁଥିବା ପୌରବାସୀମାନେ ନାହିଁ ନଥିବାର ଅସୁବିଧା ଭୋଗୁଛନ୍ତି । ତେଣୁ ଜନଶକ୍ତି ପାର୍ଟି ଅଧକ୍ଷ ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଓ ସେଠିକାର ବାସିନ୍ଦାମାନଙ୍କ ସହିତ ଗୁରୁବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଯଦି ବର୍ଷାଋତୁ ଭିତରେ ତୁରନ୍ତ କାର୍ଯ୍ୟ ନହେଲେ ଗଣଧାରଣା ଦିଆଯିବ ବୋଲି ସଭାପତି ଶ୍ରୀ ଦାଶ କହିଥିଲେ । ଆଜି ଏହି ଅଭିଯୋଗ ବେଳେ ସେକ୍ ବୁନା, ବାବୁଲି ପଣ୍ଡା, ସେକ୍ ସରତଭଲା, ସେକ୍ ଅନିରୁଦ୍ଧିନ, ନାରାୟଣ ମଲ୍ଲିକ୍, ବନମାଳି ମଲିକ, ପୀତବାସ ଦାସ, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ତୁରନ୍ତ ଜଳ ନିଷ୍କାସନ ନହେଲେ ଜନଶକ୍ତି ପାର୍ଟି ତରଫରୁ ଗଣଧାରଣା ଦିଆଯିବ ବୋଲି ସଭାପତି ଶ୍ରୀ ଦାଶ କହିଛନ୍ତି ।

## ସାଳନ୍ଦୀ ନଗର ନାଗରିକ ପରିଷଦ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପ୍ଲାଷ୍ଟିକକୁ ବର୍ଜନ କରିବା ନେଇ ସଚେତନତା

ଭଦ୍ରକ, (ପିପିଏସ): ଭଦ୍ରକର ସାଳନ୍ଦୀ ବାଇପାସ ଠାରେ ସାଳନ୍ଦୀ ନଗର ନାଗରିକ ପରିଷଦ ପକ୍ଷରୁ ଆଜି ସକାଳ ୯ଘଟିକା ସମୟ ରେ ପରିଷଦ କାର୍ଯ୍ୟାଳୟ ଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଉପଦେଷ୍ଟା ଙ୍କ ଅଭୟ ସୂତାର ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଉପଦେଷ୍ଟା ଭାବେ ସାମାଜିକ ରବିନାରାୟଣ ଖୁଲାର, ସମ୍ମାନୀତ ଅତିଥି ଭାବେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ ସୁରେନ୍ଦ୍ର ପଣ୍ଡା,କମିଟି ର ସଭାପତି ଶ୍ରୀହର୍ଷ ସ୍ୱାଇଁ, ଉପସଭାପତି ରବି ନାରାୟଣ ପଣ୍ଡା,ସମ୍ପାଦକ ଙ୍କ ଅଭୟ ପଣ୍ଡା,ସହ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାନ୍ତି,ଉପଦେଷ୍ଟା ବ୍ରଜ କିଶୋର ନାୟକ, ଗୋପାଳ ନାୟକ, ବିଦ୍ୟାଧର ନାୟକ, ଗଙ୍ଗାଧର ମାଝି,ଶରତ ଚନ୍ଦ୍ର ପାଢ଼ୀ, କୈଳାଶ ପଣ୍ଡା,ବିଦ୍ୟାଧର ନାୟକ, ଶ୍ୟାମ ସୁନ୍ଦର ଜେନା,ଜୟନ୍ତୀ ପଟେଲ, ଅଜିତ ଦାସ ପ୍ରମୁଖ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନ ଉପରେ ସମାଜ କୁ ବାର୍ତ୍ତା ଦେବା ସହ ବୃକ୍ଷ ରୋପଣ କରିଥିଲେ । ସାଳନ୍ଦୀ ନଗର ନାଗରିକ ପରିଷଦ ର ଉପଦେଷ୍ଟା ଓ କର୍ମକର୍ତ୍ତାମାନେ ଯୋଗଦେଇ ପରିବେଶ ସଚେତନତା ଉପରେ ବକ୍ତବ୍ୟ ରଖିବା ସହିତ ବୃକ୍ଷ ରୋପଣ କରିଥିଲେ ।ଏହି ସଭା ରେ ପ୍ଲାଷ୍ଟିକ ବନ୍ଦ କରିବା ଦିଗରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି ପ୍ଲାଷ୍ଟିକ ପ୍ରଦୂଷଣ ବନ୍ଦ କରାଯାଉ । ଶବ୍ଦ –ହାଲୁକା – ଲୋଭନୀୟ ପ୍ଲାଷ୍ଟିକ୍ ଦିନେ ଆମକୁ ଆନନ୍ଦ ଦେଇଥୁଲା । ଆଜି କିନ୍ତୁ ଏହାର ଅତିରିକ୍ତ ଓ ଅବିବେକୀ ବ୍ୟବହାର ପରିବେଶକୁ ନଷ୍ଟ କରିବା ସହ ଜୀବଜଗତ ପାଇଁ କ୍ଷତି ପ୍ରମାଣିତ ହୋଇଛି । ନାଳନର୍ଦ୍ଦମାରେ ପ୍ଲାଷ୍ଟିକ ଜମୁଛି । ପ୍ରତିବର୍ଷ ୧୧୦ ଲକ୍ଷ ଟନ୍ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ରରେ ମିଶୁଛି । ପବନରେ ମିଶୁଛି ପ୍ଲାଷ୍ଟିକ ଗୁଣ୍ଡ ଓ ବିଷାକ୍ତ ଧୂଆଁ । ତେଣୁ ବାୟୁ-ପାଣି-ମାଟି ଆଦି ବ୍ୟବହାର ଅନୁପଯୋଗୀ ସୂକ୍ଷ୍ମ ପ୍ଲାଷ୍ଟିକ ଖାଦ୍ୟପାନୀୟ ମାଧ୍ୟମରେ ଶରୀରରେ ପ୍ରବେଶ କରି ମାରାତ୍ମକ ରୋଗ ସୃଷ୍ଟି କରୁଛି । ତେଣୁ ଏ ବର୍ଷର ସାଳନ୍ଦୀ ନଗର ନାଗରିକ ପରିଷଦ ପକ୍ଷରୁ ଜନସାଧାରଣଙ୍କୁ ପ୍ଲାଷ୍ଟିକ୍ ପ୍ରଦୂଷଣର ମାରାତ୍ମକ ଭୟାବହତା କୁ ନେଇ ପ୍ଲାଷ୍ଟିକ୍ ବର୍ଜନ କରିବା ଦରକାର ବୋଲି ମୁଖ୍ୟ ବକ୍ତା ଓ ଅତିଥିମାନେ ବାର୍ତ୍ତା ଦେଇଥିଲେ ।

## ଗ୍ରୀନ୍ ପାରାଦୀପ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ବୃକ୍ଷରୋପଣ

ପାରାଦୀପ (ପିପିଏସ): ଜୁନ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନଙ୍କ ଦ୍ୱାରା ଗଠିତ ପରିବେଶ ଧର୍ମୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନ ସମ୍ମୁଖ କ୍ରିକେଟ ପଡିଆ ଚତୁଃପାର୍ଶ୍ୱରେ ଗୁରୁବାର ଦିନ ସକାଳେ ଚାରା ରୋପଣ କରାଯାଇଥିଲା । ଟ୍ରଷ୍ଟ ର ସଭାପତି ତଥା ସମାଜସେବୀ ରାକେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଟ୍ରଷ୍ଟର ଉପଦେଷ୍ଟା ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ଆଇନ ଉପଦେଷ୍ଟା ରବୀନ୍ଦ୍ର କୁମାର ଜେନା, ସଦସ୍ୟ ସୁଧାଂଶୁ ନାୟକ, ଅଜିତ ଦାସ, ନାରାୟଣ ବେହେରା, ରଶ୍ମି ରଞ୍ଜନ ରାଉତରାୟ, ବିରଜା ତ୍ରିପାଠୀ, ପ୍ରଭାସ କୁମାର ଦାସ, ପ୍ରଶାନ୍ତ ସ୍ୱାଇଁ, ବିବେକାନନ୍ଦ ରାଉତ, ଦୀପକ ଦାସ, ବିରଜା ସେଠୀ, ଆଲୋକ ମହାପାତ୍ର, ସଞ୍ଜୟ ମିଶ୍ର, ପ୍ରୀତି ରଞ୍ଜନ ମହାପାତ୍ର, ଗୌରାଙ୍ଗ ଜେନା, ତ୍ରିଲୋଚନ ମହାପାତ୍ର, ଅବଦୁଲ ଅବିଦ ଖାନ ପ୍ରମୁଖ ଚାରା ରୋପଣ କରଥିଲେ । ଏହି କାର୍ଯ୍ୟକ୍ରମ ଓଡିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ (ଓଏଫଡ଼ିସି) ଅଧିକାରୀ ଆନନ୍ଦ ଚନ୍ଦ୍ର ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ଓ ସହଯୋଗରେ ଆୟୋଜିତ ହୋଇଥିଲା ।

## କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



କେନ୍ଦ୍ରାପଡା, (ପିପିଏସ୍): ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆନୁକୂଲ୍ୟରେ ଆୟୋଜିତ ୫ ଜୁନ ୨୦୨୫ ଦିନ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଉତ୍ସବରେ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ କରିଛି । ପ୍ରକୃତି ଓ ପରିବେଶକୁ ପରିବର୍ତ୍ତନ କରିବା, ପରିବେଶକୁ ସବୁଜ ସୁନ୍ଦର କରିବା, ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା ଓ ବିଭିନ୍ନ ପରିବେଶ ସଚେତନତାମୂଳକ କାର୍ଯ୍ୟକ୍ରମ କରିବାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ମହାପାତ୍ର ଓ ଇକୋ କ୍ଲବ ଶିକ୍ଷକ ଜଗନ୍ନାଥ ପ୍ରସାଦ ଉପାଧ୍ୟାୟଙ୍କ ଅବଦାନ, ନିଷ୍ଠା ଓ ବଳିଷ୍ଠ ଉଦ୍ୟମ ଯୋଗୁଁ ଏହି ଅଭୁତପୂର୍ବ ସଫଳତା ପାଇଛି । ବିଦ୍ୟାଳୟର ଏଇ ସଫଳତା ପାଇଁ ବିଦ୍ୟାଳୟର ଶିକ୍ଷକ, ଶିକ୍ଷିକା, ପରିଚାଳନା କମିଟି, ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି ଜେନା, କବି ମନ୍ମଥ ବରାଳ, ହେମନ୍ତ ଜେନା, ସମାଜସେବୀ ମଳୟ କୁମାର ସାହୁ, ସଂଗୀତକାର ବିମଳ ପ୍ରସାଦ ପରିଡା ପ୍ରମୁଖ ତଥା ସ୍ଥାନୀୟ ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ବ୍ୟବସାୟୀଙ୍କ ବେକରୁ ୧୧ ଲକ୍ଷ ଟଙ୍କାର ସୁନା ଚେନ୍ ଲୁଟିନେଲେ ଦୁର୍ବୃତ୍ତ

ଗୋପ (ପିପିଏସ): ଗୋପ ଥାନା ଅନ୍ତର୍ଗତ ଗଣେଶ୍ୱପୁର ରାସ୍ତାରେ ବ୍ୟବସାୟୀଙ୍କ ବେକରୁ ଦୃବୁତ ଛିଡାଇ ନେଇଗଲେ ୧୧ ଲକ୍ଷ ଟଙ୍କାର ସୁନା ଚେନ । ସୂଚନା ଅନୁସାରେ ଶଙ୍ଖାରିଆ ଗ୍ରାମରୁ ଗଣେଶ୍ୱରପୁର ବଜାରକୁ ସଉଦା ପାଇଁ ଯାଉଥିବା ବେଳେ ପୂର୍ବରୁ ଛକି ରହିଥିବା ଦୁଇଜଣ ଦୃବୁତ ଗଣେଶ୍ୱରପୁର କେନାଲ ବ୍ରିଜ ଉପରୁ ବ୍ୱବସାୟୀ ରାମଚନ୍ଦ୍ର ରାଉତଙ୍କ ବେକରୁ ୧୦ ଭରିର ଏକ ସୁନା ଚେନ ଛିଡାଇ ନେଇଯାଇଛନ୍ତି । କଳା ବାଇକରେ ଆସି କେନାଲ ବ୍ରିଜ ଉପରେ ରାମଚନ୍ଦ୍ରଙ୍କୁ କାଠ ଓ ବଲ୍‌ହାର ରେଟ ପଚାରିବା ସହିତ ହଟାତ ଠେଲି ଦେଇଥିଲେ ପରେ ବ୍ୱବସାୟୀ ଜଣଙ୍କ ତଳେ ପଡିଯିବା ପରେ ଦୃବୁତ ମାନେ ରାମଚନ୍ଦ୍ରଙ୍କ ବେକରୁ ଭିଡି ନେଇ ଯାଇଥିଲେ ସୁନା ଚେନ । ଚେନଟିକୁ ଛିଡାଇ ନେବା ବେଳେ ବ୍ୱବସାୟୀଙ୍କ ବେକରେ ଆଘାତ ଲାଗିଛି । ଘଟଣା ସ୍ଥଳରେ ଗୋପ ପୋଲିସ ପହଁଚି ଚେନ ଚୋରି ହୋଇଥିବା ମୁହୂର୍ତ୍ତର ସମସ୍ତ ସିସି ଫୁଟେଜକୁ ଦୃଷ୍ଟିରେ ରଖି ୧୭୫/୫/୨୦୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏପରି ଚୋରି ଘଟଣାକୁ ନେଇ ଅଞ୍ଚଳରେ ଭୟର ବତାବରଣ ସୃଷ୍ଟି ହୋଇଛି ।

## ମଝିଆଁ ଭାଇର ଖଣ୍ଡା ଚୋଟରେ ବଡ଼ ଭାଇ ଗୁରୁତର

ଯାଜପୁର (ପିପିଏସ): ଯାଜପୁର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ଜେମାଦେଇପୁର ଉପରସାହି ଗାଁ ମଝିଆଁ ଭାଇର ଖଣ୍ଡା ଚୋଟ ରେ ବଡ଼ ଭାଇ ଗୁରୁତର ହୋଇ ମେଡ଼ିକାଲ ଭର୍ତ୍ତି । ସୂଚନା ମୁତାବକ ଏହି ଗାଁ ର କାଳନ୍ଦୀ କାଣ୍ଡି ଙ୍କ ବଡ଼ ପୁଅ ଶତ୍ରୁଘ୍ନ କାଣ୍ଡି ଗାଡି ଚାଳକ ଭାବେ କାମ କରନ୍ତି । ପୂର୍ବ ଶତ୍ରୁତା କୁ ନେଇ ଦୁଇ ପୁଅ ମଧ୍ୟରେ ଝଗଡା ଥିଲା । ମଝିଆଁ ପୁଅ ଶରତ କାଣ୍ଡି ଙ୍କ ସହ ପୂର୍ବରୁ ବିଦ୍ୟୁତ ତାର କଟା କଟି କୁ ନେଇ ବାରମ୍ବାର ପାଟିତୁଣ୍ଡ ହୁଏ, ଆଜି ବଡ଼ ଭାଇ ଶତ୍ରୁଘ୍ନ ଶୋଇଥିବା ଅବସ୍ଥାରେ ମଝିଆଁ ଭାଇ ଶରତ ଏକ ଧାରୁଆ ତାମିଲ ଖଣ୍ଡା ନେଇ ଅତର୍କିତ ଭାବେ ହାତ, ଆଙ୍ଗୁଳି ଓ ଗୋଡ଼କୁ ହାଣି ପକାଇଲା । ସଙ୍ଗେ ସଙ୍ଗେ ପାଖ ପଡୋଶୀ ଓ ଘର ଲୋକ ଶତ୍ରୁଘ୍ନର ଚିତ୍କାର ଶୁଣି ଦୌଡ଼ି ଆସି ଦେଖିଲା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ପଡିଛି । ସଙ୍ଗେ ସଙ୍ଗେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ବେଳେ ଡାକ୍ତର ପ୍ରାଥମିକ ଚିକିତ୍ସା କଲା ପରେ ଅବସ୍ଥା ଗୁରୁତର ହେବାରୁ ଶତ୍ରୁଘ୍ନ କୁ ଉନ୍ନତ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରିଛନ୍ତି ।

## ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ,(ପିପିଏସ୍): ଆଜି ସଂଧାରେ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ -୨୦୨୫ ବିଶ୍ୱ ପରିବେଶ ଦିବସ ଜିଲ୍ଲା ସଂସ୍କୃତି ଭବନ ଠାରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ବିଧାୟକ ଅଶୋକ ଦାସ ଓ ସଭାପତି ଜିଲାପାଳ ଦିଲିପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ସିଡିଏମଓ, ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ, ଜଗନ୍ନାଥ ବେହେରା ଡିଇଓ ସାଳନ୍ଦୀ ସୁରକ୍ଷା ମଂଚ, ଡିଏଫଓ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଏହି ସଭା ପୂର୍ବରୁ ଜିଲ୍ଲା ସ୍ତରୀୟ ଏକ ବକ୍ତୃତା 'ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ ପରିବେଶ' ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଏହି ସଭାରେ ପୁରସ୍କୃତ କରାଯାଇଥିଲା । ବିଶ୍ୱ ଜଳବାୟୁ ପ୍ରଦୂଷଣ ଗୁରୁତ୍ୱକୁ ଲକ୍ଷ୍ୟ କରି ଜିଲ୍ଲାପାଳଙ୍କ ଉଦ୍ୟମରେ ଏକ ଆପ ବିଧାୟକ ଉଦ୍ଘାଟନ କରିଥିଲେ । ଯାହା ଜିଲ୍ଲାର ଯେ କୌଣସି ବ୍ୟକ୍ତି ପ୍ରଦୂଷିତ ହେଉଥିବା ଅଂଚଳର ଫଟୋ ବା ଭିଡିଓ କରି ପଠାଇଲେ ସଙ୍ଗେ ସଙ୍ଗେ ଉକ୍ତ ବିଭାଗର ଅଧିକାରୀଙ୍କ ପାଖକୁ ସ୍ୱଂୟକ୍ରିୟା ମାଧ୍ୟମରେ ପଳାଇବ ଓ ସେ ତାର ସମାଧାନର ବାଟ ତୁରନ୍ତ ସମାଧାନ କରିବେ । ଏହି ଆପ ଦ୍ୱାରା ଜିଲ୍ଲାରେ ପ୍ରଦୂଷଣ କରୁଥିବା କାରକ ବନ୍ଧ ହୋଇପାରିବ । ଜିଲ୍ଲା ନଦୀ ନାଳ ସହର ପ୍ରଦୂଷଣ ମୁକ୍ତ ହୋଇପାରିବ । ଏହି ଆପ ଓଡ଼ିଶାରେ ଭଦ୍ରକ ଜିଲ୍ଲା ରେ ପ୍ରଥମେ କାର୍ଯ୍ୟକାରୀ ହୋଇଛି ।

## ବିକଶିତ କୃଷି ସଂକଳ୍ପ ଅଭିଯାନ:ଯୋଗଦେଲେ ଓୟୁଏଟି କୁଳପତି



କେନ୍ଦ୍ରାପଡ଼ା, (ପିପିଏସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ଗ୍ରାମ ପଞ୍ଚାୟତରେ ମଙ୍ଗବାର ଦିନ 'ବିକଶିତ କୃଷି ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଓ ଓୟୁଏଟି ସମ୍ପ୍ରସାରଣ ଅଧକ୍ଷ ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ଭାଗନେଇ ଉନ୍ନତ କୃଷି ପ୍ରଣାଳୀର ବିଭିନ୍ନ ଦିଗ ଯଥା ପ୍ରାକୃତିକ କୃଷି, ଜଳବାୟୁ ଅନୁକୂଳ କୃଷି, କୃଷିରେ ଡ୍ରୋନ୍‌ର ବ୍ୟବହାର ସମ୍ପର୍କରେ ଅବଗତ ହୋଇଥିଲେ ।ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ଅରବିନ୍ଦ ଦାସ, କେନ୍ଦ୍ରୀୟ ମଧୁର ଜଳଜୀବ ଗବେଷଣା କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡଃ ଜିତେନ୍ଦ୍ର ସୁନ୍ଦର ରାୟ,ଜାତୀୟ କୃଷିଜିବୀ ମହିଳା ପ୍ରତିଷ୍ଠାନର ବୈଜ୍ଞାନିକ ଡଃ ଅର୍ପିତା ମହାପାତ୍ର, କେନ୍ଦ୍ରାପଡ଼ା କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ କୃଷି ବୈଜ୍ଞାନିକ ଡଃ ପ୍ରଭଞ୍ଜନ ମିଶ୍ର, କ୍ଷେତ୍ର ବିଜ୍ଞାନ ବିଭାଗର ବୈଜ୍ଞାନିକ ଡଃ ତାପସ ରଂଜନ ସାହୁ ପ୍ରମୁଖ କୃଷକ ବୈଜ୍ଞାନିକ ଆଲୋଚନା ଚକ୍ରରେ ଯୋଗଦେଇ କୃଷିକ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ବନ୍ଧରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ଅଧିକାରୀ ଯଥା ଆତ୍ମାର ଉପପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ରାଉତ,ବ୍ଲକ କୃଷି ଅଧିକାରୀ ଶ୍ରୀମତୀ ବିନ୍ଦୁଶ୍ରୀ ବିଶିନିବାଳା, ସହକାରୀ କୃଷି ଅଧିକାରୀ ପ୍ରିୟମ୍ବଦା ନାୟକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଶୁଭଶ୍ରୀ ମଲ୍ଲିକ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନାରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ କୃଷି ବିଜ୍ଞାନ କେନ୍ଦ୍ର, କୃଷି ବିଭାଗର ଅନ୍ୟାନ୍ୟ କର୍ମଚାରୀ ମାନଙ୍କ ସହିତ ଓସ୍ତପୁର ଗ୍ରାମପଞ୍ଚାୟତର ସରପଞ୍ଚ ଶ୍ରୀ ପ୍ରସନ୍ନ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ଇଫ୍‌କୋ ପାରାଦୀପ ୟୁନିଟ୍ ପରିସରରେ ୫୨ତମ ବିଶ୍ୱ ପରିବେଶ ଦିବସ




ପାରାଦୀପ (ପିପିଏସ୍): ଇଫକୋ ପାରାଦୀପ ୟୁନିଟ ପକ୍ଷରୁ ୫୨ତମ ବିଶ୍ୱ ପରିବେଶ ଦିବସ ୨କ୍ଟ୨୫ ଗୁରବାର ଦିନ ପାଳିତ ହୋଇଯାଇଛି । 'ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ' ଶୀର୍ଷକ ଓ ପ୍ଲାଷ୍ଟିକ ବର୍ଜନ ସ୍ଲୋଗାନ ଆଧାରିତ ଏବଂ ସବୁଜ ଏବଂ ସୁସ୍ଥ ପରିବେଶ ସୃଷ୍ଟି ପାଇଁ ଇଫକୋ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ. ମହାପାତ୍ରଙ୍କ ସମେତ ପରିବେଶ ଯନ୍ତ୍ରୀ ଡ଼ି.ଏଲ.ମହାପାତ୍ର, କୁମାରୀ ବିବେଚିତା ଷଡଙ୍ଗୀ, ସହ ପରିବେଶ ବିଜ୍ଞାନୀ କୁମାରୀ ଅନ୍ୱେଷା ପଣ୍ଡା, ଇଫକୋ ସାଧାରଣ ପରିଚାଳକ କେ.ଆର.ଏନ ମୂର୍ତ୍ତି ଓ ଜେଜିଏମ ଆର.କେ.ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ ।

## ବନ୍ୟପ୍ରାଣୀ ଏବଂ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, (ପିପିଏସ୍): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ଚନ୍ଦିଆପଦା, ଲାଙ୍ଗୁଡ଼ିଠାରେ ବନ୍ୟପ୍ରାଣୀ ସୁରକ୍ଷା ଏବଂ ପରିବେଶ ସୁରକ୍ଷା ନିମିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମଟିକୁ ପୂଣ୍ୟଶ୍ଳୋକ ରଥ, ସଚିବ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ତାପସ କୁମାର ମହାନ୍ତି, ସହାୟକ, ଏଲ୍.ଏ.ଡି.ସି.ଏସ୍., ଭଦ୍ରକ, ଧନଞ୍ଜୟ ଜେନା, ଅଧିକ୍ଷକ, ମୁକ୍ତିକାନ୍ତ ନାୟକ, ସଂପାଦକ, ଉତ୍କଳମଣି ଦରିଦ୍ର ନାରାୟଣ ସେବା ମନ୍ଦିର, ଲାଙ୍ଗୁଡ଼ି, ପିତାମ୍ବର ନାୟକ, ବନରକ୍ଷୀ, ସାତଭଉଣୀ, ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀ ତଥା ବନ୍ୟ ବିଭାଗର କର୍ମୀ ଏବଂ ଉପସ୍ଥିତ ଥିବା ପିଲାମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ରକ୍ରମ ମାଧ୍ୟମରେ ବନ୍ୟପ୍ରାଣୀଙ୍କୁ କିପରି ସୁରକ୍ଷା କରିପାରିବା ଏବଂ ପରିବେଶ ପ୍ରଦୂଷଣକୁ ରୋକିବା ନିମିତ ପ୍ଲାଷ୍ଟିକ୍‌କୁ ସଂପୂର୍ଣ୍ଣ ରୂପେ ବର୍ଜନ କରିବା ସମ୍ବନ୍ଧରେ ସମସ୍ତଙ୍କୁ ସଚେତନତାର ବାର୍ତା ଦିଆଯାଇଥିଲା । ପିଲାମାନଙ୍କ ଦ୍ୱାରା ଗଛ ଉପରେ ଏକ ସୁନ୍ଦର ଅଭିନୟ ବେଶ୍ ମନଲୋଭା ଥିଲା । ପରିଶେଷରେ ସମସ୍ତେ ଗୋଟିଏ ଲେଖାଏଁ ଗଛ ଲଗାଇ ପରିବେଶକୁ ସବୁଜମୟ କରିବା ପାଇଁ ସଂକଳ୍ପ କରିଥିଲେ ।

## ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ଚାରାରୋପଣ




ପାରାଦୀପ (ପିପିଏସ୍): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ବିଶ୍ୱ ପରିବେଶ ଦିବସ ୨୦୨୫ ଜୁନ ୫ ତାରିଖ ଗୁରୁବାର ଦିନ ପାଳିତ ହୋଇଯାଇଛି । 'ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟ ପରିସରରେ ବ୍ୟାପକ ସାମୂହିକ ଚାରା ରୋପଣ କରାଯାଇଥିଲା । ଏହି ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଏବଂ ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ଯୋଗଦେଇ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ମହାବିଦ୍ୟାଳୟ ଅଧକ୍ଷା ଡଃ.ସସ୍ମିତା ଶତପଥୀଙ୍କ ସମେତ ବନ୍ଦର ବିଭାଗୀୟ ମୁଖ୍ୟ, ପରିବେଶ ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ବନ୍ଦରର ଅନ୍ତେବାସୀ, ମହାବିଦ୍ୟାଳୟର ଏସିସି କ୍ୟାଡେଟ, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସମେତ ପାରାଦୀପ ସାକ୍ଷରତା ସମିତିର ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପାରାଦୀପ ବନ୍ଦରର ସିନିଅର ଡେପୁଟି ଟ୍ରାଫିକ ମ୍ୟାନେଜର ଅକ୍ଷୟ କୁମାର ସାହୁ,ପାରାଦୀପ ସାକ୍ଷରତା ସମିତି ର ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ଓ ସଂଯୋଜକ ଅଶୋକ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ବିଶ୍ୱପରିବେଶ ଦିବସ

ଯାଜପୁର, (ପିପିଏସ): ଜାତିସଂଘ ଘୋଷିତ ବିଷୟ 'ପ୍ଲାଷ୍ଟିକ ପ୍ରଦୂଷଣକୁ ବନ୍ଦ କରିବା' ଏବଂ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରି, ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସକେ) କଳିଙ୍ଗନଗର ସ୍ଥିତ ପ୍ଲାଣ୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି ।

ଏହି ଉତ୍ସବର ଅଂଶ ଭାବରେ, ପ୍ଲାଣ୍ଟ ପରିସରର ବିଭିନ୍ନ ସ୍ଥାନରେ ୫୦୦ରୁ ଅଧିକ ଚାରା ରୋପଣ କରାଯାଇଛି । ଏଥି ସହ ପରିବେଶ ଦୀର୍ଘସ୍ଥାୟତା ଉପରେ ସଚେତନତା ସୃଷ୍ଟି କରିବା ପାଇଁ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, କ୍ରାଫ୍ଟ ତିଆରି ଏବଂ ଭାଷଣ ପ୍ରତିଯୋଗିତା ସହିତ କର୍ମଚାରୀମାନଙ୍କ ମଧ୍ୟରେ ସଚେତନତା ସେସନ୍ ଏବଂ କ୍ୱିଜ୍ ଓ ଫଟୋଗ୍ରାଫି ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା । ଏହା ବ୍ୟତୀତ, ପ୍ଲାଣ୍ଟ ପରିସର ଏବଂ ନିକଟବର୍ତ୍ତୀ ସ୍ଥାନଗୁଡିକରେ ପ୍ଲାଷ୍ଟିକ ସଫେଇ ଅଭିଯାନ ମଧ୍ୟ ଚାଲିଥିଲା । ଟ୍ରେନିଂ ସେଣ୍ଟର ଅଡିଟୋରିୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟିଏସକେର ଯାନ୍ତ୍ରିକ ରକ୍ଷଣାବେକ୍ଷଣ ପ୍ରଧାନ ଶଙ୍କର ବିଶ୍ୱାସ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ଅନ୍ୟାନ୍ୟ ବରିଷ୍ଠ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାର ବିଜୟୀମାନଙ୍କୁ ପ୍ରତିଭାଙ୍କୁ ପ୍ରମାଣପତ୍ର ଏବଂ ଉପହାର ପ୍ରଦାନ କରାଯାଇଥିଲା ।

ସେହିପରି, ଟାଟା ଷ୍ଟିଲ ଫାଉଣ୍ଡେସନ(ଟିଏସଏଫ୍ ?) ଏବଂ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ପକ୍ଷରୁ 'ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକର କ୍ଷତିକାରକ ପ୍ରଭାବ' ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକମାନଙ୍କ ସମେତ, ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟ ପରିସରରେ ୫୦ଟି ଚାରା ରୋପଣ କରାଯାଇ ପରିବେଶ ସଂରକ୍ଷଣର ବାର୍ତ୍ତା ପ୍ରଚାର କରାଯାଇଥିଲା । ଏଠାରେ ଉଲ୍ଲେଖ ଯେ, ଜୁନ ମାସ ପର୍ଯ୍ୟନ୍ତ ଉତ୍ସବ ଜାରି ରହିବ, ଯାହାକି ଟାଟା ଷ୍ଟିଲରେ 'ଦୀର୍ଘସ୍ଥାୟତା ମାସ' ଭାବରେ ପାଳନ କରାଯାଉଛି । ମାସବ୍ୟାପୀ ଉତ୍ସବର ଅଂଶ ଭାବରେ, ସଚେତନତା ଅଭିଯାନ, ୱେବିନାର ଏବଂ ଅନଲାଇନ୍ କ୍ୱିଜ୍ ଆଦି ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଧାର୍ମିକ ପୀଠର ବିକାଶ ସହ ନିମାପଡ଼ା ମାଟିର ପରିଚୟ ଛେନାଝିଲ୍ଲୀର ପ୍ରଚାର ପ୍ରସାର ପାଇଁ ବ୍ୟବସ୍ଥା ହେବ



ଗୋପ (ପିପିଏସ): 'ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ୨୦୨୫'ର ଉଦଯାପିତ ଉତ୍ସବରେ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତିରେ ନିମାପଡ଼ା ର ପର୍ଯ୍ୟଟନ,କଳା ଏବଂ ସଂସ୍କୃତିର ବିକାଶ ବିଷୟରେ ଲୋକମାନଙ୍କ ସହିତ ଆଲୋଚନା ହୋଇଥିଲା । ଧାର୍ମିକ ପୀଠ ଗୁଡ଼ିକର ବିକାଶ ସହ ନିମାପଡ଼ା ମାଟିର ପରିଚୟ ଛେନାଝିଲ୍ଲି ର ପ୍ରଚାର ପ୍ରସାର ଆଦି ପ୍ରସ୍ତାବ ଭିତ୍ତିରେ 'ଉତ୍କର୍ଷ ନିମାପଡ଼ା' ପାଇଁ ମାର୍ଗ ପ୍ରସ୍ତୁତ କରାଯିବ ବୋଲି ଆଲୋଚନା କରାଯାଇଥିଲା । ବିପର୍ଯ୍ୟୟ ପରିଚାଳନାରେ ଜନସାଧାରଣ ହିଁ ନିଭାଇଥାନ୍ତି ସବୁଠାରୁ ବଡ଼ ଭୂମିକା । ଜନ ଭାଗିଦାରୀରେ ବିକାଶର ବଡ଼ ଉଦାହରଣ 'ଉତ୍କର୍ଷ ନିମାପଡ଼ା ସମ୍ମିଳନୀ'ରେ ଧନୁଆ ନଦୀର ବନ୍ୟା ଭଳି ସ୍ଥାନୀୟ ବିପର୍ଯ୍ୟୟ ଓ ଦୀର୍ଘମିଆଦି ସମାଧାନ ବାବଦରେ ବିଶେଷଜ୍ଞ ଓ ଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରସ୍ତୁତି ପ୍ରଶିକ୍ଷଣ ଦିଆଯାଇଥିଲା । ନିମାପଡ଼ାର ସ୍ୱପ୍ନ ପୂରଣ ପାଇଁ କୃଷି କ୍ଷେତ୍ରରେ ରହିଛି ବ୍ୟାପକ ସମ୍ଭାବନା । 'ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ୨୦୨୫'ରେ କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିକାଶ ବାବଦରେ ଆଲୋଚନା ହୋଇଥିଲା । ଚାଷୀ, ସରକାରୀ ଅଧିକାରୀ ଓ କୃଷି ବିଶେଷଜ୍ଞଙ୍କ ମଧ୍ୟରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ମାଧ୍ୟମରେ ଜନମତ ସଂଗ୍ରହ କରାଯାଇଥିଲା । ଯୁବପିଢ଼ି ଆତ୍ମନିର୍ଭର ହେଲେ ହିଁ ନିମାପଡ଼ାର ପ୍ରକୃତ ପ୍ରଗତି ସମ୍ଭବ । ଏହି ଉଦ୍ଦେଶ୍ୟରେ 'ଉତ୍କର୍ଷ ନିମାପଡ଼ା ସମ୍ମିଳନୀ'ର କୌଶଳ ବିକାଶ, ଶିଳ୍ପ ସମୃଦ୍ଧି ଏବଂ ଉଦ୍ୟୋଗ ସୃଷ୍ଟି ବାବଦରେ ଆଲୋଚନା କରାଯାଇଥିଲା । ଏଥିରେ ମିଳିଥିବା ଲୋକମତ ଓ ପ୍ରସ୍ତାବ ଆଧାରରେ ପ୍ରସ୍ତୁତ କରାଯିବ ଉତ୍କର୍ଷ ନିମାପଡ଼ା ପାଇଁ ପ୍ରଗତି ମାର୍ଗ ।

ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଉତ୍କର୍ଷ ନିମାପଡ଼ା ସମ୍ମିଳନୀ'ରେ ଗତ ୧ବର୍ଷ ମଧ୍ୟରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟର ଓ ଜନକଲ୍ୟାନ କାର୍ଯ୍ୟର ଚିଠା ପୁସ୍ତକ ଉନ୍ମଚନ କରିବା ସହ ନିଜର ବର୍ଷକ ଭିତରେ କରିଥିବା ବିଭିନ୍ନ ଉନ୍ନୟମୂଳକ କାର୍ଯ୍ୟର ରିପୋର୍ଟ କାର୍ଡ ପ୍ରଦାନ କରିଥିଲେ । ଶେଷରେ ଉତ୍କର୍ଷ ନିମାପଡ଼ା ସମ୍ମିଳନୀ'ରେ ମୁଖ୍ୟ ଅତିଥି ରୂପେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସୁରେଶ ପୂଜାରୀ,ଭାବେ ଆଇନ୍ ଓ ପୂର୍ବ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୁରିସଂଶଦ୍ ଡ଼. ସମ୍ବିତ ପାତ୍ର ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ରାଜନୀତିକ ଜୀବନର ସଂଘର୍ଷ କାହାଣୀ କହିଥିଲେ ।ପରେ ନିମାପଡା ବିକାଶ ପଥେ କିପରି ଆଗେଇବ ଏହି ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ଏକ ସ୍ୱତନ୍ତ୍ର ପଦକ୍ଷେପ ବୋଲି କହିଥିଲେ । ଶେଷରେ ବ୍ଲକ ଉନ୍ନୟନ ଅଧିକାରୀ ଅଭିଜିତ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

**GOVERNMENT OF ODISHA**

**e-Procurement Notice, Angul Municipality office, Angul**
**Bid Identification No.- EO/AGLM-04/2025-26**
**Bid Identification No. 2025_ORULB 114188**
**e-mail ID-anqulmunicipality@gmail.com**
**No. 1847 Date 04.06.2025**

1. Number of Works : 06 (six) numbers of civil works
2. Approximate estimated cost : Rs. 1.82 to 12.44 lakhs (excluding GST)
3. Period of completion : 03 (Three) calendar months
4. Date & Time of availability of bid document In the portal : Dt. 06.06.2025 at 10.00 A.M.
5. Last date/Time for receipt of bid in the portal : :Dt. 19.06.2025 up to 5.00 P.M.
6. Date of opening Bid : Dt. 20.06.2025 at 11.00 A.M.
7. Name and address of the Office Inviting Bid :
Executive Officer, Angul Municipality, Angui
8. The bidders have to participate in ONLINE bidding only. Further details can be seen from the e-procurement portal https:/ tendersodisha.gov.in

**Sd/-S.P. Tripathy Executive Officer Angul Municipality**

**C-455** OIPR- **13085/11/0037/2526**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କ୍‌ରୋଡ, କଟକ-୧୨**
**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୧୧ରେ ପ୍ଲଟ୍ ନଂ-୧୧-୨ଡି/୧୦୫୦ ସହିତ ଗୃହଟିକୁ ଅଞ୍ଜଳି ଦାସ, ସ୍ୱାମୀ:ଂ ସୁଶୀଳ କୁମାର ଦାସ, ସା-ପ୍ଲଟ୍ ନଂ ୧୧-୨ଡି/୧୦୫୦, ସିଡିଏ ସେକ୍ଟର-୧୧ ପୋ- ବିଡ଼ାନାସୀ ଥାନା- ମର୍କତ ନଗର ଜିଲ୍ଲା-କଟକ- ୭୫୩୧୪ଙ୍କୁ ଉତ୍ତରାଧିକାରୀ ଆଧାରରେ ଅବଣ୍ଟନ କରାଯାଇଥିଲା । ଆବଣ୍ଟନ ଗ୍ରାହୀ ଅଞ୍ଜଳି ଦାସଙ୍କ ମୃତ୍ୟୁପରେ ତାଙ୍କ ନ୍ୟାୟିକ ଉତ୍ତରାଧିକାରୀ କନ୍ୟା ୧-ଶିଳ୍ପା ଦାସ, ସ୍ୱାମୀ- ଦେବୀ ପ୍ରସାଦ ମହାନ୍ତି, ପିତା-ଂ ସୁଶୀଳ କୁମାର ଦାସ ଓ ୨-ପ୍ରିୟଙ୍କା ଦାସ , ସ୍ୱାମୀ ଦେବାଶିଷ ପଟ୍ଟନାୟକ, ପିତା- ଂ ସୁଶୀଲ କୁମାର ଦାସ, ସା ପ୍ଲଟ ନଂ-୧୧-୨ଡି/୧୦୫୦, ସିଡିଏ ସେକ୍ଟର-୧୧, ପୋ- ବିଡ଼ାନାସୀ, ଥା- ମର୍କତ ନଗର ଏସ୍‌ବିଆଇ, ମର୍କତ ନଗର ନିକଟ, ଜିଲ୍ଲା- କଟକ-ଳ ୭୫୩୦୧୪ ଉକ୍ତ ପ୍ଲଟ ସହିତ ଗୃହଟିକୁ ଉତ୍ତରାଧିକାରୀ ଆଧାରରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

**ସ୍ୱାକ୍ଷର: ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ୍)**

**CAD-657** OIPR- **13037/11/0284/2526**

# ଭାରତ ବିପକ୍ଷ ଲଢେଇ ପାଇଁ ୧୪ ଜଣିଆ ଦଳ ଘୋଷଣା କଲା ଇଂଲଣ୍ଡ



ନୂଆଦିଲ୍ଲୀ : ଇଂଲଣ୍ଡ କ୍ରିକେଟ ବୋର୍ଡ (ଇସିବି) ଗୁରୁବାର ଭାରତ ବିପକ୍ଷେ ପ୍ରଥମ ଟେଷ୍ଟ ମ୍ୟାଚ ପାଇଁ ୧୪ ଜଣିଆ ଦଳ ଘୋଷଣା କରିଛି, ଯେଉଁଥିରେ ଅଲରାଉଣ୍ଡର ଜେମି ଓଭରଟନଙ୍କ ଆଶ୍ଚର୍ଯ୍ୟଜନକ ପୁନରାଗମନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଟେଷ୍ଟ ମ୍ୟାଚ ୨୦୨୫ ଜୁନ ୨୦ରୁ ଲିଡସରେ ହେଡିଂଲେ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହେବ, ଯାହା ୨୦୨୫-୨୭ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନସିପର ଅଂଶ ହେବ। ୩୧ ବର୍ଷୀୟ ଜେମି ଓଭରଟନ, ଯିଏ ଏକ ମାତ୍ର ଟେଷ୍ଟ ମ୍ୟାଚ ୨୦୨୨ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷେ ଖେଳିଥିଲେ, ସେହି ମ୍ୟାଚରେ ୯୭ ରନ ସହିତ ଦୁଇଟି ୱିକେଟ ନେଇଥିଲେ। ତାଙ୍କୁ ଆହତ ସରେ ଖେଳାଳୀ ଗସ୍ ଆଟକିନସନଙ୍କ ସ୍ଥାନରେ ଦଳରେ ସାମିଲ କରାଯାଇଛି। ଯିଏ ଗତ ମାସରେ ଜିମ୍ବାୱେ ବିପକ୍ଷେ ଟେଷ୍ଟ ମ୍ୟାଚରେ ହ୍ୟାମସ୍ଟ୍ରିଂ ଆଘାତ ସହିତ ମୁହାଁମୁହିଁ ହୋଇଥିଲେ। ଓଭରଟନ ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷେ ଏକଦିବସୀୟ ମ୍ୟାଚ୍ ଖେଳିବା ସମୟରେ ଆଙ୍ଗୁଠିରେ ଫ୍ରାକଚର ହୋଇଥିଲା, କିନ୍ତୁ ଇସିବିର ମେଡିକାଲ ଟିମ ତାଙ୍କୁ ଦୈନିକ ମୂଲ୍ୟାଙ୍କନ କରୁଛି ଏବଂ ସେ ଖେଳିବା ପାଇଁ ପ୍ରସ୍ତୁତ ହେଉଛନ୍ତି ବୋଲି ଆଶା କରାଯାଉଛି।

ଦଳରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପୁନରାଗମନ ହେଉଛନ୍ତି କ୍ରିସ୍ ୱୋକ୍ସ ଏବଂ ବ୍ରାଇଡନ କାର୍ସ, ଯିଏ ଆଘାତ ପରେ ଜିମ୍ବାୱେ ବିପକ୍ଷେ ମ୍ୟାଚ ଖେଳି ନଥିଲେ। ଜେକବ ବେଥେଲଙ୍କ ପ୍ରତ୍ୟାବର୍ତ୍ତନ ବ୍ୟାଟିଂ ଲାଇନଅପରେ ଗଭୀରତା ଯୋଗ କରିଛି। ଯିଏ ନିକଟରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷେ ଟେଷ୍ଟ ଡେବ୍ୟୁରେ ୫୨ର ହାରାହାରିରେ ତିନୋଟି ଅର୍ଦ୍ଧଶତକ ସହିତ ପ୍ରଭାବ ପକାଇଥିଲେ। ବେନ ଷ୍ଟୋକ୍ସ ଦଳର ନେତୃତ୍ୱ ଦେବେ, ଏବଂ ଜୋ ରୁଟ୍, ଜାକ କ୍ରଲେ, ଓଲି ପୋପ ଏବଂ ହାରି ବ୍ରୁକ ପରି ଅଭିଜ୍ଞ ଖେଳାଳୀମାନେ ଦଳରେ ଅଛନ୍ତି। ସାମ କୁକ୍ ଏବଂ ଜୋଶ ଟଙ୍ଗ ତୁରନ୍ତ ବୋଲିଂ ବିଭାଗକୁ ଶକ୍ତିଶାଳୀ କରିବେ।

ଏହି ସିରିଜ ଚଳିତ ବର୍ଷ ଭାରତରେ ୪-୧ରେ ପରାଜୟ ପରେ ଇଂଲଣ୍ଡ ପାଇଁ ଏକ ବଡ଼ ପ୍ରତିଦ୍ୱନ୍ଦ୍ୱିତା ହେବ। ଜେମସ ଆଣ୍ଡରସନ, ଜନି ବେୟାରଷ୍ଟୋ, ବେନ ଫୋକ୍ସ ଏବଂ ଓଲି ରବିନସନଙ୍କ ଅବସର ପରେ ଇଂଲଣ୍ଡ ଦଳରେ ବଡ଼ ପରିବର୍ତ୍ତନ ହୋଇଛି। ଅନ୍ୟପକ୍ଷରେ, ଭାରତ ମଧ ରୋହିତ ଶର୍ମା, ବିରାଟ କୋହଲି ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଏକ ନୂଆ ଯୁଗରେ ପ୍ରବେଶ କରିଛି, ଯେଉଁଠାରେ ଶୁଭମନ ଗିଲ ନେତୃତ୍ୱ ଦେଉଛନ୍ତି ଏବଂ ଋଷଭ ପନ୍ତ ଉପ-ଅଧିନାୟକ ଭାବେ ଦାୟିତ୍ୱ ନେଉଛନ୍ତି। ପାଞ୍ଚ ମ୍ୟାଚ ବିଶିଷ୍ଟ ଏହି ସିରିଜ ଜୁନରୁ ଅଗଷ୍ଟ ୨୦୨୫ ମଧ୍ୟରେ ହେଡିଂଲେ (ଲିଡସ), ଏଡଗବାଷ୍ଟନ (ବାର୍ମିଂହାମ), ଲର୍ଡସ (ଲଣ୍ଡନ), ଓଲ୍ଡ ଟ୍ରାଫୋର୍ଡ (ମାଞ୍ଚେଷ୍ଟର) ଏବଂ ଦି ଓଭାଲ (ଲଣ୍ଡନ)ରେ ଖେଳାଯିବ। ଏହି ସିରିଜ ଉଭୟ ଦଳ ପାଇଁ ଏକ ତୀବ୍ର ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଛି, ଯେହେତୁ ଭାରତ ୨୦୦୭ ପରେ ଇଂଲଣ୍ଡରେ ଟେଷ୍ଟ ସିରିଜ ଜିତି ନାହିଁ।

**ଇଂଲଣ୍ଡ ଦଳ:** ବେନ ଷ୍ଟୋକ୍ସ (ଅଧିନାୟକ), ଶୋଏବ ବଶୀର, ଜେକବ ବେଥେଲ, ହାରି ବ୍ରୁକ, ବ୍ରାଇଡନ କାର୍ସ, ସାମ କୁକ, ଜାକ କ୍ରଲେ, ବେନ ଡକେଟ, ଜେମି ଓଭରଟନ, ଓଲି ପୋପ, ଜୋ ରୁଟ, ଜେମି ସ୍ମିଥ, ଜୋଶ ଟଙ୍ଗ, କ୍ରିସ ୱୋକ୍ସ।

## ବେଙ୍ଗାଲୁରୁ ଦଳାଚକଟା ମୃତ୍ୟୁ

# ପ୍ରଧାନମନ୍ତ୍ରୀଙ୍କ ପ୍ରତିକ୍ରିୟା: 'ହୃଦୟ ବିଦାରକ...'



ବେଙ୍ଗାଲୁରୁ : ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ ନିକଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ର ପ୍ରଥମ ଆଇପିଏଲ ଟାଇଟଲ ବିଜୟ ଉତ୍ସବ ସମୟରେ ଘଟିଥିବା ଏକ ଦଳାଚକଟା ଘଟଣାରେ ଅତି କମରେ ସାତ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକେ ଆହତ ହୋଇଛନ୍ତି। ଏହି ଦୁଃଖଦ ଘଟଣା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଭୀର ଶୋକ ପ୍ରକାଶ କରିଛନ୍ତି, ଏହାକୁ 'ସମ୍ପୂର୍ଣ୍ଣ ଭାବରେ ହୃଦୟବିଦାରକ' ବୋଲି ଅଭିହିତ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ଏକ୍ସରେ ଏକ ପୋଷ୍ଟରେ କହିଛି, 'ବେଙ୍ଗାଲୁରୁରେ ଘଟିଥିବା ଦୁର୍ଘଟଣା ସମ୍ପୂର୍ଣ୍ଣ ଭାବରେ ହୃଦୟବିଦାରକ। ଏହି ଦୁଃଖଦ ସମୟରେ, ମୋର ଚିନ୍ତାଧାରା ସେହି ସମସ୍ତଙ୍କ ସହ ଯେଉଁମାନେ ନିଜ ପ୍ରିୟଜନଙ୍କୁ ହରାଇଛନ୍ତି। ମୁଁ ପ୍ରାର୍ଥନା କରୁଛି ଯେ ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ।'

ଏହି ଘଟଣା ବୁଧବାର ସନ୍ଧ୍ୟାରେ ଘଟିଥିଲା, ଯେତେବେଳେ ଲକ୍ଷାଧିକ ପ୍ରଶଂସକ ଆଇପିଏଲ୍‌ର ୧୮ ବର୍ଷ ପରେ ଆଇପିଏଲ ଟ୍ରଫି ଜିତିବାର ଉତ୍ସବ ପାଳନ କରିବା ପାଇଁ ଷ୍ଟାଡିୟମ ନିକଟରେ ଏକତ୍ରିତ ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଷ୍ଟାଡିୟମ ବାହାରେ ଏବଂ ଭିତରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା, ଯାହା ଫଳରେ ଏକ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଅନେକ ଲୋକ ଚାପି ହୋଇଯାଇଥିଲେ ଏବଂ ଡଜନେ ଆହତ ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘୋଷଣା କରିଛି ଯେ ମୃତମାନଙ୍କ ପରିବାରକୁ କେନ୍ଦ୍ର ସରକାର ୨ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୫୦,୦୦୦ ଟଙ୍କାର ଏକ୍ସ-ଗ୍ରାସିଆ ପରିହାର ପ୍ରଦାନ କରିବ। ଜରୁରୀ ସେବା ଏକାଧିକ ଘଟଣାସ୍ଥଳରେ ଉପସ୍ଥିତ ଥିଲେ ଏବଂ ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲଗୁଡ଼ିକରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ରକ୍ଷଣା ମନ୍ତ୍ରୀ ରାଜନାଥ ସିଂହ ମଧ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। କର୍ଣ୍ଣାଟକର ଉପ-ମୁଖ୍ୟମନ୍ତ୍ରୀ ଡି କେ ଶିବକୁମାର ଘଟଣାସ୍ଥଳରେ ପହଞ୍ଚି କହିଛନ୍ତି, 'ଭିଡ଼ ନିୟନ୍ତ୍ରଣାତୀତ ଥିଲା, ପୋଲିସ ଏହାକୁ ନିୟନ୍ତ୍ରଣ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲା, ତେଣୁ ଆମକୁ ଶୋଭାଯାତ୍ରା ବନ୍ଦ କରିବାକୁ ପଡ଼ିଲା।' ସେ ଏହା ମଧ କହିଛନ୍ତି ଯେ ସମ୍ମାନ ସମାରୋହକୁ ୧୦-୧୫ ମିନିଟ୍‌ରେ ସମାପ୍ତ କରାଯାଇଥିଲା।

ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା କହିଛନ୍ତି, 'ଆମେ ଭାବି ନଥିଲୁ ଯେ ଲୋକମାନେ ଏତେ ଉତ୍ସାହୀ ହେବେ ଯେ ଏହା ଦଳାଚକଟାକୁ ନେଇଯିବ। ଏହା ଦୁଃଖଦ।' ସେ ଆହୁରି କହିଛନ୍ତି ଯେ ଯଦି ପର୍ଯ୍ୟାପ୍ତ ସମୟ ଦିଆଯାଇଥାନ୍ତା, ତେବେ ଉପଯୁକ୍ତ ବ୍ୟବସ୍ଥା କରାଯାଇ ପାରିଥାନ୍ତା।

ଭାଜପା କର୍ଣ୍ଣାଟକ ଏହି ଦୁର୍ଘଟଣା ପାଇଁ ରାଜ୍ୟର କଂଗ୍ରେସ ନେତୃତ୍ୱାଧୀନ ସରକାରକୁ ଦାୟୀ କରି ଏକ୍ସରେ ପୋଷ୍ଟ କରିଛି, 'କଂଗ୍ରେସ ସରକାରର ଦାୟିତ୍ୱହୀନତା ହେତୁ ୧୧ ଜଣଙ୍କର ମୃତ୍ୟୁ। କୌଣସି ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ନାହିଁ। ମୌଳିକ ବ୍ୟବସ୍ଥା ନାହିଁ।'

## ଫ୍ରେଞ୍ଚ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ

# ସେମିରେ ଗଫ୍‌କୁ ଭେଟିବେ ବୋଇସନ୍



ପ୍ୟାରିସ୍: ଫ୍ରାନ୍ସର ଲୋଇସ୍ ବୋଇସନ୍ ପୁଣି ଚଳିତ ଫ୍ରେଞ୍ଚ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ବିପର୍ଯ୍ୟୟ ଘଟାଇଛନ୍ତି। ପ୍ରିକ୍ୱାର୍ଟରଫାଇନାଲ୍‌ରେ ବିଶ୍ୱର ୩ ନମ୍ବର ଜେସିକା ପେଗୁଲାଙ୍କୁ ବିଦାୟ ରାସ୍ତା ଦେଖାଇଥିବା ଏହି ୩୬୧ ମାନ୍ୟତାପ୍ରାପ୍ତ ଖେଳାଳି ବୁଧବାର କ୍ୱାର୍ଟରଫାଇନାଲ୍‌ରେ ୬ ନମ୍ବର ମୀରା ଆନ୍ଦ୍ରିଭାଙ୍କୁ ମାତ୍ ଦେଇଛନ୍ତି। ୨ ଘଣ୍ଟାରୁ ଅଧିକ ସମୟ କଡ଼ା ସଂଘର୍ଷ କରିବା ପରେ ୱାଇଲ୍ଡ କାର୍ଡ ପ୍ରାପ୍ତ ଖେଳାଳି ବୋଇସନ୍ ୭-୬, ୬-୩ ସେଟ୍‌ରେ ରୁଷୀୟ ଯୁବତୀ ଆନ୍ଦ୍ରିଭାଙ୍କୁ ହରାଇ ବିଦାୟ ରାସ୍ତା ଦେଖାଇଛନ୍ତି। ଫାଇନାଲ୍ ସ୍ଥାନ ପାଇଁ ୨୨ ବର୍ଷୀୟା ବୋଇସନ୍ ବିଶ୍ୱର ଦୁଇ ନମ୍ବର ଆମେରିକାର କୋକୋ ଗଫ୍‌ଙ୍କୁ ଭେଟିବେ। ଦୁଇ ଆମେରିକୀୟଙ୍କ ମଧ୍ୟରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ୍‌ରେ ୨୦୨୩ ୟୁଏସ୍ ଓପନ୍ ବିଜୟିନୀ ଗଫ୍ ୬-୭, ୬-୪, ୬-୧ ସେଟ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ସପ୍ତମ ମାନ୍ୟତାପ୍ରାପ୍ତ ମାଡିସନ୍ କିଜ୍‌ଙ୍କୁ ପରାସ୍ତ କରିଥିଲେ। ୨୦୨୨ରେ ଏଠାରେ ଫାଇନାଲ୍ ପହଞ୍ଚିଥିବା ୨୧ ବର୍ଷୀୟା ଗଫ୍ ରୋଲାଁ ଗାରୋସରେ ୨୫ ମୁଖ୍ୟ ଡ୍ର' ମ୍ୟାଚ୍ ଜିତିବାରେ ମାର୍ଟିନା ହିଙ୍ଗିସ (୧୯୯୫-୨୦୦୦)ଙ୍କ ପରେ ସବୁଠୁ କନିଷ୍ଠ ମହିଳା ଖେଳାଳି ହୋଇଛନ୍ତି।

ପୁରୁଷ ଏକକ ସେମିଫାଇନାଲ୍‌ରେ ବିଶ୍ୱର ଦୁଇ ନମ୍ବର ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜ ପ୍ରବେଶ କରିଛନ୍ତି। କ୍ୱାର୍ଟରଫାଇନାଲ୍‌ରେ ୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ୨୨ ବର୍ଷୀୟ ଅଲ୍‌କାରାଜ ସିଧାସଳଖ ୬-୦, ୬-୧, ୬-୪ ସେଟ୍‌ରେ ଆମେରିକାର ଟମି ପଲ୍‌ଙ୍କୁ ହରାଇ ଏଠାରେ ଦ୍ୱିତୀୟ ଟ୍ରଫି ଦିଗରେ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ସେମିଫାଇନାଲ୍‌ରେ ସେ ଇଟାଲିର ଲରେଞ୍ଜୋ ମୁସେଟିଙ୍କୁ ଭେଟିବେ। ଅଷ୍ଟମ ମାନ୍ୟତା ପ୍ରାପ୍ତ ମୁସେଟି ୬-୨, ୪-୬, ୭-୫, ୬-୨ ସେଟ୍‌ରେ ଆମେରିକାର ଫ୍ରାନ୍‌ସିସ୍ ଟିଆଫୋଏଙ୍କୁ ପରାସ୍ତ କରିଥିଲେ।

## ଓଡ଼ିଶାର ସୁଚିତ୍ରା ପରିଡ଼ା ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ଜିତିଲେ ଦ୍ୱିତୀୟ ପଦକ




ଭୁବନେଶ୍ୱର : ଓଡ଼ିଶାର ସୁଚିତ୍ରା ପରିଡ଼ା ପ୍ୟାରିସରେ ଆୟୋଜିତ ବିଶ୍ୱ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସ-୨୦୨୫ରେ ଦ୍ୱିତୀୟ ପଦକ ଜିତିଛନ୍ତି। ଏହି ପ୍ରତିଯୋଗିତାରେ ସେ ଜାଭେଲିନ୍ ଓ ଶଟପୁଟ ଥ୍ରୋ ଇଭେଣ୍ଟରେ ପଦକ ହାସଲ କରିଛନ୍ତି। ସୁଚିତ୍ରା ଫ୍ରାନ୍ସର ରାଜଧାନୀରେ ଆୟୋଜିତ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ମହିଳା ଶଟପୁଟ ଏଫ୫୪/ଏଫ୫୫ ବର୍ଗରେ ୫.୪୩ ମିଟର ଥ୍ରୋ ସହିତ ବ୍ରୋଞ୍ଜ ପଦକ ଜିତିଛନ୍ତି।ଏହା ପୂର୍ବରୁ ସୁଚିତ୍ରା ପ୍ୟାରିସ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ମହିଳା ଜାଭେଲିନ୍ ଏଫ୫୫ ବର୍ଗରେ ୧୭.୯୮ ମିଟରର ବ୍ୟକ୍ତିଗତ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ସହିତ ରୌପ୍ୟ ପଦକ ଜିତିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ୟାରିସ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସରେ ପରିଡ଼ାଙ୍କ ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। 'ପ୍ୟାରିସରେ ଆୟୋଜିତ ପାରା ଆଥଲେଟିକ୍ସ ଗ୍ରାଣ୍ଡ ପ୍ରିକ୍ସ-୨୦୨୫ରେ ତୁମର ସଫଳତା କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତ ପାଇଁ ଗର୍ବର ବିଷୟ। ତୁମର ନିଷ୍ଠା ଓ ଖେଳ ପ୍ରତି ପ୍ରେମ ନିଶ୍ଚିତ ଭାବେ ଅନେକଙ୍କୁ ପ୍ରେରଣା ଦେବ,' ମୁଖ୍ୟମନ୍ତ୍ରୀ ଏକ ସୋସିଆଲ ମିଡିଆ (ଏକ୍ସ) ପୋଷ୍ଟରେ କହିଛନ୍ତି।

## ବେଙ୍ଗାଲୁରୁ ଦଳାଚକଟା ଘଟଣା ପରେ ମୁହଁ ଖୋଲିଲେ କୋହଲି

# କହିଲେ- ମୁଁ ଶବ୍ଦହୀନ, ମର୍ମାହତ...



ବେଙ୍ଗାଲୁରୁ : ଆରସିବିର ବିଜୟ ଶୋଭାଯାତ୍ରା ବେଳେ ଦଳାଚକଟା ଘଟଣା। ୧୧ ଜଣଙ୍କ ମୃତ୍ୟୁ ପରେ ମୁହଁ ଖୋଲିଲେ ଆରସିବିର ଷ୍ଟାର୍ ବ୍ୟାଟର ବିରାଟ କୋହଲି। ଦଳାଚକଟା ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ଏବଂ ଆହତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଇନଷ୍ଟାଗ୍ରାମରେ ଲେଖି ଦୁଃଖ ପ୍ରକାଶ କରିଛନ୍ତି କୋହଲି। ଘଟଣାକୁ ନେଇ ବିରାଟ କହିଛନ୍ତି- ମୁଁ ଶବ୍ଦହୀନ, ମୁଁ ମର୍ମାହତ... ବେଙ୍ଗାଲୁରୁ ଦଳାଚକଟା ଘଟଣା ନେଇ ଆରସିବି ତରଫରୁ କରାଯାଇଥିବା ଏକ ପୋଷ୍ଟରେ କୋହଲି କମେଣ୍ଟ ଦେଇ ନିଜର ଦୁଃଖ ପ୍ରକାଶ କରିଛନ୍ତି। ସେପଟେ ଘଟଣାକୁ ନେଇ କାନ୍ଦିଛନ୍ତି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାର। ଦଳାଚକଟା ପରେ ପ୍ରଥମ ପ୍ରତିକ୍ରିୟା ଦେଇ ଶିବକୁମାର କାନ୍ଦିଥିବା ବେଳେ ସେ କହିଛନ୍ତି ମୋ ଆଖି ଆଗରେ ମୁଁ ୧୦ଟି ମୃତଦେହ ଦେଖିଛି। ୧୫ ବର୍ଷ ବୟସ ଭିତରେ ପିଲାଙ୍କର ଏଭଳି ମୃତ୍ୟୁକୁ କେହି ପରିବାର ସହ୍ୟ କରିପାରିବେନାହିଁ।

ତେବେ ଆଇପିଏଲ୍ ୧୮ ସିଜିନ୍ ଜିତିବା ପରେ ଆରସିବି ବେଙ୍ଗାଲୁରୁ ଚିନ୍ନାସ୍ୱାମୀ ଷ୍ଟାଡିୟମ ଆଗରେ ବିଜୟ ପରେଡ କରୁଥିବା ବେଳେ ଏଭଳି ଦଳାଚକଟା ହୋଇଛି। ଗୋଟେ ଦଳାଚକଟାରେ ଜୀବନ ଯାଉଥିଲେ ବି ତଥାପି ଚାଲିଥିଲା ବିଜୟ ସେଲିବ୍ରେସନ୍। ଆରସିବି ଆଇପିଏଲ୍ ଚାମ୍ପିୟନ ଟ୍ରଫି ନେଇ ବେଙ୍ଗାଲୁରୁରେ ପହଞ୍ଚିବା ପରେ ଆରମ୍ଭ ହେଇଥିଲା ସେଲିବ୍ରେସନ୍। ଆଉ ଆରସିବି ଟିମ୍ ଯେତେବେଳେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ପାଖରେ ପହଞ୍ଚିଥିଲା, ସେତେବେଳେ ଦେଖିଥିବା ମିଳିଥିଲା ଦଳାଚକଟା। ସ୍ଥିତି ଏମିତି ହେଲା ଯେ, ୧୧ ଲୋକଙ୍କ ଜୀବନ ଗଲା, ୩୩ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଘଟଣାକୁ ନେଇ ସାରା ଦେଶରେ ଚହଳ ପଡିଥିବା ବେଳେ ଏଥିପାଇଁ କିଏ ଦାୟୀ ? ୧୧ ଜୀବନ ଯିବାର ଦୋଷ କିଏ ମୁଣ୍ଡେଇବ କାହିଁକି ଏମିତି ହେଲା ପରିସ୍ଥିତି ତାକୁ ନେଇ ଏବେ ତର୍କ ବିତର୍କ ହେଉଛି।


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୮ ଜୁନ୍ -୧୪ ଜୁନ୍ ୨୦୨୫

**ଲୋକ ସରକାରଙ୍କୁ ବର୍ଷେ**




୨୪ବର୍ଷର ବିଜେଡି ସରକାରକୁ ଅପ୍ରତ୍ୟାଶିତ ଝଟକା ଦେଇ ରାଜ୍ୟରେ ନିଜ ଦମ୍‌ରେ ସରକାର ଗଢ଼ିଥିବା ବିଜେପି ନିଜର ପ୍ରଥମ ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଛି। ସାଧାରଣ ନିର୍ବାଚନରେ ବିଜେପିର ସଫଳତା ପରେ ରାଜ୍ୟ ବିଜେପିର ପ୍ରମୁଖ ଚେହେରାମାନଙ୍କୁ ପଛରେ ପକାଇ 'ଡାର୍କହର୍ସ' ପାଲଟିଥିଲେ ମୋହନ ଚରଣ ମାଝୀ। ୨୦୨୪ ଜୁନ୍ ୧୨ରେ ମୋହନଙ୍କ ନେତୃତ୍ୱରେ ୧୬ଜଣିଆ ରାଜ୍ୟ ମନ୍ତ୍ରିମଣ୍ଡଳ ଶପଥ ନେଲେ ଯେଉଁଥିରେ କେବଳ ଜଣେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ବାଦ୍ ଦେଲେ ସରକାର ପରିଚାଳନାରେ କାହାରି ଅଭିଜ୍ଞତା ମଧ ନଥିଲା।

**ଜାତୀୟ:** ଶତ୍ରୁ ମରିନି, ଯୁଦ୍ଧ ସରିନି
**ଅନ୍ତର୍ଜାତୀୟ:** କୃତଘ୍ନ ପଡ଼ୋଶୀ
**ବିଶେଷ ପ୍ରସଙ୍ଗ:** ଗଙ୍ଗାର ଶୁଦ୍ଧତା .
**ନାରୀ:** କେଶ ଦୁର୍ଗନ୍ଧରୁ ମୁକ୍ତି ପାଇଁ ଆପଣାନ୍ତୁ ଏହି ଟିପ୍ସ
**କ୍ଷୁଦ୍ରଗଳ୍ପ:** ଚେମେଣୀର ଚିଠ
**ଚଳଚ୍ଚିତ୍ର:** ୱେଷ୍ଟନ୍ ଲୁକ୍‌ରେ ଇଣ୍ଡିଆନ ଟଚ୍, ବଲିଉଡ଼ରେ ବିଦେଶୀ ନାଗରିକତା
**ଖେଳ:** : ସେନା ହେବେ ସମ୍ମାନିତ
**ମୀନାବଜାର:** ଭଲ ମଣିଷ ହେବାର ବାଟ ଚର୍ଚ୍ଚାରେ: ପ୍ରଥମ ଥର ରୋବୋର୍ଟ ବକ୍ସିଂ ମ୍ୟାଚ୍, ବ୍ୟଙ୍ଗ: ଗୁଲିଖଟି ଓ ପ୍ୟାକେଟ୍ ଉପଖ୍ୟାନ, ପର୍ଯ୍ୟଟନ: କାଶୀ ବିଶାଲକ୍ଷ୍ମୀଙ୍କ ଶକ୍ତିପୀଠ, ଜାଣନ୍ତି କି ? : କୋୟା କଥା, ହନୁମାନଗଡ଼ି ମନ୍ଦିରରେ ବିରୁଷ୍ଟା, ଜଉ କଣ୍ଢେଇ ବାହାଘର, କବିତା: ତୁମେ ଗଲା ପରେ ବାସ୍ତୁ: କାହାକୁ ମାଗନ୍ତୁନି ଏହି ସବୁ ଜିନିଷ ଏଥି ସହିତ ଆହୁରୀ ଅନେକ।

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**


## ଆଗାମୀ ଆଇପିଏଲ୍‌ରେ ବାଦ୍ ପଡ଼ିପାରନ୍ତି

# ଧୋନୀ, ଆର୍ ଅଶ୍ୱିନୀ, ମ୍ୟାକ୍ସୱେଲ୍, ଫାଫ୍ ଡୁପ୍ଲେସିସ୍







ନୂଆଦିଲ୍ଲୀ: ଆଇପିଏଲର ୧୮ ସିଜିନ ଶେଷ ହୋଇ ଯାଇଛି। ରଜତ ପାଟିଦାରଙ୍କ ଅଧିନାୟକତ୍ୱରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚମ୍ପିୟାନ ହୋଇଛି। ପଞ୍ଜାବ କିଙ୍ଗ୍ସ ପୁଣିଥରେ ରନର୍ସଅପ୍ ରହିଛି। ୨ ମାସରୁ ଅଧିକ ସମୟ ଧରି ଚାଲିଥିବା ଏହି ଇଭେଣ୍ଟରେ ଭାରତ ଏବଂ ବିଦେଶର ଅନେକ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ବୈଭବ ସୂର୍ଯ୍ୟବଂଶୀ, ପ୍ରିୟାଂଶ ଆର୍ଯ୍ୟ, ଆୟୁଷ ମହାତ୍ରେଙ୍କ ଭଳି ଖେଳାଳିମାନେ ଚଳିତ ସିଜନରେ ନିଜର ପ୍ରଦର୍ଶନ ଦେଖାଇ ସେମାନେ ଆଇପିଏଲର ଭବିଷ୍ୟତ ବୋଲି ସୂଚିତ କରି ଦେଇଛନ୍ତି। ଏହି କ୍ରମରେ ଦେଖିବାକୁ ଗଲେ ଏମିତି ଅନେକ ଖେଳାଳି ଅଛନ୍ତି ଯେଉଁମାନେ ପରବର୍ତ୍ତୀ ସିଜିନରେ ଖେଳିବାର ଦେଖାଯାଇ ପାରନ୍ତି ନାହିଁ।

ଏଭଳି ଖେଳାଳିଙ୍କ ମଧ୍ୟରେ ପ୍ରଥମ ନାମ ଆସୁଛି ଏମ୍ ଏସ୍ ଧୋନି। ୨୦୨୫ ଆଇପିଏଲ ଶେଷ ହେବା ପରେ ଆଗକୁ ଆଉ ଖେଳିବେ କି ନାହିଁ ସେ କଥା ଚିନ୍ତା କରିବେ ବୋଲି ଧୋନି ତାଙ୍କର ଏକ ପ୍ରତିକ୍ରିୟାରେ କହିଥିଲେ। ଏସବୁକୁ ଦୃଷ୍ଟିରେ ରଖି ଧୋନି ୨୦୨୬ ଆଇପିଏଲରେ ଖେଳି ନପାରନ୍ତି ବୋଲି ସମ୍ଭାବନା ଦେଖାଦେଇଛି। ସେହିପରି ଚେନ୍ନାଇ ସୁପର କିଙ୍ଗ୍ସର ସଦସ୍ୟ ଥିବା ଆର ଅଶ୍ୱିନଙ୍କ ପାଇଁ ପରବର୍ତ୍ତୀ ବର୍ଷ ଖେଳିବା କଷ୍ଟକର ମନେ ହେଉଛି। ଗତ ବର୍ଷ କ୍ରିକେଟର ତିନୋଟି ଫର୍ମାଟରୁ ଅବସର ନେଇଥିବା ଅଶ୍ୱିନଙ୍କୁ ସିଏସକେ ୯.୭୫ କୋଟି ଟଙ୍କାରେ କିଣିଥିଲା। କିନ୍ତୁ ସେ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲେ। ଇଂଲଣ୍ଡ ଅଲରାଉଣ୍ଡର ମୋଇନ୍ ଅଲ୍ଲୀ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି। ମୋଇନଙ୍କୁ କୋଲକାତା ତାଙ୍କ ମୂଳ ମୂଲ୍ୟରେ କିଣିଥିଲା। ଏହି ସିଜିନରେ ସେ କେବଳ ୨ ଇନିଂସ ଖେଳିଥିଲେ, ଯେଉଁଥିରେ ସେ ୫ ରନ୍ ସଂଗ୍ରହ କରି ପାରିଥିଲେ। ଅନୁମାନ କରାଯାଉଛି କି ଆଗାମୀ ସିଜନରେ କେକେଆର ତାଙ୍କୁ ଛାଡ଼ି ଦେଇପାରେ ଏବଂ ଅନ୍ୟ କୌଣସି ଦଳ ପାଇଁ ତାଙ୍କୁ କିଣିବା କଷ୍ଟକର ହୋଇପାରେ।

ଏହି କ୍ରମରେ ଦେଖିବାକୁ ଗଲେ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ତାଙ୍କ ଫିଟନେସ୍ କାରଣ ଦର୍ଶାଇ ଓଡିଆଇ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ଏଥର ତାଙ୍କୁ ପଞ୍ଜାବ କିଙ୍ଗସ୍ ଦଳରେ ସାମିଲ କରାଯାଇଥିଲା, କିନ୍ତୁ ତାଙ୍କର ପ୍ରଦର୍ଶନ ଖରାପ ରହିଥିଲା। ଆଘାତ ଯୋଗୁଁ ସେ ଟୁର୍ଣ୍ଣାମେଣ୍ଟ ମଝିରୁ ବାହାର ହୋଇଯାଇଥିଲେ। ଏପରି ପରିସ୍ଥିତିରେ ପରବର୍ତ୍ତୀ ବର୍ଷ ତାଙ୍କ ପାଇଁ ଆଇପିଏଲ ଖେଳିବା କଷ୍ଟକର। ଯଦି ପଞ୍ଜାବ ଗ୍ଲେନଙ୍କୁ ଛାଡ଼ିଦିଏ ତେବେ ଅନ୍ୟ କୌଣସି ଦଳ ତାଙ୍କୁ କିଣିବେ କି ନାହିଁ ତାହା କହିବା କଷ୍ଟକର। ଦିଲ୍ଲୀ କ୍ୟାପିଟାଲ୍ସରେ ଯୋଗ ଦେଇଥିବା ଫାଫ୍ ଡୁ ପ୍ଲେସିସ୍ ଅକ୍ଷର ପଟେଲ ଆହତ ହେବା ପରେ ଦଳର ନେତୃତ୍ୱ ନିଜ ହାତକୁ ନେଇଥିଲେ। ଚଳିତ ସିଜନରେ ୪୦ ବର୍ଷୀୟ ଫାଫଙ୍କ ପ୍ରଦର୍ଶନ ଭଲ ନଥିଲା। କୁହାଯାଉଛି କି ଫାଫ୍ ନିଜେ ଲିଗ୍ କ୍ରିକେଟରୁ ଅବସର ନେଇପାରନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583